RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-87 ◆SATURDAY ◆20 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୮୭ ◆ଶନିବାର ◆୨୦ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



ପରିବର୍ତ୍ତନ ଚାହୁଁଛନ୍ତି ଅମିର
▶ପୃଷ୍ଠା ୧୧ ଦେଖନ୍ତୁ...

# ସାର ତାତି: ବିଧାନସଭା ଅଚଳ

## ଆଲୋଚନା ଦାବିରେ ଅଡ଼ି ବସିଲା ବିଜେଡି, ଗୃହ ଚାଲିଲା ମାତ୍ର ୮ ମିନିଟ

## ଗୃହ ଭିତରେ ପ୍ଲାକାର୍ଡ, ମୋହନ ସରକାର ହାଏ ହାଏ ନାରାରେ କମ୍ପିଲା ଗୃହ

■ **ଭୁବନେଶ୍ୱର, ୧୯।୯ (ସମିସ):** ରାଜ୍ୟରେ ଉତ୍କଟ ସାର ଅଭାବକୁ ନେଇ ଚାଷୀ ସନ୍ତୁଳି ହେଉଛି। ମାତ୍ର ସରକାର ଏ ଦିଗରେ ସମ୍ପୂର୍ଣ୍ଣ ନିରବ। ଏପରି ଏକ ସ୍ପର୍ଶକାତର ଘଟଣାକୁ ନେଇ ବିଧାନସଭାରେ ଗର୍ଜିଛି ବିଜେଡି। ସାର ଅଭାବ ପ୍ରସଙ୍ଗରେ ଶୁକ୍ରବାର ବିଜେଡି ସଦସ୍ୟମାନେ ଗୃହରେ ପ୍ରବଳ ହଟ୍ଟଗୋଳ, ନାରାବାଜି କରିଛନ୍ତି। ଚାଷୀଙ୍କର ଏହି ପ୍ରମୁଖ ସମସ୍ୟାର ସମାଧାନ ପାଇଁ ପ୍ରଶ୍ନକାଳ ବାତିଲ କରି ଆଲୋଚନା କରିବାକୁ ବିଜେଡି ବିଧାୟକମାନେ ଅଡ଼ି ବସିଛନ୍ତି। ବିଜେଡିର ପ୍ରବଳ ପ୍ରତିବାଦ, ନାରାବାଜି କାରଣରୁ ପୂରା ଦିବସର ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ପ୍ରବଳ ହଟ୍ଟଗୋଳ ମଧ୍ୟରେ ପ୍ରଥମାର୍ଦ୍ଧରେ ୪ ମିନିଟ ଏବଂ ଦ୍ୱିତୀୟାର୍ଦ୍ଧରେ ୪ ମିନିଟ ଅର୍ଥାତ ସାରା ଦିନ ମୋଟ ୮ ମିନିଟ ଗୃହ ଚାଲିପାରିଛି। ଫଳରେ ବାଚସ୍ପତି ଆସନ୍ତା କାଲି ଯାଏ ଗୃହକୁ ମୁଲତବୀ ରଖିଛନ୍ତି। ଶୁକ୍ରବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡିର ବିଧାୟକମାନେ ପ୍ଲାକାର୍ଡ, ବ୍ୟାନର ଧରି ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ସାରା ପ୍ରସଙ୍ଗରେ ପୋଷ୍ଟର, ବ୍ୟାନର ପ୍ରଦର୍ଶନ କରିଥିଲେ। ମୋହନ ସରକାର ହାଏ ହାଏ, ମୋହନ ସରକାର ଡାଉନ ଡାଉନ ଆଦି ନାରାରେ ▶ପୃଷ୍ଠା-୭




## କଂଗ୍ରେସ ବିଧାୟକଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ୍

■ **ଭୁବନେଶ୍ୱର, ୧୯।୯ (ସମିସ):** କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍‌ଙ୍କ ସମେତ ୫ କଂଗ୍ରେସ ବିଧାୟକଙ୍କ ନାଁରେ ସ୍ୱାଧିକାର ଭଙ୍ଗ ନୋଟିସ୍ ଆଣିଛି ବିଜେପି। ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡା ଏହି ସ୍ୱାଧିକାର ଭଙ୍ଗ ନୋଟିସ୍ ଆଣିଛନ୍ତି। କଂଗ୍ରେସ ଦଳ ପକ୍ଷରୁ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯାଇଛି। ଏହାକୁ ବାଚସ୍ପତି ଗ୍ରହଣ କରିବା ପୂର୍ବରୁ କଂଗ୍ରେସ ବିଧାୟକମାନେ ଏନେଇ ଗଣମାଧ୍ୟମରେ ସୂଚନା ଦେଇଛନ୍ତି, ଯାହାକି ଗୃହର ଗରିମା ▶ପୃଷ୍ଠା-୭

## ସରକାରଙ୍କ ପାଖରେ ନାହିଁ ଛାତ୍ରୀ ନିର୍ଯାତନା ତଥ୍ୟ !

**ସ୍କୁଲରେ ୩୨ ଓ ବିଶ୍ୱବିଦ୍ୟାଳୟର ୨୦ ଛାତ୍ରୀ ନିର୍ଯାତନାର ଶିକାର**

**'ଉତ୍କଳ' ରେ ସର୍ବାଧିକ ୭ ଓ ରେଭେନ୍ସାରେ ୬ ମାମଲା**

■ **ଭୁବନେଶ୍ୱର, ୧୯।୯ (ସମିସ):** ଶିକ୍ଷାନୁଷ୍ଠାନରେ ଛାତ୍ରୀ ନିର୍ଯାତନା ବଢ଼ୁଛି। ଅଧ୍ୟାପକଙ୍କ ନାମରେ ଛାତ୍ରୀମାନଙ୍କୁ ଅସଦାଚରଣ ଓ ଅଶାଳୀନ ବ୍ୟବହାର କରୁଥିବା ଅଭିଯୋଗ ପରେ ମଧ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନେଉ ନାହାନ୍ତି। ଏସବୁ ପରେ ମଧ୍ୟ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ରୀ ନିର୍ଯାତନା ତଥ୍ୟ ସରକାରଙ୍କ ପାଖରେ ନାହିଁ।

ବିଶ୍ୱବିଦ୍ୟାଳୟଗୁଡ଼ିକରେ ୧୨ ଜୁନ୍ ୨୦୨୪ ଅର୍ଥାତ୍ ରାଜ୍ୟରେ ବିଜେପି ସରକାର ଗଠନ ପରଠାରୁ ୨୦ଜଣ ଛାତ୍ରୀ ଅସଦାଚରଣର ଶିକାର ହୋଇଥିବା ଶୁକ୍ରବାର ବିଧାନସଭାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉତ୍ତର ରଖିଛନ୍ତି। ରାଜ୍ୟର ପ୍ରମୁଖ ଓ ପ୍ରଥମ ବିଶ୍ୱବିଦ୍ୟାଳୟ 'ଉତ୍କଳ'ରୁ ସର୍ବାଧିକ ୭ଟି ଅଭିଯୋଗ ଆସିଛି। ତନ୍ମଧ୍ୟରୁ ୬ଟି ମାମଲାର ସମାଧାନ ▶ପୃଷ୍ଠା-୭

## ଦ୍ୱିତୀୟ ବିଶ୍ୱଯୁଦ୍ଧର ବୋମା ଉଦ୍ଧାର

**୨୦ ହଜାର ଲୋକ ସ୍ଥାନାନ୍ତର**



■ **ବର୍ଲିନ, ୧୯।୯ (ଏଜେନ୍ସି):** ଦ୍ୱିତୀୟ ବିଶ୍ୱଯୁଦ୍ଧର ସ୍ମୃତି ପୁଣି ଉଜାଗର ହୋଇ ଉଠିଛି। ଜର୍ମାନୀ ରାଜଧାନୀ ବର୍ଲିନରୁ ଗୁରୁବାର ସନ୍ଧ୍ୟାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଦୁଇଟି ବଡ଼ ବୋମା ମିଳିଛି। କୌଣସି ବଡ଼ ଅଘଟଣକୁ ଏଡ଼ାଇବା ପାଇଁ ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଘଟଣାସ୍ଥଳରୁ ୨୦ ହଜାର ଲୋକଙ୍କୁ ଖାଲି କରାଯାଇଛି। ବୋମା ନିକଟରୁ ୫୦୦ ମିଟର ପର୍ଯ୍ୟନ୍ତ ସୁରକ୍ଷା ବଳୟ ସୃଷ୍ଟି କରି ଘର ଘରକୁ ଯାଇ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପଳାଇବାକୁ ପୁଲିସ କହିଥିଲା। ପ୍ରଥମ ବୋମାଟି ସ୍ପ୍ରି ନଦୀ ନିକଟରୁ ମିଳିଥିଲା। ଏହି ଅଞ୍ଚଳରୁ ପାଖାପାଖି ୧୦ ହଜାର ଲୋକଙ୍କୁ ହଟାଯାଇଥିଲା। ଏହି ଅଞ୍ଚଳରେ କେତୋଟି ଦୂତାବାସ ଓ ସରକାରୀ କାର୍ଯ୍ୟାଳୟ ରହିଥିଲା। ସେହିପରି ୧୦୦ କେଜି ଓଜନର ଦ୍ୱିତୀୟ ବୋମାଟି ସ୍ପଣ୍ଡାଉ ଜିଲ୍ଲାରୁ ମିଳିଥିଲା। ଫଳରେ ଏହି ଅଞ୍ଚଳରୁ ୧୨, ୪୦୦ ଲୋକଙ୍କୁ ଖାଲି କରାଯାଇଥିଲା। ଦୁଇଟି ଯାକ ବୋମାକୁ ନିଷ୍କ୍ରିୟ କରାଯାଇଛି। ତେବେ ଏହି ଦୁଇଟି ବୋମା ସେଭଳି କୌଣସ ବଡ଼ ଧରଣର ବିପଦ ସୃଷ୍ଟି କରି ନ ଥିଲା। ଏଥିପାଇଁ ସୁରକ୍ଷା ଦାୟିତ୍ୱ ପୁଲିସକୁ ଦିଆଯାଇଥିଲା।

## ତାଲିକାରୁ ହଟିଲେ ୮୦୮ ନିଷ୍କ୍ରିୟ ରାଜନୈତିକ ଦଳ

■ **ନୂଆଦିଲ୍ଲୀ, ୧୯।୯ (ଏଜେନ୍ସି):** ରାଜନୈତିକ ଦଳ ମାଧ୍ୟମରେ କଳା ଟଙ୍କାକୁ ଧଳା କରିବା ମାମଲା ସାମ୍ନାକୁ ଆସିବା ପରେ ଭାରତୀୟ ନିର୍ବାଚନ କମିଶନ ସଫେଇ ଅଭିଯାନକୁ ଜୋରଦାର କରିଛନ୍ତି। ଗତ ୬ ବର୍ଷ ହେଲା କୌଣସି ନିର୍ବାଚନ ଲଢ଼ି ନ ଥିବା ୮୦୮ ପଞ୍ଜିକୃତ ଅଣ-ମାନ୍ୟତାପ୍ରାପ୍ତ ରାଜନୈତିକ ଦଳ (ଆରୟୁପିପି)କୁ ଅଣ-ତାଲିକାଭୁକ୍ତ କରିଦେଇଛନ୍ତି। ୧୯୫୧ର ଲୋକ ପ୍ରତିନିଧି ଆଇନର ଧାରା ୨୯ଏ ଅନୁଯାୟୀ ରାଜନୈତିକ ଦଳ ଗୁଡିକର ପଞ୍ଜୀକରଣ ହୋଇଥାଏ। ପଞ୍ଜୀକରଣ ପରେ ଏହି ଦଳଗୁଡିକ ନିର୍ଦ୍ଦିଷ୍ଟ ଲାଭ ପାଇଥାନ୍ତି। ନିର୍ବାଚନୀ ଚିହ୍ନ ଏବଂ ଟିକସରେ ରିଆତି ଆଦି ସୁବିଧା ମିଳିଥାଏ। ଏହାର ଲାଭ ଉଠାଇ କିଛି ରାଜନୈତିକ ଦଳ ବେଆଇନ କାରବାର ଚଳାଉ ଥିଲେ। ତେବେ ୬ ବର୍ଷ ହେଲା କୌଣସି ନିର୍ବାଚନ ଲଢୁ ନ ଥିବା ରାଜନୈତିକ ଦଳଙ୍କୁ ଅଣ ତାଲିକାଭୂକ୍ତ କରିଦିଆଯିବ ବୋଲି ଇସି ସ୍ପଷ୍ଟ କରିଛନ୍ତି।

ଗତ ଜୁନ୍‌ରୁ ଇସି ଏହି ଅଭିଯାନ ଆରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଅଗଷ୍ଟ ୯ ତାରିଖରେ ୩୩୪ ଅଣ-ମାନ୍ୟତା ପ୍ରାପ୍ତ ଦଳଙ୍କୁ ତାଲିକାରୁ ହଟାଇ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଗୁରୁବାର ▶ପୃଷ୍ଠା-୭

### ଅପର୍ଣ୍ଣା ମୃତ୍ୟୁ; ଖୁଣ୍ଟୁଣି ଥାନାରେ ହତ୍ୟା ମାମଲା ରୁଜୁ

## ଡିଏସ୍‌ପି ପାହ୍ୟା ଅଧିକାରୀ କରିବେ ତଦନ୍ତ

■ **ଭୁବନେଶ୍ୱର, ୧୯।୯ (ସମିସ):** ମହିଳା କନେଷ୍ଟବଳ ଶୁଭମିତ୍ରା ସାହୁ ହତ୍ୟା ମାମଲାରେ ଗିରଫ ହୋଇଥିବା କନେଷ୍ଟବଳ ଦୀପକ ରାଉତ ପ୍ରଥମ ପତ୍ନୀଙ୍କୁ ମଧ୍ୟ ହତ୍ୟା କରିଥିବା ଅଭିଯୋଗ ପଦାକୁ ଆସିଛି। ଦୀପକର ପ୍ରଥମ ପତ୍ନୀ ଅପର୍ଣ୍ଣାଙ୍କ ଭଉଣୀ ରୋଜାଲିନ ଆଜି ଖୁଣ୍ଟୁଣି ଥାନାର ଦ୍ୱାରସ୍ଥ ହୋଇ ତାଙ୍କ ବଡ଼ ଭଉଣୀ ଅପର୍ଣ୍ଣାଙ୍କୁ ଭିଣୋଇ ଦୀପକ ହତ୍ୟା କରିଥିବା ଲିଖିତ ଏତଲା ଦେଇଛନ୍ତି। ଅଭିଯୋଗ ଆଧାରରେ ପୁଲିସ କେସ୍ ନଂ - ୧୯୪/୨୫ ରେ ହତ୍ୟା ମାମଲା ରୁଜୁ କରିଛି। ଦଫା ୩୦୨, ୪୯୮-ଏ, ୨୦୧ ଓ ୩୪ ଆଇପିସିରେ ମାମଲା ରୁଜୁ କରିଛି। କଟକ ଗ୍ରାମାଞ୍ଚଳ ପୁଲିସ ମୁଖ୍ୟାଳୟର ଡିଏସପି ଅଜୟ କୁମାର ଦାସଙ୍କୁ ଘଟଣାର ତଦନ୍ତ ଭାର ▶ପୃଷ୍ଠା-୭



**ଅଭିଯୁକ୍ତ ଦୀପକକୁ ରିମାଣ୍ଡରେ ନେବ ଖୁଣ୍ଟୁଣି ପୁଲିସ**

## ଚାଷୀଙ୍କୁ ବିଜେପିର ତାଚ୍ଛଲ୍ୟ; ଘେରିଲେ ବିରୋଧୀ

**ଆଲୋଚନାରୁ ଖସିଯିବାକୁ ଚାହୁଁଛନ୍ତି ସରକାର: ବିଜେଡି**

**ସାର ପାଇଁ ସାରା ରାଜ୍ୟରେ ହାହାକାର ସ୍ଥିତି: କଂଗ୍ରେସ**

■ **ଭୁବନେଶ୍ୱର, ୧୯।୯ (ସମିସ):** ରାଜ୍ୟରେ ସାର ଅଭାବ ପାଇଁ ଚାଷୀ କାନ୍ଦୁଛି। ଚାଷବାସ ଛାଡ଼ି ଚାଷୀ ରାତିରାତି ପାକ୍ସ, ଲାମ୍ପସ୍ ଆଗରେ ଧାଡ଼ି ଲଗାଉଛନ୍ତି। ସାର ମୂଲ୍ୟ ୨୪୨ ଟଙ୍କା ରହିଥିବା ବେଳେ ବଜାରରୁ ଏହାକୁ ଚାଷୀ ୮୦୦ରୁ ୧୦୦୦ ଟଙ୍କାରେ କିଣିବାକୁ ବାଧ ହେଉଛି। ଏହାକୁ ପ୍ରତିବାଦ କରି ଅନେକସ୍ଥାନରେ ଚାଷୀ ରାଜରାସ୍ତାକୁ ଓହ୍ଲାଉଛନ୍ତି। ମାତ୍ର ବିଜେପି ଚାଷୀଙ୍କ ଏହି ସମସ୍ୟାକୁ ଦୂର କରିବା ପରିବର୍ତ୍ତେ ଚାଷୀଙ୍କୁ ତାସ୍ଛଲ୍ୟ କରିଛି। ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ବିଧାନସଭା ବାହାରେ ଚାଷୀଙ୍କୁ ବିଦାଦୀୟ ଓ ଅସମ୍ମାନଜନକ ଟିପ୍ପଣୀ ପ୍ରଦାନ କରିଥିବାରୁ ବିଜେଡି ଓ କଂଗ୍ରେସ ଏହାକୁ ତୀବ୍ର ବିରୋଧ କରିଛନ୍ତି। ରାଜ୍ୟରେ ସାର ଅଭାବ ନାହିଁ। ଯେଉଁମାନେ ଲାମ୍ପସ ଓ ପାକ୍ସ ଆଗରେ ସାର ପାଇଁ ଧାଡ଼ି ଲଗାଉଛନ୍ତି ସେମାନେ ନକଲି ଚାଷୀ। ବିରୋଧୀମାନେ ନକଲି ଚାଷୀଙ୍କୁ ଠିଆ କରାଇ ରାଜନୀତି କରୁଛନ୍ତି ବୋଲି ବିଜେପି ବିଧାୟକ ଅଗସ୍ତି ବେହେରା ମନ୍ତବ୍ୟ ଦେଇଛନ୍ତି। ଯାହାକୁ ସାଧାରଣରେ ତୀବ୍ର ସମାଲୋଚନା କରାଯାଇଛି। ସରକାର ଆଲୋଚନାରୁ ଖସିଯିବାକୁ ଚାହୁଁଛନ୍ତି। ଏହା ଚାଷୀଙ୍କ ପ୍ରତି ସରକାରଙ୍କ ନିର୍ଦ୍ଦୟତା ବୋଲି ଶ୍ରୀ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କ୍ଷୋଭ ପ୍ରକାଶ କରିଛନ୍ତି।

ଶୁକ୍ରବାର ପ୍ରଶ୍ନକାଳକୁ ବାତିଲ୍ କରି ସାର ପ୍ରସଙ୍ଗରେ ୩ ଘଣ୍ଟା ଆଲୋଚନା ପାଇଁ ଦାବି କରିଥିଲା ବିଜେଡି। ମାତ୍ର ବାଚସ୍ପତି ବିଜେଡିର ଏହି ▶ପୃଷ୍ଠା-୭




### ପାରିବାରିକ କଳହ

## ଦୁଇ ପୁଅଙ୍କୁ ବିଷ ପିଆଇଲା ବାପା

■ **ଛେଣ୍ଡିପଦା, ୧୯।୯ (ସମିସ):** ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ତୁବେ ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ପାରିବାରିକ କଳହରୁ ଦୁଇ ନାବାଳକ ପୁଅଙ୍କୁ ଖୋଦ୍ ବାପା ବିଷ ପିଆଇ ଦେଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ, ତୁବେ ଗାଁର କାଳୀଚରଣ ପ୍ରଧାନଙ୍କ ପୁଅ ନୀଳମାଧବ ପ୍ରଧାନ (୧୨) ଏବଂ ଜିଜ୍ଞାସୁ ପ୍ରଧାନ (୮)। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନ ୧୨ରେ କାଳୀଚରଣ ଦୁଇ ପୁଅଙ୍କୁ ସ୍କୁଲରୁ ନେଇ ବନ୍ତଲା ଥାନା ▶ପୃଷ୍ଠା-୭

## ୨୫ରେ ଲଘୁଚାପ

**ବର୍ଷାରେ ଭିଜିବ ଦଶହରା**

■ **ଭୁବନେଶ୍ୱର, ୧୯।୯ (ସମିସ):** ଆସନ୍ତା ୨୫ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଅନୁଭୂତ ହେବ। ଲଘୁଚାପଟି ଅଧିକ ଘନୀଭୂତ ହେବା ଆଶଙ୍କା ଥିବାରୁ ଏଥର ଦଶହରା ବର୍ଷାଭିଜା ହୋଇପାରେ।

ଲଘୁଚାପ ନେଇ ଆଜି ଆଇଏମ୍‌ଡି ପକ୍ଷରୁ କରାଯାଇଥିବା ବେଳେ ଏହାର ପ୍ରଭାବରେ ୨୫ରୁ ୩-୪ ଦିନ ବର୍ଷା ହେବାର ଆଶଙ୍କା କରାଯାଇଛି। ପାଣିପାଗ ବିଭାଗ ଦ୍ୱାରା ଜାରି ସୂଚନା ଅନୁଯାୟୀ, ଆସନ୍ତା ୨୫ ତାରିଖରେ ▶ପୃଷ୍ଠା-୭



## 'ଦୃଶ୍ୟମ୍' ଦେଖି ସାଙ୍ଗ ସହ ମିଶି ବାପାଙ୍କୁ ହତ୍ୟା



କାନପୁର, ୧୯।୯ (ଏଜେନ୍ସି): ଚଳଚ୍ଚିତ୍ର ସମାଜର ଦର୍ପଣ ସଦୃଶ୍ୟ। କିନ୍ତୁ ଏବେ ଏହି ଦର୍ପଣ ମଳିନ ହେବାରେ ଲାଗିଛି। ସମାଜରୁ କୁସଂସ୍କାର ଦୂରେଇବା ପରିବର୍ତ୍ତେ ହତ୍ୟା, ଅପରାଧ ଆଦିକୁ ପ୍ରୋତ୍ସାହନ ଦେଉଛି। ଉତ୍ତର ପ୍ରଦେଶ କାନପୁରର ଚନ୍ଦେଲ ନଗରରୁ ଏଭଳି ଏକ ମାମଲା ସାମ୍ନାକୁ ଆସିଛି। ଅଭିନେତା ଅଜୟ ଦେବଗନଙ୍କ 'ଦୃଶ୍ୟମ' ଚଳଚ୍ଚିତ୍ର ଏବଂ କ୍ରାଇମ ପାଟ୍ରୋଲ ଦେଖି ସାଙ୍ଗ ସହ ମିଶି ପୁଅ ବାପାକୁ ହତ୍ୟା କରିଛି। ଏହା ପରେ ମୃତଦେହକୁ ୭୫କିମି ଦୂର ଔରିଆ ନେଇ ପେଟ୍ରୋଲ ଢାଳି ପୋଡି ଦେଇଛି। ପୁଲିସକୁ ଭୁଆଁ ବୁଲାଇବା ପାଇଁ ଅଜବ ପନ୍ଥା ଆପଣାଇଛି। ଘଟଣାର ଦୁଇ ମାସ ପରେ ମୃତକଙ୍କ ପତ୍ନୀ ବୃନ୍ଦାବନରୁ ଫେରି ସ୍ୱାମୀଙ୍କୁ ଖୋଜିଥିଲେ। ଘରେ ନ ଦେଖି କଲ୍ୟାଣପୁର ଥାନାରେ ଜୁନ୍ ୧୨ରେ ଏତଲା ଦେଇଥିଲେ। ପୁଲିସ ଯାଞ୍ଚ କରି ୬ ମାସ ପରେ ଘଟଣାର ପର୍ଦ୍ଦାଫାସ କରିଥିଲା। ଡିସିପି ଦିନେଶ ଚନ୍ଦ୍ର ତ୍ରିପାଠୀ କହିଛନ୍ତି ଯେ ମୃତକ କମଲାପତି ରେଲୱେରେ ଗାର୍ଡ ଭାବେ ଚାକିରି କରିଥିଲେ। କିନ୍ତୁ ସବୁବେଳେ ମଦ ପିଉଥିବାରୁ ସାନପୁଅ ରାମଜୀଠାରୁ ସେ ଦୂରେଇ ରହୁଥିଲେ। ଟଙ୍କା ମାଗିଲେ ତାଙ୍କୁ ଦେଉ ନ ଥିଲେ। ତେଣୁ ସମ୍ପତ୍ତି ପାଇଁ ପୁଅ ବାପାକୁ ତଣ୍ଟିଚିପି ହତ୍ୟା କରିଥିଲା। ପୁଲିସକୁ ଭୁଆଁ ବୁଲାଇବା ପାଇଁ ମୋବାଇଲ ଦେଇ ସାଙ୍ଗକୁ ବିହାର ପଠାଇଥିଲା। ତେବେ ସେଠାରେ ସେ ସ୍ୱିଚ୍ ଅନ୍ କରି ଲୋଭରେ ମୋବାଇଲକୁ ବିକିବା ପାଇଁ ଧରି ପଳାଇ ଆସିଥିଲା। ପରେ ପୁଲିସ ପୁଅ ଘରୁ ମୋବାଇଲ ଜବତ କରିଥିଲା। ଜେରା ସମୟରେ ସେ ବାପାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲା।

## ପରୀକ୍ଷାରେ ଭଲ ନମ୍ବର ରଖିବାରୁ ଛାତ୍ରଛାତ୍ରୀଙ୍କୁ ବିମାନରେ ଡାମନ-ଡିଉ ବୁଲାଇଲେ ଶିକ୍ଷକ



ଜୟପୁର, ୧୯।୯ (ଏଜେନ୍ସି): ରାଜସ୍ଥାନ ଭିଲୱାରୀର ନନ୍ଦରାଇ ଗ୍ରାମରୁ ଏକ ପ୍ରେରଣାଦାୟୀ ଖବର ସାମ୍ନାକୁ ଆସିଛି। ଦ୍ୱାଦଶ ବୋର୍ଡ ପରୀକ୍ଷାରେ ୯୦ ପ୍ରତିଶତ ମାର୍କ ରଖିବାରୁ ଏଠାକାର ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲର ୫ ଛାତ୍ରୀଙ୍କୁ ଶିକ୍ଷକ ବିମାନରେ ନେଇ ଡାମନ-ଡିଉ ବୁଲାଇଛନ୍ତି। ତେବେ ଏହି ଯାତ୍ରା ବାବଦ ଖର୍ଚ୍ଚକୁ କୌଣସି ଏନ୍‌ଜିଓ କିମ୍ବା ସରକାର ଦେଇନାହାନ୍ତି। ପ୍ରଧାନଶିକ୍ଷକ ଶଙ୍କରଲାଲ ଜାଟ ଏବଂ ଶିକ୍ଷକ ଅଜୟ କୁମାର ସମସ୍ତ ଖର୍ଚ୍ଚ ବହନ କରିଛନ୍ତି। ଉଭୟ ଶିକ୍ଷକ ଶିକ୍ଷାବର୍ଷରେ ୯୦ ପ୍ରତିଶତ କିମ୍ବା ତାଠାରୁ ଅଧିକ ମାର୍କ ରଖିଲେ ଛାତ୍ରଛାତ୍ରୀଙ୍କୁ ବିମାନରେ ବୁଲାଇ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳାଫଳ ବାହାରିବା ପରେ ଶିକ୍ଷକ ଏହି ଯାତ୍ରାର ଆୟୋଜନ କରି ସମସ୍ତ ଖର୍ଚ୍ଚ ବହନ କରିଥିଲେ। ଏହି ଗ୍ରାମରୁ ଡାମନ-ଡିଉ ବୁଲିବା ପାଇଁ ଦେଢ଼ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା।

ଏହି ପଦକ୍ଷେପ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନ ଉପରେ ଗଭୀର ପ୍ରଭାବ ପକାଇ ଥିଲା। ୫୨ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୮ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିଲେ। ପ୍ରାୟ ୭୦ ପ୍ରତିଶତ ମାର୍କ ରଖିଥିଲେ। ପୂର୍ବରୁ କେବେ ଏପରି ଫଳାଫଳ ଆସି ଥିଲା। ସ୍କୁଲ୍ ପ୍ରାର୍ଥନାରେ ଶିକ୍ଷକ କରିଥିବା ଏହି ଘୋଷଣା ୫ ପରିଶ୍ରମୀ ଛାତ୍ରୀଙ୍କ ପାଇଁ ବାସ୍ତବତା ପାଲଟି ଯାଇଛି। ଏହା ସ୍କୁଲ୍ ପାଇଁ ମଧ୍ୟ ଗୌରବ ଆଣିଛି। ଗ୍ରାମାଞ୍ଚଳରେ ସରକାରୀ ସ୍କୁଲ୍ ପ୍ରଭାବ ହରାଉଥିବାବେଳେ ଦୁଇ ଶିକ୍ଷକଙ୍କ ନିଆରା ପ୍ରୟାସ ପିଲାଙ୍କ ପାଇଁ ବଡ଼ ସଫଳତା ଆଣି ଦେଇଛି।

## ଜୁବିନ ଗର୍ଗଙ୍କ ପରଲୋକ



ନୂଆଦିଲ୍ଲୀ, ୧୯।୯(ଏଜେନ୍ସି): ଜଣାଶୁଣା ଆସାମୀ ତଥା ବଲିଉଡ ଗାୟକ ଜୁବିନ ଗର୍ଗ ଶୁକ୍ରବାର ପରଲୋକଗମନ କରିଛନ୍ତି। ସିଙ୍ଗାପୁରରେ ଏକ ସ୍କୁବା ଡାଇଭିଂ ଦୁର୍ଘଟଣାରେ ସେ ମୃତ୍ୟୁବରଣ କରିଛନ୍ତି। ୫୨ ବର୍ଷୀୟ ଜୁବିନ ଶୁକ୍ରବାର ଉତ୍ତରପୂର୍ବ ମହୋତ୍ସବରେ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ଥିଲା। ସ୍କୁବା ଡାଇଭିଂ କରିବା ଅବସରରେ ସେ ସମୁଦ୍ରରେ ପଡ଼ିଯାଇଥିଲେ ଓ ତାଙ୍କୁ ସିଙ୍ଗାପୁର ପୁଲିସ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲକୁ ନେଇଥିଲା। ଡାକ୍ତର ତାଙ୍କୁ ଆଇସିୟୁରେ ଭର୍ତ୍ତି କରିଥିଲେ। କିନ୍ତୁ ତାଙ୍କୁ ବଞ୍ଚାଇ ପାରି ନଥିଲେ। ତାଙ୍କର ଅଚାନକ ମୃତ୍ୟୁରେ ବଲିଉଡ ସ୍ତବ୍ଧ ହୋଇଛି ଓ ତାଙ୍କ ପ୍ରଶଂସକମାନେ ମର୍ମାହତ ହୋଇଛନ୍ତି। ସେ ଉତ୍ତରପୂର୍ବ ମହୋତ୍ସବରେ ଅଂଶଗ୍ରହଣ କରିବାକୁ ସିଙ୍ଗାପୁର ଯାଇଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, ପୂର୍ବତନ ରାଜ୍ୟସଭା ଏମ୍‌ପି ରିପୁ ବୋରା ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଶୋକ ପ୍ରକାଶ କରିଛନ୍ତି। ଗ୍ୟାଙ୍ଗଷ୍ଟର ସିନେମାର 'ୟା ଅଲି', ହୃତିକ ରୋଶନ ଅଭିନୀତ କ୍ରିସ-୩ ସିନେମାର 'ଦିଲ ତୁହି ବତା' ଓ ପ୍ୟାର କା ସାଇଡ ଇଫେକ୍ଟ ସିନେମାର 'ଜାନେ କ୍ୟା ଚାହେ ମନ' ଭଳି ଗୀତ ଗାଇ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ। ବଲିଉଡ ସମେତ ସେ ଆସାମୀ, ବେଙ୍ଗଲି, ନେପାଳୀ ଓ ଅନ୍ୟ ଆଞ୍ଚଳିକ ସିନେମାରେ ଗୀତ ଗାଇ ଲୋକପ୍ରିୟତା ଅର୍ଜନ କରିଥିଲେ।

## ଇଞ୍ଜିନ ଅଏଲରେ ଜୀବନ ବିତାଉଛନ୍ତି ଅଏଲ କୁମାର

ବେଙ୍ଗାଲୁରୁ, ୧୯।୯ (ଏଜେନ୍ସି): ଅଜବ ଖାଇବା ଶୈଳୀକୁ ନେଇ କର୍ଣ୍ଣାଟକ ଶିବମୋଗାର ଜଣେ ବ୍ୟକ୍ତି ସାରା ଦେଶରେ ଚର୍ଚ୍ଚାରେ ଅଛନ୍ତି। ସେ ଅନ୍ୟମାନଙ୍କ ପରି ଭାତ ଡାଲି କିମ୍ବା ଫଳ ପନିପରିବା ଆଦି ଖାଉ ନାହାନ୍ତି। ସେ ଦିନକୁ ଚା' ପରି ଗାଡ଼ି ମୋଟରରେ ପଡୁଥିବା ଇଞ୍ଜିନ ଅଏଲ ପିଇ ଯାଉଛନ୍ତି। ତେବେ ନୂଆ ନୁହେଁ, ଖରାପ ହେବା ପରେ ଗାଡ଼ିରୁ ବାହାରୁ ଥିବା ୭ରୁ ୮ ଲିଟର ଇଞ୍ଜିନ ଅଏଲ ଦିନକୁ ପିଉଛନ୍ତି। ସେଥିପାଇଁ ତାଙ୍କୁ 'ଅଏଲ କୁମାର' କୁହାଯାଉଛି। ଏହାର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି। ଇଣ୍ଟରନେଟରେ ଥିବା ଭିଡିଓରେ ସେ ଲୋକଙ୍କ ସାମ୍ନାରେ ଗଳ ଗଳ କରି ଇଞ୍ଜିନ ଅଏଲ ପିଇ ଯାଉଥିବା ଦେଖାଯାଉଛି। ଏହା ଦେହ ପାଇଁ ଅତ୍ୟନ୍ତ ଖରାପ ହୋଇଥିବାବେଳେ ସେ କେମିତି ବଞ୍ଚିଛନ୍ତି ତାହାକୁ ନେଇ ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଯାଇଛନ୍ତି। ଅଏଲ କୁମାର କହିଛନ୍ତି ଯେ ଗତ ୩୩ ବର୍ଷ ହେଲା ଖାଦ୍ୟ ପରିବର୍ତ୍ତେ ଇଞ୍ଜିନ ଅଏଲ ପିଇ ବଞ୍ଚିଛନ୍ତି। ଦିନକୁ ଏତେ ଇଞ୍ଜିନ ଅଏଲ ପିଉଥିବା ସତ୍ତ୍ୱେ ସେ ଆଜି ପର୍ଯ୍ୟନ୍ତ ମେଡିକାଲରେ ଭର୍ତ୍ତି ହୋଇନାହାନ୍ତି। ତାଙ୍କର କୌଣସି ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା ମଧ୍ୟ ନାହିଁ। ସେ ଭଗବାନ ଅୟପାଙ୍କ ଜଣେ ଭକ୍ତ ମଧ୍ୟ।

### ପୁଣି ନିର୍ବାଚନ କମିଶନଙ୍କୁ ନିଶାଣ କଲେ ରାହୁଲ

# ଚେଇଁ ରହି ଚୋରି ଦେଖୁଥିଲେ ଚୌକିଦାର



ନୂଆଦିଲ୍ଲୀ, ୧୯।୯ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ପୁଣି 'ଭୋଟ ଚୋରି' ଏବଂ ବେଆଇନ ଭାବେ ଭୋଟର ତାଲିକାରୁ 'ଭୋଟରଙ୍କୁ ହଟାଇବା' ପ୍ରସଙ୍ଗକୁ ନେଇ ନିର୍ବାଚନ କମିଶନ (ଇସି)ଙ୍କୁ ନିଶାଣ କରିଛନ୍ତି। ସେ ଶୁକ୍ରବାର ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ପୋଷ୍ଟ କରି ଇସିଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। 'ସକାଳ ୪ଟାରେ ଉଠ, ୩୬ ସେକେଣ୍ଡରେ ୨ ଭୋଟରଙ୍କୁ ତାଲିକାରୁ ହଟାଇ ଦେଇ ପୁଣି ଶୋଇ ଯାଅ। ଏହି ଭଳି ଭାବେ ଭୋଟ ଚୋରି କରାଯାଉଛି। ନିର୍ବାଚନ କମିଶନ ଭୋଟ ଚୋରଙ୍କୁ ସୁରକ୍ଷା ଦେଉଛନ୍ତି। ନିର୍ବାଚନର ଚୌକିଦାର ଚେଇଁ ରହି ଚୋରି ଦେଖୁଥିଲେ ଏବଂ ଚୋରଙ୍କୁ ସୁରକ୍ଷା ଦେଉଥିଲେ' ବୋଲି ରାହୁଲ ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ରାହୁଲ ଗୁରୁବାର ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି କର୍ଣ୍ଣାଟକ ଏବଂ ମହାରାଷ୍ଟ୍ରରେ ସେଣ୍ଟ୍ରାଲାଇଜ୍ଡ ସଫ୍ଟୱେର ବ୍ୟବହାର କରି ଭୋଟ ଚୋରି ଏବଂ ଭୋଟରଙ୍କ ନାମ ହଟା ଯାଇଥିବା ଅଭିଯୋଗ କରିଥିଲେ। ତେବେ ନିର୍ବାଚନ କମିଶନ ଏହି ଅଭିଯୋଗକୁ ଆଧାରହୀନ କହି ଖଣ୍ଡନ କରିଦେଇଥିଲେ। ଏହା ସହିତ ରାହୁଲ ଦେଶର ଯୁବ ବର୍ଗ, ଛାତ୍ରଛାତ୍ରୀ ଏବଂ ଜେନ୍ ଜେଡ୍ ଗୋଷ୍ଠୀଙ୍କ ସହ ଛିଡ଼ା ହୋଇଛି ବୋଲି ରାହୁଲ ଟ୍ୱିଟ୍ କରି କହିଥିଲେ।

ଅନ୍ୟପକ୍ଷରେ ରାହୁଲଙ୍କ ଟିପ୍ପଣୀକୁ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ସମାଲୋଚନା କରିଛନ୍ତି। ଜେନ-ଜେଡ୍ ଟିପ୍ପଣୀକୁ ନେଇ ସେ କହିଛନ୍ତି ଯେ ରାହୁଲ ହତାଶ ଏବଂ

### ୩୬ ସେକେଣ୍ଡରେ ଦୁଇ ଭୋଟର ହଟାଇ ପୁଣି ଶୋଇ ପଡୁଥିଲେ

### ରାହୁଲଙ୍କୁ ସମାଲୋଚନା କଲେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ

ନିରାଶ ହୋଇ ପଡ଼ିଛନ୍ତି। ସେ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନକଲ କରୁଥିଲେ। ଆଉ କେବେ ଜେନ-ଜେଡ୍‌ଙ୍କ କଥା କହୁଥିଲେ। ରାହୁଲ ସହରୀ ନକ୍ସଲ ହେବାକୁ ଚାହୁଁଛନ୍ତି। ସେହି ଭଳି ଭାବେ ହିଁ ପ୍ରତିକ୍ରିୟା ଦେଉଛନ୍ତି। ଦେଶକୁ ଗୃହଯୁଦ୍ଧରେ ଫସାଇବାକୁ ଚାହୁଁଛନ୍ତି। ରାହୁଲ କେତେବେଳ ମୁସଲମାନଙ୍କୁ ଉସୁକାଉଛନ୍ତି ତ ଆଉ ଆଧାରହୀନ କଥା କହୁଛନ୍ତି। ସେହିପରି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀସ କହିଛନ୍ତି ଯେ ଏହା ଭୋଟ ଚୋରର ପ୍ରସଙ୍ଗ ନୁହେଁ ବୋଲି ପୂର୍ବରୁ କହିଥିଲି। ରାହୁଲ ଗାନ୍ଧୀଙ୍କ ମସ୍ତିଷ୍କ ଭ୍ରମ ହୋଇଯାଇଛି। ତେଣୁ ସେ ଏଭଳି କଥା କହୁଛନ୍ତି। ସମ୍ବିଧାନରେ ଥିବା ସମସ୍ତ ବ୍ୟବସ୍ଥାକୁ ସେ ଏଡ଼ାଇ ଚାଲିଛନ୍ତି। ଏବେ ରାହୁଲ ସହରୀ ନକ୍ସଲ ହୋଇଥିବା ପ୍ରମାଣ ଦେଇଛନ୍ତି। ଜେନ୍-ଜେଡ୍‌କୁ ସମର୍ଥନ ଦେଇ ସାମ୍ବିଧାନିକ ସରକାରକୁ ଭୁଶୁଡ଼ାଇବାକୁ ଚାହୁଁଛନ୍ତି।

## ଉତ୍ତରପ୍ରଦେଶରେ ବଜ୍ରପାତରେ ୭ ମୃତ

### ହିମାଚଳରେ ବାଦଲ ଫଟା ବର୍ଷା ଓ ଭୂସ୍ଖଳନ

### ୧୬ ଘଣ୍ଟା ପରେ ଅବଶେଷ ତଳୁ ଜଣେ ଜୀବନ୍ତ ଉଦ୍ଧାର

ନୂଆଦିଲ୍ଲୀ, ୧୯।୯(ଏଜେନ୍ସି): ଉତ୍ତରପ୍ରଦେଶରେ ଗତ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତରେ ୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଜୋନପୁରରେ ୩, କୌଶାମ୍ବିରେ ୨ ଓ ହମିରପୁର-ଚାନ୍ଦୋଲୀରେ ଜଣେ ଲେଖାଏ ଲୋକ ବଜ୍ରପାତ କାରଣରୁ ପ୍ରାଣ ହରାଇଛନ୍ତି। ସେହିପରି ପ୍ରତାପଗଡ଼ରେ ଗୋବିନ୍ଦପୁର ଗାଁରେ ବଜ୍ରପାତ କାରଣରୁ ଗୋଟିଏ ଘରେ ନିଆଁ ଲାଗି ଯାଇଥିଲା। କୌଶାମ୍ବୀରେ ବଜ୍ରପାତ କାରଣରୁ ୨ ମହିଳା ପ୍ରାଣ ହରାଇଛନ୍ତି। ସେହିପରି ଉତ୍ତରାଖଣ୍ଡର ଚାମୋଲୀ ଜିଲ୍ଲାର ନନ୍ଦନଗରରେ ଗୁରୁବାର ରାତିରେ ହୋଇଥିବା ବାଦଲ ଫଟା ବର୍ଷା କାରଣରୁ ୧୪ ଜଣ ଲୋକ ନିଖୋଜ ଥିଲେ। କିଛି ଲୋକ ଆବର୍ଜନା ତଳେ ଦବି ଯାଇଥିଲେ। ଘଟଣାର ୧୬ ଘଣ୍ଟା ପରେ ଜଣେ ବ୍ୟକ୍ତିଙ୍କୁ ଆବର୍ଜନା ତଳୁ ବଞ୍ଚିଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ଏହି ଅଞ୍ଚଳରେ ୨୦୦ ଲୋକ ପ୍ରଭାବିତ ହୋଇଛନ୍ତି। ୩୫ରୁ ଊର୍ଦ୍ଧ୍ୱ ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ଡେରାଡୁନ- ମସୁରୀରେ ସଡ଼କ ଏବେ ବି କ୍ଷତିଗ୍ରସ୍ତ ରହିଛି। ତେବେ ହାଲକା ଯାନ ପାଇଁ ଏହି ରାସ୍ତାକୁ ଖୋଲା ଯାଇଛି। ଏହି କାରଣରୁ ମସୁରୀରେ ଥିବା ୨୦୦୦ ପର୍ଯ୍ୟଟକ ସୁରକ୍ଷିତ ଅଛନ୍ତି।

### ଜାତିସଂଘରେ ପାକିସ୍ତାନ, ଚୀନ୍‌କୁ ଝଟ୍‌କା

# ବିଏଲ୍‌ଏକୁ ନିଷିଦ୍ଧ ପ୍ରସ୍ତାବ ଉପରେ ଆମେରିକାର ଭିଟୋ

ନ୍ୟୁୟର୍କ, ୧୯।୯(ଏଜେନ୍ସି): ଜାତିସଂଘରେ ଆମେରିକା ଏକ ଚକିତ କଲା ଭଳି ନିଷ୍ପତ୍ତି ନେଇଛି। ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍‌ଏ) ଓ ତା'ର ଆତ୍ମଘାତୀ ସଂଗଠନ ମଜିଦ ବ୍ରିଗେଡ଼କୁ ନିଷିଦ୍ଧ କରିବା ନେଇ ଆସିଥିବା ପ୍ରସ୍ତାବ ଉପରେ ଆମେରିକା ଭିଟୋ ଜାରି କରିଛି। ଅର୍ଥାତ ଏହି ପ୍ରସ୍ତାବ ଉପରେ ଆମେରିକା ରୋକ ଲଗାଇଛି। ପାକିସ୍ତାନ ଓ ଚୀନ୍ ଏକାଠି ଏହି ପ୍ରସ୍ତାବକୁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ବୈଠକରେ ଆଣିଥିଲେ। ଦୁଇ ଦେଶ ବିଏଲ୍‌ଏକୁ ଏକ ପ୍ରତିବନ୍ଧିତ ସଂଗଠନ ଘୋଷିତ କରିବାକୁ ଦାବି କରିଥିଲେ। ବିଏଲ୍‌ଏ, ମଜିଦ ବ୍ରିଗେଡ଼, ଅଲ-କାଏଦା ଓ ତହରିକ-ଏ- ତାଲିବାନ ପାକିସ୍ତାନ ଭଳି ଆତଙ୍କବାଦୀ ସଂଗଠନ ଆଫଗାନିସ୍ତାନରୁ କାର୍ଯ୍ୟ କରୁଛି ଓ ଏହା ସୀମା ଆରପଟୁ ପାକିସ୍ତାନ ଉପରେ ଆକ୍ରମଣ କରୁଛନ୍ତି ବୋଲି ଦୁଇ ଦେଶ ସୁରକ୍ଷା ପରିଷଦରେ ଦାବି କରିଥିଲା। ଆଫଗାନିସ୍ତାନରୁ ଆତଙ୍କବାଦକୁ ପ୍ରୋତ୍ସାହନ ଦିଆଯାଉଛି ଓ ଏହାଦ୍ୱାରା ପାକିସ୍ତାନର ସୁରକ୍ଷା ବିପଦରେ

**■ ପୂର୍ବରୁ ବିଏଲ୍‌ଏକୁ ଆତଙ୍କବାଦୀ ସଂଗଠନ ଘୋଷଣା କରିଥିଲା ଆମେରିକା**

ପଡ଼ିଛି ବୋଲି ପାକିସ୍ତାନ କହିଛି। ଆମେରିକା ସମେତ ବ୍ରିଟେନ ଓ ଫ୍ରାନ୍ସ ଭଳି ୟୁରୋପୀୟ ଦେଶ ଏହି ପ୍ରସ୍ତାବକୁ ଖୋଲାଖୋଲି ଭାବେ ବିରୋଧ କରିଛନ୍ତି। କିନ୍ତୁ ଗତ ମାସରେ ଆମେରିକା ଆଶ୍ଚର୍ଯ୍ୟଜନକ ଭାବେ ବିଏଲ୍‌ଏ ଓ ମଜିଦ ବ୍ରିଗେଡ଼କୁ ବିଦେଶୀ ଆତଙ୍କବାଦୀ ସଂଗଠନ ବୋଲି ଘୋଷିତ କରିଥିଲା। ବିଏଲ୍‌ଏ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ନାହିଁ ବୋଲି ଆମେରିକା କହିଛି। ପୁଣି ବିଏଲ୍‌ଏ ସହିତ ଆଲ-କାଏଦାର ସମ୍ପର୍କ ଥିବାର କୌଣସି ଠୋସ୍ ପ୍ରମାଣ ମିଳିନାହିଁ। ତେଣୁ ବିଏଲ୍‌ଏକୁ ଜାତିସଂଘର ୧୨୬୭ ପ୍ରତିବନ୍ଧ ସୂଚୀରେ ସାମିଲ କରାଯାଇପାରିବ ନାହିଁ ବୋଲି ଆମେରିକା ସ୍ପଷ୍ଟ କରିଛି। ଏହି ସୂଚୀ ମଧ୍ୟରେ ସାମିଲ ହୋଇଥିବା ସଂଗଠନଗୁଡିକୁ ଯାତ୍ରା ପ୍ରତିବନ୍ଧ ଲାଗୁ କରାଯିବା ସହ ସମ୍ପତ୍ତି ବ୍ୟାଜାପ୍ତ କରାଯାଇଥାଏ ଏବଂ ଅସ୍ତ୍ରଶସ୍ତ୍ର କ୍ରୟ କରିବା ଉପରେ ରୋକ ଲଗାଯାଇଥାଏ। ଉଲ୍ଲେଖଥାଉ କି, ବିଏଲ୍‌ଏ ବେଲୁଚିସ୍ତାନକୁ ପାକିସ୍ତାନଠାରୁ ସ୍ୱାଧୀନ କରିବାକୁ ସଂଘର୍ଷ ୧୯୭୦ରୁ ଆରମ୍ଭ କରିଆସିଛି ଓ ଏବେ ଏହି ସଂଗଠନ ଏକ ପ୍ରକାର ନିର୍ଣ୍ଣାୟକ ସ୍ଥିତି ସୃଷ୍ଟି କରିଛି।

## ଲଳିତ ମୋଦୀଙ୍କ ଭାଇ ଦୁଷ୍କର୍ମ ଅଭିଯୋଗରେ ଗିରଫ

ନୂଆଦିଲ୍ଲୀ, ୧୯।୯(ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ପୂର୍ବତନ ଅଧ୍ୟକ୍ଷ ଲଳିତ ମୋଦୀଙ୍କ ଭାଇ ତଥା ପ୍ରତିଷ୍ଠିତ ବ୍ୟବସାୟୀ ସମୀର ମୋଦୀଙ୍କୁ ଦିଲ୍ଲୀ ବିମାନ ବନ୍ଦରରେ ଗିରଫ କରାଯାଇଛି। ଦିଲ୍ଲୀ ପୁଲିସ ତାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଗିରଫ କରିଛି। ୨୦୧୯ରେ ସମୀର କ୍ରମାଗତ ଭାବେ ଦୁଷ୍କର୍ମ କରିବା ସହ ବ୍ଲାକମେଲିଂ ଓ ଧୋଖା ଦେଉଥିବାର ଜଣେ ମହିଳା ଅଭିଯୋଗ କରିଛନ୍ତି। ସେପ୍ଟେମ୍ବର ୧୦ରେ ମହିଳା ଜଣକ ଦିଲ୍ଲୀର ନ୍ୟୁ ଫ୍ରେଣ୍ଡସ୍ କଲୋନୀ ଥାନାରେ ମାମଲା ଦାଏର କରିଥିଲେ। ଏହାପରେ ସମୀରଙ୍କ ବିରୋଧରେ ଲୁକ୍ ଆଉଟ ସର୍କୁଲାର (ଏଲ୍‌ଓସି) ଜାରି କରାଯାଇଥିଲା। ଗୁରୁବାର ୟୁରୋପରୁ ବ୍ୟବସାୟିକ ଗସ୍ତରୁ ଫେରିବା ପରେ ତାଙ୍କୁ ବିମାନ ବନ୍ଦରରୁ ଗିରଫ କରାଯାଇଥିଲା। ଦିଲ୍ଲୀର ଏକ କୋର୍ଟ ତାଙ୍କୁ ଦୁଇ ଦିନ ପାଇଁ ପୁଲିସ ହେପାଜତକୁ ପଠାଇଛନ୍ତି। ସମୀରଙ୍କ ବିରୋଧରେ କରାଯାଇଥିବା ସବୁ ଅଭିଯୋଗ ମିଥ୍ୟା ଓ କପୋଳକଳ୍ପିତ ବୋଲି ତାଙ୍କ ଓକିଲ କହିଛନ୍ତି। ଦୁଷ୍କର୍ମ କଥା ସାର୍ବଜନୀନ କରିବା ପରେ ହତ୍ୟା ଧମକ ଦିଆଯାଇଛି ବୋଲି ମହିଳା ଜଣକ ଅଭିଯୋଗ ଆଣିଛନ୍ତି। ତେବେ ମହିଳା ଜଣକ ସମୀରଙ୍କ ସହ ୨୦୧୯ରୁ ରହିଆସୁଥିଲେ ଓ ୫୦ କୋଟି ଟଙ୍କା ମାଗୁଛନ୍ତି ବୋଲି ତାଙ୍କ ଓକିଲ କହିଛନ୍ତି।

## ଦିଶା ପଟାନୀଙ୍କ ଘରକୁ ଗୁଳି ମାରିଥିବା ୨ ସୁଟର ଗିରଫ

ବରେଲି, ୧୯।୯(ଏଜେନ୍ସି): ଉତ୍ତରପ୍ରଦେଶର ବରେଲିସ୍ଥିତ ବଲିଉଡ ଅଭିନେତ୍ରୀ ଦିଶା ପଟାନୀଙ୍କ ଘର ଉପରକୁ ଗୁଳିମାଡ କରିଥିବା ୪ ଜଣ ସୁଟର ଗିରଫ ହୋଇଛନ୍ତି। ଶୁକ୍ରବାର ବରେଲି ପୁଲିସ୍ ଓ ଏସ୍‌ଓଜି ଟିମ୍ ଦୁଇଜଣ ଦୁର୍ବୃତ୍ତଙ୍କୁ ଧରିଛନ୍ତି। ଏହି ଦୁଇ ସୁଟର ହେଲେ ରାମ ନିବାସ ଓ ଅନୀଲ। ପୁଲିସ ଓ ଏହି ଦୁଇଜଣଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପୁଲିସ ରାମ ନିବାସ ଗୋଡକୁ ଗୁଳି ମାରିଥିଲେ। ରାମ ନିବାସ ରାଜସ୍ଥାନର ବିଓ୍ୱାର ଜିଲ୍ଲାର ଜଇତାରନ ଥାନର ବେଡକାଲା ଗାଁର ବାସିନ୍ଦା। ତା ଉପରେ ୨୫ ହଜାରେ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସେହିପରି ଅନୀଲର ଘର ହରିୟାଣା ସୋନିପତରେ। ଏହି ଦୁଇଜଣ ଦିଶାଙ୍କ ଘରର ରେକି କରିଥିଲେ। ପୂର୍ବରୁ ପୁଲିସ ଅନ୍ୟ ଦୁଇ ସୁଟର ନକୁଳ ସିଂ ଓ ବିଜୟ ତୋମାରଙ୍କ ମଧ୍ୟ ଗିରଫ କରିଥିଲା। ଏହି ଦୁଇଜଣ ବାଗପତର ବାସିନ୍ଦା ଓ ଏମାନଙ୍କ ଉପରେ ଲକ୍ଷେ ଟଙ୍କା ଲେଖାଏ ପୁରସ୍କାର ଘୋଷଣା କରାଯାଇଛି। ଏହି ଦୁଇଜଣ ସେପ୍ଟେମ୍ବର ୧୧ରେ ଦିଶାଙ୍କ ଘର ଉପରକୁ ଗୁଳିମାଡ କରିଥିଲେ। କିନ୍ତୁ ସେପ୍ଟେମ୍ବର ୧୭ରେ ଅନ୍ୟ ଦୁଇ ସୁଟର ଅରୁଣ ଓ ରବୀନ୍ଦ୍ର ପୁଲିସ ଏନକାଉଣ୍ଟରରେ ନିହତ ହୋଇଥିଲେ। ଏହାପରେ ବିଜୟ, ନକୁଳ, ରାମନିବାସ ଓ ଅନୀଲଙ୍କୁ ପୁଲିସ ଖୋଜା ଜାରି ରଖିଥିଲା।

### ● ମଣିପୁରରେ ସୁରକ୍ଷାକର୍ମୀଙ୍କ ଉପରେ ଆକ୍ରମଣ

## ଆସାମ ରାଇଫଲ୍ସର ୨ ଯବାନ ସହିଦ, ୪ ଆହତ

ଇମ୍ଫାଲ, ୧୯।୯(ଏଜେନ୍ସି): ମଣିପୁର ବିଷ୍ଣୁପୁର ଜିଲ୍ଲାର ନାମ୍ବୋଲ ସବାଲ ଲେଇକାଇ ଅଞ୍ଚଳରେ ଶୁକ୍ରବାର ସୁରକ୍ଷାବାହିନୀ ଉପରେ ଅତର୍କିତ ଆକ୍ରମଣ ହୋଇଛି। ଚାରିପଟୁ ଘେରି ଆସାମ ରାଇଫଲ୍ସର ଏକ ଗାଡି ଉପରକୁ କିଛି ଉଗ୍ରବାଦୀ ଅତର୍କିତ ଗୁଳିମାଡ଼ କରିଛନ୍ତି। ଏଥିରେ ଆସାମ ରାଇଫଲ୍ସର ଦୁଇଜଣ ଯବାନ ସହିଦ ହୋଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ବାସିନ୍ଦା ଓ ପୁଲିସକର୍ମୀଙ୍କ ସହାୟତାରେ ଆହତଙ୍କୁ ଆରଆଇଏମ୍‌ଏସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରାଜଧାନୀ ଇମ୍ଫାଲରୁ ବିଷ୍ଣୁପୁର ଯାଉଥିବା ବେଳେ ସନ୍ଧ୍ୟା ୬ଟାରେ ଏହି ଆକ୍ରମଣ ହୋଇଥିଲା ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଏହାପରେ ଆକ୍ରମଣକାରୀଙ୍କୁ ଖୋଜିବା ପାଇଁ ସୁରକ୍ଷାବଳ ତଲାସୀ ଅଭିଯାନ ଆରମ୍ଭ କରିଛି। ଏହି ଆକ୍ରମଣର କାରଣ ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ। ଏ ନେଇ ତଦନ୍ତ ଚାଲିଛି। ମଣିପୁର ରାଜ୍ୟପାଳ ଅଜୟ କୁମାର ଭଲ୍ଲା ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି। ଏଭଳି ହିଂସାତ୍ମକ କାର୍ଯ୍ୟକଳାପକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି। ସେହିପରି ମୃତ ଯବାନଙ୍କ ପରିବାର ପ୍ରତି ସେ ଶୋକ ଜାହିର କରିବା ସହ ସମବେଦନା ଜ୍ଞାପନ କରିଛନ୍ତି। ଉଲ୍ଲେଖଥାଉ କି, ମଣିପୁରର ଜିରିବାମ୍ ଜିଲ୍ଲାରେ ୨୦୨୪ ନଭେମ୍ବର ୧୦ରେ ସିଆରପିଏଫ୍ ଯବାନ ଏନକାଉଣ୍ଟର କରି ୧୦ଜଣ କୁକି ଉଗ୍ରବାଦୀଙ୍କୁ ନିପାତ କରିଥିଲେ।

## ପାକିସ୍ତାନ ଘର ଭଳି ଲାଗୁଛି: ପିଟ୍ରୋଡା


ନୂଆଦିଲ୍ଲୀ, ୧୯।୯(ଏଜେନ୍ସି): କଂଗ୍ରେସ ବିରଷ୍ଠ ନେତା ସାମ ପିଟ୍ରୋଡା ପୁଣି ଏକ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚା ସୃଷ୍ଟି କରିଛନ୍ତି। ଶୁକ୍ରବାର ଏକ ଖବର ସରବରାହ ସଂସ୍ଥାକୁ ସାକ୍ଷାତକାର ଦେବା ଅବସରରେ ସେ କହିଛନ୍ତି ଯେ, ମୁଁ ପାକିସ୍ତାନ ଯାଇଥିଲି ଓ ସେଠାରେ ଘରେ ଥିବା ଭଳି ଅନୁଭବ କରିଥିଲି। ଏହିକ୍ରମରେ ସେ ନେପାଳ ଓ ବାଂଲାଦେଶକୁ ମଧ୍ୟ ପ୍ରଶଂସା କରିବାକୁ ପଛାଇ ନାହାନ୍ତି। ମୁଁ ନେପାଳ ଓ ବାଂଲାଦେଶକୁ ମଧ୍ୟ ଯାଇଥିଲି। ସେଠାରେ ମଧ୍ୟ ଘର ଭଳି ଅନୁଭବ କରିଥିଲି। ବିଦେଶରେ ଥିବା ଭଳି ମୋତେ ଲାଗୁ ନଥିଲା। ଏହି ଦେଶର ନାଗରିକମାନେ ମୋ ଭଳି ଦେଖାଯାଉଥିଲେ ଓ ମୋ ଭଳି କଥାବାର୍ତ୍ତା କରୁଥିଲେ। ସେମାନଙ୍କୁ ଆମର ଗୀତ ପସନ୍ଦ ଲାଗିଥାଏ। ଆମ ସମସ୍ତଙ୍କ ଖାଦ୍ୟ ଏକାଭଳି। ସେମାନଙ୍କ ସହିତ ଶାନ୍ତି ଓ ସୌହାର୍ଦ୍ଦର ସହ ବଞ୍ଚିବାର କଳା ଆମେ ଶିକ୍ଷା କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ପଡୋଶୀ ଦେଶଗୁଡିକ ସହ କଥାବାର୍ତ୍ତାକୁ ପ୍ରାଥମିକତା ଦେବାକୁ ସେ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ପାକିସ୍ତାନ ସମେତ ସବୁ ପଡୋଶୀ ଦେଶଗୁଡିକ ସହ ସମ୍ପର୍କକୁ ଆହୁରି ଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ସେ କହିଛନ୍ତି।

## ପୁଣି ଭୂକମ୍ପରେ ଥରିଲା ରୁଷ

ମସ୍କୋ, ୧୯।୯(ଏଜେନ୍ସି):ରୁଷର କାମଚଟକା ଉପଦୀପର ପୂର୍ବ ଉପକୂଳରେ ପୁଣି ଭୂକମ୍ପ ଆସିଛି। ଶୁକ୍ରବାର ସକାଳେ ହୋଇଥିବା ଏହି ଭୂକମ୍ପର ତୀବ୍ରତା ୭.୮ ଥିଲା। ଏହାପରେ ୫ଟି ପରବର୍ତ୍ତୀ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଥିଲା ଓ ଏଗୁଡିକର ତୀବ୍ରତା ୫.୮ ଥିଲା। ଭୂକମ୍ପ ପରେ ସୁନାମୀ ସତର୍କତା ଜାରି କରାଯାଇଛି। ଉପକୂଳବର୍ତ୍ତୀ ଅଞ୍ଚଳରେ ୩୦ରୁ ୬୨ ସେଣ୍ଟିମିଟର ଉଚ୍ଚର ଲହଡୀ ଆସିବ ବୋଲି ଆଶଙ୍କା କରାଯାଉଛି। ଜରୁରୀ କାଳୀନ ସୁବିଧା ସୁଯୋଗ ଉପଲବ୍ଧ କରାଇବା ପାଇଁ ସବୁ ପ୍ରକାର ଆଲର୍ଟ ଜାରି କରାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ। ଏଥିସହ ଗତ ୩ ମାସରେ ୭ କିମ୍ବା ତାଠାରୁ ଅଧିକ ତୀବ୍ରତାର ଭୂକମ୍ପ ୪ଥର ଆସିଲାଣି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରାଯାଇଥିବା ଭୂକମ୍ପର ଭିଡିଓରେ ଘରର ଆସବାପତ୍ର ଓ ଲାଇଟ୍ ହଲୁଥିବାର ଦେଖାଯାଇଛି। ଭୂକମ୍ପର ଝଟ୍‌କା ଏପରିଥିଲା ଯେ, ସଡକ ଉପରେ ଛିଡା ହୋଇଥିବା ଗାଡ଼ି ମଧ୍ୟ ହଲୁଥିବାର ଦେଖାଯାଇଥିଲା। ଆମେରିକା ଭୂବିଜ୍ଞାନ ସର୍ବେକ୍ଷଣ (ୟୁଏସ୍‌ଜିଏସ୍) ଅନୁସାରେ ଏହି ଭୂକମ୍ପର ଏପିସେଣ୍ଟର ପେଟ୍ରୋପାଭଲୋଭସ୍କି- କାମଚାଟସ୍କି ସହରଠାରୁ ୧୨୮ କିମି ଦୂର ଓ ଭୂପୃଷ୍ଠଠାରୁ ୧୦କମି ଗଭୀରରେ ଥିଲା। କିନ୍ତୁ ରୁଷିଆ ଜିଓଫିଜିକାଲ ସର୍ଭେ କହିଛି ଯେ, ଏହି ଭୂକମ୍ପର ତୀବ୍ରତା ୭.୪ ଥିଲା। କାମଚଟକାର ପୂର୍ବ ଉପକୂଳରେ ସୁନାମୀ ସତର୍କତା ଜାରି କରାଯାଇଛି।

### ନେପାଳ ଏବେ ଶୂନ୍ୟ ସ୍ଥିତିରେ: ସୁଶୀଳା କାର୍କି

# ଜେନ୍- ଜେଡ୍ ଆନ୍ଦୋଳନରେ ସବୁ ଜଳି ଛାରଖାର୍



**■ ସରକାରୀ ଭିତ୍ତିଭୂମି, କାଗଜପତ୍ର ସ୍ୱାହା**

କାଠମାଣ୍ଡୁ, ୧୯।୯(ଏଜେନ୍ସି): ନେପାଳ ଏବେ ଜିରୋ ଷ୍ଟେଟ୍ ଅର୍ଥାତ ଶୂନ୍ୟ ସ୍ଥିତିରେ ଅଛି ବୋଲି କାମଚଳା ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି କହିଛନ୍ତି। ସେ ଶପଥ ନେବା ପରେ ହିଁ ଏହି କଥା କହିଛନ୍ତି। ନେପାଳର ସ୍ଥିତି ଏବେ ବହୁତ ଗମ୍ଭୀର। ଜେନ୍- ଜେଡ ଆନ୍ଦୋଳନରେ ସବୁକିଛି ଜଳିପଡ଼ି ଛାରଖାର ହୋଇଛି। ଆମ ପାଖରେ କ୍ୟାବିନେଟ ଅଛି, କିନ୍ତୁ ମନ୍ତ୍ରଣାଳୟ ପାଖରେ କାର୍ଯ୍ୟ କରିବା ପାଇଁ ବିଲ୍ଡିଂ, କାର୍ଯ୍ୟାଳୟ ଓ ଆବଶ୍ୟକୀୟ କାଗଜପତ୍ର କିଛି ନାହିଁ। ରାଜଧାନୀ କାଠମାଣ୍ଡୁର ସିଂହ ଦରବାରରେ ସେପ୍ଟେମ୍ବର ୯ରେ ହୋଇଥିବା ଭୟଙ୍କର ପୋଡା ଜଳାରେ ଦେଶର ସରକାରୀ ଭିତ୍ତିଭୂମକୁ ପୂରାପୂରି ନଷ୍ଟ କରି ଦିଆଯାଇଛି ବୋଲି ସେ କହିଛନ୍ତି।

ସିଂହ ଦରବାରରେ ପରିସର ଏକଦା ଏକ ଭବ୍ୟ ମହଲ ଥିଲା ଓ ଏଥିରେ ୨୦ରୁ ଅଧିକ ମନ୍ତ୍ରଣାଳୟର ମୁଖ୍ୟ କାର୍ଯ୍ୟାଳୟ ଥିଲା। ଏବେ କିନ୍ତୁ ଏହା ଆବର୍ଜନାର କେନ୍ଦ୍ରରେ ପରିଣତ ହୋଇଛି। ଏହି ଦୁର୍ନୀତି ବିରୋଧୀ ଆନ୍ଦୋଳନରେ ଦେଶର ସଂସଦ ଓ ପ୍ରାୟ ସବୁ ମନ୍ତ୍ରଣାଳୟର କାର୍ଯ୍ୟାଳୟ ନଷ୍ଟ ହୋଇଛି। ଏହି କ୍ରମରେ ସରକାରୀ କାଗଜପତ୍ର, ଜନ୍ମପ୍ରମାଣ ପତ୍ର, କମ୍ପାନୀ ରେଜିଷ୍ଟ୍ରେସନ ଓ ଅନ୍ତରାଷ୍ଟ୍ରୀୟସ୍ତରରେ ହୋଇଥିବା ବୁଝାମଣା ତଥା ଚୁକ୍ତିର ମୂଳ କାଗଜପତ୍ର ଜଳି ନଷ୍ଟ ହୋଇଛି। କେବଳ ସୁପ୍ରିମକୋର୍ଟର ୬୦ ହଜାର ଫାଇଲ ଜଳି ପାଉଁଷ ହୋଇଛି। ସଂସଦ, ରାଷ୍ଟ୍ରପତି ଭବନଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ, ସରକାରଙ୍କ ୩୦୦ରୁ ଅଧିକ ବିଲ୍ଡିଂରେ ନିଆଁ ଲଗାଇ ନଷ୍ଟ କରିଦିଆଯାଇଛି। ଦେଶ ଚଳାଇବାକୁ ସବୁ ସଂସ୍ଥା ଓ ଦସ୍ତାବିଜ ନଷ୍ଟ ହୋଇଛି ଓ ଆମେ ଏବେ ଶୂନ୍ୟ ସ୍ଥିତିରେ ଅଛୁ ବୋଲି ସୁଶୀଳା କହିଛନ୍ତି। କିନ୍ତୁ ଆମେ ପୁଣି ଥରେ ଉଠି ଛିଡା ହେବୁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବିଭିନ୍ନ ଦସ୍ତାବିଜ ଜଳିଯିବା ପରେ ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। କାଠମାଣ୍ଡୁ ଘାଟୀର ସବୁ ୧୧୨ ପୁଲିସ ଥାନା ନଷ୍ଟ ହୋଇଛି। ତେଣୁ ପୁଲିସ କର୍ମଚାରୀ ସବୁ ତମ୍ବୁରେ ରହି କାର୍ଯ୍ୟ କରୁଛନ୍ତି। ଲୋକ ଜନ୍ମପ୍ରମାଣ ପତ୍ର, ପାସପୋର୍ଟ, ପେନ୍‌ସନ ଓ ବ୍ୟାଙ୍କ ସେବା ପାଇଁ ହନ୍ତସନ୍ତ ହେଉଛନ୍ତି। ଆର୍ଥିକ ଓ ରାଜନୈତିକ ଅସ୍ଥିରତା ପାଇଁ ପ୍ରତିଦିନ ଦୁଇ ହଜାର ନେପାଳ ନାଗରିକ ବିଦେଶ ପଳାୟନ କରୁଛନ୍ତି। ବିତାଡ଼ିତ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ୯ ଦିନ ପରେ ନିଜ ଘରେ ପହଞ୍ଚିଛନ୍ତି। ପୁଣି ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଉନ୍ନତି ଆଣିବାକୁ ସୁଶୀଳା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଟେଲିଫୋନ୍‌ରେ କଥା ହୋଇଛନ୍ତି। ଦେଶରେ ଶାନ୍ତି ଫେରାଇ ଆଣିବାକୁ ଭାରତ ସବୁ ପ୍ରକାର ସହଯୋଗ କରିବ ବୋଲି ମୋଦୀ ପ୍ରତିଶ୍ରୁତ ଦେଇଛନ୍ତି।

## ଭିଜିଲାନ୍ସ ଜାଲରେ କାଶୀପୁର ରେଞ୍ଜର

କାଶୀପୁର,୧୯।୯(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଅନ୍ତର୍ଗତ କାଶୀପୁର ରେଞ୍ଜର (ବନାଞ୍ଚଳ ଅଧିକାରୀ) ଅନ୍ତର୍ଯ୍ୟାମୀ ସାହୁଙ୍କ କାଶୀପୁରସ୍ଥିତ ସରକାରୀ ବାସଭବନ ଓ କାର୍ଯ୍ୟାଳୟରେ ଆଜି ଭିଜିଲାନ୍ସ ଚଢ଼ଉ କରିଛି। ଏଥିସହ ଭିଜିଲାନ୍ସ ଟିମ୍ କାଶୀପୁର, ବ୍ରହ୍ମପୁର, ବାଲିଗୁଡ଼ା, ଭଞ୍ଜନଗର, ନୟାଗଡ଼ ସମେତ ରାଜ୍ୟର ୯ଟି ସ୍ଥାନରେ ଏକକାଳୀନ ଚଢ଼ଉ କରିଛନ୍ତି। ଯାଞ୍ଚ ବେଳେ ତାଙ୍କର ବାଲିଗୁଡ଼ା



**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୯ ସ୍ଥାନରେ ଚଢ଼ଉ**

ସହର ଉପକଣ୍ଠରେ ୬ଟି ପ୍ଲଟ୍, ବ୍ରହ୍ମପୁରର ଜୋଗିଆପାଲିରେ ଗୋଟିଏ ପ୍ଲଟ୍, ଗଞ୍ଜାମର କୋଡାସିଂରେ ୨ଟି ପ୍ଲଟ୍ ସମେତ ୯ଟି ମୂଲ୍ୟବାନ ପ୍ଲଟ୍ ଠାବ କରାଯାଇଛି। ବ୍ୟାଙ୍କ, ଡାକ ଏବଂ ବୀମାଜମା ଏବଂ ଅନ୍ୟାନ୍ୟ ନିବେଶ ଉପରେ ଯାଞ୍ଚ କରାଯାଉଛି। ଏଥିସହ ତାଙ୍କର ବାଲିଗୁଡ଼ା ଏସ୍‌ବିଆଇ ଶାଖରେ ଏକ ଲକର୍ ଥିବା ମଧ୍ୟ ଜଣାପଡ଼ିଛି। ଚଢ଼ଉ ଜାରି ରହିଥିବାରୁ ସମ୍ପତ୍ତି ନେଇ ସବିଶେଷ ତଥ୍ୟ ମିଳିପାରିନାହିଁ। କାଶୀପୁର ସରକାରୀ ବାସଭବନ ଏବଂ ବନବିଭାଗ କାର୍ଯ୍ୟାଳୟରେ ଯାଞ୍ଚ କରିବା ପରେ ଶ୍ରୀ ସାହୁଙ୍କୁ ରାୟଗଡ଼ା ଜିଲ୍ଲା ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରୁ ଜୟପୁରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇ ପଚରାଉଚରା କରାଯାଉଥିବା ସୂଚନା ମିଳିଛି। ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଏସ୍‌ପି ଅନନ୍ତ ମଲ୍ଲିକଙ୍କ ଉପସ୍ଥିତିରେ ୭ଜଣ ଡିଏସ୍‌ପି, ୬ଜଣ ଇନ୍ସପେକ୍ଟର୍, ୯ ଏଏସ୍‌ଆଇ ଓ ଅନ୍ୟାନ୍ୟ କର୍ମଚାରୀ ଏହି ଚଢ଼ଉରେ ସାମିଲ ଅଛନ୍ତି।

■ ପାରିବାରିକ କଳହର କରୁଣ ପରିଣତି

## ସ୍ତ୍ରୀର ମୁଣ୍ଡଗଣ୍ଡି ଅଲଗା କରିଦେଲା

ଜଳେଶ୍ୱର/ଜଳେଶ୍ୱର ବ୍ଲକ୍, ୧୯।୯ (ସମିସ): ଶୋଇଥିବା ଅବସ୍ଥାରେ ପତ୍ନୀର ଗଣ୍ଡିମୁଣ୍ଡ ଅଲଗା କରିଦେଲା ସ୍ୱାମୀ। ବାଲେଶ୍ୱର ଜିଲ୍ଲା ରାଇବଣିଆ ଥାନା ଅଧୀନ କାଳିକ ପଞ୍ଚାୟତର ୨ନମ୍ବର ୱାର୍ଡର ଚକୁଆପାଳ ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଜୟନ୍ତୀ ପାତ୍ର(୪୫)। ଜୟନ୍ତୀଙ୍କୁ ଗତରାତିରେ ହତ୍ୟା କରିବା ପରେ ଆଜି ସକାଳୁ ଅଭିଯୁକ୍ତ ସ୍ୱାମୀ ଚନ୍ଦ୍ରମୋହନ ପାତ୍ର ରାଇବଣିଆ ଥାନାରେ ଆତ୍ମସମର୍ପଣ କରିଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ୮୪/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ଚନ୍ଦ୍ରମୋହନଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, ଜୟନ୍ତୀ ଓ ଚନ୍ଦ୍ରମୋହନଙ୍କ ମଧ୍ୟରେ ବିଭିନ୍ନ କଥାକୁ ନେଇ କଳହ ଲାଗି ରହୁଥିଲା। ଗତରାତିରେ ମଧ୍ୟ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ରାତିରେ ସମସ୍ତେ ଖାଇପିଇ ଶୋଇଥିଲେ। ଏହି ସମୟରେ ଚନ୍ଦ୍ରମୋହନ ଏକ ଧାରୁଆ ଅସ୍ତ୍ରରେ ଜୟନ୍ତୀଙ୍କ ମୁଣ୍ଡକୁ କାଟି ଦେଇଥିଲା। ଆଜି ସକାଳେ ଚନ୍ଦ୍ରମୋହନ ଥାନାରେ ଆତ୍ମସମର୍ପଣ କରିବା ପରେ ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ କୁମାର ବେହେରା, ରାଇବଣିଆ ଥାନା ଅଧିକାରୀଣୀ ଲୋପାମୁଦ୍ରା ପଣ୍ଡା ଓ ବାଲେଶ୍ୱରରୁ ୩ ଜଣିଆ ସାଇଣ୍ଟିଫିକ୍ ଟିମ୍ ଗାଁରେ ପହଞ୍ଚି ତଦନ୍ତ କରିଥିଲେ।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ବାରିପଦା, ୧୯।୯(ସମିସ): ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ସ୍ପେଶାଲ ପୋକସୋ କୋର୍ଟରେ ଶୁକ୍ରବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପ୍ରତିମା ପାତ୍ର ମାମଲାର ବିଚାର କରି ଅଭିଯୁକ୍ତ ତିରିଂ ଥାନା ଅଞ୍ଚଳର ଜମାଦାର ବୁରିଉଲି (୩୪)କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହାସହ ୬୦ ହଜାର ଟଙ୍କା ଜରିମାନା ଅନାଦେୟ ଅତିରିକ୍ତ ୧ବର୍ଷ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସମସ୍ତ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୭ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଜିଲ୍ଲା ଆଇନ ପ୍ରାଧିକରଣଙ୍କୁ ସୁପାରିସ କରାଯାଇଛି। ୨୦୨୧ ଅଗଷ୍ଟ ୨୪ରେ ପୀଡ଼ିତାଙ୍କ ଘରେ ଏକ ଭୋଜିର ଆୟୋଜନ ହୋଇଥିଲା। ଆସାମୀ ଜମାଦାର ସେଥିରେ ଯୋଗ ଦେଇଥିଲା। ଅପରହ୍ଣରେ ସେ ନାବାଳିକାକୁ ପ୍ରଲୋଭନ ଦେଖାଇ ନିକଟସ୍ଥ ଜଙ୍ଗଲକୁ ନେଇ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ ପରିବାରଲୋକ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ଅଭିନ୍ନ କୁମାର ପଟ୍ଟନାୟକ ପରିଚାଳନା କରୁଥିଲେ।

**ରାଜସ୍ୱ ବିଭାଗର ନିର୍ଦ୍ଦେଶନାମା**

## ଗୋଟିଏ ଜାଗାରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଥିଲେ ବଦଳି

ଭୁବନେଶ୍ୱର,୧୯।୯(ସମିସ): ଗୋଟିଏ ସ୍ଥାନରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରାଜସ୍ୱ ବିଭାଗ କର୍ମଚାରୀ କାର୍ଯ୍ୟ କରିପାରିବେ ନାହିଁ। ୩ ବର୍ଷ ଧରି ଗୋଟିଏ ସ୍ଥାନରେ ଥିବା ରାଜସ୍ୱ କର୍ମଚାରୀଙ୍କୁ ବଦଳି ପାଇଁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ରାଜସ୍ୱ ବିଭାଗ ନିର୍ଦ୍ଦେଶ ଦେଇଛି। ୩ ବର୍ଷରୁ ଅଧିକ ସମୟ ପୂରଣ କରୁଥିଲେ ସେକ୍ସନ୍ ଅଫିସର୍, ସିନିୟର୍ ରେଭିନ୍ୟୁ ଆସିଷ୍ଟାଣ୍ଟ, ଜୁନିୟର୍ ରେଭିନ୍ୟୁ ଆସିଷ୍ଟାଣ୍ଟଙ୍କ ସହ ଆର୍‌ଆଇ, ସହକାରୀ ଆର୍‌ଆଇ, ଅମିନଙ୍କର ବଦଳି ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଜିଲ୍ଲାପାଳ, ଉପଜିଲ୍ଲାପାଳ, ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ରାଜସ୍ୱ ବିଭାଗ କର୍ମଚାରୀଙ୍କ ପାଇଁ ଏହି ନିର୍ଦ୍ଦେଶନାମା ଲାଗୁ ହେବ। ରାଜସ୍ୱ ପ୍ରଶାସନ ଅଧୀନରେ କାର୍ଯ୍ୟ କରୁଥିବା କିଛି କର୍ମଚାରୀଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ଆସୁଛି। ନିୟମିତ ଭାବେ କର୍ମଚାରୀଙ୍କ ବଦଳି ପାଇଁ ସରକାରୀ ନିର୍ଦ୍ଦେଶ ଥିଲେ ମଧ୍ୟ ବହୁ କର୍ମଚାରୀ ଗୋଟିଏ ଅଫିସ ଅବା ପଦବିରେ ବର୍ଷ ବର୍ଷ ଧରି ରହିଛନ୍ତି। ତେଣୁ ବିଭାଗ ପକ୍ଷରୁ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ବିଭାଗର ନିର୍ଦ୍ଦେଶନାମା ଉପରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ବିଭାଗକୁ ୧୫ ଦିନ ମଧ୍ୟରେ ଅବଗତ କରାଇବାକୁ ଚିଠିରେ ଉଲ୍ଲେଖ ରହିଛି।

# ସରକାରଙ୍କ ତଣ୍ଟିରେ ରତ୍ନ ଅଳଙ୍କାର କଣ୍ଟା

ପୁରୀ,୧୯।୯(ସମିସ): ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ନେଇ ବିଗତ ଦିନରେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ରାଜନୀତି ସରଗରମ ହୋଇଛି। ଏବେ ବି ଏହା ଉପରେ ରହିରହି ତର୍ଜମା ଚାଲିଛି। କେବେ ଗଣତିମଣତି ହେବ ମହାପ୍ରଭୁଙ୍କ ଦୁର୍ମୂଲ୍ୟ ରତ୍ନ ଅଳଙ୍କାର? ଏହି ପ୍ରଶ୍ନ ଏବେ ପ୍ରତ୍ୟେକ ଜଗନ୍ନାଥପ୍ରେମୀଙ୍କ ମନରେ ଉଙ୍କି ମାରୁଥିବା ବେଳେ ଏହାକୁ ନେଇ ଏବେ ଦୋଛକିରେ ରାଜ୍ୟ ସରକାର। ଗଣିଲେ ଦୋଷ, ନ ଗଣିଲେ ବି ବଦ୍‌ନାମ। ରାଜ୍ୟର ନୂଆ ବିଜେପି ସରକାର ତଣ୍ଟିରେ ଏବେ ରତ୍ନଅଳଙ୍କାର କଣ୍ଟା ଲାଗିଛି। ନା ଢୋକି ପାରୁଛନ୍ତି ନା କାଢ଼ି ପାରୁଛନ୍ତି। ଏହାରି ଭିତରେ କେବେ ପୂର୍ବ ତାଲିକା ସହ ମହାପ୍ରଭୁଙ୍କ ରତ୍ନଅଳଙ୍କାର ମେଳ କରାଯିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

୨୦୨୪ ସାଧାରଣ ନିର୍ବାଚନରେ ବିଜେପି ରତ୍ନଭଣ୍ଡାରକୁ ଏକ ପ୍ରମୁଖ ପ୍ରସଙ୍ଗ କରିଥିଲା। ବିଜେପିର ଜାତୀୟସ୍ତରର ନେତାଙ୍କ ସମେତ ଅନ୍ୟ ରାଜ୍ୟର ନେତାମନ୍ତ୍ରୀମାନେ ମଧ୍ୟ ରତ୍ନଭଣ୍ଡାରକୁ ପ୍ରସଙ୍ଗ କରି ଓଡ଼ିଶାରେ ନିର୍ବାଚନ ମଞ୍ଚକୁ ଦୋହଲାଇଥିଲେ। ରତ୍ନଭଣ୍ଡାର ଚାବି କୁଆଡ଼େ ଗଲା ବୋଲି ପ୍ରଶ୍ନ କରି ପୂର୍ବର ବିଜେଡି ସରକାରଙ୍କ ଉପରକୁ ଅଙ୍ଗୁଳି ଉଠାଇଥିଲେ। ମହାପ୍ରଭୁଙ୍କ ରତ୍ନଅଳଙ୍କାର ସୁରକ୍ଷାକୁ ନେଇ ବି ରାଜ୍ୟ ବିଜେପି ନେତାମାନେ ରଡ଼ି ଛାଡ଼ିଥିଲେ। ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ନିର୍ବାଚନୀ ପ୍ରତିଶ୍ରୁତି ରକ୍ଷା କରି ରତ୍ନଭଣ୍ଡାର ଖୋଲିବା ଏବଂ ଗଣତିମଣତି



ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କଲା। ଶେଷରେ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ, ଗତବର୍ଷ ଜୁଲାଇ ୧୪ ଏବଂ ଜୁଲାଇ ୧୮ରେ ବାହାର ଓ ଭିତର ରତ୍ନଭଣ୍ଡାର ଖୋଲାଯାଇଥିଲା। ସମସ୍ତ ଅଳଙ୍କାର ତଥା ମୂଲ୍ୟବାନ ସାମଗ୍ରୀ ବାହାରକୁ ଅଣାଯାଇ ଅସ୍ଥାୟୀ ରତ୍ନଭଣ୍ଡାରରେ ରଖାଯାଇଛି। ପରେ ଏଏସ୍‌ଆଇକୁ ଉଭୟ ରତ୍ନଭଣ୍ଡାରର ସଂରକ୍ଷଣ ତଥା ମରାମତି ଦାୟିତ୍ୱ ଦିଆଯାଇଥିଲା। ଗତବର୍ଷ ଡିସେମ୍ବର ୧୭ରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇ ପ୍ରାୟ ୬ମାସ ଧରି ଚାଲିଥିଲା। ୯୫ ଦିନ ଧରି ମରାମତି କାର୍ଯ୍ୟ ପରେ ଗତ ଜୁନ୍‌ରେ ରତ୍ନଭଣ୍ଡାରକୁ ଏଏସ୍‌ଆଇ ଶ୍ରୀମନ୍ଦିର ଜିମା ଦେଇସାରିଛି। କାର୍ଯ୍ୟ ଶେଷ ହୋଇଥିବାରୁ ପୂର୍ବ ନିଷ୍ପତ୍ତି ପ୍ରକାରେ ଅସ୍ଥାୟୀ ରତ୍ନଭଣ୍ଡାରରୁ ସମସ୍ତ ଅଳଙ୍କାର ସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ। କିନ୍ତୁ, ଏହାକୁ ନେଇ

**■ ନା ଢୋକି ପାରୁଛନ୍ତି ନା କାଢ଼ି ପାରୁଛନ୍ତି**
**■ ବଦ୍‌ନାମ ହେବାର ଭୟ ଘାରୁଥିବା ଚର୍ଚ୍ଚା**

ଏବେ ପ୍ରଶ୍ନ ଉଠାଇଛନ୍ତି ସେବାୟତ ଓ ବୁଦ୍ଧିଜୀବୀ। ସ୍ଥାୟୀ ରତ୍ନଭଣ୍ଡାର ଘରେ ରଖିବା ପୂର୍ବରୁ ରତ୍ନ ଅଳଙ୍କାର କାହିଁକି ଗଣତିମଣତି କରାଯାଉନାହିଁ ବୋଲି ପ୍ରଶ୍ନ କରିଛନ୍ତି।

ମହାପ୍ରଭୁଙ୍କ ରତ୍ନଅଳଙ୍କାରକୁ ନେଇ ଏବେ ବିଜେପି ସରକାର ଦୋଛକିରେ ପଡ଼ିଥିବା ଚର୍ଚ୍ଚା ହେଉଛି। କାରଣ, ରତ୍ନଭଣ୍ଡାରକୁ ନେଇ ପୂର୍ବରୁ ବିଜେପି ନାନା ମନଗଢ଼ା କଥା କହିଥିଲା। ରତ୍ନ ଅଳଙ୍କାରର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଥିବା ବେଳେ ଚାବି କୁଆଡ଼େ ଗଲା, ପାତାଳରେ ଥିଲେ ବି ଆମେ ଖୋଜି ବାହାର କରିବୁ ବୋଲି କହିଥିଲା। ହେଲେ ରତ୍ନଭଣ୍ଡାର ଖୋଲିବା ପୂର୍ବରୁ ରତ୍ନଅଳଙ୍କାର ଗଣତିମଣତି କରିବା ଆବଶ୍ୟକତା ଥିଲା। ୧୯୭୮ ତାଲିକା ସହ ମେଳ କରାଇ ଦେଇଥିଲେ ସବୁ ଦ୍ୱନ୍ଦ୍ୱ ସ୍ପଷ୍ଟ ହୋଇଥା'ନ୍ତା। କିନ୍ତୁ, ତାହା କରାଯାଇନାହିଁ। ଏବେ ଅସ୍ଥାୟୀ ଘରେ ରହିଛି ରତ୍ନ ଅଳଙ୍କାର। ଯଦି ଗଣତିମଣତି କରାଯାଏ ଏବଂ ଠାକୁରଙ୍କ ଅଳଙ୍କାର ପୂର୍ବ ତାଲିକା ସହ ମେଳ ଖାଏ, ତା' ହେଲେ ବିଜେପିର ମିଛ ଧରାପଡ଼ିଯିବ। କାରଣ ରତ୍ନଭଣ୍ଡାର ଚାବି ଏବଂ ଅଳଙ୍କାର ଚୋରି ହୋଇଥିବା ନେଇ ସେତେବେଳେ ନାନାପ୍ରକାର ଚର୍ଚ୍ଚା ହୋଇଥିଲା। ଏମିତି ବି ଯଦି ପୂର୍ବ ତାଲିକା ସହ ମେଳ ନଖାଏ କିମ୍ବା କିଛି ଅଳଙ୍କାର କମ୍ ଜଣାପଡ଼ିବ, ତେବେ ବିଜେପି ସରକାରକୁ ସମସ୍ତେ ଦୋଷାରୋପ କରିବେ। କାରଣ ନିୟମ ଅନୁସାରେ ଖୋଲିବା ବେଳେ ହିଁ ଗଣତିମଣତି ବା ମାପଚୁପ୍ କରିବା କଥା, ଯାହା କରାଯାଇ ନଥିଲା। ଏଥିପାଇଁ ପୂର୍ବ ସରକାରଙ୍କୁ ଆଉ ବଦନାମ କରାଯାଇପାରିବ ନାହିଁ। ତେଣୁ, ଏମିତି ରତ୍ନଭଣ୍ଡାରର ରତ୍ନ ଅଳଙ୍କାର କଣ୍ଟା ଏବେ ବିଜେପି ସରକାର ତଣ୍ଟିରେ ଲାଗିଯାଇଛି। ଯେଉଁଥିପାଇଁ ଗଣତିମଣତି ଏକପ୍ରକାର ଅନ୍ଧକାର ଭିତରକୁ ଠେଲି ହୋଇଯାଇଥିବା ନେଇ ଚର୍ଚ୍ଚା ହେଉଛି।

## ଅମର୍ଦ୍ଦା ରୋଡ୍ ଏୟାରଷ୍ଟ୍ରିପ୍‌ରେ ଏମ୍‌ଆରଓ ପ୍ରତିଷ୍ଠା ଦାବି

ବାରିପଦା,୧୯।୯(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁରସ୍ଥିତ ଅମର୍ଦ୍ଦାରୋଡ୍ ଏୟାରଷ୍ଟ୍ରିପ୍‌ଠାରେ ଦେଶର ପ୍ରଥମ ବିମାନ ରକ୍ଷଣାବେକ୍ଷଣ ଓ ମରାମତି କେନ୍ଦ୍ର (ଏମ୍‌ଆର୍‌ଓ) ପ୍ରତିଷ୍ଠା କରିବା ପାଇଁ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ କେନ୍ଦ୍ର ସରକାରଙ୍କ

**କେନ୍ଦ୍ର ସରକାରଙ୍କ ଦୃଷ୍ଟିଆକର୍ଷଣ କଲେ ମହାରାଜା**

ଦୃଷ୍ଟି ଆକର୍ଷଣ କରିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସିଥିବା ବେଳେ ଶ୍ରୀ ଭଞ୍ଜଦେଓ ତାଙ୍କୁ ଏ ସଂପର୍କିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାକୁ କାର୍ଯ୍ୟକାରୀ କରିବାକୁ ସେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଅନୁରୋଧ କରିଛନ୍ତି। ଏହାସହ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପ୍ରମୁଖଙ୍କୁ ମଧ୍ୟ ଏ ସଂକ୍ରାନ୍ତୀୟ ପତ୍ର ଲେଖିଛନ୍ତି।

ଚିଠିରେ ଶ୍ରୀ ଭଞ୍ଜଦେଓ ଉଲ୍ଲେଖ କରିଛନ୍ତି ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ତାଙ୍କ ଜେଜେବାପା ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓଙ୍କ ସହାୟତାରେ ରୟାଲ୍ ଏୟାରଫୋର୍ସ ପକ୍ଷରୁ ୯ ଶହ ଏକର ଜମି ଉପରେ ଉକ୍ତ ବିମାନବନ୍ଦର ନିର୍ମାଣ କରାଯାଇଥିଲା। ୩.୫ କିମି ଦୈର୍ଘ୍ୟ ବିଶିଷ୍ଟ ରନ୍‌ୱେ, ୬୦ କିମି ଦୈର୍ଘ୍ୟ ବିଶିଷ୍ଟ ଟ୍ୟାକ୍ସି-ୱେ ଏବଂ ଏପ୍ରନକୁ ନେଇ ସେତେବେଳେ ଏହା ସମଗ୍ର ଏସିଆ ମହାଦେଶର ସର୍ବବୃହତ୍ ବିମାନବନ୍ଦର ଭାବେ ଖ୍ୟାତ ଥିଲା। ମାତ୍ର ଯୁଦ୍ଧ ସରିବା ପରେ ଏବେ ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଯଦିଓ ଏହାକୁ 'ଉଡାନ୍' ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି, କିନ୍ତୁ ଏହାର ବ୍ୟାପକତାକୁ ଲକ୍ଷ୍ୟ କଲେ ଏମ୍‌ଆରଓ ସ୍ଥାପନ ପାଇଁ ଏହା ଦେଶର ସର୍ବୋତ୍କୃଷ୍ଟ ସ୍ଥାନ ବୋଲି ଶ୍ରୀ ଭଞ୍ଜଦେଓ ଦର୍ଶାଇଛନ୍ତି।

ଦେଶରେ ଏମ୍‌ଆର୍‌ଓ ସୁବିଧା ନଥିବାରୁ ବିମାନ ଚଳାଚଳ କମ୍ପାନୀଗୁଡ଼ିକ ହଂକଂ, ସିଙ୍ଗାପୁର ଓ ଅଷ୍ଟ୍ରେଲିଆ ଉପରେ ନିର୍ଭର କରୁଛନ୍ତି। ଆମ ଦେଶର ଏୟାରଲାଇନଗୁଡ଼ିକ ବର୍ଷକୁ ୨୦ ହଜାର କୋଟି ଟଙ୍କା ସେହି ଦେଶଗୁଡ଼ିକରେ ଖର୍ଚ୍ଚ କରୁଛନ୍ତି ବୋଲି ଜାତୀୟ ଅର୍ଥନୈତିକ ସର୍ବେକ୍ଷଣ (୨୦୨୩-୨୪)ରେ କୁହାଯାଇଛି। ଏହା ଆଗାମୀ ୫ବର୍ଷ ମଧ୍ୟରେ ୩୭ହଜାର ୬ଶହ କୋଟି ଟଙ୍କାକୁ ଛୁଇଁବ ବୋଲି ଆକଳନ କରାଯାଉଛି। ଏସବୁକୁ ଲକ୍ଷ୍ୟ କଲେ, ଦେଶରେ ଏକ ଏମ୍‌ଆରଓ ସ୍ଥାପନ କରିବା ଅତ୍ୟନ୍ତ ଜରୁରୀ। ଏଠାରେ ସମସ୍ତ ଭିତ୍ତିଭୂମି ରହିଥିବାରୁ ଅତି କମ୍ ଖର୍ଚ୍ଚରେ ଏହା ଆରମ୍ଭ କରାଯାଇପାରିବ। ରାସଗୋବିନ୍ଦପୁରଠାରେ ଏମ୍‌ଆରଓ ପ୍ରତିଷ୍ଠା ହେଲେ ମୟୂରଭଞ୍ଜ ତଥା ସମଗ୍ର ଉତ୍ତରଓଡ଼ିଶାରେ ଅସଂଖ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ସରକାରଙ୍କ ରାଜସ୍ୱ ବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ଭଞ୍ଜଦେଓ ଆଶାପୋଷଣ କରିଛନ୍ତି।

## ମୃତ ଯାତ୍ରୀଙ୍କ ପରିବାରକୁ ୯ ଲକ୍ଷ କ୍ଷତିପୂରଣ ଦେବ ରେଳବାଇ


କଟକ, ୧୯।୯ (ସମିସ): ରେଳଯାତ୍ରା ବେଳେ ଯାତ୍ରୀଙ୍କ ମୃତ୍ୟୁ ହେଲେ, ମୃତକଙ୍କ ପରିବାରକୁ ସମବେଦନା ଏବଂ ସହାୟତା ପ୍ରଦାନ କରିବା ରେଳବାଇର ପ୍ରଥମ କର୍ତ୍ତବ୍ୟ। ଏଭଳି ପରିବାରକୁ ମକଦ୍ଦମା ଦାୟର କରିବାକୁ ବାଧ୍ୟ କରିବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଉତ୍ତରଦାୟିତ୍ୱର ଅବସାନ ବୋଲି ବିବେଚନା କରାଯିବ। ଏକ ମାମଲାର ଶୁଣାଣି କରି ହାଇକୋର୍ଟ ଆଜି ଏପରି କହିଛନ୍ତି। ଏହାସହ, ୨୦୦୬ ମସିହାରେ ରେଳଯାତ୍ରା ସମୟରେ ପ୍ରାଣ ହରାଇଥିବା ଜଣେ ଯାତ୍ରୀଙ୍କ ସମ୍ପର୍କୀୟଙ୍କୁ ୪ମାସ ମଧ୍ୟରେ ୯ଲକ୍ଷ ୨୩ ହଜାର ୫୬୨ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ହାଇକୋର୍ଟ ରେଳବାଇକୁ ନିର୍ଦ୍ଦେଶ ଦେଇଛନ୍ତି। ସତ୍ୟଜିତ ସ୍ୱାଇଁଙ୍କ ଆବେଦନର ଶୁଣାଣି କରି ଡକ୍ଟର ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ନିର୍ଦ୍ଧାରିତ ସମୟସୀମା ଭିତରେ କ୍ଷତିପୂରଣ ରାଶି ପ୍ରଦାନ କରାନଗଲେ, ୭ ପ୍ରତିଶତ ସୁଧ ବାବଦ ଅର୍ଥ ଆବେଦନକାରୀଙ୍କୁ ପଇଠ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଅନ୍ୟପଟେ, ଆବେଦନକାରୀଙ୍କ କ୍ଷତିପୂରଣ ଦାବି ଦରଖାସ୍ତକୁ ଖାରଜ କରି ଭୁବନେଶ୍ୱରସ୍ଥିତ ରେଲୱେ କ୍ଲେମସ୍ ଟ୍ରିବୁନାଲ ୨୦୨୪, ଏପ୍ରିଲ ୨୪ରେ ପ୍ରଦାନ କରିଥିବା ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଗତ ୨୦୦୬, ଡିସେମ୍ବର ୨୫ରେ ଆହ୍ଲାବାଦରୁ କଟକ ଯିବା ପାଇଁ ସର୍ବେଶ୍ୱର ସ୍ୱାଇଁ ନୀଳାଚଳ ଏକ୍ସପ୍ରେସରେ ଯାତ୍ରା କରୁଥିବା ବେଳେ ଟ୍ରେନ୍ ଭିତରେ ଝଟକା ଲାଗିବା କାରଣରୁ ସେ କମ୍ପାର୍ଟମେଣ୍ଟ ଭିତରେ ଚେତା ହରାଇ ପଡ଼ିଯାଇଥିଲେ। ତାଙ୍କ ମସ୍ତିଷ୍କ ଓ ଶରୀରର ଅନ୍ୟ ସ୍ଥାନରେ ଆଘାତ ଲାଗିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୟା ସରକାରୀ ଡାକ୍ତରଖାନାରେ ୨୦୦୬, ଡିସେମ୍ବର ୨୭ରେ ତାଙ୍କର ମୃତ୍ୟୁ ହୋଇଥିଲା।

## 'ନ୍ୟାସନାଲ ଜିଓଗ୍ରାଫିକ୍' ପ୍ରଚ୍ଛଦ ପୃଷ୍ଠାରେ ଶିମିଳିପାଳର କଳାବାଘ

ଭୁବନେଶ୍ୱର,୧୯।୯(ସମିସ): ବିଶ୍ୱର ଖ୍ୟାତନାମା ପତ୍ରିକା 'ନ୍ୟାସନାଲ ଜିଓଗ୍ରାଫିକ୍'ର ପ୍ରଚ୍ଛଦ ପୃଷ୍ଠାରେ (କଭର ପେଜ୍)ରେ ସ୍ଥାନ ପାଇଛି ଶିମିଳିପାଳର ବିରଳ କଳାବାଘ ଫଟୋ। ସାରା ବିଶ୍ୱରେ କେବଳ ଶିମିଳିପାଳରେ ଏହି ବିରଳ ପ୍ରଜାତିର କଳାବାଘ ଦେଖାଦେଇଥାନ୍ତି। ପ୍ରସିଦ୍ଧ ଫଟୋଗ୍ରାଫର ପ୍ରସନ୍ନଜିତ ଯାଦବ ଶିମିଳିପାଳରେ ପ୍ରାୟ ୩ ମାସ ପରିଶ୍ରମ ପରେ ଏହି ଫଟୋ ଉଠାଇଥିବା ସୂଚନା ମିଳିଛି। ଶିମିଳିପାଳର ଏହି ବିରଳ କଳାବାଘ ଫଟୋ ବିଶ୍ୱସ୍ତରୀୟ ପତ୍ରିକାରେ ପ୍ରକାଶକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତ କରିଛନ୍ତି।

ଏହି ଆକର୍ଷଣୀୟ ଫଟୋଚିତ୍ରଟି ଅକ୍ଟୋବର ୨୦୨୫ ସଂସ୍କରଣରେ ପ୍ରକାଶିତ ହୋଇଛି। ନ୍ୟାସନାଲ ଜିଓଗ୍ରାଫିକ୍ ଅନୁଯାୟୀ, ଏହି ଫଟୋଟି ଓଡ଼ିଶାର ଶିମିଳିପାଳ ଜାତୀୟ ଉଦ୍ୟାନର ଘଞ୍ଚ ଜଙ୍ଗଲରୁ ଉତ୍ତୋଳନ କରାଯାଇଛି। ବିଶ୍ୱର ଏକମାତ୍ର ସ୍ଥାନ ଭାବେ ଏଠାରେ କଳାବାଘ ଦେଖାଯାଇଥାଏ। ବିରଳ ଜେନେଟିକ୍ ପରିବର୍ତ୍ତନ ଯୋଗୁଁ ଏହି ବାଘମାନଙ୍କ ଶରୀରରେ ଗାଢ଼ ପଟା ଥାଏ। ଶିମିଳିପାଳରେ ପ୍ରାୟ ୩୦




ଟି ବାଘ ରହୁଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ଅଧା ଏହି ପ୍ରଜାତିର। ଏପରି ଏକ ବିରଳ ପ୍ରାଣୀର ଫଟୋଚିତ୍ର ସଂଗ୍ରହ କରିବା ସହଜ କାମ ନ ଥିଲା। କଳା ବାଘକୁ ଟ୍ରାକ୍ କରିବା ଏବଂ ନିରୀକ୍ଷଣ କରିବା ସହ ବାଘଙ୍କର ଗତିବିଧି ଓ ଆଚରଣକୁ ସତର୍କତାର ସହିତ ଅନୁଧ୍ୟାନ କରିବାକୁ ପ୍ରାୟ ୩ ମାସରୁ ଅଧିକ ସମୟ ଲାଗିଥିଲା।

ସୂଚନା ଥାଉ କି, ବହୁତ କମ୍ ଭାରତୀୟ

**■ ୩ ମାସର ପରିଶ୍ରମ ପରେ ସଂଗ୍ରହ ହୋଇଛି ଫଟୋଚିତ୍ର**
**■ ଖୁସିବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ ଓ ବିରୋଧୀଦଳ ନେତା**
**■ କଳାବାଘ ସଫାରୀ ଘୋଷଣା କଥା ଉଲ୍ଲେଖ କଲେ ନବୀନ**

ଫଟୋଗ୍ରାଫର ନ୍ୟାସନାଲ ଜିଓଗ୍ରାଫିକ୍ କଭରରେ ସ୍ଥାନ ପାଇଛନ୍ତି। ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ୍ସ ମାଧ୍ୟମରେ ଖୁସି ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନିଜ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ 'ନ୍ୟାସନାଲ ଜିଓଗ୍ରାଫିକ୍' ପତ୍ରିକାର କଭର ପେଜ୍‌ରେ ଶିମିଳିପାଳର ଅଦ୍ଭୁତ ସୌନ୍ଦର୍ଯ୍ୟକୁ ଦେଖି ବହୁତ ଖୁସି ଲାଗିଲା। ଶିମିଳିପାଳ ଓଡ଼ିଶାର ହୃଦୟ ଭାବେ ପରିଚିତ। ଶିମିଳିପାଳର କଳାବାଘ କାହାଣୀ ପ୍ରତି ଫଟୋଗ୍ରାଫର ଶ୍ରୀ ଯାଦବଙ୍କ ପ୍ରତିବଦ୍ଧତା ଏବଂ ସମର୍ପଣକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ଭବିଷ୍ୟତ ପିଢ଼ିକୁ ଏପରି କାହାଣୀ ପ୍ରେରଣା ଦେବ ବୋଲି ଉଲ୍ଲେଖ କରିଛନ୍ତି।

ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏକ୍ସ ଯୋଗ ଉଲ୍ଲେଖ କରିଛନ୍ତି ଯେ ଶିମିଳିପାଳର ବିରଳ କଳାବାଘକୁ 'ନ୍ୟାସନାଲ ଜିଓଗ୍ରାଫିକ୍'ର କଭର ପେଜ୍‌ରେ ସ୍ଥାନିତ କରାଯାଇଥିବା ଜାଣି ଖୁସି ହେଲି। ପ୍ରକୃତରେ ଓଡ଼ିଶା ପାଇଁ ଏହା ଏକ ଗର୍ବର ମୁହୂର୍ତ୍ତ। ଶିମିଳିପାଳରେ ହିଁ ବିଶେଷତଃ କଳାବାଘ ଦେଖାଯାଇଥାନ୍ତି। ଏହି ମନୋରମ ପ୍ରତିଛବି ତୋଳି ଧରିଥିବାରୁ ଭାରତୀୟ ଫଟୋଗ୍ରାଫର ପ୍ରସେନଜିତ ଯାଦବଙ୍କୁ ନବୀନ ଧନ୍ୟବାଦ ଜଣାଇଛନ୍ତି। ଏହାସହିତ ଗତ ଜାନୁଆରୀ ୨୦୨୪ ରେ, ତତ୍‌କାଳୀନ ବିଜେଡି ସରକାର ବାରିପଦା ନିକଟରେ ବିଶ୍ୱର ପ୍ରଥମ କଳାବାଘ ସଫାରି ଘୋଷଣା କରିଥିଲେ ବୋଲି ନବୀନ ଉଲ୍ଲେଖ କରିଛନ୍ତି।

## ସୌମ୍ୟାଶ୍ରୀ ଘଟଣା ପାଇଁ ଛାତ୍ର ନିର୍ବାଚନକୁ ଡରୁଛନ୍ତି ସରକାର

ଭୁବନେଶ୍ୱର,୧୯।୯(ସମିସ): ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ସରକାରଙ୍କର କୌଣସି ଆଗ୍ରହ ନାହିଁ। ସରକାର ନିର୍ବାଚନ କରିବେ ନା ନାହିଁ, ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇ ନାହିଁ।

**■ ସରକାରଙ୍କ କଥା ଓ କାମରେ ତାଳମେଳ ରହୁନାହିଁ**
**■ ନିର୍ବାଚନ ନ ହେଲେ ସବୁ କ୍ୟାମ୍ପସ୍‌ରେ ଆନ୍ଦୋଳନ**

ବାଲେଶ୍ୱର ସୌମ୍ୟାଶ୍ରୀ ବିଶି ଘଟଣାକୁ ନେଇ ରାଜ୍ୟ ସରକାର ଛାତ୍ର ସଂସଦ ନିର୍ବାଚନ କରିବାକୁ ଡରୁଛନ୍ତି ବୋଲି ଯୁବ କଂଗ୍ରେସ ଅଭିଯୋଗ କରିଛି।

କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଅଜୟ ମହାପାତ୍ର କହିଛନ୍ତି, ଛାତ୍ର ସଂସଦ ନିର୍ବାଚନ ହେଉଛି ଗଣତନ୍ତ୍ରର ଅନ୍ତୁଡ଼ିଶାଳ।



ତେଣୁ ଏହି ପ୍ରସଙ୍ଗ ଉପରେ ସରକାର ନିର୍ଣ୍ଣାୟକ ନିଷ୍ପତ୍ତି ନ ନେବା ପରିତାପର ବିଷୟ ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଭାପତି ମନୋଜ ବିଶ୍ୱାଳ କହିଛନ୍ତି, ବିଜେପି ସରକାରର ଦୋମୁହାଁ ନୀତି ଆପଣାଇଛି। ବିଜେଡି ସରକାରରେ ଥିବାବେଳେ ଛାତ୍ର ସଂସଦ ନିର୍ବାଚନ କାହିଁକି ହେଉନି ବୋଲି ବିଜେପି ରଖେଇ ଥୁଏଇ ଦେଉ ନ ଥିଲା। ଏବେ ସରକାରକୁ ଆସିବା ପରେ ଦଳ କାହିଁକି ନିରବ ରହିଛି। ଯାହା ଶିକ୍ଷାମନ୍ତ୍ରୀ କହିବା କଥା, ତାହା ଆଇନ ମନ୍ତ୍ରୀ କହୁଛନ୍ତି। ଆଇନ ମନ୍ତ୍ରୀ ୨୦୨୪ରେ କହିଥିଲେ ଛାତ୍ର ସଂସଦ ନିର୍ବାଚନ ହେବ; କିନ୍ତୁ ସେ ବର୍ଷ ନିର୍ବାଚନ ହେଲାନାହିଁ। ଏହାସହିତ ୨୦୨୫ ନିର୍ବାଚନକୁ ନେଇ ମଧ୍ୟ ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ଆଶ୍ଚର୍ଯ୍ୟର କଥା, ମୁଖ୍ୟମନ୍ତ୍ରୀ ଖୋଦ୍ ନିର୍ବାଚନ ହେବ ବୋଲି ପ୍ରତିଶୃତି ଦେଇଥିଲେ ମଧ୍ୟ ତା ବି ଧୂଆଁବାଣ ସାବ୍ୟସ୍ତ ହେବାକୁ ଯାଉଛି।

ସୌମ୍ୟାଶ୍ରୀ ଆତ୍ମାହୂତି ଘଟଣାରେ ଅପରାଧୀ ଭାବରେ ଏବିଭିପି ନେତା ଗିରଫ ହେବା ପରେ ସମଗ୍ର ଓଡିଶାର ଛାତ୍ର ସମାଜରେ ବିଜେପି ନିନ୍ଦିତ ହୋଇଛି। ତେଣୁ ସରକାରଙ୍କୁ ପରାଜୟର ଭୟ ଘାରିଛି। ଏଥିପାଇଁ ନିର୍ବାଚନକୁ ସରକାର ଏଡ଼େଇ ଯିବାକୁ ଚାହୁଁଛନ୍ତି। ଯଦି ଆଗାମୀ ୬ ଦିନ ଭିତରେ ଛାତ୍ର ସଂସଦ ନିର୍ବାଚନ ଘୋଷଣା ନ କରନ୍ତି, ତେବେ ଛାତ୍ର କଂଗ୍ରେସ ରାଜ୍ୟର ପ୍ରତ୍ୟେକ କ୍ୟାମ୍ପସରେ ଦସ୍ତଖତ ଅଭିଯାନ, ବିକ୍ଷୋଭ ପ୍ରଦର୍ଶନ ଏବଂ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସହ ଆଲୋଚନା ଆଦି କାର୍ଯ୍ୟକ୍ରମ କରିବ ବୋଲି ଶ୍ରୀ ବିଶ୍ୱାଳ ଚେତାବନୀ ଦେଇଛନ୍ତି। ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଛାତ୍ରନେତା ମନୋଜ ବିଶ୍ୱାଳ, ବିଶ୍ୱଭୂଷଣ ଦାସ, ଆଶିଷ ମାହନ୍ତ, ସନ୍ଦୀପ ରାଉତରାୟ, ସାଗର ପଟ୍ଟନାୟକ, ବିଭୁତି ମହାପାତ୍ର ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

**ନରସିଂହପୁର ଥାନା ହାଜତ ମୃତ୍ୟୁ ମାମଲା**

## ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

କଟକ, ୧୯।୯(ସମିସ): କଟକ ଜିଲ୍ଲା ନରସିଂହପୁର ଥାନା ହାଜତ ମୃତ୍ୟୁ ମାମଲାରେ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଓଡ଼ିଶା ମାନବାଧିକାର କମିସନ (ଓଏଚ୍‌ଆରସି) ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ହୋଇଛନ୍ତି। କମିସନର ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘନ ପୂଜାହାରୀ ଓ ସଦସ୍ୟ ଅସୀମ ଅମିତାଭ ଦାସଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଆଇନଜୀବୀ ତଥା ମାନାବାଧିକାର କର୍ମୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ରୁଜୁ ହୋଇଥିବା ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପୂର୍ବରୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିବା ହେତୁ ଅବଶିଷ୍ଟ ୮ ଲକ୍ଷ ଟଙ୍କା ଆସନ୍ତା ଦୁଇ ମାସ ମଧ୍ୟରେ ପ୍ରଦାନ କରିବାକୁ ଗୃହ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କମିସନ। କ୍ଷତିପୂରଣ ରାଶିରୁ ୭ ଲକ୍ଷ ଟଙ୍କା ଯେକୌଣସି ଜାତୀୟକରଣ ବ୍ୟାଙ୍କରେ ସ୍ଥାୟୀ ଜମା ଭାବେ ରଖାଯିବ ଓ ୧ଲକ୍ଷ ଟଙ୍କା ମୃତକଙ୍କ ନିକଟ ଆତ୍ମୀୟଙ୍କୁ ଦେବାକୁ ଆଦେଶରେ ଉଲ୍ଲେଖ ରହିଛି।

ଗତ ୨୦୧୬ ଡିସେମ୍ବର ୯ ତାରିଖ ମଧ୍ୟରାତିରେ ନରସିଂହପୁର ପୁଲିସ ମାଳିସାହିର ସରୋଜ ସେନାପତି ଓରଫ୍ ଆକୁଳଙ୍କୁ ଏକ ମାମଲାରେ ଗିରଫ କରି ଥାନାକୁ ଆଣିଥିଲେ। ଗିରଫ ପ୍ରକ୍ରିୟାରେ ଅସୁସ୍ଥ ହୋଇ ପଡ଼ିବାରୁ ପରଦିନ ସକାଳେ ସରୋଜଙ୍କୁ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେହିଦିନ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଗତ ୨୦୧୬ଡିସେମ୍ବର ୧୧ ତାରିଖ ରାତ୍ରିରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ଶ୍ୱଶୁରଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ କର୍ମଚାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥିଲା। ଏହା ଏକ ହାଜତ ମୃତ୍ୟୁ ମାମଲା ହୋଇଥିବାରୁ ବଡ଼ମ୍ବା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ମଧ୍ୟ ତଦନ୍ତ କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟରେ କ୍ଷତଚିହ୍ନ ବିଷୟରେ ଉଲ୍ଲେଖ ଥିବା ସହ ମସ୍ତିଷ୍କରେ ଆଘାତ ଯୋଗୁଁ ଆକୁଳର ମୃତ୍ୟୁ ହୋଇଛି ବୋଲି ଡାକ୍ତର ମତ ଦେଇଥିଲେ। ରିପୋର୍ଟରେ ଥିବା ତଥ୍ୟ ଓ ସାକ୍ଷୀମାନଙ୍କର ବୟାନ ଭିତ୍ତିରେ ସରୋଜଙ୍କ ମୃତ୍ୟୁ ସ୍ୱାଭାବିକ ନୁହେଁ ବୋଲି ମାଜିଷ୍ଟ୍ରେଟ୍ ତଦନ୍ତ ରିପୋର୍ଟରେ ଦର୍ଶାଇଥିଲେ। ଏସବୁ ତଥ୍ୟକୁ ଭିତ୍ତି କରି ପୁଲିସ ହାଜତରେ ଥିଲା ବେଳେ ଆଘାତପ୍ରାପ୍ତ ହୋଇ ତାଙ୍କର ମୃତ୍ୟୁ ଘଟିଛି ବୋଲି ଦର୍ଶାଇ ମୃତକଙ୍କ ଆତ୍ମୀୟଙ୍କୁ କ୍ଷତିପୂରଣ ଦେବାକୁ ପ୍ରାର୍ଥନା କରି ଆବେଦନକାରୀ ଓଏଚଆରସିଙ୍କ ଦ୍ୱାରସ୍ଥ ହୋଇଥିଲେ।

**ଜାତୀୟ ରାଜପଥ ମରଣଯନ୍ତା**

# ମୁକୁଳା ଡ୍ରେନ୍ ନେଉଛି ଜୀବନ

ଯଖପୁରା, ୧୯।୯ (ସମିସ)

ଜାତୀୟ ରାଜପଥ ୫୩ ନଂ.ର ଡୁବୁରୀରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଗତ ୧୨ ବର୍ଷ ଧରି ଚାଲୁରହିଛି। ଯାହାଫଳରେ ଅନେକ ଗୁଡିଏ ସ୍ଥାନରେ ରାସ୍ତା ଭାଙ୍ଗିଚୁଟି ଯାଇଛି। ଏଥିପାଇଁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏହି ଜାତୀୟ ରାଜପଥରେ ନିର୍ମାଣଧୀନ ଓଭରବ୍ରିଜ ଗୁଡିକର ସର୍ଭିସ ରୋଡ୍‌ରେ ଥିବା ଡ୍ରେନ୍ ସବୁ ମୁକୁଳା ହୋଇପଡ଼ିଛି। ଏଥିପାଇଁ ରାତ୍ରିରେ ଯିବା ଆସିବା କରୁଥିବା ଯାତ୍ରୀମାନେ ଡ୍ରେନ୍ ଖୋଲା ମେଲା ଅବସ୍ଥାରେ ଥିବାରୁ ଜାଣିନପାରି ସେହି ଡ୍ରେନରେ ପଡ଼ି ଗୁରୁତର ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସେଇ ଖୋଲାମେଲା ଡ୍ରେନ୍ ମଧ୍ୟରୁ ପଙ୍କପାଳ



ବଙ୍ଗଳା ଛକ ଠାରେ ଥିବା ପେଟ୍ରୋଲ ପମ୍ପର ଦୁଇ ପାର୍ଶ୍ୱରେ ଯାଇଥିବା ଡ୍ରେନ୍ ସବୁଠୁ ଅଧିକ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ପେଟ୍ରୋଲ ପମ୍ପକୁ ଯିବା ଆସିବା କରୁଥିବା ମୋଟର ସାଇକଲ ଆରୋହୀ ଅନେକ ସମୟରେ ସେଇ ମୁକୁଳା ଡ୍ରେନ୍‌ରେ ପଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସନ୍ଧ୍ୟା ଓ ରାତି ସମୟରେ ଏହି ଖୋଲା ଡ୍ରେନ୍‌ରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟିବାର ଖବର ମିଳିଥାଏ। ଏବେ ବଙ୍ଗଳା ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଠିକା ସଂସ୍ଥାକୁ ସ୍ଥାନୀୟ ବାସିନ୍ଦା ବାରମ୍ବାର ଅଭିଯୋଗ କରି ମୁକୁଳା ଡ୍ରେନ୍ ଉପରେ ଢାଙ୍କୁଣି ଘୋଡ଼ାଇ ତାହାକୁ ସୁରକ୍ଷିତ ରଖିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ତାହା କାର୍ଯ୍ୟରତ ଠିକା ସଂସ୍ଥା ଉପରେ କୌଣସି ପ୍ରଭାବ ପଡୁନାହିଁ। ବଙ୍ଗଳା ଛକର ଗୋଟିଏ ପାର୍ଶ୍ୱ ସର୍ଭିସ ରୋଡ୍ ବନ୍ଦଥିବାରୁ ଗୋଟିଏ ପାର୍ଶ୍ୱରେ ସମସ୍ତ ଯାନବାହନ ଯାତାୟାତ କରିଥାନ୍ତି। ତେଣୁ ରାସ୍ତାଟି ଅଧିକାଂଶ ସମୟ ଜାମ ରହୁଛି। ଏପରି ସ୍ଥଳେ ଅନେକ ସ୍ଥାନରେ ଡ୍ରେନ୍ ଖୋଲା ପଡ଼ିଥିବାରୁ ଦୁର୍ଘଟଣା ଘଟିବା ନିତିଦିନିଆ ଘଟଣା ହୋଇଗଲାଣି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ୫୩ନଂ ଜାତୀୟ ରାଜପଥ ରେ କାର୍ଯ୍ୟରତ ଠିକା ସଂସ୍ଥାକୁ ତୁରନ୍ତ ଖୋଲା ପଡ଼ିଥିବା ଡ୍ରେନ୍ ସବୁକୁ ଢାଙ୍କୁଣି ଦେବାପାଇଁ ନିର୍ଦ୍ଦେଶ ଦେବାକୁ ସାଧାରଣରେ ଦାବି ହେଉଛି।

# ଚୋରା କ୍ରୋମାଇଟ ଡିପୋ ସିଲ୍

ସୁକିନ୍ଦା, ୧୯।୯ (ସମିସ): ସୁକିନ୍ଦା ଥାନା ଅଞ୍ଚଳରେ ଚାଲୁଥିବା ଏକ ଚୋରା କ୍ରୋମାଇଟ ଡିପୋ ଉପରେ ଖଣି ଉପନିର୍ଦ୍ଦେଶକ ଚଢ଼ଉ କରି ସିଲ୍ କରିଥିବା ଜଣାପଡ଼ିଛି। ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମ ନିକଟରେ ଥିବା ଏହି ସ୍ଥାନରେ ଜଣେବ୍ୟକ୍ତି ଦୀର୍ଘବର୍ଷ ଧରି ଏକ ଟାୟାର ରିଟ୍ରେଡ଼ିଂ ସଂସ୍ଥା ଚଳାଇଥିଲେ। କିଛି ବର୍ଷ ହେବ ସେହି ସଂସ୍ଥା ସେଠାରେ ଟାୟାର ବ୍ୟବସାୟ ବନ୍ଦ କରିବା ପରେ ଚାରିପଟେ ପାଚେରି ହୋଇ ଆବଦ୍ଧ ହୋଇଥିବା ଏହି ସ୍ଥାନକୁ କିଛି ଚୋରା କ୍ରୋମାଇଟ ମାଫିଆ ଅକ୍ତିଆର କରି ସେଠାରେ ଚୋରା କାରବାର କରୁଥିବା ଜିଲ୍ଲାପାଳ ସୂଚନା ପାଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଖଣି ଉପନିର୍ଦ୍ଦେଶକ ବିଭୂତି ଭୂଷଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ସ୍ଥାନୀୟ ପୁଲିସ ସହାୟତାରେ ଗୁରୁବାର ସଂଧ୍ୟାରେ ସମ୍ପୃକ୍ତ ସ୍ଥାନ ଉପରେ ଚଢ଼ଉ କରିବା ସମୟରେ ସେଠାରେ ମହଜୁଦ ଥିବା କ୍ରୋମାଇଟ ଜବତ କରିଥିଲେ। ଜବତ କ୍ରୋମାଇଟ ଖଣି



ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ପଠାଯିବା ସହ ସମ୍ପୃକ୍ତ ସ୍ଥାନକୁ ସିଲ୍ କରାଯାଇଥିବା ଜଣାପଡ଼ିଛି। ଜବତ କ୍ରୋମାଇଟ ଓଜନ କରାଯିବା ପରେ ୯୦ ଟନ୍ ବୋଲି ଜଣାପଡ଼ିଛି। ତେବେ ୫୩ ନଂ. ଜାତୀୟ ରାଜପଥ କଡ଼ରେ ଥିବା ଏହି ସ୍ଥାନରେ ଚୋରା କାରବାର ଚାଲୁଥିଲେ ମଧ୍ୟ ସ୍ଥାନୀୟ ପୁଲିସ ପାଖରେ ଖବର ନଥିବା ଘଟଣା ସ୍ଥାନୀୟ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏହି ଚଢ଼ଉରେ ଖଣି ଉପନିର୍ଦ୍ଦେଶକ ଶ୍ରୀ ବେହେରାଙ୍କ ସହ ଖଣି ଅଧିକାରୀ ରଞ୍ଜିତ କୁମାର ଦାସ, ଇନ୍ଦ୍ରମଣି ରାଉତ, କନିଷ୍ଠ ଖଣି ଅଧିକାରୀ କ୍ଷିତିସ କୁମାର ସାହା, ଆଶିଷ କୁମାର ସାହୁ, ପୁନମ ବେହେରା ଓ କାହ୍ନୁଚରଣ ଦେହୁରୀ ପ୍ରମୁଖ ସାମିଲ ଥିଲେ। ଏହି ଚୋରା ଡିପୋ କିଏ ଚଳାଉଛି ତାହା ଜାଣିବା ସହ ପୁରା ଗ୍ୟାଙ୍ଗକୁ ଧରିବା ପାଇଁ ପୁଲିସ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି।



କବାଟବନ୍ଧ: ଧର୍ମଶାଳା ବ୍ଲକ ଜେନାପୁର ଥାନା ମର୍ଜିତାପୁର ପଞ୍ଚାୟତ ତଇଲାସାହି ଗ୍ରାମରେ ବୈକୁଣ୍ଠ ନାୟକଙ୍କ ବାଡ଼ିରେ ଫୁଟିଛି ଏହି ବିରଳ ପୁଷ୍ପ। କେହି କେହି ଏହାକୁ ବ୍ରହ୍ମକମଳ ବୋଲି କହୁଛନ୍ତି।

## ବୃଦ୍ଧାଶ୍ରମକୁ ୱାସିଂମେସିନ ପ୍ରଦାନ

ପାଣିକୋଇଲି, ୧୯।୯ (ସମିସ): ପାଣିକୋଇଲିର ବିଶିଷ୍ଟ ଶିଳ୍ପପତି ପର୍ଶୁରାମ ଦାଶ ତାଙ୍କ ମାଆ ଅମ୍ବିକା ଦାସଙ୍କର ବାର୍ଷିକ




ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ପାଣିକୋଇଲିସ୍ଥିତ ବୃଦ୍ଧାଶ୍ରମ 'ଶେଷ ପରିଚୟ'କୁ ଏକ ୱାସିଂମେସିନ ପ୍ରଦାନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସମାଜସେବୀ ଶରତ ଚନ୍ଦ୍ର ଦାଶ, ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ତାରିଣୀ କୁମାର ପଟ୍ଟନାୟକ, ପ୍ରଦୀପ ମାଝୀ, ତୁଷାର ବେଉରା, ସୁନୀଲ ଓଝା, ସୋଭିନ ପରିଡ଼ା, ହରେକୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଆଶ୍ରମର କର୍ମକର୍ତ୍ତା ସୁଧାଶଙ୍କର ବିଶ୍ୱାଳ ଉକ୍ତ ମେସିନଟିକୁ ଗ୍ରହଣ କରିବା ସହିତ ବୃଦ୍ଧାଶ୍ରମକୁ ଏକ ଦରକାରୀ ମେସିନ ପ୍ରଦାନ କରିଥିବାରୁ ସେ ଶ୍ରୀ ଦାଶଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶକ୍ତିଶ୍ରୀ ସଚେତନତା କାର୍ଯ୍ୟକ୍ରମ




ବରୀ, ୧୯।୯ (ସମିସ): ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଜିର ସମାଜରେ ନାରୀ ମାନେ କିଭଳି ଭାବରେ ଶସକ୍ତ ହୋଇପାରିବେ ଓ ଆଜିର ସମାଜରେ ବିଭିନ୍ନ ସମୟରେ ଘଟୁଥିବା ନିର୍ଯ୍ୟାତନା ଘଟଣାରେ କିଭଳି ଭାବେ ସଚେତନ ରହିବେ ଏହାହିଁ ହେଉଛି ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରବୋଧ ସାମଲ ସଭାପତିତ୍ୱ କରିଥିବା ବେଳେ ଶକ୍ତିଶ୍ରୀର ସଂଯୋଜିକା ଡ. କଳ୍ପନା ମଞ୍ଜରୀ ବେଉରିଆ, ଇକ୍ୟୁଏସି ଡ.ନରୋତ୍ତମ ପରିଡ଼ା, ଆଇସିସି କୁକୁମୀନା ମହାନ୍ତି, ସୁଶୀଳା ନାୟକ ଶକ୍ତିଶ୍ରୀ ସହସଂଯୋଜିକା ପି.ମନୋହରୀ, ପ୍ରଜ୍ଞାସ୍ମୃତି ସାହୁ, ଶକ୍ତିଶ୍ରୀ ସାଥି ଅନୁସ୍ୱୟା ନାଥଶର୍ମା ଯୋଗଦେଇଥିଲେ।

## ପୁରୁଣା ଡ୍ରେନ୍ ଉପରେ ପଡୁଛି କଭର ସ୍ଲାପ୍

ଦାନଗଦି, ୧୯।୯ (ସମିସ): ଦାନଗଦି ବ୍ଲକର ହେଡ୍ କ୍ୱାର୍ଟର ପଞ୍ଚାୟତ ହେଉଛି ତ୍ରିଜଙ୍ଗା ପଞ୍ଚାୟତ। ପଞ୍ଚାୟତରେ ସରକାରଙ୍କ 'ଆମ ଗାଁ ଆମ ବିକାଶ' ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଦୁଷ୍ମନ୍ତ ବିଶ୍ୱାଳ ଘର ଠାରୁ ଚରଣ ବାରିକ ଘର ପର୍ଯ୍ୟନ୍ତ ରାସ୍ତା କଡ଼ରେ ନୂତନ ଭାବେ ଡ୍ରେନ୍ ନିର୍ମାଣ କରିବା ସହିତ ଡ୍ରେନ ଉପରେ କଭର ସ୍ଲାପ ପକାଇବା ପାଇଁ ୭ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। ନିର୍ମାଣ ସ୍ଥାନରେ ଫଳକ ବି ଲାଗିଛି। ହେଲେ କାମ ହବାର ନାଁ ନାହିଁ। ଖାଲି ଭଲଥିବା ପୁରୁଣା ଡ୍ରେନ୍ ଉପରେ ନୂଆ କଭର ସ୍ଲାପ୍ ପକାଇ ଦେଇ ବିଲ୍ ହାତେଇବାକୁ ମସୁଧା ଚାଲିଛି। ଏହି କାର୍ଯ୍ୟକୁ ପଞ୍ଚାୟତ ସମିତି ଦାନଗଦିର ନିର୍ବାହୀଯନ୍ତ୍ରୀ କରୁଥିବା ବେଳେ କିପରି ପୁରୁଣା ଡ୍ରେନ୍ ଉପରେ କଭର ସ୍ଲାପ ପକାଇ ସମ୍ପୂର୍ଣ୍ଣ ନୂଆ କାମ ବୋଲି କହି ବିଲ୍ କରିବାକୁ ଯୋଜନା କରିଛନ୍ତି ତାହା ଏବେ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ଏ ସମ୍ପର୍କରେ ବ୍ଲକ ଜେଇଙ୍କୁ ପଚାରିବାରୁ ସେ କଲ୍ ରିସିଭ କରି ନ ଥିଲେ। ଜିଲ୍ଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଲୋକେ ଦାବି କରିଛନ୍ତି।



## ଶ୍ରମିକ ସଂଘର ସାଂଠନିକ ଆଲୋଚନାଚକ୍ର



କାଳିଆପାଣି, ୧୯।୯ (ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ କାଳିଆପାଣି ଖଣି ଅଞ୍ଚଳରେ ଆଜି ଏସ୍‌ଆର୍‌ସିକେଏମ୍‌ଏସ ଶ୍ରମିକ ସଂଘର ସାଙ୍ଗଠନିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ସଂଘର ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତଙ୍କ ଅଧ୍ୟକ୍ଷତାରେ ଏହି ଆଲୋଚନାଚକ୍ରରେ ଖଣିଅଞ୍ଚଳର ୭ ପଞ୍ଚାୟତର ବିଜୁ ଜନତା ଦଳ ଶ୍ରମିକ ସଂଘର ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ପ୍ରତ୍ୟେକ ପଞ୍ଚାୟତର ପ୍ରତିନିଧି ମାନେ ସଂଗଠନ ବାବଦରେ ତାଙ୍କର ବକ୍ତ୍ୟବ ରଖିଥିଲେ। ଗଂଶୋଲ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଶ୍ୱଜିତ୍ ମହାନ୍ତି ଓ ଚିଙ୍ଗୁଡ଼ିପାଳ ପଞ୍ଚାୟତର ଆଗ ଧାଡ଼ିର ନେତା ବୈକୁଣ୍ଠ ମହାନ୍ତ ତାଙ୍କ ଉଦ୍‌ବୋଧନରେ ସରକାରଙ୍କୁ ଟାର୍ଗେଟ କରିଥିଲେ। ଏହି ପରିପ୍ରେକ୍ଷୀରେ ପୂର୍ବତନ ସାଧାରଣ ସମ୍ପାଦକ ତଥା ଶ୍ରମିକ ସଂଘର ଉପ ସଭାପତି ନାରାୟଣ ଚନ୍ଦ୍ର ଧୀର ଉପସ୍ଥିତ ରହି କର୍ମୀମାନଙ୍କ ସହିତ ସଂଗଠନ ବିଷୟରେ ଆଲୋଚନା କରିଥିଲେ। ଅଜୟ କୁମାର ନାୟକ ଧନ୍ୟବାଦ୍ ଦେଇଥିଲେ। ଏହି ଆଲୋଚନାଚକ୍ରରେ, ସଂଘର ଉପସଭାପତି ପ୍ରଭାତ ରଞ୍ଜନ ପ୍ରଧାନ, ନିର୍ମଳେନ୍ଦୁ ବେହୁରା, ୩୭ ନମ୍ବର୍ ଜୋନ ଜିଲ୍ଲା ପରିଷଦ ଜେମାଚାର୍ଯ୍ୟ, କୁହିକା ପଞ୍ଚାୟତର ସଭାପତି ବ୍ରଜକିଶ୍ୱର ବାରିକ୍, କାଙ୍କଡ଼ପାଳ ପଞ୍ଚାୟତ ସରପଞ୍ଚ ସଞ୍ଜୟ କୁମାର ପରିଡ଼ା, କାଳିଆପାଣି ସରପଞ୍ଚ ବିକାଶ କୁମାର ପାତ୍ର, ସମିତି ସଭ୍ୟ ସାଲୁକା ହାନେଗା ଓ ବହୁ ନେତୃ ବୃନ୍ଦ ଉପସ୍ଥିତ ଥିଲେ।

## ପ୍ଲାଷ୍ଟିକ ମୁକ୍ତ ସଚେତନତା

ମଇଁନ୍ଦା, ୧୯।୯ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ନାଉପାଳ ଗ୍ରାମରେ ଥିବା ଶ୍ରୀମା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ 'ଏକକ ପ୍ଲାଷ୍ଟିକ୍ ବ୍ୟବହାରର କୁପରିଣାମ, ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ଏବଂ ବିକଳ୍ପ ବ୍ୟବହାର' ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଶିକ୍ଷାକେନ୍ଦ୍ରର ସମ୍ପାଦକ ଡ. ଚତୁର୍ଭୁଜ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ଲାଷ୍ଟିକ୍ ରୂପୀ ରାକ୍ଷସ କବଳରୁ ରକ୍ଷା ପାଇବା ନିମିତ୍ତ ସଚେତନତା କାର୍ଯ୍ୟକ୍ରମ ଏକାନ୍ତ ଜରୁରୀ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।




ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି, ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବରେ ଯଥାକ୍ରମେ ନନ୍ଦିପୁର ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଧର ସାହୁ, ସିଂହପୁର ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ନାରାୟଣ ଚନ୍ଦ୍ର ଦାସ ଏବଂ ନାଉପାଳ ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ବସନ୍ତ କୁମାର ସାହୁ ଯୋଗ ଦେଇ ନିଜର ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷ ସୀତାରାମ ଦାସ ସ୍ୱାଗତ କରିଥିବା ବେଳେ, ଦୁର୍ଗା ଚରଣ ବାରିକ୍ ବିବରଣୀ ପ୍ରଦାନ କରିଥିଲେ। ସୁବ୍ରତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ରଶ୍ମିତା ଦାସ, ଶ୍ରୀମତୀ ପଦ୍ମିନୀ ସାହୁ, ସନ୍ଧ୍ୟାରାଣୀ ସାହୁ, ଅଶୋକ କୁମାର ମଲ୍ଲିକ ପ୍ରଭୃତି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

## ଗଞ୍ଜେଇ ବେପାରୀ ଗିରଫ

ପାଣିକୋଇଲି, ୧୯।୯ (ସମିସ): ବର୍ତ୍ତମାନ ପାର୍ବଣର ଋତୁ ଚାଲିଥିବାରୁ ନିଶା ବେପାରୀଙ୍କୁ ସାବାଡ଼ କରିବା ଲାଗି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ନିଶା ବେପାରୀଙ୍କୁ ଧରି ଜେଲରେ ପୁରାଇବା ଲାଗି ଯାଜପୁର ଏସ୍‌ପି ସମସ୍ତ ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି ଆଜି ଜଣେ ଗଞ୍ଜେଇ ବେପାରୀକୁ ଗିରଫ କରିଛନ୍ତି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗୋଳେଇପୁର ପଞ୍ଚାୟତର ସୋଡି ଗ୍ରାମର ବାବାଜୀ ନାଥଙ୍କ ପୁଅ କୃପାସିନ୍ଧୁକୁ ଧରି ଥାନାରେ ଅଟକ ରଖିବା ସହିତ ତା' ନିକଟରୁ ୧୩୬୦ ଗ୍ରାମ ଗଞ୍ଜେଇ ଜବତ କରିଛନ୍ତି। ଆସନ୍ତାକାଲି ତାକୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ଶ୍ରୀ ମହାନ୍ତି ଜଣାଇଛନ୍ତି।

## ଟ୍ରାନ୍ସଫର୍ମର ଅଚଳ; ଅନ୍ଧାରରେ ୫୦ ପରିବାର

କାଳିଆପାଣି, ୧୯।୯ (ସମିସ): ସୁକିନ୍ଦା ବ୍ଲକ ଖଣି ଅଞ୍ଚଳ ଚିଙ୍ଗୁଡ଼ିପାଳ ପଞ୍ଚାୟତର ବେଣାଗାଡିଆ ରଗଡ଼ା ସାହିରେ ଗତ ଏକ ମାସରୁ ଅଧିକ ହେଲାଣି ଅନ୍ଧାରରେ ୫୦ ପରିବାର। ବିପିଏଲ୍ ପରିବାର ଲୋକମାନଙ୍କ ପାଇଁ ୧୬ କେଭି ଟ୍ରାନ୍ସଫର୍ମର ଲଗାଯାଇଥିଲା। କିନ୍ତୁ ବାରମ୍ବାର ସମସ୍ୟା ଦେଖାଦେଉଛି। ଦିନେ ଜଳିଲେ ଦିନେ ଅନ୍ଧାରରେ ରୁହନ୍ତି ଗାଁ ଲୋକେ। ସମସ୍ୟା ବିଷୟରେ ବିଦ୍ୟୁତ୍ ବିଭାଗର ଜେଇଙ୍କୁ ଅବଗତ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୋଡ଼ା ଟ୍ରାନ୍ସଫର୍ମରଟିକୁ ବଦଳେଇ ଦିଆଯାଉନାହିଁ। ଟାଟା ପାୱାର ସର୍ଭିସ ଦେବାରେ କ'ଣ ପାଇଁ ବିଳମ୍ବ ହେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଆଗାମୀ ଦିନରେ ଟ୍ରାନ୍ସଫର୍ମର ନ ବଦଳେଇଲେ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଉପୋଭୋକ୍ତମାନେ କହିଛନ୍ତି।

## ପଡ଼ିଶା ଘରେ ଯୁବକଙ୍କ ଆତ୍ମହତ୍ୟା

ଯଖପୁରା/ଦାନଗଦି, ୧୯।୯ (ସମିସ): ଦାନଗଦି ବ୍ଲକ ଟମକା ଥାନା ଅଧୀନ ବାଲିଗୋଠା ଗ୍ରାମରେ ପଡ଼ିଶା ଘରେ ଜଣେ ଯୁବକ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ଗ୍ରାମର ବାବୁଲି ପୂର୍ତ୍ତି (୪୫)। ସେ ଦୀର୍ଘ ଦିନ ହେବ ମାନସିକ ରୋଗରେ ପୀଡ଼ିତ ଥିଲେ। ସୂଚନା ଅନୁଯାୟୀ ବାବୁଲି ଗତକାଲି ହଠାତ୍ ପଡ଼ୋଶୀଙ୍କ ଘରକୁ ପଶି ବେକରେ ଗାମୁଛା ଲଗାଇ ଝୁଲି ପଡ଼ିଥିଲେ। ଏହି ଘଟଣାକୁ ଦେଖି ପଡ଼ିଶା ଘର ଲୋକେ ତାଙ୍କ ପରିବାରକୁ ଜଣାଇଥିଲେ। ବାବୁଲିଙ୍କ ସ୍ତ୍ରୀ ସୁମିତ୍ରା ପୂର୍ତ୍ତି ଟମକା ଥାନାକୁ ଏ ବିଷୟରେ ଲିଖିତ ଅଭିଯୋଗ ଦେଇଥିଲେ। ପୁଲିସ କେସ ନମ୍ବର ୮/୨୫ ରୁଜୁ କରି ତଦନ୍ତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଗ୍ରାମବାସୀଙ୍କ କହିବା ଅନୁସାରେ ବାବୁଲି ପୂର୍ବରୁ ଅଧିକାଂଶ ସମୟ ଏକୁଟିଆ ରହୁଥିଲେ। କେବେ କେବେ ଅସ୍ଥିର ଆଚରଣ ମଧ୍ୟ କରୁଥିଲେ। ଏହି ଅପ୍ରତ୍ୟାଶିତ ଘଟଣାରେ ପରିବାର ସହିତ ସମଗ୍ର ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଟମକା ପୁଲିସ ଅଧିକାରିଣୀ ପ୍ରମୋଦିନୀ ସାହୁ କହିଛନ୍ତି, ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରାଥମିକ ତଦନ୍ତରେ ଏହା ଆତ୍ମହତ୍ୟା ଘଟଣା ବୋଲି ଜଣାପଡୁଛି। ତଦନ୍ତ ଚାଲୁ ରହିଛି। ତଥାପି ଶବ ବ୍ୟବଚ୍ଛେଦ ପରେ ଅନ୍ୟାନ୍ୟ ତଥ୍ୟ ସ୍ପଷ୍ଟ ହେବ।

## ଖରସ୍ରୋତା ମହାବିଦ୍ୟାଳୟରେ ବୃକ୍ଷରୋପଣ

ସିଂହପୁର, ୧୯।୯ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଖରସ୍ରୋତା ମହାବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବ୍ରଜକିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର୍ ଅଧ୍ୟାପକ ଜଳଧର ସାହୁ ଓ ସଂଯୋଜିକା ଅଧ୍ୟାପିକା ଝରଣା ଦେହୁରୀ ସହଯୋଗ କରିଥିଲେ। ଏଥିରେ ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକ, ମମତାମୟି ସାମଲ, ଅଧ୍ୟାପିକା ପୁଷ୍ପଲତା ଜେନା, ଚନ୍ଦ୍ରହାସ୍ୟ ମଲ୍ଲିକଙ୍କ ସମେତ ବହୁ ଅଧ୍ୟାପକ, ଅଧ୍ୟାପିକା କର୍ମଚାରୀ ଓ ଛାତ୍ର, ଛାତ୍ରୀ ବୃକ୍ଷରୋପଣ କରିଥିଲେ।

## ଦୁଷ୍କର୍ମକାରୀଙ୍କୁ ଆଜୀବନ କାରାଦଣ୍ଡାଦେଶ

**● ୨ ଲକ୍ଷ ଟଙ୍କା ଜରିମାନା**

ଯାଜପୁର, ୧୯।୯ (ସମିସ): ଠେକୁଆ ଦେଖାଇବାକୁ କହି ୮ବର୍ଷୀୟ ନାବାଳିକାକୁ ଦୁଷ୍କର୍ମ ଘଟଣାରେ ୫୩ ବର୍ଷୀୟ ବୃଦ୍ଧ ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଲେ ଯାଜପୁରର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ। ଅଭିଯୁକ୍ତ ହେଲେ ବରୀ ରାମଚନ୍ଦ୍ରପୁର ଥାନା ଅଞ୍ଚଳର ଅରକ୍ଷିତ ପରିଡ଼ା। ୨୦୨୪ ମସିହା ବରୀ ରାମଚନ୍ଦ୍ରପୁର ଥାନା ଅଞ୍ଚଳର ୮ ବର୍ଷୀୟ ନାବାଳିକାକୁ ଠେକୁଆ ଦେଖାଇବାକୁ କହି ବାଡ଼ିକୁ ନେଇ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲେ। ଏ ନେଇ ପୀଡ଼ିତାଙ୍କ ମା' ବରୀ ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଦୁଷ୍କର୍ମକାରୀ



ଫେରାର ଅରକ୍ଷିତଙ୍କୁ ପୁଲିସ ବହୁ ଖୋଜାଖୋଜି ପରେ ପୋକ୍ସୋ ଧାରା ୬ ଅନୁଯାୟୀ ଗିରଫ କରି କୋର୍ଟଚାଲାଣ କରିଥିଲେ। ଆଜି ଏହି ମାମଲାର ଶୁଣାଣି କରିଛନ୍ତି ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ମୋଟ ୨୪ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଗ୍ରହଣ କରି ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ସହ ୨ଲକ୍ଷ ଟଙ୍କା ଜରିମାନା ଶୁଣାଇଛନ୍ତି। ଏଥି ସହିତ ଅନାଦୟ ୨୪ ମାସ ଅଧିକ କାରାଦଣ୍ଡାଦେଶ ସହ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ମଧ୍ୟ ଆଇନ୍ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍ସୋ ବିଚାରପତି ଅଭିଜିତ ପଲାଇ। ଏହି ମାମଲାକୁ ସରକାରୀ ଓକିଲ ରାଜୀବ ମହାନ୍ତି ପରିଚାଳନା କରିଥିଲେ।

## ମୋବାଇଲ ଚୋରି ଅଭିଯୋଗ; ଯୁବକ ଗିରଫ

ଦାନଗଦି, ୧୯।୯ (ସମିସ): ଟମକା ଥାନା ଅନ୍ତର୍ଗତ ଫୁଲଝର ହାଟରୁ ମୋବାଇଲ ଚୋରି କରୁଥିବା ବେଳେ ସ୍ଥାନୀୟ ଲୋକେ ଜଣେ ଯୁବକକୁ କାବୁ କରି ପୁଲିସକୁ ଜିମା ଦେଇଛନ୍ତି। ଘଟଣା ଅନୁଯାଇ ବୁଧବାର ହାଟରେ ଯାଜପୁର ଅକରପଡ଼ା ଅଞ୍ଚଳର ଲକ୍ଷଣ ଦାସ ମୋବାଇଲ ଚୋରି କରୁଥିବା ବେଳେ ଲୋକେ ଧରି ଟମକା ପୁଲିସକୁ ଜଣାଇଥିଲେ। ଖବର ପାଇ ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ ଅଭିଯୁକ୍ତକୁ କାବୁ କରି ୧୮୮/୨୫ରେ ଏକ ମାମଲା ରୁଜୁ କରି ଗୁରୁବାର କୋର୍ଟଚାଲାଣ କରିଛି।

# ବିଜୁଳି ଓ ବଜ୍ରାଘାତ ଜନିତ ଝଡ଼ ସଚେତନତା କାର୍ଯ୍ୟକ୍ରମ

ଯାଜପୁର, ୧୯।୯ (ସମିସ)

ଯାଜପୁର ସହରସ୍ଥିତ ତାରାମଦନଠାରେ ଅବସ୍ଥିତ ବୈଷ୍ଣବ ଦତ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜୁଳି ଓ ବଜ୍ରାଘାତ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ନାୟକ ଏଥିରେ ଅଧ୍ୟକ୍ଷତା କରି ଉକ୍ତ କାର୍ଯ୍ୟକ୍ରମର ସାମାଜିକ ଆବଶ୍ୟକତା ବିଷୟରେ ମତ ବ୍ୟକ୍ତ କରିଥିଲେ। ଯୁଣଭଦ୍ରା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ଦାମୋଦର ବେହେରା ମୁଖ୍ୟଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ବଜ୍ରାଘାତ ସଚେତନତା ସମ୍ବନ୍ଧରେ ତଥ୍ୟଭିତ୍ତିକ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ରୂପେ ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ତଥା ପରିବେଶବିତ୍ ଡ. ଅକ୍ଷୟ କୁମାର ପଣ୍ଡା ଯୋଗଦେଇ ବିଜୁଳି ଘଡ଼ଘଡ଼ିର କାରଣ, ବଜ୍ରାଘାତ ସମୟରେ ଗୃହ ମଧ୍ୟରେ ରହିବା, ପଦାରେ ନ ବୁଲିବା, ଜଳ, ଧାତୁ ଓ ବୈଦ୍ୟୁତିକ ସାମଗ୍ରୀ ଠାରୁ ଦୂରରେ ରହିବା, ଗଛ ତଳେ ଆଦୌ ଆଶ୍ରୟ




ନ ନେବା, କୃଷି କ୍ଷେତ୍ରରେ ଥିଲେ ତଳ ମୁହାଁ କରି ବସି ରହିବା ଇତ୍ୟାଦି ପ୍ରତିକାର ବ୍ୟବସ୍ଥା ବିଷୟରେ ବୁଝାଇ ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷୟିତ୍ରୀ ଓ ପରିଚାଳାନା ସମିତିର ସଭ୍ୟମାନଙ୍କୁ ବୁଝାଇ ସଚେତନ କରିଥିଲେ। ଏହାପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ହୋଇଥିଲା ଏଥିରେ ତନୁଶ୍ରୀ ନାୟକ, ପ୍ରିୟଙ୍କା ପ୍ରିୟଦର୍ଶନୀ ବାରିକ ଓ ନୁଜ୍‌ହାତ୍ ନଶ୍ରିନ୍ ସଫଳତା ପ୍ରଦର୍ଶନକରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ଗିତାଞ୍ଜଳୀ ସାହୁ, ସୁଶ୍ରୀସଙ୍ଗୀତା ଶତପଥୀ, ସ୍ୱାତୀ ସାମଲ, ଲିପ୍ସା ସ୍ୱାଇଁ, ବର୍ଷାରାଣୀ ସ୍ୱାଇଁ ଓ ଶିକ୍ଷକ ମହମଦ୍ ସାଜିଦ୍ ସହାୟତା କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ମାଳତି ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସୁକେଶିନି ବାରିକ ଅତିଥି ପରିଚୟ ଦେଇଥିବା ବେଳେ ଶିକ୍ଷୟିତ୍ରୀ ପ୍ରଜ୍ଞାପରମିତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### ନିଜସ୍ୱ ଗୃହ ପାଲଟିଛି ଭୂତକୋଠି

## ଭଡ଼ାରେ ଚାଲିଛି ବରୀ ପ୍ରାଣୀ ଚିକିତ୍ସାଳୟ

**ବରୀ, ୧୯।୯(ସମିସ):** ଦୀର୍ଘ ଦିନ ଧରି ଅତ୍ୟନ୍ତ ଅସୁରକ୍ଷିତ ଅବସ୍ଥାରେ ଚାଲିଛି ପ୍ରାଣୀ ଚିକିତ୍ସାଳୟ। ସୂଚନା ମୁତାବକ ଉକ୍ତ ପ୍ରାଣୀ ଚିକିତ୍ସାଳୟଟି ବରୀ ମାଉଣ୍ଡ ବଜାରର ରାସ୍ତା କଡ଼ରେ ଥିବାରୁ ରାସ୍ତା ଉପରେ ପ୍ରାଣୀମାନଙ୍କୁ



ଚିକିତ୍ସା କରାଯିବା ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟିବାର ନଜିର ରହିଛି। ସରକାରୀ ସ୍ତରରେ ଅର୍ଥ ମଞ୍ଜୁର ହୋଇ ପ୍ରାଣୀ ଚିକିତ୍ସାଳୟ ଗୃହନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ନ ହେବା ଘଟଣା ପଛରେ କ'ଣ ରହସ୍ୟ ରହିଛି ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ସରକାରଙ୍କ ତରଫରୁ ଅର୍ଥ ବିନିଯୋଗ କରାଯାଇ ଗୃହ ନିର୍ମାଣ ହୋଇଥିଲେ ହେଁ ଭଡ଼ାରେ ପ୍ରାଣୀ କାର୍ଯ୍ୟାଳୟ ଚାଲିବା ଏବଂ ଉକ୍ତ ଭଡ଼ା ଅର୍ଥ ସରକାର ବହନ କରିବା ଉପରେ ସମ୍ପୃକ୍ତ ବିଭାଗର ନଜର ନ ପଡ଼ିବା ଘଟଣା ବିସ୍ମୟ ସୃଷ୍ଟି କରିଛି। କାହା ଚାପରେ ସମ୍ପୃକ୍ତ ବିଭାଗ ଚାପି ହୋଇ ସରକାରୀ ଗୃହ ଥାଇ ମଧ୍ୟ ଭଡ଼ାରେ ଗୃହ ନିଆଯାଇ ପ୍ରାଣୀମାନଙ୍କୁ ଚିକିତ୍ସା କରାଯାଉଛି ସେହି ଘଟଣାକୁ ତଦନ୍ତ ପରିସରଭୁକ୍ତ କରାଯିବାକୁ ବରୀ ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ଦୁର୍ଗା ଉତ୍ସବ ପାଇଁ ଚଳଚଞ୍ଚଳ ବିରଜା ପୀଠ





### ରଥ ନିର୍ମାଣ ଶେଷ ପର୍ଯ୍ୟାୟରେ

### ପିତୃପକ୍ଷରେ ପିଣ୍ଡଦାନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

**ଯାଜପୁର, ୧୯।୯(ସମିସ)**

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ପାର୍ବଣ ଯାତ୍ରା ଅବସରରେ ଷୋଡ଼ଶୋପଚାର ପୂଜା ଷଷ୍ଠ ଦିନରେ ପହଞ୍ଚିଛି। ଗତକାଲିର ପୂଜା ରାତି ୧୧.୩୦ ମିନିଟରେ ସରିବା ପରେ ମନ୍ଦିରର ପହୁଡ଼ ଓ ସିଂହଦ୍ୱାର ପହୁଡ଼ କରାଯାଇଥିଲା। ଆଜି ରାତ୍ର ୪ଟା ୩୦ ମିନିଟ୍‌ରେ ପହୁଡ଼ ଖୋଲାଯାଇ ନିତ୍ୟ ସ୍ନାନ, ବେଶ ପରେ ଚନ୍ଦନ ଲାଗି ବେଶ ଓ ବାଲ୍ୟ ଭୋଗ କରାଯିବା ପରେ ୬ଟାରେ ସିଂହଦ୍ୱାର ଖୋଲାଯାଇଥିଲା। ପରେ ପରେ ନିୟମିତ ଦର୍ଶନ ଚାଲିବା ପରେ ଦିନ ୧୧ଟା ୩୦ ମିନିଟରେ ଦିନର ବଡ଼ ଶୃଙ୍ଗାର ବେଶ କରାଯିବା ପରେ ୧୨ଟାରେ ଗର୍ଭଗୃହ ଧୂଆ ଯାଇ ଆଜିର ପୂଜା ଆୟୋଜନ କରାଯାଇଥିଲା। ବରଣୀ ହୋଇ ରହିଥିବା ପୂଜକ ସୁଜିତ୍ କୁମାର କର ସିଂହାସନରେ ଷୋଡ଼ଶୋପଚାର ପୂଜା କରିଥିଲେ। ପୁରୋଧା ଭାବେ ଆଜି ସରୋଜ କୁମାର ପତି, ପ୍ରମୋଦ କୁମାର ପତି, ପ୍ରଭାତ ରଞ୍ଜନ ପତି, ପ୍ରତାପ ପତି ଉପସ୍ଥିତ ଥିବା ବେଳେ ଦିନ ୧ଟା ୫୦ରେ ନିତି ଲାଗି କରାଯାଇଥିଲା। ନିତି ପରେ କଳସ ପୂଜା କରାଯାଇ ୨ଟା ୧୦ ରେ ପହୁଡ଼ କରାଯାଇଥିଲା। ପହୁଡ଼ ପରେ ଆଜି ବ୍ରାହ୍ମଣ ସେବାୟତମାନଙ୍କ ପ୍ରାପ୍ୟ ହିସାବରେ ଲାଗି ପ୍ରସାଦକୁ ନିଜ ନିଜର ଅଂଶ ବଂଶ ଅନୁସାରେ ବୁଝି ନେଇଥିବା ବେଳେ ମାଳାକାର ଓ ବେହେରା ସେବାୟତମାନେ ନିଜ ନିଜର ପ୍ରସାଦ ଭାଗ ବୁଝି ନେଇଥିଲେ। ଏହି ପ୍ରସାଦ ଭାଗ ଆଗାମୀ ମହାଷ୍ଟମୀ ପର୍ଯ୍ୟନ୍ତ ପ୍ରଥା ଓ ପରମ୍ପରା ଅନୁଯାୟୀ ଭାଗ କରାଯାଇଥାଏ। ଅପରାହ୍ନ ୩ଟା ୩୦ ମିନିଟ୍‌ରେ ପହୁଡ଼ ଖୋଲା ହେବା ପରେ ସାଧାରଣ ଦର୍ଶନ ଓ ପରେ ସଂଧ୍ୟା ୬ଟା ୧୦ ମିନିଟରେ ସଂଧ୍ୟା ଆଳତୀ କରାଯାଇଥିଲା। ରାତି ୮ଟାରେ ବଡ଼ ସିଂହାର ବେଶ କରାଯାଇ ରାତ୍ର ୮ଟା ୩୦ ମିନିଟ ରାତ୍ରି ଷୋଡ଼ଶୋପଚାର ପୂଜାର ଆୟୋଜନ କରାଯାଇଛି। ଅପରପକ୍ଷେ ଆଜି ତ୍ରୟୋଦଶୀ ତିଥି ଥିବାରୁ ନାଭିଗୟାରେ ପିଣ୍ଡଦାନ ପାଇଁ ୧ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଆସି ନିଜର ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ (ପିଣ୍ଡ) ଦାନ କରିବାର ଥିବାର ଦେଖିବାକୁ ମିଳିଛି। ସକାଳ ୬ଟାରେ ମନ୍ଦିରର ସିଂହଦ୍ୱାର ଖୋଲିବା ପରେ ଶହ ଶହ ଭକ୍ତ ଶ୍ରାଦ୍ଧ (ପିଣ୍ଡ) ଉଦ୍ଦେଶ୍ୟରେ ମନ୍ଦିର ପ୍ରବେଶ କରିଥିଲେ। ଏହି ପରି ଭିଡ଼ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା। ସେପଟେ ଶାରଦୀୟ ଦୂର୍ଗୋତ୍ସବ ଅବସରରେ ମାଙ୍କ ରଥଯାତ୍ରା ପାଇଁ ଚାଲିଛି ବ୍ୟାପକ ପ୍ରସ୍ତୁତି। ପବିତ୍ର ଶୁଭ ସୁନିଆଁ ଠାରୁ ଆରମ୍ଭ ହୋଇଥିବା ରଥ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମା' ବିରଜାଙ୍କ ପୀଠରେ ନବରାତ୍ର ପୂଜାର ସ୍ୱତନ୍ତ୍ରତା ହେଉଛି ରଥଯାତ୍ରା ପରମ୍ପରା। ଯାହାକି ଅନ୍ୟ କୌଣସି ଶକ୍ତି ପୀଠ ରେ ଦେଖିବାକୁ ମିଳେ ନାହିଁ। ପ୍ରତିବର୍ଷ ମହାଳୟା ଅମାବାସ୍ୟା ପ୍ରତିପଦ ଠାରୁ ମା'ଙ୍କ ନବ ଦିନାତ୍ମକ ରଥଯାତ୍ରା ଆରମ୍ଭ ହେବାର ପରମ୍ପରା ରହିଛି। ପ୍ରତିପଦ ଠାରୁ ମାଙ୍କ ଚଳନ୍ତି ପ୍ରତିମା ରଥ ଉପରକୁ ବିଜେ କରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି। ୯ ଦିନ ଧରି ମନ୍ଦୀର ଚତୁଃପାଶ୍ୱ ପରିକ୍ରମା କରିବେ ମା'। ଏଭଳି ବିରଳ ପରମ୍ପରା ଅନ୍ୟ କୌଣସି ଶକ୍ତି ପୀଠ ଠାରେ ଦେଖିବାକୁ ମିଳୁନଥିବାରୁ ଶ୍ରଦ୍ଧାଳୁ ମାନେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଛନ୍ତି ମାଙ୍କୁ ଦର୍ଶନ କରିବା ପାଇଁ। ଚଳିତ ବର୍ଷ ରଥଯାତ୍ରା ଓ ନବରାତ୍ର ପୂଜାକୁ ଶାନ୍ତିଶୃଙ୍ଖଳାରେ ଶେଷ କରିବାକୁ ମନ୍ଦୀର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯାଇଛି।

## ଠାକୁର ଘରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର



**ଧର୍ମଶାଳା/କବାଟବନ୍ଧ, ୧୯।୯(ସମିସ):** ଧର୍ମଶାଳା ବ୍ଲକ ଚକ୍ରଧରପୁର ପଞ୍ଚାୟତ ନୂଆସାହି ଗ୍ରାମରେ ଅଙ୍ଗନବାଡ଼ିର ନିଜସ୍ୱ ଗୃହ ନଥିବା ଅଭିଯୋଗ ହୋଇଛି। ଫଳରେ କୁନିକୁନି ପିଲାମାନେ ଗାଁ ଠାକୁର ଘରେ ବସି ପଢୁଛନ୍ତ। କୁସୁନପୁର, ବିଛାଖଣ୍ଡି ପରି ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱରେ ରହିଛି ଏହି ଗ୍ରାମ। ଏଠାରେ ବସବାସ କରନ୍ତି ଗରୀବ ଆଦିବାସୀ ଶ୍ରେଣୀର ଲୋକ। ଗ୍ରାମରେ ଲୋକ ସଂଖ୍ୟା ଅଧିକ ନଥିଲେ ମଧ୍ୟ ସାଧାରଣ ମୌଳିକ ଅଧିକାର ଏମାନଙ୍କ ପାଖରେ ନଥିଲା ପରି ମନେ ହେଉଛି। ଶିକ୍ଷାର ବ୍ୟବସ୍ଥା କହିଲେ ଏକ ଅଙ୍ଗନବାଡି କେନ୍ଦ୍ର ଏଠାରେ ରହିଛି। ଯାହା ପ୍ରାୟ ୧୫ ବର୍ଷ ପୂର୍ବରୁ ନିର୍ମିତ ହୋଇଥିଲା। ଏଥିରେ ପାଖାପାଖି ୨୦ ଜଣ ପିଲା ପଢ଼ନ୍ତି ବୋଲି ଅଙ୍ଗନବାଡି କର୍ମୀ ପ୍ରକାଶ କରିଛନ୍ତି। ଦୀର୍ଘ ୧୫ ବର୍ଷ ବିତିଯାଇଥିଲେ ମଧ୍ୟ ପିଲାଙ୍କ ପଢ଼ିବା ପାଇଁ ଗୋଟିଏ ନିଜସ୍ୱ ଗୃହନାହିଁ। ଗ୍ରାମର ଠାକୁରଙ୍କ କୋଠଘର ପିଣ୍ଡାରେ ଚାଲେ ଅଙ୍ଗନବାଡ଼ି କେନ୍ଦ୍ର। ଅଙ୍ଗନବାଡ଼ି ଦିନେ ଖୋଲା ହେଲେ ଦି'ଦିନ ବନ୍ଦ ରୁହେ। ଅଙ୍ଗନବାଡ଼ି ସହାୟିକାଙ୍କ ଭଙ୍ଗା ଦୋକାନ ଘରେ ପିଲାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହୁଏ। ସାମନ୍ୟ ବର୍ଷା ହେଲେ ପିଲାମାନେ ବସି ପଢ଼ିବାକୁ ଜାଗାଟିଏ ନାହିଁ। ତେଣୁ ଅଙ୍ଗନବାଡ଼ି ଛୁଟି କରିବାକୁ ପଡ଼େ। ଗ୍ରାମର ଲୋକମାନେ ନିଜେ ପ୍ରାୟ ୩୦ ହଜାର ଟଙ୍କା ଖର୍ଚ୍ଚ କରି ଏକ ଜାଗାକୁ ସମତୁଲ କରି ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ସରକାରଙ୍କୁ ଜାଗା ଚିହ୍ନଟ ଦେଇଛନ୍ତି ବୋଲି ପ୍ରକାଶ କରିଛନ୍ତି। ବାରମ୍ବାର ଅନୁରୋଧ ସତ୍ତ୍ୱେ ଅଙ୍ଗନବାଡ଼ି ଘରଟିଏ ହୋଇ ପାରିଲା ନାହିଁ ଏହି ଗ୍ରାମରେ। ଧର୍ମଶାଳା ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀଙ୍କୁ ଏ ବିଷୟରେ ପ୍ରଶ୍ନ କରିବାରୁ ସେ ଏହାର କୌଣସି ସନ୍ତୋଷଜନକ ଉତ୍ତର ଦେଇ ପରି ନଥିଲେ। ଧର୍ମଶାଳା ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ମଧ୍ୟ ଏ ବିଷୟରେ ପ୍ରଶ୍ନ କରାଯାଇଥିଲା ସେ ମଧ୍ୟ କିଛି ଏ ବିଷୟରେ ଜାଣିନାହାନ୍ତି, ସିଡିପିଓଙ୍କୁ ଓ ଜେଇଙ୍କୁ ପଚାରନ୍ତୁ। ଯଦି କିଛି ଏପରି କାର୍ଯ୍ୟ ହେବାର ଅଛି ମୁଁ ତାକୁ ଶୀଘ୍ର କରିବାକୁ ଚେଷ୍ଟା କରିବି ବୋଲି କହିଥିଲେ। ଏଠାକାର ଦାୟିତ୍ୱରେ ଥିବା ଜେଇ କହିଥିଲେ ମୋ ପାଖକୁ ସେପରି କିଛି କାର୍ଯ୍ୟ କରାଇବା ପାଇଁ ଆଦେଶ ଆସିନାହିଁ। ନୂଆସାହି ଲୋକଙ୍କର ଶିକ୍ଷା, ଗମନା ଗମନ, ପାନୀୟ ଜଳ ଆଦି ବିଷୟରେ ସରକାର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ଓ ସ୍ଥାନୀୟ ଲୋକ ଅନୁରୋଧ କରିଛନ୍ତି।

### ଯଯାତି କେଶରୀ ମେଡିକାଲ କଲେଜ

## ଔଷଧ ନେବାକୁ ଆସି ରୋଗୀ ହନ୍ତସନ୍ତ

**ଯାଜପୁର, ୧୯।୯(ସମିସ):** ଯାଜପୁର ମହାରାଜା ଯଯାତି କେଶରୀ ମେଡିକାଲ କଲେଜକୁ ଔଷଧ ନେବାକୁ ଆସି ରୋଗୀ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ କର୍କଟ ରୋଗରେ ପୀଡ଼ିତ ସମେତ ବିଭିନ୍ନ ରୋଗରେ ପୀଡ଼ିତ ରୋଗୀ ତଥା ରୋଗୀଙ୍କ ସମ୍ପର୍କୀୟ ମେଡିସିନ କାଗଜ ଦେଖାଇ ଔଷଧ ନେବାକୁ ଆସିଥିବା ବେଳେ ଖରାବେଳ ସମୟରେ ମଧ୍ୟାହ୍ନ ଭୋଜନ କରିବା ନାଁରେ ଦୁଇଟି କାଉଣ୍ଟର ବନ୍ଦ ହେବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ରୋଗୀଙ୍କ ପାଇଁ ଦୁଇଟି କାଉଣ୍ଟର ଖୋଲା ଯାଇଛି। ଗୋଟିଏ କାଉଣ୍ଟରରେ ମେଡିସିନ କାଗଜ (ପ୍ରେସ୍‌କ୍ରିପ୍ସନ) ଓ ଅନ୍ୟ କାଉଣ୍ଟରରେ ଏହି କାଗଜ ଦେଖାଇ ଔଷଧ ନେବାର ବ୍ୟବସ୍ଥା ରହିଛି। କିନ୍ତୁ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟ ଧାଡ଼ିରେ ଛିଡ଼ା ହୋଇଥିବା ବେଳେ କାଉଣ୍ଟର ଦୁଇଟିକୁ ବନ୍ଦ କରି ଦେବାରୁ ଲୋକେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅନ୍ୟ ପକ୍ଷରେ ଦିନ ଗୋଟାଏରୁ ଦୁଇଟା ପର୍ଯ୍ୟନ୍ତ ମେଡିସିନ ବିତରଣ କରୁଥିବା କର୍ମଚାରୀଙ୍କ ଖାଇବା ନିମନ୍ତେ ସମୟ ଧାର୍ଯ୍ୟ କରାଯାଇଥିବାରୁ କାଉଣ୍ଟର ଦୁଇଟିକୁ ବନ୍ଦ



କରି ଦିଆଯାଇଥିଲା ବୋଲି ମେଡିକାଲ କର୍ତ୍ତୃପକ୍ଷ ସଫେଇ ଦେଇଛନ୍ତି। ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ କହିବାନୁଯାୟୀ ଦୁଇଟି କାଉଣ୍ଟରରେ ଯେପରି ପ୍ରେସ୍‌କ୍ରିପ୍ସନ ଦେବା ଓ ଅନ୍ୟ କାଉଣ୍ଟରରୁ ମେଡିସିନ ନେବା ସମ୍ପର୍କରେ ସୂଚନା ଦିଆଯାଇଛି ସେହିପରି କର୍ମଚାରୀଙ୍କ ଖାଦ୍ୟ ଗ୍ରହଣ ସମ୍ପର୍କରେ ସମୟ ଧାର୍ଯ୍ୟ ସୂଚନା ଦେବା ଆବଶ୍ୟକ ରହିଛି। ଯାହାଦ୍ୱାରା କି ରୋଗୀ ଓ ତାଙ୍କ ସମ୍ପର୍କୀୟ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ଔଷଧ ନେଇ ପାରିବେ। ଏହା କରାଯାଇନଥିବାରୁ ରୋଗୀ ଓ ତାଙ୍କ ସମ୍ପର୍କୀୟ ଅସନ୍ତୋଷ ବ୍ୟକ୍ତ କରିବା ସହ ପାଟିତୁଣ୍ଡ କରିଥିଲେ। ଯାହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ମେଡିକାଲ ପରିଚାଳନା କମିଟି ଅଧିକାରିଣୀ ସୁନୀତା ପ୍ରଧାନଙ୍କୁ ପଚାରିବାରେ ଘଟଣା ନଜରକୁ ଆସିଛି। କ'ଣ ପାଇଁ ବନ୍ଦ କଲେ ସେ ନେଇ ବିଧିବଦ୍ଧ ତଦନ୍ତ କରାଯିବ। ଖାଇବା ସମୟରେ ଯେଉଁ ଦୁଇ କର୍ମଚାରୀ ଖାଇବାକୁ ଯିବେ ତାଙ୍କ ବଦଳରେ ଅନ୍ୟ କର୍ମଚାରୀ ଉପସ୍ଥିତ ରହିବା ପାଇଁ ନିୟମ ରହିଛି। କିନ୍ତୁ କ'ଣ ପାଇଁ ଏ ଅଘଟଣ ଘଟିଲା ତାକୁ ନେଇ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

### ଫେସ୍‌ବୁକ୍ ପ୍ରେମରୁ ପ୍ରତାରଣା

## ବିବାହ ପାଇଁ ଯୌତୁକ ଦାବି କରୁଛି ପ୍ରେମିକ

**ଦଶରଥପୁର, ୧୯।୯(ସମିସ):** ଫେସବୁକ ଓ ଇନଷ୍ଟାଗ୍ରାମରୁ ଆରମ୍ଭ ପ୍ରେମ ସମ୍ପର୍କ। ପରେ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ସତ୍ତ୍ୱେ ଏବେ ବିବାହ ପାଇଁ ରାଜି ନହେବାରୁ କଥା ଯାଇ ପହଞ୍ଚିଛି ଥାନାରେ। ମାମଲା ରୁଜୁ କରି ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ପୀଡ଼ିତା ଯୁବତୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ ମଙ୍ଗଳପୁର ଥାନା ଜାଫାରପୁର ଅଞ୍ଚଳର ରୁପା ମଲ୍ଲିକ (ଛଦ୍ମ ନାମ) ଓ ସେହି ଥାନା ଅଧୀନ ନୀଳକଣ୍ଠପୁର ଅଞ୍ଚଳର ହିମାଂଶୁ ମଲ୍ଲିକଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମ ଫେସ୍‌ବୁକ ଓ ଇନଷ୍ଟାଗ୍ରାମ ମାଧ୍ୟମରେ ସମ୍ପର୍କ ସ୍ଥାପିତ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଉଭୟ ବିବାହ କରିବେ ବୋଲି ସ୍ଥିର କରିବା ପରେ ହିମାଂଶୁ ଓ ରୁପା ଏକାଧିକବାର ବାହାରକୁ ବୁଲିବାକୁ ଯାଇଥିଲେ। ଏହି କ୍ରମରେ ହିମାଂଶୁ ଓ ରୁପାଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ସ୍ଥାପିତ ହୋଇଥିଲା। ତେବେ ହଠାତ ଦାବି ମୁତାବକ ଯୌତୁକ ନ ଆଣିଲେ ବିବାହ କରିବେ ନାହିଁ ବୋଲି ହିମାଂଶୁ ରୋକଠୋକ କହିବାରୁ ରୁପାଙ୍କ ପାଦ ତଳୁ ମାଟି ଖସି ଯାଇଥିଲା। ସାଙ୍ଗ ସାଥୀଙ୍କ ମାଧ୍ୟମରେ ବିବାହ ପାଇଁ ରୁପା ଯେତେ ଉଦ୍ୟମ କଲେ ମଧ୍ୟ ହିମାଂଶୁଙ୍କ ଏକା ଜିଦ୍ ଦାବି ମୁତାବକ ଯୌତୁକ ନ ଆଣିଲେ ବିବାହ ଅସମ୍ଭବ। ସବୁ ଉଦ୍ୟମ ଫେଲ ମାରିବା ପରେ ରୁପା ମଙ୍ଗଳପୁର ଥାନାରେ

### ଏସ୍‌ପିଙ୍କୁ ଅଭିଯୋଗ କଲେ ପୀଡ଼ିତା

ଗତ ୧୦ ତାରିଖରେ ହିମାଂଶୁଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ତେବେ ମଙ୍ଗଳପୁର ପୁଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ଚୁପ ହୋଇ ବସିଯାଇଛି। ଫଳରେ ଅଭିଯୁକ୍ତ ରୁପା ଓ ତାଙ୍କ ପରିବାର ଲୋକଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଉଥିବା ନେଇ ପୀଡ଼ିତା ଯୁବତୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯସ୍‌ପ୍ରତାପ ଶ୍ରୀମଲଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।

## ସର୍ପାଘାତ ସଚେତନତା କର୍ମଶାଳା

**ଯାଜପୁର, ୧୯।୯(ସମିସ):** ଯାଜପୁର ସହରସ୍ଥିତ ବୈଷ୍ଣବ ଦତ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରେ ସର୍ପାଘାତ ଜନିତ ମୃତ୍ୟୁସଂଖ୍ୟାକୁ ହ୍ରାସ କରିବା ନିମନ୍ତେ ଏକ କର୍ମଶାଳା ତଥା ସଚେତନତା କାର୍ଯ୍ୟକ୍ରମ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜସେବୀ ଦାମୋଦର ବେହେରା ଯୋଗଦେଇ ସର୍ପାଘାତ ଜନିତ ମୃତ୍ୟୁସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଘୋର ଉଦ୍‌ବେଗ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ରୂପେ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଯାଜପୁର ଜିଲ୍ଲା ସଂଯୋଜକ ଡ. ଅକ୍ଷୟ ପଣ୍ଡା ଯୋଗଦେଇ ସାପ ବିଷୟରେ ଅନେକ ତଥ୍ୟ ପ୍ରଦାନ କରିଥିଲେ। ଏହାପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା କରାଯାଇ କୃତିତ୍ୱ ହାସଲ କରିଥିବା ରଶ୍ମିପ୍ରିୟା ଦାଶ, କୈନା ପରୱିନ ଓ ପ୍ରିୟଙ୍କ ପ୍ରିୟଦର୍ଶନୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସୁକେଶିନୀ ବାରିକ ପ୍ରାରମ୍ଭିକ ସୂଚନା ଓ ପ୍ରଜ୍ଞାପରମିତା ରାଉତ ଅତିଥି ପରିଚୟ ଦେଇଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ସୁରମା ଦାଶ, ସୋନାଲି ସାହୁ, ସ୍ମୃତିରେଖା ଦେବୀ ଓ ବିଦ୍ୟାଳୟର ଅନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହାୟତା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ମାଳତୀ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଚାଷୀଙ୍କ ଠାରୁ ୨୦ ଲକ୍ଷ ଟଙ୍କାର ଧାନ ଲୁଟ୍

**ସୁକିନ୍ଦା, ୧୯।୯(ସମିସ):** ସୁକିନ୍ଦା ଅଞ୍ଚଳର ଚାଷୀଙ୍କ ଠାରୁ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଧାନ ଲୁଟ୍ କରିଥିବା ଅଭିଯୋଗରେ ଅଭିଯୁକ୍ତକୁ ପୁଲିସ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି। ଏହି ଅଭିଯୁକ୍ତ କଳିଙ୍ଗନଗର ଥାନା ଅନ୍ତର୍ଗତ ଝୁମ୍ପାଣ ଗ୍ରାମ ଜିତେନ୍ଦ୍ର ମହାନ୍ତ ଓରଫ ଟୁକୁନା ଏହି ଲୁଟେରା କଳିଙ୍ଗନଗର, ସୁକିନ୍ଦା ଓ କାଳିଆପାଣି ଥାନା ଅଞ୍ଚଳର ୨୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ୨୦ଲକ୍ଷରୁ ଅଧିକ ଟଙ୍କାର ଧାନ ନେଇ ଟଙ୍କା ଦେଉନାହିଁ। ଚାଷୀ ମାନେ ବାରମ୍ବାର ଠକ ବ୍ୟବସାୟୀ ପାଖକୁ ଦୌଡ଼ି ଦୌଡ଼ି ଟଙ୍କା ନପାଇ ନିରାଶ ହେବାରୁ ତିନି ଥାନାରେ ଅଭିଯୋଗ କରିଛନ୍ତି। ସୁକିନ୍ଦା ପୋଲିସ ଠକ ଧାନ ବେପାରୀକୁ ଧରି ଚାଷୀ ମାନଙ୍କ ଟଙ୍କା ଦେବାକୁ ପ୍ରୟାସ ଜାରି ରଖିଛି।

## ଝୁଲନ୍ତା ଅବସ୍ଥାରେ ମହିଳାଙ୍କ ମୃତଦେହ ଉଦ୍ଧାର

**ବାଲିଚନ୍ଦ୍ରପୁର, ୧୯।୯(ସମିସ):** ଗତ ବର୍ଷକ ତଳେ ବିବାହ କରିଥିବା ଜଣେ ମହିଳାଙ୍କର ମୃତଦେହ ଆଜି ତାଙ୍କ ଶାଶୁ ଘର ନିକଟସ୍ଥ ଏକ ଗଛରେ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ତେବେ ଖବର ପାଇ ପୁଲିସ ମୃତ ମହିଳାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ମୋ ଝିଅକୁ ତାର ଶାଶୁ ଘର ଲୋକେ ହତ୍ୟା କରି ଗଛରେ ଝୁଲାଇ ଆତ୍ମହତ୍ୟା ରୂପ ଦେଉଛନ୍ତି ବୋଲି ମୃତା ମହିଳାଙ୍କ ବାପା ଥାନାରେ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି। ସୂଚନା ମୁତାବକ ବରୀ-ରାମଚନ୍ଦ୍ର ପୁର ଥାନା ଅନ୍ତର୍ଗତ ଗମ୍ଭୁ ଗ୍ରାମର ରମେଶ ଚନ୍ଦ୍ର ମଲ୍ଲିକଙ୍କ ଝିଅ ଚିତାଲି ମଲ୍ଲିକ (୨୧) ଗତ ବର୍ଷକ ପୂର୍ବରୁ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲେଇ ଗ୍ରାମର ପିଣ୍ଟୁ ମଲ୍ଲିକଙ୍କୁ ବିବାହ କରିଥିଲେ। ତେବେ ଆଜି ସକାଳେ ଚିତାଲିଙ୍କ ମୃତଦେହ ଶାଶୁ ଘର ପାଖ ଏକ ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। କୌଣସି କାରଣରୁ ଚିତାଲି ଆତହତ୍ୟା କରିଥିବା ନେଇ ଶାଶୁ ଘର ଲୋକେ କହୁଥିବା ବେଳେ ମୋ ଝିଅକୁ ତା'ର ଶାଶୁ, ସ୍ୱାମୀ, ଯାଆ ଓ ଦେଢଶୁର ମିଶି ହତ୍ୟା କରି ପରେ ଗଛରେ ଝୁଲାଇ ଦେଇ ଆଇହତ୍ୟା ରୂପ ଦେଉଛନ୍ତି ବୋଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବିବାହ ପର ଠାରୁ ମୋ ଝିଅକୁ ଶାଶୁ ଘର ଲୋକେ ନିର୍ଯ୍ୟାତନା ଦେବା ସହିତ ଜୀବନରୁ ମାରି ଦେବାକୁ ଧମକ ଦେଇଥାନ୍ତି ବୋଲି ରମେଶ ମଲ୍ଲିକ ଅଭିଯୋଗ କରିଛନ୍ତି। ଖବର ପାଇ ଥାନାଧିକାରୀ ସମରଜିତ ନାୟକଙ୍କ ନିର୍ଦ୍ଦେଶକ୍ରମେ ଏସ ଆଇ ସମ୍ବିତ ବେହେରା ମାଜିଷ୍ଟ୍ରେଟଙ୍କ ସହିତ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ ପୂର୍ବକ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଥାନା କେଶ ନମ୍ବର ୧୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

### ଅଶୋକ ଦାସ ଫାଉଣ୍ଡେସନର ବନ୍ଧୁମିଳନରେ ବବିଙ୍କ ଘୋଷଣା

# କୋରେଇବାସୀଙ୍କ ଦାୟିତ୍ୱ ନେବେ ଭବପ୍ରସାଦ

**ପାଣିକୋଇଲି, ୧୯।୯(ସମିସ)**

କୋରେଇବାସୀ ମୋ ପରିବାର ସଦସ୍ୟ। ମୋ ବାବାଙ୍କୁ ବିଭିନ୍ନ ରାଜନୈତିକ ଦଳରୁ ନେତା କରିଥିଲେ ଏହି କୋରେଇବାସୀ। ସେହି କୋରେଇବାସୀଙ୍କ ସେବା କରିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ ମା' ସନ୍ଧ୍ୟାରାଣୀ ଦାସଙ୍କୁ ଗତ ନିର୍ବାଚନରେ ସୁଯୋଗ ଦେଇଥିଲେ। ଜିତିବା ଏବଂ ହାରିବା ଆମ ପରିବାର ପାଇଁ ବଡ଼ କଥା ନଥିଲା ବରଂ ମୋ କୋରେଇ ପରିବାରକୁ ଫେରିବା ବଡ଼ କଥା ଥିଲା। ଅଳ୍ପ ସମୟ ମଧ୍ୟରେ କୋରେଇବାସୀ ଯେଉଁଭଳି ସାହାଯ୍ୟ ସମର୍ଥନ କରିଛନ୍ତି ତାକୁ ମୁଁ କେବେ ବି ଭୁଲି ପାରିବିନାହିଁ। ସେହି କୋରେଇବାସୀଙ୍କ ପାଇଁ ସବୁଦିନ ମୁଁ ଏବଂ ମୋର ପରିବାର ରହିଛୁ ଓ ରହିଥିବୁ। ସେଥିପାଇଁ ଆଜି ଠାରୁ ଅଶୋକ ଦାସ ଫାଉଣ୍ଡେସନ ମାଧ୍ୟମରେ କୋରେଇ ବାସୀଙ୍କ ସେବା କରାଯିବ। ଫାଉଣ୍ଡେସନର ମହାସଚିବ ଭବ ପ୍ରସାଦ ଦାସ ଓରଫ ଲଲ କୋରେଇବାସୀଙ୍କ ସମସ୍ତ ଦାୟିତ୍ୱ ନେବେ



ବୋଲି ଘୋଷଣା କରିଛନ୍ତି ବରିଷ୍ଠ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ। ଷଠିପୁର ଠାରେ ଅଶୋକ ଦାସ ଫାଉଣ୍ଡେସନର ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇ ସିଧାସଳଖ ଭବପ୍ରକାଶଙ୍କୁ ଆଗାମୀ ଦିନରେ କୋରେଇର ନେତୃତ୍ୱ ନେବା ପାଇଁ ଇସାରା ଦେଇଥିଲେ। ଯାହାକୁ ଉପସ୍ଥିତ ବିଜୁ ଜନତା ଦଳର କର୍ମୀ ଓ ନେତା ମାନେ କରତାଳି ଦେଇ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ କୋରେଇ ବ୍ଲକ ସମେତ ବ୍ୟସନଗର ପୌରାଞ୍ଚଳ ଓ ରସୁଲପୁର ବ୍ଲକର ୯ ପଞ୍ଚାୟତର ସମସ୍ତ କର୍ମୀ ଉପସ୍ଥିତ ଥିଲେ। କୋରେଇ ନିର୍ବାଚନ ମଣ୍ଡଳୀରେ ଫାଉଣ୍ଡେସନର ଆବାହକ ଭାବେ ଅଶୋକ ଦାସଙ୍କ ସହଯୋଗୀ ତଥା ସମାଜସେବୀ ସୁବାସ ଧଳଙ୍କ ନାମ ଶ୍ରୀ ଦାସ ଘୋଷଣା କରିଥିଲେ। କୋରେଇ ବିଜୁ ଜନତା ଦଳର ସଭାପତି ଭକ୍ତବତ୍ସଳ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନା, କୋରେଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଲାଇ, ସୌଭାଗ୍ୟ ମହାନ୍ତି, ଲୀଳାବତୀ ସ୍ୱାଇଁ, ବଳରାମ ସାହୁ, ଅଦ୍ୱୈତ ଚରଣ ଦାସ, ନବାବ ବେଗ, ପ୍ରଶାନ୍ତ ପଣ୍ଡା, କୈଳାସ ମିଶ୍ର, ପଙ୍କଜିନୀ ସାହୁ, ଶିବାନନ୍ଦ ନାୟକ, ପୂର୍ଣ୍ଣ ଚନ୍ଦ୍ର ଦାସ, କଳ୍ପନା ପରିଡ଼ା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଆଗାମୀ ଦିନରେ ଭବପ୍ରସାଦଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ଆଗକୁ ସଶକ୍ତ ହେବ ବୋଲି ମତ ପ୍ରକାଶ କରିଥିଲେ। ଏକ ସୁସ୍ଥ ସମାଜ ଗଠନ ଦିବରେ ଅବହେଳିତ ଲୋକଙ୍କ ସ୍ୱର ଭାବେ ଅଶୋକ ଦାସ ଫାଉଣ୍ଡେସନ କାର୍ଯ୍ୟକରିବ ବୋଲି ଶ୍ରୀ ଧଳ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକମର ସଫଳ କରିବାରେ ପ୍ରତାପ ମହାନ୍ତି, ତାରକେଶ୍ୱର ମହାନ୍ତି, ରାକେଶ ମହାନ୍ତି, ଜୟନ୍ତ ନାୟକ, ପ୍ରଫୁଲ୍ଲ ଦାସ, ଉମାକାନ୍ତ ମାଝୀ, ସୁବାସ ବଳ. ସନ୍ତୋଷ ସ୍ୱାଇଁ, ବିଶ୍ୱମ୍ଭର ଖୁଣ୍ଟିଆ, ବାବୁଲାଲ ଗୁରୁ, ମନୋଜ ରାଉତ, ଅଶୋକ ମଲ୍ଲିକଙ୍କ ସମତେ ଶତାଧିକ ଯୁବ କର୍ମୀ ଯୋଗଦେଇଥିଲେ। ରସୁଲପୁର ବ୍ଲକ ଦାୟିତ୍ୱରେ ପ୍ରଶାନ୍ତ କୁମାର ପଣ୍ଡା, ବ୍ୟାସନଗର ପୌରାଞ୍ଚଳ ଦାୟିତ୍ୱରେ ସିଦ୍ଧାନ୍ତ ସାମଲଙ୍କ ନାମ ଘୋଷଣା କରାଯାଇଥିଲା।

Nippon india Mutual Fund
Wealth sets you free

Mutual Fund Investor Awareness Program

To increase awareness about Mutual Funds, we conduct Investor Awareness Programmes (IAPs) across the country. Schedule of upcoming IAP is as mentioned below.

| Date | Time | Location |
|---|---|---|
| 19th September, 2025 | 06:00 PM | Rourkela |

Venue: Hotel Radhika Regency, Bisra Road, Rourkela-769001
Name: Sahanwaj Alam | Mob. No.: Sahanwaj Alam

Nippon Life India Asset Management Limited | CIN : L65910MH1995PLC220793

Mutual Fund investments are subject to market risks, read all scheme related documents carefully.

ସକାଳ
THE SAKALA

# ସମ୍ପାଦକୀୟ



ଭାରତ ପ୍ରତ୍ୟେକ ମହାନ ଧର୍ମର ନିବାସ ସ୍ଥଳ।
-ଆନି ବେସାନ୍ତ

## ଲଘୁ ଖଣିଜ ସମ୍ପଦ ଲୁଟ୍

ଆମ ରାଜ୍ୟରୁ ଲଘୁ ଖଣିଜ ଚୋରାଚାଲାଣ ସମସ୍ତ ନିୟନ୍ତ୍ରଣକୁ ଅତିକ୍ରମ କରିଯାଇଛି। କ୍ଷମତା କେନ୍ଦ୍ରର କଠୋର କଟକଣା ଓ ନିର୍ଦ୍ଦେଶର କ୍ରମାଗତ ଉଲ୍ଲଙ୍ଘନରୁ ସ୍ପଷ୍ଟ ବାରି ହୋଇପଡୁଛି ଯେ ଚୋରା ଚାଲାଣକାରୀ ମାଫିଆଙ୍କ ସହ ଅସାଧୁ ମେଣ୍ଟର ଉଚ୍ଚସ୍ତରରେ ସଂପର୍କ ଥିବାରୁ ରାଜ୍ୟର ବିପୁଳ ରାଜସ୍ୱହାନି ଘଟୁଛି। ଏପରିକି କ୍ଷମତାକେନ୍ଦ୍ର ସହ ସଂଶ୍ଲିଷ୍ଟ ଦଳର ବରିଷ୍ଠ ନେତା ଏହି ଚୋରା ଚାଲାଣ ନେଇ ସ୍ୱର ଉତ୍ତୋଳନ କରିଥିଲେ ମଧ୍ୟ କୌଣସି ପ୍ରଭାବ ତୃଣମୂଳ ସ୍ତରରେ ପଡୁନାହିଁ। ଏ ବାବଦରେ ରାଜସ୍ୱ ଆଦାୟ ୧୪୮୫ କୋଟିରୁ ୬୦୦ କୋଟିଟଙ୍କାକୁ ହ୍ରାସ ପାଇଥିବାରୁ ଶାସନକଳର ଚରମ ଉଦାସୀନତା ସବୁରି ମହଲରେ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗତ ମାର୍ଚ୍ଚମାସରେ ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ଏସପିଙ୍କୁ ପଥର, ବାଲି ଓ ମୋରମ ଭଳି ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ବିଶେଷକରି ନିୟମିତ ଚଢ଼ଉ ପାଇଁ ଦେଇଥିବା ନିର୍ଦ୍ଦେଶ ପ୍ରତି ଏପର୍ଯ୍ୟନ୍ତ ଉଚିତ ଧ୍ୟାନ ଦିଆଯାଇଥିଲା ଭଳି ମନେହେଉନାହିଁ। ଏହି ଖଣିଜ ସଂପଦର ନୂଆ ଉତ୍ସ ଚିହ୍ନଟ କରି ଅତିରିକ୍ତ ରାଜସ୍ୱ ଆଦାୟ ଯୋଜନା ମଧ୍ୟ କାର୍ଯ୍ୟକାରୀ ହେଉନାହିଁ। ଫଳରେ ଖଣି ମାଫିଆ ସେମାନଙ୍କ କାର୍ଯ୍ୟ ପରିସର ବଢ଼ାଇ ନିର୍ବାଧରେ ଚୋରା ଚାଲାଣ କରୁଛନ୍ତି। ଏକଥା ସତ ଯେ ଏହି ଲୁଟତରାଜ ରୋକିବା ପାଇଁ ମିଳିତ ଚଢ଼ଉର ଆବଶ୍ୟକତା ରହିଛି। ପୁଲିସ, ତହସିଲ, ଖଣି ଓ ଆବଶ୍ୟକ ସ୍ଥଳେ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ନେଇ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯିବା ଜରୁରୀ ହୋଇପଡ଼ିଛି। ନିୟମିତ ଭାବେ ମିଳିତ ଚଢ଼ାଉ କଲେ ଚୋରା ଚାଲାଣକୁ ରୋକିହେବ। ପରିସ୍ଥିତି ଏପରି ହୋଇଛି ଯେ ଚଢ଼ଉ ବେଳେ ତହସିଲ କର୍ତ୍ତୃପକ୍ଷଙ୍କୁ ଧମକ ଚମକ ଦେଇ ଖଣି ମାଫିଆ ନିଜ ଶୈଳୀରେ ଚୋରା ଚାଲଣ ଜାରି ରଖିଛନ୍ତି। ବେଳେ ବେଳେ ମନେହୁଏ ସେମାନଙ୍କର ଉଚ୍ଚକ୍ଷମତା ସମ୍ପନ୍ନ ବ୍ୟକ୍ତିବିଶେଷଙ୍କ ସହ ସଂପର୍କ ଥିବାରୁ ନିମ୍ନସ୍ତରର କ୍ଷମତାଧାରୀ ନିଜକୁ ଅସହାୟ ମନେ କରୁଛନ୍ତି। ଏଭଳି ଏକ ପ୍ରତିକୂଳ ପରିସ୍ଥିତିରେ ସମସ୍ତେ ନିଜ ନିଜ ଢଙ୍ଗରେ ହାତ ଚିକ୍କଣ କରି ନିରବ ରହୁଛନ୍ତି। ଏହି ବାସ୍ତବ ଦିଗ ପ୍ରତି ଉପରୁ ନିର୍ଦ୍ଦେଶ ଦେଉଥିବା କର୍ତ୍ତୃପକ୍ଷ ଧ୍ୟାନ ଦେଉ ନ ଥିବାରୁ କେବଳ କାଗଜ କଲମରେ ଚାଷ ହେଉଛି ସିନା ଚୋରା ଚାଲାଣ ରୋକି ହେଉନାହିଁ।

ପୁଲିସ-ତହସିଲ-ଖଣି ବିଭାଗର ମଧୁଚନ୍ଦ୍ରିକା ସଂପର୍କରେ ଯାହା କୁହାଯାଉଛି ତାହା ଯେ ସଂପୂର୍ଣ୍ଣ ରୂପେ ବିଭ୍ରାନ୍ତକର ଏକଥା ନୁହେଁ। ଏବାବଦରେ ହେଉଥିବା ରାଜସ୍ୱ ହରିଲୁଟ ପଛରେ ଯେଉଁ ପ୍ରଭାବଶାଳୀ ବର୍ଗ ଅଛନ୍ତି ସେମାନଙ୍କ ପ୍ରସଙ୍ଗ ଆଲୋଚନା ପରିସରକୁ ଆସୁନାହିଁ। ତଳଠାରୁ ଉପରସ୍ତର ପର୍ଯ୍ୟନ୍ତ ଏବାବଦରେ ଆଦାୟ ହେଉଥିବା ଅର୍ଥର ଅଂଶୀଦାର ଅଛନ୍ତି। ଅନେକ କ୍ଷେତ୍ରରେ ଖଣିମାଫିଆଙ୍କ ପ୍ରତି ରାଜନେତାଙ୍କ ଆଶୀର୍ବାଦ ଥିବାରୁ ସେମାନେ ନିର୍ଭୟରେ ଲଘୁ ଖଣିଜ ଲୁଟି ଚାଲିଛନ୍ତି। ଧର ପଗଡ଼ ବେଳେ ସେମାନେ କର୍ତ୍ତୃପକ୍ଷଙ୍କୁ ପାଲଟା ନାଲିଆଖି ଦେଖାଇ ଚମ୍ପଟ ମାରୁଛନ୍ତି। ଏଭଳି ପରିସ୍ଥିତିରେ କିଏ କାହାକୁ ରୋକିବ? ଲଘୁ ଖଣିଜ ସମ୍ପଦ ବ୍ୟାପାରରେ ବାଡ଼ି ଫସଲ ଖାଇବା ନୀତି ଅନୁସରଣ କରାଯାଉଥିବାରୁ ରାଜସ୍ୱ ହାନି ଘଟିବା ସ୍ୱାଭାବିକ।

## ବିପଦରେ ପ୍ରବାସୀ ଭାରତୀୟ

ଆମଦେଶର ପ୍ରାୟ ୪କୋଟି ଲୋକ ବିଦେଶରେ ଅବସ୍ଥାନ କରୁଛନ୍ତି। ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଦୈନିକ ହାରାହାରି ୭୦୦ ଭାରତୀୟ ଦେଶ ଛାଡୁଛନ୍ତି। ସମ୍ପନ୍ନ ପରିବାରରେ ବିଶେଷତଃ ଏହି ମାନସିକତା ପରିଲକ୍ଷିତ ହେଉଛି। ଏହି ପ୍ରବାସୀ ଭାରତୀୟ ଏଠାରେ ଥିବା ନିଜ ପରିବାର ଓ ପରିଜନଙ୍କ ସକାଶେ ନିୟମିତ ପଠାଉଥିବା ଡଲାର ଆମ ଅର୍ଥନୀତିକୁ ସୁଦୃଢ଼ କରିବାରେ ସହାୟକ ହେଉଛି। ସେମାନଙ୍କ ନିକଟରୁ ଗତ ବର୍ଷ ୧୩୬ ବିଲିୟନ ଡଲାର ଭାରତକୁ ଆସିଛି। ଆମ ଜିଡିପିରେ ଏହାର ଅବଦାନ ୩.୪ ପ୍ରତିଶତ। ଏହାଛଡ଼ା ଗଚ୍ଛିତ ବୈଦେଶିକ ବିନିୟମ ମୁଦ୍ରା ଅଭିବୃଦ୍ଧିରେ ସେମାନଙ୍କ ଦ୍ୱାରା ପ୍ରେରିତ ଡଲାରର ଅବଦାନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏସବୁ ଉଲ୍ଲେଖ କଲାବେଳେ ସ୍ୱତଃ ମନରେ ଉଙ୍କିମାରେ ସମ୍ଭ୍ରାନ୍ତ ଓ ସମ୍ପନ୍ନ ପରିବାର ଭାରତର ତଥାକଥିତ ପ୍ରଗତିରେ ଅଂଶୀଦାର ନହୋଇ କାହିଁକି ଦେଶ ଛାଡୁଛନ୍ତି। ଏ ସଂପର୍କରେ ଏପର୍ଯ୍ୟନ୍ତ ଆମ ଦେଶରେ କୌଣସି ତାଜା ସମୀକ୍ଷା ହୋଇନାହିଁ। ସେମାନଙ୍କ ତଥାକଥିତ ରେମିଟାନ୍ସରେ ହିଁ ଆମେ ସନ୍ତୁଷ୍ଟ ଥିଲା ଭଳି ମନେ ହେଉଛି।

ଏବେ ଆମ ପାଇଁ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି ଏହି ପ୍ରବାସୀ ଭାରତୀୟମାନେ ଅବସ୍ଥାନ କରୁଥିବା ରାଷ୍ଟ୍ରରେ ମୁଣ୍ଡ ଟେକିଥିବା ଅତିବାଦୀ ଦକ୍ଷିଣପନ୍ଥୀଙ୍କ ବହିରାଗତ ବିଦ୍ୱେଷୀ ଆନ୍ଦୋଳନ। ଏହି ପ୍ରବାସୀଙ୍କ ଅବସ୍ଥାନ ଫଳରେ ମୂଳବାସିନ୍ଦା ନିଯୁକ୍ତି ସୁଯୋଗରୁ ବଂଚିତ ହେବା ସହ ମୂଲ୍ୟବୃଦ୍ଧି ସେମାନଙ୍କ ଜୀବନକୁ ଦୁର୍ବିସହ କରିପକାଇଛି। ସମଗ୍ର ବିଶ୍ୱରେ ଦକ୍ଷିଣପନ୍ଥୀ ମାନସିକତାର ଅଭ୍ୟୁଦୟ ଘଟିଥିବାରୁ ସେମାନଙ୍କ ଆନ୍ଦୋଳନ ଓ ହିଂସା, କ୍ଷମତାସୀନ ସରକାର ପ୍ରତିକୂଳ ଅର୍ଥନୀତିର ମୁକାବିଲା କରୁଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ଭଳି ନୂଆ ସମସ୍ୟାର ସମ୍ମୁଖୀନ ହୋଇଛି। ପ୍ରବାସୀ ଭାରତୀୟ ବିରୋଧୀ ଆନ୍ଦୋଳନ ଅଷ୍ଟ୍ରେଲିଆ ପରେ ବ୍ରିଟେନରେ ତୀବ୍ର ହେବାରେ ଲାଗିଛି। ଗତ ଶନିବାର ଲଣ୍ଡନରେ ଦେଢ଼ଲକ୍ଷ ମୂଳବାସିନ୍ଦା ଟମ୍ ରବିନ୍‌ସନ୍‌ଙ୍କ ନେତୃତ୍ୱରେ ରାଜରାସ୍ତାକୁ ଓହ୍ଲାଇ ବହିରାଗତଙ୍କୁ ବହିଷ୍କାର ଦାବି କରିଥିଲେ। ଏହା ମୁଖ୍ୟତଃ ଥିଲା ପ୍ରବାସୀ ଭାରତୀୟଙ୍କ ବିରୋଧରେ। ଆଇନ ଶୃଙ୍ଖଳା ରକ୍ଷା ଦାୟିତ୍ୱରେ ଥିବା ୨୬ ବରିଷ୍ଠ ଅଧିକାରୀ ହିଂସାକାଣ୍ଡରେ ଆହତ ହୋଇଛନ୍ତି। ଏହି ସମାବେଶକୁ ଆଭାସୀ ମାଧ୍ୟମରେ ଉଦ୍‌ବୋଧନ ଦେଇ ଏଲନ ମସ୍କ କହିଛନ୍ତି – ମାଡ଼ି ଆସୁଛି ହିଂସା ମୁକାବିଲା କର, ନହେଲେ ମୃତ୍ୟୁକୁ ଆଦରି ନିଅ। ଲଣ୍ଡନରେ ଉପୁଜିଥିବା ଏହି ପରିସ୍ଥିତିର କିଛିଦିନ ପୂର୍ବରୁ ଅଷ୍ଟ୍ରେଲିଆରେ ପ୍ରବାସୀ ଭାରତୀୟଙ୍କ ବହିଷ୍କାର ଦାବି କରି ମୁଣ୍ଡ ଟେକିଥିବା ଆନ୍ଦୋଳନ ଭୟଙ୍କର ରୂପ ନେଇଥିଲା। ଏହି ବହିରାଗତଙ୍କ ଭୋଟ ଉପରେ ନିର୍ଭରଶୀଳତା ଦୃଷ୍ଟିରୁ ସରକାର କଠୋର ଦମନ ନୀତି ମାଧ୍ୟମରେ ଆନ୍ଦୋଳନକୁ ଚପାଇଦେଇଥିଲେ ମଧ୍ୟ ପରିସ୍ଥିତି ସୁଧୁରିନି। ଅନୁରୂପ ପରିସ୍ଥିତି ଆର୍ୟଲାଣ୍ଡରେ ମଧ୍ୟ ଅନୁଭୂତ ହୋଇଛି। ସବୁ ଦେଶରେ ମୂଳ ବାସିନ୍ଦାଙ୍କ ସେହି ଏକା ଦାବି। ଆମେରିକା ଓ କାନାଡ଼ା ସ୍ଥିତି ସଂପର୍କରେ ଅଧିକ କିଛି ଉଲ୍ଲେଖ କରିବା ଅନାବଶ୍ୟକ। ନିକଟରେ ଆମେରିକାରୁ ଦକ୍ଷିଣ କୋରିଆ ପ୍ରବାସୀଙ୍କୁ ବହିଷ୍କାର କରାଯାଇଛି। ଏହାସତ୍ତ୍ୱେ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ପ୍ରବାସୀଙ୍କ ସେବା ଓ ସହଯୋଗର ଆବଶ୍ୟକତା ଦେଶରେ ରହିଛି।

ଏକଥା ଉଲ୍ଲେଖ କଲାବେଳେ ଆମକୁ କହିବାକୁ ପଡୁଛି ଯେ ପଡ଼ୋଶୀ ନେପାଳ ଓ ବାଂଲାଦେଶରେ ଭାରତୀୟଙ୍କ ବିରୋଧରେ କ୍ରମାଗତ ହିଂସା ଉପୁଜୁଥିଲେ ମଧ୍ୟ କିଛି ପ୍ରତିକାର କରାଯାଇ ପାରୁନି। କେବଳ ସୀମାରେ ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ କରି ସରକାର ନିରବ ଦ୍ରଷ୍ଟା ସାଜିଛନ୍ତି। ନେପାଳ ସହ ଆମର ଆଧ୍ୟାତ୍ମିକ ଓ ସାଂସ୍କୃତିକ ସଂପର୍କ ଥିଲେ ମଧ୍ୟ ଭାରତୀୟଙ୍କ ପ୍ରତି ଆକ୍ରୋଶମୂଳକ ହିଂସା ର କୌଣସି ଉତ୍ତର ଆମ ପାଖରେ ନାହିଁ।

# ନିର୍ବାଚନ ରଣାଙ୍ଗନରେ ଶବ୍ଦର ଯାଦୁ

**ଜିତୁ ନାଥ**

ସମ୍ପ୍ରତି ବିହାର ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ 'ଭୋଟ ଚୋରି' ପରି ଏକ ଆକର୍ଷଣୀୟ ଉତ୍କଣ୍ଠାପୂର୍ଣ୍ଣ ଶବ୍ଦକୁ ମତଦାତାଙ୍କ ମାନସିକ ଭାବନା ସହ ଯୋଡ଼ିବାକୁ ବିରୋଧୀ ଦଳ ନେତା ପ୍ରୟାସ କରୁଛନ୍ତି। ପରିବର୍ତ୍ତିତ ପରିସ୍ଥିତିରେ ଅନ୍ୟାନ୍ୟ ବିରୋଧୀ ଦଳର ନେତାମାନେ ଏହାକୁ ଜାତୀୟ, ପ୍ରାଦେଶିକ ଓ ସ୍ଥାନୀୟ ସ୍ତରରେ ବାରମ୍ବାର ଉଚ୍ଚାରଣ କରି ଏହାର ଗୁରୁତ୍ୱ ବଢ଼ାଇବାକୁ ଯୋଜନା କରୁଛନ୍ତି। ବିହାରରେ ଚାଲିଥିବା 'ଭୋଟର ଅଧିକାର ଯାତ୍ରା'ରେ ଏହି ଶବ୍ଦକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଭୋଟ ଚୋରି ଦ୍ୱାରା ଭାରତୀୟ ଗଣତନ୍ତ୍ରକୁ ବିପନ୍ନ ଏବଂ ବିହାର ମତଦାତାଙ୍କ ସର୍ବନିମ୍ନ ଅଧିକାରକୁ ଛଡ଼େଇ ନେବାର ପ୍ରୟାସ କେନ୍ଦ୍ର ସରକାର ଓ ନିର୍ବାଚନ କମିଶନ କରୁଛନ୍ତି ବୋଲି ପ୍ରଚାର କରାଯାଉଛି। ଏହି ଶବ୍ଦ ବର୍ତ୍ତମାନ ବିରୋଧୀ ଦଳର ମୁଖ୍ୟ ଅସ୍ତ୍ର ହିସାବରେ ଗ୍ରହଣ କରାଯାଇଛି ଏବଂ ଏହାର ସଫଳତା ପାଇଁ ବିଭିନ୍ନ ମାଧ୍ୟମ ଅବଲମ୍ବନ କରାଯାଉଛି। ଏପରି ସ୍ଲୋଗାନ, ଶବ୍ଦ, ଶବ୍ଦପୁଞ୍ଜ, ସଂଳାପ, ଫକ୍ତି, ଲୋକକଥା ବେଳେବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ପଛରେ ପକାଇ ଭୋଟରଙ୍କ ଭାବାବେଗକୁ ନିୟନ୍ତ୍ରଣ କରିଥାଏ ଏବଂ ନିର୍ବାଚନର ଫଳାଫଳାକୁ ନିର୍ଦ୍ଧରଣ କରିଥାଏ।

ସ୍ୱାଧୀନତା ପରର ପ୍ରଥମ ନିର୍ବାଚନଠାରୁ ଆରମ୍ଭ କରି ଅଦ୍ୟାବଧି ଦେଶର କେନ୍ଦ୍ର ସରକାର ବା ପ୍ରାଦେଶିକ ସରକାରଙ୍କ ଗଠନରେ ଏପରି ସ୍ଲୋଗାନର ଯଥେଷ୍ଟ ଭୂମିକା ଥିବାର ପ୍ରମାଣ ରହିଛି। ସ୍ଲୋଗାନ ମାଧ୍ୟମରେ ଦଳର ମୁଖ୍ୟ ପ୍ରଚାରକ ଏକ ଦୃଢ଼ ବାର୍ତ୍ତା ଦିଅନ୍ତି, ଯାହା ଭୋଟରକୁ ଉତ୍ସାହିତ କରିଥାଏ। ଏହାଦ୍ୱାରା ଭୋଟଦାନର ହାର ମଧ୍ୟ ବଢ଼ିବାର ସମ୍ଭାବନା ଥାଏ। ତୁଣ୍ଡ ବାଇଦ ସହସ୍ର କୋଶ ପରି ଏହି ଶବ୍ଦ ଏକ ନିର୍ଦ୍ଦିଷ୍ଟ ଦଳର ଆଭିମୁଖ୍ୟକୁ ବହୁ ସହଜରେ ନିର୍ବାଚନ କ୍ଷେତ୍ରର କୋଣ ଅନୁକୋଣରେ ପହୁଞ୍ଚାଇଥାଏ। ସମୟ ସମୟରେ ରାଜନୈତିକ ଅସ୍ଥିରତା, ଆଶା-ଆଶଙ୍କା ମଧ୍ୟରେ ଏପରି ସ୍ଲୋଗାନ ମଧ୍ୟ ମତଦାତାଙ୍କୁ ଯୋଡ଼ିବାରେ ସାହାଯ୍ୟ କରିଥାଏ ଏବଂ ବହୁଦିନ ପର୍ଯ୍ୟନ୍ତ ଜନମାନସରେ ଉଜ୍ଜୀବିତ ରହିଥାଏ।

ଗତ ଫେବୃଆରୀ ମାସରେ ଦିଲ୍ଲୀ ବିଧାନସଭା ନିର୍ବାଚନର ଫଳାଫଳ ଆଶ୍ଚର୍ଯ୍ୟଜନକ ଥିଲା। ଆମ ଆଦମୀ ପାର୍ଟି(ଆପ୍)ର ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ସହ ମନୀଷ ସିସୋଡିଆ, ସତ୍ୟେନ୍ଦ୍ର ଜୈନ ପ୍ରମୁଖ ବହୁ ପ୍ରଭାବଶାଳୀ ନେତାଙ୍କ ପରାଜୟ ବହୁ ରାଜନୀତି ବିଶାରଦଙ୍କ ପୂର୍ବାନୁମାନକୁ ଭୁଲ୍ ସାବ୍ୟସ୍ତ କରିଥିଲା। ଏହି ଫଳାଫଳର ବିଭିନ୍ନ କାରଣମାନଙ୍କୁ ତର୍ଜମା କଲା ବେଳେ ଅନ୍ୟସବୁ ପ୍ରସଙ୍ଗ ତୁଳନାରେ ଭାରତୀୟ ଜନତା ପାର୍ଟି(ବିଜେପି)ର ପ୍ରଚାରଶୈଳୀ, ପ୍ରସାର ମାଧ୍ୟମ ଓ ନ୍ୟାରେଟିଭ ଗଠନ ବିଶେଷ ଗୁରୁତ୍ୱ ବହନ କରେ। ଦିଲ୍ଲୀ ବିଧାନସଭା ନିର୍ବାଚନରେ 'ଆପ୍'କୁ 'ଆପଦା' ଅର୍ଥାତ ବିପଦ ସହ ଯୋଡ଼ିବା ବିଜେପିର ଏକ ପ୍ରମୁଖ ରାଜନୈତିକ ଅସ୍ତ୍ର ଥିଲା ବୋଲି ବିବେଚନା କରାଯାଉଛି।

ସ୍ୱାଧୀନ ଭାରତରେ ୧୯୭୧ ମସିହା ନିର୍ବାଚନରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର 'ଗରିବୀ ହଟାଓ' ନାରା ସାରା ଦେଶରେ ଗୁଞ୍ଜରିତ ହୋଇଥିଲା। ୨୦୧୪ରେ 'ଅଚ୍ଛେଦିନ ଆ ରହେ ହିଁ' କାମ ଦେଇଥିଲା। ଏହା ଆମ ଦେଶରେ ଏ ପର୍ଯ୍ୟନ୍ତ ଏକ ପ୍ରଭାବୀ ସ୍ଲୋଗାନ ଭାବେ ପରିଗଣିତ। ୧୯୯୬ ମସିହା ନିର୍ବାଚନରେ 'ଅବ କି ବାରି ଅଟଳ ବିହାରୀ' କେନ୍ଦ୍ରରେ କ୍ଷମତା ପରିବର୍ତ୍ତନ କରିପାରିଥିଲା। ୨୦୧୯ ମସିହାର 'ଫିର ଏକ ବାର ମୋଦୀ ସରକାର' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟକ୍ତିତ୍ୱ, ଚିନ୍ତାଧାରା ଓ ନେତୃତ୍ୱ ନେବାର ଶ୍ରେଷ୍ଠତ୍ୱକୁ ସମ୍ମୁଖରେ ରଖି ମତଦାତାଙ୍କୁ ଆକୃଷ୍ଟ କରିବାରେ ସକ୍ଷମ ହେଲା। ଗତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ 'ବଟେଙ୍ଗେ ତୋ କଟେଙ୍ଗେ', 'ଏକ ହେ ତୋ ସେଫ ହେ' ସ୍ଲୋଗାନ୍ ସେହି ସମୟର ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟଙ୍କ ଭବିଷ୍ୟ ଉପରେ ସଚେତନ କରାଇ ମତଦାତାଙ୍କ ନିକଟତର ହୋଇପାରିଲା।

ଗଣତାନ୍ତ୍ରିକ ପର୍ବ ନିର୍ବାଚନର କିଛି ସ୍ଲୋଗାନ ମଧ୍ୟ ଏପରି ରହିଛି, ଯାହା ଦଳ ବା ନେତୃତ୍ୱର ବିରୋଧରେ କାମ କରିଛି ବା ବିରୋଧୀ ଦଳ ପାଇଁ ଫାଇଦା ଆଣିଛି। ୨୦୨୪ ନିର୍ବାଚନରେ କେନ୍ଦ୍ର ସରକାରଙ୍କର 'ଅବ କି ବାର, ୪୦୦ ପାର' ଏହାର ସଦ୍ୟତମ ଉଦାହରଣ। କିଛିବର୍ଷ ପୂର୍ବେ ଗୁଜୁରାଟରେ ବିଜେପି ବିରୋଧରେ ବିରୋଧୀ ଦଳଙ୍କ 'ମୌତ କି ସୌଦାଗର', ବିହାର ନିର୍ବାଚନରେ ଡିଏନଏ ପ୍ରସଙ୍ଗରେ ଆକ୍ଷେପ ବିରୋଧୀଙ୍କ ବିପକ୍ଷରେ ଯାଇଛି। 'ଚୌକିଦାର ଚୋର ହେ' ବଦଳରେ 'ମେଁ ଭି ଚୌକିଦାର' ଅଧିକ ସଫଳତା ଆଣିଦେଇଥିବାର ଦୃଷ୍ଟାନ୍ତ ରହିଛି। ଉଚ୍ଚ ବ୍ୟକ୍ତିତ୍ୱସମ୍ପନ୍ନ ନେତାମାନଙ୍କ ନାଁରେ ହୋଇଥିବା ସ୍ଲୋଗାନ, ଯେପରିକି - 'ଇନ୍ଦିରା ଲାଓ, ଦେଶ ବଚାଓ', 'ଫିର ଏକ ବାର ମୋଦୀ ସରକାର' ଦେଶବାସୀଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିଛି।

ଆମ ଓଡ଼ିଶାରେ ମଧ୍ୟ ଏପରି ବହୁ ରୋଚକ ଶବ୍ଦ ବା ସ୍ଲୋଗାନ ମତଦାନକୁ ପ୍ରଭାବିତ କରିଥିବାର ଉଦାହରଣ ରହିଛି। 'ହଜାରେ ଦିନରେ ହଜାରେ ଶିଳ୍ପ'ର କଥା କହି ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓଡ଼ିଆ ଲୋକଙ୍କୁ ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ଦେଖାଇଥିଲେ ଏବଂ କ୍ଷମତାସୀନ ହୋଇଥିଲେ। 'ଆପଣ ମାନେ ଖୁସି ତ' - ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଏକ ପ୍ରମୁଖ ସ୍ଲୋଗାନ ଥିଲା। ସ୍ୱଳ୍ପ ବକ୍ତବ୍ୟ ପାଇଁ ପ୍ରସିଦ୍ଧ ନବୀନ ବାବୁଙ୍କ ଏହି ଧାଡ଼ିକିଆ ଉକ୍ତିରେ 'ସେ ସାଧାରଣ ଓଡ଼ିଆଙ୍କ ଭଲମନ୍ଦ ଜାଣିବାର ପ୍ରୟାସ କରୁଛନ୍ତି' - ଏହା ଲୋକମାନଙ୍କ ମନକୁ ଛୁଇଁଲା ଏବଂ ତାହା ଭୋଟରେ ପ୍ରତିଫଳିତ ହୋଇଥିଲା। ୨୦୨୪ ନିର୍ବାଚନରେ 'ଓଡ଼ିଆ ଅସ୍ମିତା' ଏପରି ଏକ ଶବ୍ଦପୁଞ୍ଜ ଥିଲା, ଯାହାର ମନସ୍ତାତ୍ତ୍ୱିକ ପ୍ରଭାବ ସାଧାରଣ ମତଦାତା ଉପରେ ପଡ଼ିଲା ଏବଂ ଭୋଟରେ ପରିଣତ ହେଲା। ସ୍ଥଳବିଶେଷରେ ଛୋଟ ଛୋଟ ରୁଢ଼ି, ଢଗ, ଲୋକକଥା ମଧ୍ୟ ଭୋଟରଙ୍କୁ ଆକୃଷ୍ଟ କରେ। ଗତ ନିର୍ବାଚନରେ, 'ଲେଖା ଛିଡ଼ିବା' ଏହାର ଏକ ଉଦାହରଣ।

ଏପରି ସ୍ଲୋଗାନ କେବଳ ଭାରତୀୟ ନିର୍ବାଚନ ନୁହେଁ, ବରଂ ବିଶ୍ୱର ବହୁରାଷ୍ଟ୍ରର ନିର୍ବାଚନକୁ ପ୍ରଭାବିତ କରିଛି। ଆବ୍ରହାମ ଲିଙ୍କନଙ୍କ ଉକ୍ତି, 'ବିଭାଜିତ ଗୃହ କେବେ ସ୍ଥିର ରୁହେନା' - ଯୁକ୍ତରାଷ୍ଟ୍ର ଆମେରିକାର ସ୍ଥିରତା ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ଭୋଟରଙ୍କୁ ଖୁବ ପ୍ରଭାବିତ କରିଥିଲା। ରୁଜଭେଲଟଙ୍କ 'ସୁଖର ଦିନ ଆସୁଛି' ଫଳପ୍ରଦ ହୋଇଥିଲା। ବାରାକ ଓବାମାଙ୍କ 'ହଁ, ଆମେ ପାରିବା' ତାଙ୍କୁ ଆମେରିକାର ପ୍ରଥମ କୃଷ୍ଣକାୟ ରାଷ୍ଟ୍ରପତି କରାଇଲା। ଡୋନାଲଡ ଟ୍ରମ୍ପଙ୍କର 'ମାଗା' ସ୍ଲୋଗାନ ଆମେରିକା ଅସ୍ମିତା ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ତାଙ୍କୁ ପୁନର୍ବାର ରାଷ୍ଟ୍ରପତି କରାଇଲା। କ୍ୟୁବାର ଅପ୍ରତିଦ୍ୱନ୍ଦ୍ୱୀ ନେତା ଫିଡେଲ କାଷ୍ଟ୍ରୋ 'ଜନ୍ମଭୂମି କିମ୍ବା ମୃତ୍ୟୁ' ର ସ୍ଲୋଗାନ ଦେଇ ଦୀର୍ଘକାଳ କ୍ଷମତାସୀନ ହୋଇପାରିଥିଲେ।

ସମ୍ପ୍ରତି ବିଜ୍ଞାନର ପ୍ରଗତି ଅନୁସାରେ ପ୍ରଚାରପତ୍ର ବଦଳରେ ଭାରତୀୟ ନିର୍ବାଚନରେ ଇଣ୍ଟରନେଟ ମୁଖ୍ୟ ମାଧ୍ୟମ ପାଲଟିଛି। 'ଏକ୍ସ'ରୁ ଆରମ୍ଭ କରି ଫେସ୍‌ବୁକ୍, ହ୍ୱାଟ୍‌ସଆପ୍, ୟୁଟ୍ୟୁବ୍ ଆଦି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରତିଦିନ ଶହଶହ ସଂଖ୍ୟାରେ ନୂତନ ଶୈଳୀ, ନୂଆ ଢାଞ୍ଚାରେ ସେହି ସମାନ ଶବ୍ଦର ଗୁରୁତ୍ୱ ବଢ଼ାଇବାକୁ ଚେଷ୍ଟା କରାଯାଉଛି। ସରକାରୀ ତଥ୍ୟ ଅନୁସାରେ ଗତବର୍ଷ ସୁଦ୍ଧା ଦେଶର ପଞ୍ଚାନବେ ପ୍ରତିଶତ ଗ୍ରାମକୁ ଇଣ୍ଟରନେଟ ସଂଯୋଗ କରାଯାଇଛି। କୁହାଯାଉଛି ଦେଶର ପଞ୍ଚାଅଶୀ ପ୍ରତିଶତ ପରିବାରଙ୍କ ପାଖରେ ସ୍ମାର୍ଟଫୋନ ପହଞ୍ଚି ସାରିଲାଣି। ସୁତରାଂ ବିଭିନ୍ନ ରାଜନୈତିକ ଦଳ ବର୍ତ୍ତମାନ ଏହି ନିର୍ବାଚନୀ ଆୟୁଧ - 'ଶବ୍ଦପୁଞ୍ଜ'ର ପ୍ରଚାର, ପ୍ରସାର ପାଇଁ ମୋବାଇଲ ଫୋନକୁ ମୁଖ୍ୟ ମାଧ୍ୟମ କରିଛନ୍ତି। ଚିତ୍ର, ଛାୟାଚିତ୍ର, କ୍ଷୁଦ୍ର ଗୀତ, ସଂଳାପ, ନାଟକ ମାଧ୍ୟମରେ ଲୋକଙ୍କ ମନକୁ ଆକର୍ଷିତ କଲା ପରି ସଂଯୋଜନା କରି ଏହି ଶବ୍ଦର ଗୁରୁତ୍ୱ ବୃଦ୍ଧି କରାଯାଉଛି। ସରକାରୀ ଦଳର ବିଭିନ୍ନ ଲୋଭନୀୟ ଯୋଜନା ସହ ବିରୋଧୀ ଦଳର ସମାଲୋଚନା ଏବଂ ଭବିଷ୍ୟତର ସ୍ୱପ୍ନ ମଧ୍ୟରେ ଏହି ଶବ୍ଦର ସଠିକ ନିରୂପଣ ଓ ବ୍ୟବହାର ଯେ ନିର୍ବାଚନ ରଣାଙ୍ଗନର ଅନ୍ୟତମ ପ୍ରମୁଖ ଅସ୍ତ୍ର, ଏହା ଅନସ୍ୱୀକାର୍ଯ୍ୟ।

ଭୁବନେଶ୍ୱର, ମୋ: ୯୪୩୭୩୬୦୮୬୬

# ପ୍ରାକ୍‌ପ୍ରସ୍ତୁତି ଲକ୍ଷ୍ୟ ହାସଲକୁ ସହଜ କରେ

**ଡ. ଉଷାରାଣୀ ଦାଶ**

ହିମାଳୟ ପାଦଦେଶର ରାଜ୍ୟଗୁଡ଼ିକରେ ପ୍ରାୟତଃ ପ୍ରତିବର୍ଷ ବାଦଲଫଟା ବର୍ଷା, ତଦ୍‌ଜନିତ ବନ୍ୟା, ହିମବାହ ଓ ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ସେଠାକାର ଜନଜୀବନକୁ ଅସ୍ତବ୍ୟସ୍ତ କରିଆସୁଛି। ଏପରି ପରିସ୍ଥିତିରୁ ସୁରକ୍ଷା ପାଇଁ ପୂର୍ବପ୍ରସ୍ତୁତି ନିହାତି ଆବଶ୍ୟକ। ବିକାଶମୂଳକ କାର୍ଯ୍ୟଗୁଡ଼ିକୁ ପରିବେଶ ଅନୁକୂଳ କରାଗଲେ ଏହିପରି ବିପର୍ଯ୍ୟୟକୁ ରୋକାଯାଇପାରିବ। ପ୍ରସ୍ତୁତର ସଫଳତା ବିନା ଏହା ସମ୍ଭବନ ନୁହେଁ। ଏ ସମ୍ପର୍କରେ ବେଞ୍ଜାମିନ ଫ୍ରାଙ୍କଲିନଙ୍କ ଉକ୍ତିଟି ପ୍ରଣିଧାନଯୋଗ୍ୟ, ଯାହାର ଅର୍ଥ - 'ପ୍ରସ୍ତୁତିରେ ବିଫଳ ହୋଇ ତୁମେ ବିଫଳ ହେବା ନିମିତ୍ତ ପ୍ରସ୍ତୁତ ହେଉଛ।'

ପୂର୍ବପ୍ରସ୍ତୁତି କିଭଳି ବିପର୍ଯ୍ୟୟରୁ ଧନଜୀବନକୁ ଶତପ୍ରତିଶତ ସୁରକ୍ଷିତ କରିପାରେ ତାହାର ଉଦାହରଣ ଭାବେ ଆମେ ଓଡ଼ିଶାକୁ ନେଇପାରିବା। ଭାରତସ୍ଥିତ ଜାତିସଂଘର ଆବାସିକ ସଂଯୋଜକ ଶୋମ୍ବି ଶାର୍ପ ୨୦୨୪ମସିହାରେ ବିପର୍ଯ୍ୟୟ ଆପଦ ପ୍ରସ୍ତୁତିରେ ଓଡ଼ିଶାକୁ ବିଶ୍ୱରେ ଏକ ଅଗ୍ରଣୀ ମଡେଲ ଭାବେ ପ୍ରଶଂସା କରିଥିଲେ। ୨୦୨୩ ମସିହାରେ ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଦ୍ୱାରା ଭାରତରେ ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନାରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ସ୍ୱରୂପ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ 'ସୁଭାଷ ଚନ୍ଦ୍ର ବୋଷ ଆପଦ ପ୍ରବନ୍ଧନ' ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ବିଶ୍ୱସ୍ତରରେ ଏହି ପୁରସ୍କାରର ମୂଳରେ ଥିଲା ଓଡ଼ିଶା ସରକାରଙ୍କ ସଫଳ ପ୍ରସ୍ତୁତି।

କୋଭିଡ୍-୧୯ ଆରମ୍ଭ ହେବା ସମୟରେ ଚିକିତ୍ସା ଭିତ୍ତିଭୂମି ଏବଂ ମହାମାରୀ ରଣନୀତିର ଅଭାବ ହେତୁ ଭାରତ ସମେତ ଅନେକ ଦେଶ, ପିପିଇ, ଚିକିତ୍ସା ଉପକରଣ, ପରୀକ୍ଷଣ ଭିତ୍ତିଭୂମି ଏବଂ ହସ୍ପିଟାଲରେ ଶଯ୍ୟାର ଅଭାବ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ପରେ ଭାରତ ପିପିଇ ଉତ୍ପାଦନ ବୃଦ୍ଧି କରିବା ସହିତ କୋୱିନ ପ୍ଲାଟଫର୍ମ ଆରମ୍ଭ କରି ବିଶ୍ୱର ସର୍ବବୃହତ ଟିକାକରଣ ଅଭିଯାନ କାର୍ଯ୍ୟକାରୀ କରିଥିଲା। ଇଟାଲୀ ଓ ଆମେରିକାରେ ପ୍ରାରମ୍ଭିକ ପରୀକ୍ଷାର ଅଭାବ, ମନ୍ଥର ଲକଡାଉନ୍ ଏବଂ ଦୁର୍ବଳ ଭଣ୍ଡାର ପରିଚାଳନା ଯୋଗୁଁ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା ବେଳେ ଦକ୍ଷିଣ କୋରିଆ ଓ ତାଇୱାନ ପରି ପ୍ରାକ୍‌ପ୍ରସ୍ତୁତ ଦେଶଗୁଡ଼ିକ ପରୀକ୍ଷଣ, ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଚିହ୍ନଟ କରି ସଫଳତାର ସହିତ ମୁକାବିଲା କରିଥିଲେ। ସେହି ସମୟରେ ସ୍କୁଲଗୁଡ଼ିକରେ ଅନଲାଇନ୍ ଶିକ୍ଷାଦାନ କରିବା ଅତ୍ୟାବଶ୍ୟକ ହୋଇଥିଲା। ଭାରତ, ଆଫ୍ରିକା, ଆମେରିକାର ଗ୍ରାମାଞ୍ଚଳ ଓ ଅନୁନ୍ନତ ଅଞ୍ଚଳରେ ଅନେକ ପ୍ରତିଷ୍ଠାନ ଡିଜିଟାଲ୍ ଭିତ୍ତିଭୂମି ଓ ତାଲିମ ଅଭାବରୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଅପରପକ୍ଷରେ ଫିନ୍‌ଲ୍ୟାଣ୍ଡ ପରି ଦେଶଗୁଡ଼ିକ ପ୍ରାକ୍‌ଡିଜିଟାଲ୍ ପ୍ରସ୍ତୁତି କରିସାରିଥିବାରୁ ସେଠାରେ ନିରନ୍ତର ଶିକ୍ଷା ଜାରି ରହିଥିଲା।

ଏକଦା ମୋବାଇଲ୍ ଫୋନ୍ ଜଗତରେ ନେତୃତ୍ୱ ନେଉଥିବା ନୋକିଆ ସ୍ମାର୍ଟଫୋନ୍ ବିପ୍ଳବ ପାଇଁ ଉପଯୁକ୍ତ ପ୍ରସ୍ତୁତି ନ କରିବା ସହିତ ଆପଲ୍ ଓ ଆଣ୍ଡ୍ରଏଡ୍ ଭଳି ପ୍ରତିଯୋଗୀମାନଙ୍କୁ ଅଣଦେଖା କରିଥିଲା। ଫଳରେ ରାତାରାତି ବଜାର ନେତୃତ୍ୱ ହରାଇଥିଲା। ଉପଯୁକ୍ତ ପ୍ରସ୍ତୁତି, ନେତୃତ୍ୱ, ସମ୍ବଳ ଓ ସମନ୍ୱୟର ଅଭାବ ସହିତ ଅସହଯୋଗ ଯୋଗୁଁ ସିପାହୀ ବିଦ୍ରୋହ ଆଶାନୁରୂପ ପ୍ରଭାବଶାଳୀ ହୋଇପାରି ନ ଥିଲା। ତାଲିବାନକୁ ବିତାଡ଼ିତ କରିବା ପାଇଁ ଆଫଗାନିସ୍ତାନରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ସମୟରେ ସେ ଦେଶର ଭୌଗୋଳିକ ସ୍ଥିତି ଆକଳନର ଅଭାବ ଏବଂ ପାର୍ବତ୍ୟାଞ୍ଚଳ ପାଇଁ ଆବଶ୍ୟକ ସ୍ୱତନ୍ତ୍ର ରଣନୀତିର ଅଭାବ ଯୋଗୁଁ ସଫଳତା ପାଇପାରି ନ ଥିଲା।

ସେହିପରି ଭାରତରେ ନଗଦ ଦେଣନେଣ, ଡିଜିଟାଲ୍ ଭିତ୍ତିଭୂମି ଓ ସାଧାରଣ ଯୋଗାଯୋଗ ଦୃଷ୍ଟିରୁ ପ୍ରସ୍ତୁତିର ଅଭାବ ପାଇଁ ୨୦୧୬ରେ ଭାରତରେ ବିମୁଦ୍ରୀକରଣ ପଦକ୍ଷେପ ବିଫଳ ହୋଇଥିଲା। ୨୦୨୩ ମସିହାରେ ଇସ୍ରୋର ଚନ୍ଦ୍ରାୟଣ-୩ ସଫଳ ଅବତରଣ କେବଳ ଚନ୍ଦ୍ରାୟଣ-୨ର ଆଂଶିକ ବିଫଳତାର ସୁଧାର ପରେ ସମ୍ଭବ ହୋଇଥିଲା। ସେହିପରି ୨୦୨୪-୨୦୨୫ରେ ସାରା ଭାରତରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ହେତୁ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି କରିଥିବା ସମୟରେ ଗ୍ରୀଷ୍ମ ପରିଚାଳନା ଯୋଜନା କାର୍ଯ୍ୟକାରୀ ହେଉଥିବା ଅହମ୍ମଦାବାଦ ଭଳି ସହରରେ ମୃତାହତଙ୍କ ସଂଖ୍ୟାକୁ ଉଲ୍ଲେଖନୀୟ ଭାବେ ହ୍ରାସ କରାଯାଇପାରିଥିଲା। ଯୋଜନାବ ବିହୀନ ସହରାଞ୍ଚଳ ବିକାଶ, ଦୁର୍ବଳ ଜଳ ନିଷ୍କାସନ ଓ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତିର ଅଭାବ ଯୋଗୁଁ ୨୦୨୫ ମସିହାରେ ଦିଲ୍ଲୀ, ମୁମ୍ବାଇ ସହିତ ଅନେକ ସହରରେ ବନ୍ୟା ହୋଇଥିଲା।

ଯେଉଁ ବ୍ୟକ୍ତି ନିଜର ଲକ୍ଷ୍ୟ ଅନୁଯାୟୀ ସଠିକ୍ ଯୋଜନା ପ୍ରସ୍ତୁତ କରନ୍ତି, ଅନ୍ତତଃ ପକ୍ଷେ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ କେଉଁ ପଦ୍ଧତି, କିପରି ପ୍ରସ୍ତୁତି କରିବା ଜାଣନ୍ତି ଏବଂ ରଣନୈତିକ ପ୍ରୟାସ ଜାରି ରଖନ୍ତି ସେମାନେ ନିଶ୍ଚିତ ଭାବରେ ସଫଳତାର ସ୍ୱାଦ ଚାଖନ୍ତି। ଆବ୍ରାହମ ଲିଙ୍କନ୍ କହିଥିଲେ, ମୋତେ ଗଛ କାଟିବା ପାଇଁ ଛଅ ଘଣ୍ଟା ଦିଅ; ମୁଁ ପ୍ରଥମ ଚାରି ଘଣ୍ଟା କୁରାଢ଼ିକୁ ଧାର କରିବା ପାଇଁ ବିତାଇବି।' ଗ୍ରୀକବୀର ଆଲେକଜାଣ୍ଡାର୍, ହର୍କ୍ୟୁଲସ୍, ଆକବର, ରାଣାପ୍ରତାପ, ଅଶୋକ, ମହାତ୍ମା ଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷ ପ୍ରମୁଖ ବିଭିନ୍ନ ପ୍ରତିକୂଳ ପରିବେଶ ଓ ପରିସ୍ଥିତିକୁ ସଫଳତାର ସହ ମୁକାବିଲା କରି ସେମାନଙ୍କର ନାମ ସଫଳ ବ୍ୟକ୍ତିତ୍ୱ ଭାବରେ ବିଶ୍ୱ ଇତିହାସ ପୃଷ୍ଠାରେ ଲିପିବଦ୍ଧ କରିଯାଇଛନ୍ତି। ପିଲାଦିନେ ଲଗାତାର ବିଫଳତାର ଶିକାର ହୋଇଥିବା ଆଲବର୍ଟ ଆଇନଷ୍ଟାଇନ ପ୍ରସ୍ତୁତି ଓ ନିରନ୍ତର ପ୍ରୟାସ ଫଳରେ ନିଜକୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅମୂଲ୍ୟ ରତ୍ନ ଭାବରେ ପ୍ରମାଣିତ କରି ୧୯୨୧ ମସିହାରେ ପଦାର୍ଥବିଜ୍ଞାନ ପାଇଁ ନୋବେଲ୍ ପୁରସ୍କାର ଲାଭ କରିପାରିଥିଲେ। କୋଲୋନେଲ ହାର୍ଲାଣ୍ଡ ସାଣ୍ଡର୍ସ ତାଙ୍କ ରେଷ୍ଟୁରାଣ୍ଟର ଫ୍ରାଞ୍ଚାଇଜ୍‌ର ଚୂଡ଼ାନ୍ତ ଅନୁମୋଦନ ପୂର୍ବରୁ ୧୦୦୯ ଥର ପ୍ରତ୍ୟାଖ୍ୟାନ ହୋଇଥିବା ତାଙ୍କର ଗୁପ୍ତ ରେସିପି, 'କେଣ୍ଟକି ଫ୍ରାଏଡ୍ ଚିକେନ୍' ବିଶ୍ୱବ୍ୟାପୀ ପ୍ରସିଦ୍ଧି ଲାଭ କରିଥିଲା।


ଦ୍ରୁତ ପରିବର୍ତ୍ତନଶୀଳ ସମସାମୟିକ ବିଶ୍ୱରେ ସଙ୍କଟ ସାଧାରଣ। କେବଳ ପର୍ଯ୍ୟାପ୍ତ ପ୍ରସ୍ତୁତ ରାଷ୍ଟ୍ର ହିଁ ଏହାକୁ ସମ୍ମୁଖୀନ ହୋଇପାରିବେ ଏବଂ ସଫଳ ହୋଇପାରିବେ। ଲୁଇସ ପାଷ୍ଟରଙ୍କ ଭାଷାରେ 'ସୁଯୋଗ ଓ ସମ୍ଭାବନା କେବଳ ପ୍ରସ୍ତୁତ ହୋଇଥିବା ମନକୁ ସମର୍ଥନ କରିଥାଏ।' ପ୍ରସ୍ତୁତି କେବଳ ସଫଳତା ପାଇଁ ଏକ ଉପକରଣ ନୁହେଁ; ଏହା ବିଫଳତା ବିରୁଦ୍ଧରେ ଏକ ସୁରକ୍ଷା। ପ୍ରତ୍ୟେକ କ୍ଷେତ୍ରରେ ଏହି ମାନସିକତା ମୂଳଦୁଆ ହେବା ଆବଶ୍ୟକ।

ଏମ୍, ଭୁବନେଶ୍ୱର, ମୋ: ୯୪୩୮ ୧୩୩୭୬୨

# କଞ୍ଜୁର ଓ ତଞ୍ଜୁର

**ପ୍ରବୀର କୁମାର ପଟ୍ଟନାୟକ**

ପୂର୍ବପ୍ରକାଶିତ ଉତ୍ତାରୁ...



ତଞ୍ଜୁର: ଏହି ଶ୍ରେଣୀରେ ସତରଗୋଟି ବର୍ଗର ଗ୍ରନ୍ଥମାନ ଅନ୍ତର୍ଭୁକ୍ତ। କେତେକ ବର୍ଗ ମଧ୍ୟରେ ଉପ-ବର୍ଗମାନ ମଧ୍ୟ ରହିଛି। (୧) ସ୍ତୋତ୍ର- ଏହି ବର୍ଗରେ ଏକସ୍ତରୀ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। (୨) ତନ୍ତ୍ର- ତିବ୍ବତୀୟ ପରମ୍ପରାରେ ଦର୍ଶାଯାଇଥିବା ମୁତାବକ ଏହି ବର୍ଗଟି ହେଉଛି ତାନ୍ତ୍ରିକ ଗ୍ରନ୍ଥର ବିଶାଳ ସଂଗ୍ରହ। ଏହା ମଧ୍ୟରେ ଦୁଇ ହଜାର ଛଅଶହ ଛଅଗୋଟି ତନ୍ତ୍ର ଗ୍ରନ୍ଥ ରହିଛି। ଏଥିମଧ୍ୟରୁ ଅନେକ ଗ୍ରନ୍ଥ ହେଉଛି ଭାରତୀୟ ଉପ-ମହାଦେଶରୁ ସଂଗୃହୀତ ତନ୍ତ୍ରଗ୍ରନ୍ଥ। (୩) ପ୍ରଜ୍ଞାପାରମିତା ସୂତ୍ର- ଏହି ଶ୍ରେଣୀରେ ଅଠତିରିଶ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। (୪) ମାଧ୍ୟମିକ - ଏହି ବର୍ଗରେ ଏକଶହ ସତାବନ ଗୋଟି ଶାସ୍ତ୍ର ରହିଛି। (୫) ସୂତ୍ରଟୀକା - ଏହା ହେଉଛି ବୁଦ୍ଧଙ୍କ ବାଣୀ ସଂପର୍କରେ ଭାରତୀୟ ଗୁରୁ ଓ ପଣ୍ଡିତମାନଙ୍କର ବ୍ୟାଖ୍ୟା ସମ୍ବଳିତ ସଂଗ୍ରହ। ଏହା ମଧ୍ୟରେ ଅଣଚାଳିଶ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। (୬) ଯୋଗାଚାର- ମହାଯାନ ବୌଦ୍ଧଧର୍ମର ଏହା ଏକ ପ୍ରମୁଖ ଶାଖା। ମାତ୍ର ଏଠାରେ ଏହାର ଅର୍ଥ ହେଉଛି ଯୋଗ ଓ ଯୋଗଦର୍ଶନ ସଂପର୍କିତ। (୭) ଅଭିଧର୍ମ- ଏହି ବର୍ଗର ଗ୍ରନ୍ଥ ପାଲି ଅଭିଧର୍ମପିଟକ ଗ୍ରନ୍ଥ ସ୍ୱରୂପ। ଏଥିମଧ୍ୟରେ ଉଭୟ ଭାରତ ଓ ତିବ୍ବତରେ ଉଚ୍ଚଶ୍ରେଣୀର ବୌଦ୍ଧ ଦର୍ଶନ ଅନ୍ତର୍ଭୁକ୍ତ। ମାତ୍ର ପାଲି ଅଭିଧର୍ମପିଟକଠାରୁ ଏଥିରେ ଅଧିକ ଗ୍ରନ୍ଥ ରହିଛି। ଏହି ବର୍ଗରେ ଅଠର ଗୋଟି ଗ୍ରନ୍ଥର ସଂଗ୍ରହ, ଯେଉଁଠିକି ପାଲିରେ ମାତ୍ର ସାତଗୋଟି। (୮) ବିନୟ- ଏହା ମଧ୍ୟରେ ଛୟାଳିଶ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତି। (୯) ଜାତକ- ପାଲିଗ୍ରନ୍ଥ ମଧ୍ୟରେ ଜାତକ ଗ୍ରନ୍ଥକୁ ତ୍ରିପିଟକ ମଧ୍ୟରେ ଗଣାଯାଏ ନାହିଁ, ମାତ୍ର ଜାତକ ଗ୍ରନ୍ଥ ବୌଦ୍ଧ ପାଲିଗ୍ରନ୍ଥର ଏକ ମୁଖ୍ୟ ଅଂଶ। (୧୦) ଚିଠିପତ୍ର- ଏହି ବର୍ଗରେ ପଇଁଚାଳିଶ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। ଏଥି ମଧ୍ୟରେ ନାଳନ୍ଦାର ପ୍ରସିଦ୍ଧ ବୌଦ୍ଧ ଗୁରୁ ନାଗାର୍ଜୁନ ରାଜା ଗୋତମିପୁତ୍ରଙ୍କ ନିକଟକୁ ଲେଖିଥିବା ପତ୍ର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ। (୧୧) ପ୍ରମାଣ ସୂତ୍ର- ଏହି ବର୍ଗରେ ଛଅଷଠି ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। (୧୨) ବ୍ୟାକରଣ ବା ଶବ୍ଦ ଶାସ୍ତ୍ର- ଏହି ବର୍ଗରେ ସଇଁତିରିଶ ଗୋଟି ଗ୍ରନ୍ଥର ସମାହାର। (୧୩) ଚିକିତ୍ସା ଶାସ୍ତ୍ର- ତିବ୍ବତୀୟ ପରମ୍ପରା ମୁତାବକ ବୁଦ୍ଧ ହେଉଛନ୍ତି ଶେଷ ଚିକିତ୍ସକ ଓ ସେ ହିଁ ସମସ୍ତ ମାନସିକ, ଶାରୀରିକ, ମନସ୍ତାତ୍ତ୍ୱିକ ତଥା ଅନ୍ୟାନ୍ୟ ସମସ୍ୟା ଏବଂ ରୋଗ ସବୁର ଚିକିତ୍ସାର କର୍ତ୍ତା। ଏଣୁ ସେମାନେ ବୁଦ୍ଧଙ୍କୁ ହିଁ ଭୈଷଜ୍ୟ ଗୁରୁ ଭାବେ ଗ୍ରହଣ କରିଥା'ନ୍ତି। ବୁଦ୍ଧ ହିଁ ସଂସାରରେ ସମସ୍ତ ପ୍ରକାର ଔଷଧ ତଥା ଚେରମୂଳିରୁ ଔଷଧ ପ୍ରସ୍ତୁତିର ସ୍ୱରର ହର୍ତ୍ତାକର୍ତ୍ତା। (୧୪) ଶିଳ୍ପ ବିଦ୍ୟା- ଏହା ହେଉଛି ମଣ୍ଡଳ, ଧାରଣୀ ଓ ତନ୍ତ୍ରର ବିଭିନ୍ନ ପ୍ରକାରର ଯନ୍ତ୍ର ତିଆରି ନିମନ୍ତେ ଆବଶ୍ୟକୀୟ ବିଦ୍ୟା। ଏହା ମଧ୍ୟରେ ପନ୍ଦର ଗୋଟି ଗ୍ରନ୍ଥର ସମାହାର। (୧୫) ସମୟ ଶାସ୍ତ୍ର- ଏହି ବର୍ଗରେ ଅଠର ଗୋଟି ଗ୍ରନ୍ଥ ରହିଛି। (୧୬) ଅନ୍ୟାନ୍ୟ- ଯେଉଁ ସବୁ ଗ୍ରନ୍ଥ ଉପରେ ବର୍ଣ୍ଣିତ ବର୍ଗ ଅନ୍ତର୍ଭୁକ୍ତ ନୁହନ୍ତି, ସେ ସବୁକୁ ଏହି ବର୍ଗରେ ସ୍ଥାନିତ କରାଯାଇଛି। ଏହି ବର୍ଗରେ ଏକଶହ ଉଣେଇଶ ଗୋଟି ଗ୍ରନ୍ଥ ସଂଗୃହୀତ। (୧୭) ଅତୀଶଙ୍କ ଦ୍ୱାରା ରଚିତ ଗ୍ରନ୍ଥ- ଏହି ବର୍ଗରେ ଏକଶହ ତିନିଗୋଟି ଗ୍ରନ୍ଥ ସଂଗୃହୀତ।

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଦ୍ୱିତୀୟ-ବୁଦ୍ଧ କଥା

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମିଳୁନି ଜିଏସ୍‌ବିୱାଇ ଚିକିତ୍ସା

# ବାପ ଘରେ ସ୍ୱାସ୍ଥ୍ୟକାର୍ଡ, ଶାଶୂଘରେ ବୋହୂ

■ ସବୁରି ମୂଳରେ ବ୍ଲକ୍‌ୱାରୀ ଟାର୍ଗେଟ୍
■ ଛୋଟ ପିଲା ବି ଯୋଡ଼ି ହୋଇପାରୁନାହାନ୍ତି

ଭୁବନେଶ୍ୱର,୧୯ ।୯ (ସମିସ): ରାସନ କାର୍ଡ ହିତାଧିକାରୀଙ୍କୁ ଘରୋଇ ହସ୍ପିଟାଲ୍‌ରେ ମାଗଣା ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ବିଏସ୍‌କେୱାଇ ମାଧ୍ୟମରେ ବିଜେଡି ସରକାର ଆରମ୍ଭ କରିଥିଲେ। ସେହି କାର୍ଡର ନାମ ପରିବର୍ତ୍ତନ କରି ବିଜେପି ସରକାର ତାକୁ ଆୟୁଷ୍ମାନ ସହ ଯୋଡ଼ି ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା(ଜିଏସ୍‌ବିୱାଇ)ରେ ପରିଣତ କରିଦେଲେ। ମାତ୍ର ବିଏସ୍‌କେୱାଇରେ ଯେଉଁ ସୁବିଧା ସୁଯୋଗ ମିଳୁଥିଲା, ତାହା ଏବେ ଜିଏସ୍‌ବିୱାଇରେ ମିଳୁନି। ହେଲେ ଏବେ ବି ଯେତିକି ସୁବିଧା ମିଳୁଛି, ଅଧିକାଂଶ ଯୋଗ୍ୟ ହିତାଧିକାରୀ ତାହା ପାଇପାରୁନାହାନ୍ତି। ବିଶେଷକରି ନବବିବାହିତ ଝିଅମାନେ ଏହି ଚିକିତ୍ସା ସୁବିଧାରୁ ବଞ୍ଚିତ ହୋଇଛନ୍ତି। ବିବାହ ପରେ ସେମାନେ ବାପାଘର କାଡର୍‌ରୁ ବାଦ ପଡ଼ୁଛନ୍ତି ସିନା, ମାତ୍ର ଶାଶୂଘର କାର୍ଡରେ ସେମାନଙ୍କ ନାମ ଯୋଡ଼ି ହୋଇପାରୁନାହାନ୍ତି। କିଛି ସ୍ଥାନରେ ବାପ ଘରେ ଝିଅର ନାଁ ଥିବାବେଳେ ସ୍ୱାସ୍ଥ୍ୟ ସମସ୍ୟା ହେଲେ ପାଖରେ କାର୍ଡ ନ ଥିବାରୁ କାର୍ଡ ନମ୍ବର, ଫିଙ୍ଗରପ୍ରିଣ୍ଟ ଆଦି ବିଭିନ୍ନ ଅସୁବିଧା ଯୋଗୁଁ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି।

ରାଜ୍ୟରେ ରାସନ କାର୍ଡଧାରୀ ପରିବାର ସଂଖ୍ୟା ୯୫ ଲକ୍ଷ ୮୫ ହଜାର ୭୬୬ । ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ପ୍ରତ୍ୟେକ ପରିବାରର ସଦସ୍ୟ ଏହି କାର୍ଡରେ ଯୋଡ଼ି ହୋଇ ଯୋଜନାର ଲାଭ ଉଠାଉଛନ୍ତି। ଝିଅମାନେ ବିବାହ ପୂର୍ବରୁ କାର୍ଡରେ ଯୋଡ଼ି ହୋଇ ମୁଣ୍ଡ ପିଛା ୫ କେଜି ଚାଉଳ ସହ ବିଭିନ୍ନ ସୁବିଧା ସୁଯୋଗ ପାଇପାରୁଛନ୍ତି। ବାହାଘର ପରେ ସେମାନେ ବାପାଘର କାର୍ଡରୁ ନିଜ ନାମକୁ ବିଯୋଗ କରି ଶାଶୂଘର କାର୍ଡରେ ଯୋଡ଼ି ହେବାକୁ ଚାହୁଁଛନ୍ତି; କିନ୍ତୁ ବାପାଘର ଓ ଶାଶୂଘର ଭିନ୍ନ ବ୍ଲକ୍ ହୋଇଥିଲେ ନାଁ ଯୋଡ଼ିବାରେ ଅସୁବିଧା ହେଉଛି। ବ୍ଲକ୍‌ଗୁଡ଼ିକୁ ପୂର୍ବରୁ ଏସ୍‌ଏଫ୍‌ଏସ୍‌ଏସ୍ ଓ ଏନ୍‌ଏଫ୍‌ଏସ୍‌ଏସ୍‌ରେ ନିର୍ଦ୍ଦିଷ୍ଟ ଟାର୍ଗେଟ୍ ଦିଆଯାଉଛି। ତେଣୁ ଯେଉଁ ବ୍ଲକ୍‌ରେ ନୂତନ ଭାବେ ଯୋଡି ହେବାକୁ ଚାହୁଁଛନ୍ତି, ସେଠି ଟାର୍ଗେଟ୍ ପୂରଣ ହୋଇଯାଇଥିବାରୁ ଯୋଡ଼ି ହୋଇପାରୁନାହାନ୍ତି। କେବଳ ଝିଅମାନେ ନୁହନ୍ତି, ଛୋଟ ପିଲା ଜନ୍ମ ହେବା ପରେ ଆଧାରକାର୍ଡ ହେବା ପରେ ରାସନ କାର୍ଡରେ ଯୋଡ଼ି ହେବା ବେଳକୁ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ଲକ୍‌ଗୁଡ଼ିକରେ ଯଦି କୌଣସି ହିତାଧିକାରୀଙ୍କ ମୃତ୍ୟୁ ହେଉଛି, ତେବେ ତାଙ୍କ ପରିବର୍ତ୍ତେ ଆବେଦନକାରୀଙ୍କୁ ଗୁରୁତ୍ୱ ଦିଆଯାଉଛି। ତେଣୁ ଅଧିକାଂଶ ଝିଅମାନେ ଚାଉଳ ନ ପାଇବା ଯୋଗୁଁ ବାପାଘରୁ ନାଁ କାଟିବାକୁ ଚାହୁଁନାହାନ୍ତି। ତେଣୁ ସରକାରୀ ଚିକିତ୍ସା ସୁବିଧାର ଲାଭ ଉଠାଇ ପାରୁନାହାନ୍ତି।

ହିତାଧିକାରୀ ଚନ୍ଦ୍ରଶେଖର ବେହେରା କହିଛନ୍ତି ଯେ ମୋର କାର୍ଡ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଅଛି। ମୋ ସ୍ତ୍ରୀଙ୍କର ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ୍‌ରେ ନାଁ ରହିଛି। ଗୋଟିଏ ଜିଲ୍ଲା ଭିତରେ ହୋଇଥିଲେ ବି ଦୁଇଟି ବ୍ଲକ୍ ଓ ଟାର୍ଗେଟ୍ ନଥିବା କାରଣରୁ ପତ୍ନୀଙ୍କ ନାଁ ଯୋଡ଼ିବାରେ ମୋତେ ଅସୁବିଧା ହେଉଛି। ମୁଁ ନ ଜାଣିପାରି ସେଠୁ ନାଁ କାଟି ଦେଇଥିବାବେଳେ ଏବେ ଏଠି ଯୋଡ଼ିବାରେ ଅସୁବିଧା ହେଉଛି। ତେଣୁ ସରକାର ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଟାର୍ଗେଟ୍ ନ ଥିଲେ ଆମେ କିଛି କରିପାରିବୁ ନାହିଁ। ମୂଳରେ ଏଭଳି ସରକାରୀ ବ୍ୟବସ୍ଥା ହୋଇଛି। ତେଣୁ ଏଥିରେ ପରିବର୍ତ୍ତନ ପାଇଁ ଆମେ ପ୍ରସ୍ତାବ ଦେବୁ। ଆଗାମୀ ଦିନରେ ସରକାର ଯାହା ନିଷ୍ପତ୍ତି ନେବେ, ଆମେ ତାକୁ କାର୍ଯ୍ୟକାରୀ କରିବୁ ବୋଲି ସେ କହିଛନ୍ତି।

# ଚରିତ୍ର ସନ୍ଦେହରେ ସ୍ତ୍ରୀକୁ କଟୁରି ଚୋଟ

■ ଝିଅ, ଶ୍ୱଶୁରକୁ ବି ଛାଡ଼ିଲାନି
■ ଘରେ ନିଆଁ ଲଗାଇଦେଲା

ଢେଙ୍କାନାଳ,୧୯ ।୯ (ସମିସ): ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ସଦର ଥାନା ଅନ୍ତର୍ଗତ ବଳଦିଆବନ୍ଧ ଗ୍ରାମରେ ବର୍ବର କାଣ୍ଡ ଘଟିଛି। ଗ୍ରାମର ମାନସ ଦାସଙ୍କ କଟୁରି ଚୋଟରେ ତାଙ୍କ ସ୍ତ୍ରୀ ସନ୍ତୋଷୀ ପାତ୍ରଙ୍କ ସମେତ ୧୧ବର୍ଷୀୟ ଝିଅ ଓ ଶ୍ୱଶୁର ସରୋଜ ଚନ୍ଦ୍ର ପାତ୍ର ଗୁରୁତର ଆହତ ହୋଇଛନ୍ତି। ଏହି ଆକ୍ରମଣରେ



ଖୋଦ୍ ମାନସ ମଧ୍ୟ ଆହତ ହୋଇଛନ୍ତି। ଏହି କାଣ୍ଡ ଭିଆଇବା ପରେ ମାନସ ନିଜ ଘରେ ନିଆଁ ମଧ୍ୟ ଲଗାଇ ଦେଇଥିବା ଜଣାପଡ଼ିଛି। ପରିବାରଲୋକ ଓ ଗ୍ରାମବାସୀଙ୍କ ସହାୟତାରେ ସମସ୍ତଙ୍କୁ ଉଦ୍ଧାର କରାଯାଇ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନାନୁଯାୟୀ, ସନ୍ତୋଷୀ ଇନ୍‌ଷ୍ଟାଗ୍ରାମରେ ରିଲ୍ସ କରୁଥିବାରୁ ମାନସ ସବୁବେଳେ ତାଙ୍କ ଚରିତ୍ରକୁ ସନ୍ଦେହ କରିଆସୁଥିଲେ। ବୁଧବାର ରାତିରେ ଏ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ମାନସ ଉତକ୍ଷିପ୍ତ ହୋଇ ଏକ କଟୁରିରେ ସନ୍ତୋଷୀଙ୍କୁ ଆକ୍ରମଣ କରିଥିଲେ। ଏହା ଦେଖି ମାନସଙ୍କ ଝିଅ ଏବଂ ଶଶୁର ସରୋଜ ମାନସଙ୍କୁ ବିରୋଧ କରିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରିବାରୁ ପଛାଇ ନ ଥିଲା।

## ୧୪୦ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି କମିଟି ବୈଠକ

# ୨୫ଟି ପ୍ରକଳ୍ପକୁ ମଞ୍ଜୁରୀ, ୪,୭୩୯ ଟଙ୍କା ହେବ ନିବେଶ

ଭୁବନେଶ୍ୱର, ୧୯।୯ (ସମିସ): ଶୁକ୍ରବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲଡବ୍ଲୁସିଏ) ର ୧୪୦ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୪,୭୩୯ କୋଟି ଟଙ୍କାର ମୋଟ ୨୫ଟି ନୂଆ ନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ଖୋର୍ଦ୍ଧା, ଯାଜପୁର, କଟକ, ସମ୍ବଲପୁର, ଝାରସୁଗୁଡ଼ା, ଗଞ୍ଜାମ, ମୟୂରଭଞ୍ଜ, ଅନୁଗୋଳ ଓ ଗଜପତି ଜିଲ୍ଲାରେ ୨୫,୨୦୦ଟି ନୂତନ ନିଯୁକ୍ତି ସୃଷ୍ଟି ହେବ। ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ବୟନଶିଳ୍ପ, ଇସ୍ପାତ, ରସାୟନ, ସୂଚନା ପ୍ରଯୁକ୍ତି, ଭିଡିଭୂମ, ଲଜିଷ୍ଟିକ୍ସ, ନବୀକରଣଯୋଗ୍ୟ ଶକ୍ତି, ପର୍ଯ୍ୟଟନ, ଧାତୁ ଉପରେ ନିର୍ଭରଶୀଳ ଶିଳ୍ପ, ସର୍କୁଲାର ଇକୋନୋମି, ଶୀତଳଭଣ୍ଡାର ଓ ଉତ୍ପାଦନ ସାମଗ୍ରୀ ଆଦି ମୋଟ ୧୩ଟି ମୁଖ୍ୟ କ୍ଷେତ୍ର ଅନ୍ତର୍ଭୁକ୍ତ ରହିଛି।

ପ୍ରମୁଖ ପ୍ରକଳ୍ପ ମଧ୍ୟରେ ସୂଚନା ପ୍ରଯୁକ୍ତି ତଥା ଆଇଟି ସକ୍ଷମ ସେବା କ୍ଷେତ୍ରରେ ଲିନ୍‌ଡେ ଇଣ୍ଡିଆ ଲିମିଟେଡ୍ ଖୋର୍ଦ୍ଧାରେ ପରିବହନ ଏବଂ ଦୂରରୁ ପରିଚାଳନା(ରିମୋଟ ଅପରେସନ) ପାଇଁ ଏକ ବୈଶ୍ୱିକ କୌଶଳ କେନ୍ଦ୍ର ସ୍ଥାପନ କରିବ। ଏଥିପାଇଁ ୮୨କୋଟି ଟଙ୍କା ନିବେଶ ହେବା ସହିତ ୨୧୦ ନିଯୁକ୍ତି ସୃଷ୍ଟି ହେବ। ଏହି କମ୍ପାନୀ ମଧ୍ୟ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଯାଜପୁରରେ ଟାଟା ଇସ୍ପାତ ଓ ଅନ୍ୟାନ୍ୟ ଶିଳ୍ପସଂସ୍ଥା ପାଇଁ ପାଇପଲାଇନ୍ କ୍ଲଷ୍ଟର ପ୍ରକଳ୍ପ ସ୍ଥାପନ କରିବ। ଏଥିପାଇଁ ୧୦୫.୭୦ କୋଟି ଟଙ୍କା ନିବେଶ

## ୨୫,୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ

କରିବ ଏବଂ ଏଥିରୁ ୩୫ଟି ନିଯୁକ୍ତି ସୃଷ୍ଟି ହେବ। ବସ୍ତ୍ର, ପୋଷାକ ଓ ପ୍ରାଯୁକ୍ତିକ ବସ୍ତ୍ର କ୍ଷେତ୍ରରେ କଲରଟୋନ୍ ଟେକ୍ସଟାଇଲ୍ସ ପ୍ରା.ଲି. ଖୋର୍ଦ୍ଧାରେ ୭୦୦.୨୯ କୋଟି ଟଙ୍କା ନିବେଶ କରି ସମନ୍ୱିତ ବସ୍ତ୍ର କେନ୍ଦ୍ର ସୁବିଧା ସ୍ଥାପନ କରିବ, ଯାହାଦ୍ୱାରା ୧,୦୧୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଟେକ୍ନୋ ଆକ୍ଟିଭ୍‌ୱେୟାର୍ ପ୍ରା.ଲି. କଟକରେ କ୍ରୀଡ଼ା ପୋଷାକ ଫେବ୍ରିକ୍ ଓ ପୋଷାକ ୟୁନିଟ୍ ପାଇଁ ୧୦୦ କୋଟି ଟଙ୍କା ନିବେଶ କରିବ ଏବଂ ଏହାଦ୍ୱାରା ୨,୫୦୦ ନିଯୁକ୍ତି ସୃଷ୍ଟି ହେବ। ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ କେନ୍ଦୁଝର ଓ ସମ୍ବଲପୁରରେ ପୋଷାକ ୟୁନିଟ୍ ପାଇଁ ପ୍ରତ୍ୟେକରେ ୧୦୦ କୋଟି ଟଙ୍କା ନିବେଶ କରିବା ସହ ପ୍ରତ୍ୟେକରେ ୧,୨୦୦ କରି ମୋଟ ୨,୪୦୦ ନିଯୁକ୍ତି ସୃଷ୍ଟି କରିବ। ଆହୁରି ମଧ୍ୟ, ପର୍ଯ୍ୟଟନ କ୍ଷେତ୍ରରେ ଏସ୍‌ୱାଇସିଇ ଇଣ୍ଡିଆ (ଓପିସି) ପ୍ରା.ଲି. ସମ୍ବଲପୁରରେ ୫-ତାରକା ବିଶିଷ୍ଟ ଆଡ଼ମ୍ବରପୂର୍ଣ୍ଣ ରିସର୍ଟ ପାଇଁ ୧୦୭.୪୨ କୋଟି ଟଙ୍କା ନିବେଶ କରିବ ଏବଂ ଏହାଦ୍ୱାରା ୧୫୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଯାନ୍ତ୍ରିକ ଓ ବୈଦ୍ୟୁତିକ ଉପକରଣ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରେ ରାହୀ ଟ୍ରାକ୍ ଟେକ୍ନୋଲୋଜିଜ୍ ପ୍ରା.ଲି. ଖୋର୍ଦ୍ଧାରେ ଭାରୀ ଇସ୍ପାତ କାଷ୍ଟିଂ ବ୍ୟବସ୍ଥା ପାଇଁ ୧୪୦ କୋଟି ଟଙ୍କା ବିନିଯୋଗ କରିବ ଓ ଏହାଦ୍ୱାରା ୧୫୦ ନିଯୁକ୍ତି ସୁଯୋଗ ମିଳିବ। ଇସ୍ପାତ କ୍ଷେତ୍ରରେ କୋଣାର୍କ ଇସ୍ପାତ ଲିମିଟେଡ୍ ଝାରସୁଗୁଡ଼ାରେ ରୋଲିଂ ମିଲ୍, ପେଲେଟ୍ ପ୍ଲାଣ୍ଟ, ଡି.ଆର୍.ଆଇ., ବିଲେଟ୍ ପ୍ଲାଣ୍ଟ ଓ ସି.ପି.ପି. ସହିତ କାରଖାନା ବିସ୍ତାର ପାଇଁ ୯୯୦ କୋଟି ଟଙ୍କା ନିବେଶ କରି ୨,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ରସାୟନ କ୍ଷେତ୍ରରେ ସିରିଅସ୍ ସ୍ପେସିଆଲିଟି କେମିକାଲ୍ସ ପ୍ରା.ଲି. ଦ୍ୱାରା ଯାଜପୁରରେ କାର୍ବନ ଇଲେକ୍‌ଟ୍ରୋଡ୍ ପେଷ୍ଟ ଉତ୍ପାଦନ କାରଖାନା ପାଇଁ ୨୦୫.୪୪ କୋଟି ଟଙ୍କା ନିବେଶ ଫଳରେ ୬୦୦ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ ରଖିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସାର ତାତି...

ଗୃହ କମ୍ପାଇଥିଲେ। ଏହି ସମୟରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ଅଣତାରକା ପ୍ରଶ୍ନରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉତ୍ତର ରଖୁଥିଲେ ହେଁ ବିଜେଡି ବିଧାୟକଙ୍କ ନାରାବାଜିରେ ଏହା ଆଦୌ ଶୁଣାଯାଉନଥିଲା। ଏହି ସମୟ ମଧ୍ୟରେ କଂଗ୍ରେସ ବିଧାୟକମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ରହିଥିଲେ। ବିଜେଡି ବିଧାୟକଙ୍କୁ ନିଜ ନିଜ ଆସନକୁ ଫେରିଯିବା ପାଇଁ ବାଚସ୍ପତି ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସେମାନେ ଏହାକୁ କର୍ଣ୍ଣପାତ କରିନଥିଲେ। ଫଳରେ ବାଚସ୍ପତି ୧୦ଟା ୩୪ରୁ ଅପରାହ୍ନ ୪ଟା ଯାଏଁ ଗୃହକୁ ମୁଲତବୀ ରଖିଥିଲେ। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ବିଧାୟକ ସମାନ ଢଙ୍ଗରେ ଗୃହରେ ନାରାବାଜି, ହଟ୍ଟଗୋଳ ଆରମ୍ଭ କରିଥିଲେ। ବିଜେପି ସରାକରଙ୍କ ବିରୋଧରେ ନାରାବାଜି କରିବା ସହ ସାର ପ୍ରସଙ୍ଗରେ ସ୍ୱତନ୍ତ୍ର ଆଲୋଚନା ପାଇଁ ଅଡ଼ି ବସିଥିଲେ ବିଜେଡି ବିଧାୟକ। ବିଜେଡି ବିଧାୟକଙ୍କ ପ୍ରବଳ ହଟ୍ଟଗୋଳ କାରଣରୁ ବାଚସ୍ପତି ଶନିବାର ଯାଏଁ ଗୃହକୁ ମୁଲତବୀ ରଖିଛନ୍ତି।

### କଂଗ୍ରେସ ବିଧାୟକଙ୍କ...

କ୍ଷୁଣ୍ଣ କରିଛି। ଏଥିପାଇଁ ସେମାନଙ୍କ ବିରୋଧରେ ଗୃହର ସ୍ୱାଧିକାର ଭଙ୍ଗ ନୋଟିସ୍ ଆସିଥିବା ବାଚସ୍ପତି ସୂରମା ପାଢ଼ୀ ଆଜି ଗୃହରେ ସୂଚନା ଦେଇଛନ୍ତି।

ଅନ୍ୟପଟେ ସ୍ୱାଧୀକାର ଭଙ୍ଗ ନୋଟିସ୍ ପ୍ରସଙ୍ଗରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସରକାରଙ୍କ ଉପରେ ବର୍ଷିଛନ୍ତି। ଗୃହ ବାହାରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ କାଡାମ୍ କହିଛନ୍ତି ଯେ ଆମକୁ ଡରାଇବା ପାଇଁ ସ୍ୱାଧିକାର ନୋଟିସ ଅଣାଯାଇଛି। ଏଥିରେ କଂଗ୍ରେସ ବିଧାୟକ ଭୟଭୀତ ହେବେ ନାହିଁ। କଂଗ୍ରେସର କଣ୍ଠରୋଧ କରିବାକୁ ଶାସକ ଦଳ ଚେଷ୍ଟା କରୁଛି। ବିଧାନସଭାର ବିଧି ଅନୁସାରେ ଆମେ ଅନାସ୍ଥା ନୋଟିସ ଦେଇଛୁ; କୌଣସି ସ୍ୱାଧୀକାର ଭଙ୍ଗ କରିନାହୁ। ଆମ ଦଳ ବିରୋଧରେ ଶାସକ ଦଳ ମିଛ ଅଭିଯୋଗ କରୁଛି। ଦେଢ଼ବର୍ଷର ବିଜେପି ସରକାର ଓଡିଶାବାସୀଙ୍କୁ ସୁଶାସନ ଦେବାରେ ବିଫଳ ହୋଇଛି। ଏହା ବିରୋଧରେ ଆମେ ଅନାସ୍ଥା ଆଣିଛୁ ବୋଲି ଶ୍ରୀ କାଡାମ୍ ସୂଚନା ଦେଇଛନ୍ତି।

### ସରକାରଙ୍କ ପାଖରେ...

ହୋଇଥିବାବେଳେ ଗୋଟିଏ ମାମଲାର ବିଚାର ସରିନାହିଁ। ଅଭିଯୋଗକାରିଣୀ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ନିକଟରେ ହାଜର ହୋଇ ନ ଥିବାରୁ ତଦନ୍ତ ଆଗକୁ ବଢ଼ିପାରି ନାହିଁ। ଦ୍ୱିତୀୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ୬ଜଣ ଛାତ୍ରୀ ଅସଦାଚରଣର ଶିକାର ହୋଇଥିବାବେଳେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ୩ଜଣ, ବ୍ରହ୍ମପୁର ଓ ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରୁ ଗୋଟିଏ ଲେଖାଏଁ ମାମଲା ରହିଛି। ରାଜ୍ୟର ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ 'ରମାଦେବୀ'ରେ ଦୁଇଜଣ ଛାତ୍ରୀ ନିର୍ଯ୍ୟାତନାର ମାମଲା ତଦନ୍ତାଧୀନ ରହିଛି। ତନ୍ମଧ୍ୟରୁ ଜଣେ ଛାତ୍ରୀ ଯୌନ ନିର୍ଯ୍ୟାତନାର ଶିକାର ହୋଇଥିବା ଦେଢ଼ମାସ ପୂର୍ବରୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ବିଧାୟକ ତୁଷାରକାନ୍ତି ବେହେରାଙ୍କ ପ୍ରଶ୍ନରେ ଉଚ୍ଚଶିକ୍ଷା ମନ୍ତ୍ରୀ ଏହି ତଥ୍ୟ ରଖିଛନ୍ତି। ଅପରପକ୍ଷରେ ୨୦୨୪-୨୫ ଠାରୁ ଏବେଯାଏଁ ଶିକ୍ଷାନୁଷ୍ଠାନରେ କେତେ ଛାତ୍ରୀ ଅସଦାଚରଣ ଓ ଦୁର୍ଷମର ଶିକାର ହୋଇଛନ୍ତି ଏବଂ କେତେଜଣ ଆତ୍ମହତ୍ୟା କରିଛନ୍ତି ବୋଲି ବିଧାୟକ ରମେଶ ଚନ୍ଦ୍ର ବେହେରା ବିଧାନସଭାରେ ପ୍ରଶ୍ନ କରିଥିଲେ। ଏହି ଅଣତାରକା ପ୍ରଶ୍ନର ଉତ୍ତର ରଖି ଉଚ୍ଚଶିକ୍ଷା ମନ୍ତ୍ରୀ ତଥ୍ୟ ସଂଗ୍ରହ କରାଯାଉଥିବା କହିଛନ୍ତି। ମହାବିଦ୍ୟାଳୟରୁ ସର୍ବାଧିକ ଅଭିଯୋଗ ଆସୁଥିବାବେଳେ ସରକାରଙ୍କ ପାଖରେ କିପରି ତଥ୍ୟ ନାହିଁ, ସେନେଇ ଶିକ୍ଷାବିତ୍‌ମାନେ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି।

ସେହିପରି ଦେଢ଼ ବର୍ଷ ମଧ୍ୟରେ ବିଦ୍ୟାଳୟଗୁଡ଼ିକରେ ୩୨ ଜଣ ଛାତ୍ରୀ ନିର୍ଯ୍ୟାତନାର ଶିକାର ହୋଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ ଉତ୍ତର ରଖିଛନ୍ତି। ବିଧାୟକ ତାରାପ୍ରସାଦ ବାହିନିପତିଙ୍କ ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ କହିଛନ୍ତି ଯେ ୧୪ଟି ଜିଲ୍ଲାର ୨୦ଟି ବିଦ୍ୟାଳୟରୁ ଅଭିଯୋଗ ଆସିଛି। ମୋଟ୍ ୩୨ ଜଣ ଛାତ୍ରୀ ଅସଦାଚରଣର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରୁ ସର୍ବାଧିକ ୧୧ ଜଣ ଛାତ୍ରୀ ଅଭିଯୋଗ କରିଥିବାବେଳେ ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ସମସ୍ତ ଅଭିଯୋଗର ତଦନ୍ତ କରାଯାଇଛି। ମୋଟ୍ ୧୬ ଜଣ ଶିକ୍ଷକଙ୍କ ସମେତ ୩ଜଣ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ଅନ୍ୟ ଶିକ୍ଷକଙ୍କ ବିରୋଧରେ ମଧ୍ୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚନା ଦେଇଛନ୍ତି।

### ତାଲିକାରୁ ହଟିଲେ...

୪୭୪ ଦଳଙ୍କୁ ବାଦ୍ ଦେଇଥିଲେ। ଏହାକୁ ମିଶାଇ ମୋଟ ୮୦୮ ଦଳଙ୍କୁ ଅଣ-ତାଲିକାଭୁକ୍ତ କରାଗଲାଣି। ଦ୍ୱିତୀୟ ପର୍ଯ୍ୟାୟରେ ଉତ୍ତର ପ୍ରଦେଶର ସର୍ବାଧିକ ୧୨୧ ଦଳ, ମହାରାଷ୍ଟ୍ରର ୪୪, ତାମିଲନାଡୁର ୪୨, ଦିଲ୍ଲୀର ୪୦, ପଞ୍ଜାବର ୨୧, ମଧ୍ୟପ୍ରଦେଶର ୨୩, ବିହାରର ୧୫, ରାଜସ୍ଥାନ ଏବଂ ଆନ୍ଧ୍ର ପ୍ରଦେଶର ୧୭ଟି ଲେଖାଏଁ ଦଳ ସାମିଲ ରହିଛି। ଏହି ପର୍ଯ୍ୟାୟରେ ୩୦ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୪୭୪ ଦଳଙ୍କୁ ବାଦ୍ ଦିଆଯାଇଛି। ତୃତୀୟ ପର୍ଯ୍ୟାୟରେ ୨୩ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୩୫୯ ଦଳ ବିଚାରାଧୀନ ଅଛନ୍ତି। ଏହି ଦଳଗୁଡିକ ନିର୍ବାଚନ ଲଢ଼ିଥିବାବେଳେ ତିନି ବର୍ଷର ବାର୍ଷିକ ସମୀକ୍ଷା ରିପୋର୍ଟ ଦାଏର କରିନାହାନ୍ତି। ଏହି ଦଳଗୁଡିକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ପକ୍ଷ ଶୁଣିବା ପରେ ଅନ୍ତିମ ନିଷ୍ପତ୍ତି ନିଆଯିବ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି।

### ଡିଏସ୍‌ପି ପାହ୍ୟା...

ଦିଆଯାଇଛି। ହତ୍ୟାର ପ୍ରମାଣ ମିଳିଲେ ଦୀପକକୁ ରିମାଣ୍ଡରେ ନେବ ଖୁଣ୍ଟୁଣି ଥାନା ପୁଲିସ। ଦୁଇଟି ହତ୍ୟା ମାମଲା ରୁଜୁ ହେବାପରେ କନେଷ୍ଟବଳ ଦୀପକ ପାଇଁ ଅଡୁଆ ବଢ଼ିଛି। ସେପଟେ ଶୁଭଶ୍ରୀ ହତ୍ୟା ଘଟଣାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରି ତଦନ୍ତରେ କ୍ୟାପିଟାଲ ଥାନା ପୁଲିସକୁ ସହଯୋଗ କରୁଛି କ୍ରାଇମବ୍ରାଞ୍ଚ। ଏବେ ଅପର୍ଣ୍ଣା ମୃତ୍ୟୁ ଘଟଣାରେ ମଧ୍ୟ ହତ୍ୟା ମାମଲା ରୁଜୁ ହେବାପରେ ଦୁଇଟି ହତ୍ୟା ମାମଲାକୁ ନେଇ କ୍ରାଇମବ୍ରାଞ୍ଚ ପ୍ରତ୍ୟକ୍ଷ ଭାବେ ତଦନ୍ତ କରିବ ବୋଲି କୁହାଯାଉଛି।

ଦୀପକ ୨୦୨୨ ମସିହା ମାର୍ଚ୍ଚ ମାସ ୧୭ ତାରିଖ ଦିନ ତା'ର ପ୍ରଥମ ପତ୍ନୀ ଅପର୍ଣ୍ଣା (ରାଜସ୍ୱ ନିରୀକ୍ଷକ)ଙ୍କୁ ଧରି କାର ଯୋଗେ ଢେଙ୍କାନାଳରୁ ଭୁବନେଶ୍ୱର ଆସୁଥିଲେ। ଖୁଣ୍ଟୁଣି ଥାନା ଅଧିନସ୍ଥ ରାଧାକିଶୋରପୁର ଅପର୍ଣ୍ଣା ପରିସ୍ରା କରିବାକୁ କହିବାରୁ ଦୀପକ କାର ରଖିଥିଲେ। ଅପର୍ଣ୍ଣା ପରିସ୍ରା କରିବାକୁ ଯାଉଥିବା ବେଳେ ଟ୍ରକ୍ ଧକ୍କାରେ ଆହତ ହୋଇଥିଲେ। ଗୁରୁତର ଅପର୍ଣ୍ଣାଙ୍କୁ ଦୀପକ ନିଜ କାରରେ ନେଇ କଟକ ସ୍ଥିତ ଏକ ଭର୍ତ୍ତି କରିଥିଲା, ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଓଡି-୦୨-ଏସ୍-୩୪୮୬ ନମ୍ବର ବିଶିଷ୍ଟ ଏକ ଟ୍ରକ ଅପର୍ଣ୍ଣାଙ୍କୁ ଧକ୍କା ଦେଇଥିବା ଦୀପକ ଖୁଣ୍ଟୁଣି ଥାନାରେ ଅଭିଯୋଗ କରିଥିଲା। ପୁଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଥିଲେ ମଧ୍ୟ ଦୀପକ ଦେଇଥିବା ଟ୍ରକର ସଂପୃକ୍ତି ପାଇ ନ ଥିଲା। ଟ୍ରକର ସଂପୃକ୍ତି ନେଇ ପ୍ରମାଣ ନ ମିଳିବାରୁ ପୁଲିସ ଏଫ୍‌ଆରଟି ନୋ କ୍ଲୁ କରି ମାମଲାକୁ ବନ୍ଦ କରି ଦେଇଥିଲା। ଅପର୍ଣ୍ଣାଙ୍କ ମୃତ୍ୟୁପରେ ବୀମା ବାବଦକୁ କୋଟିଏ ଟଙ୍କା ହାତେଇଥିଲା ଦୀପକ। ଶୁଭମିତ୍ରା ହତ୍ୟା ମାମଲାକୁ କ୍ରାଇମବ୍ରାଞ୍ଚ ରେଡ୍ ଫ୍ଲାଗ ଅନ୍ତର୍ଭୁକ୍ତ କରିଛି। କ୍ରାଇମବ୍ରାଞ୍ଚ ଡିଜିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ଟିମ୍ ଓ କମିସନରେଟ ପୁଲିସର କ୍ୟାପିଟାଲ ଥାନା ପୁଲିସ ମିଳିତ ଭାବେ ତଦନ୍ତ କରିବେ। ୬ ତାରିଖରେ କନଷ୍ଟେବଳ ଶୁଭମିତ୍ରା ନିଖୋଜ ହେବା ଓ ୧୭ ତାରିଖରେ କେନ୍ଦୁଝରରେ ଗଳିତ ମୃତଦେହ ମିଳିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେବ। ଖୁଣ୍ଟୁଣି ଥାନା ପୁଲିସ ଠାରୁ ଅପର୍ଣ୍ଣାଙ୍କ ଦୁର୍ଘଟଣା ଜନିତ ମାମଲା ଓ ହତ୍ୟା ମାମଲାର ବିଭିନ୍ନ ତଥ୍ୟ ସଂଗ୍ରହ କରି କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ଏହି ମାମଲାକୁ ତଦାରଖ କରିବ।

### ଚାଷୀଙ୍କୁ ବିଜେପିର...

ଦାବିକୁ ଅଗ୍ରାହ୍ୟ କରିଦେଇଥିଲେ। ଫଳରେ ବିଜେଡି ସଦସ୍ୟମାନେ ଗୃହରେ ପ୍ରବଳ ହଟ୍ଟଗୋଳ, ନାରାବାଜି କରିଥିଲେ। ବିଜେଡିର ପ୍ରବଳ ପ୍ରତିବାଦ କାରଣରୁ ଶୁକ୍ରବାର ଗୃହ ମାତ୍ର ୮ ମିନିଟ ଚାଲିଥିଲା। ବିଧାନସଭା ଅଚଳ ପ୍ରସଙ୍ଗରେ ବିଜେଡିକୁ ସମାଲୋଚନା କରିବାକୁ ଯାଇ ବିଜେପି ବିଧାୟକ ଅଗସ୍ତି ବେହେରା ଦେଇଥିବା ମନ୍ତବ୍ୟ ଏବେ ସାଧାରଣରେ ତୀବ୍ର ସମାଲୋଚିତ ହୋଇଛି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଗୃହ ବାହାରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ ମୋ ଜୀବନରେ ଏପରି ଉତ୍କଟ ସାରର ଅଭାବ ମୁଁ ଦେଖିନାହିଁ। ସରକାର କହୁଛନ୍ତି ରାଜ୍ୟରେ ପର୍ଯ୍ୟାପ୍ତ ସାର ଅଛି। ଯଦି ପର୍ଯ୍ୟାପ୍ତ ସାର ଅଛି, ତାହେଲେ ଚାଷୀଙ୍କୁ କଣ ପାଇଁ ସାର ଦିଆଯାଉ ନାହିଁ। ମୁଠେ ମୁଠେ ସାର ପାଇଁ ଚାଷୀ ଅହୋରାତ୍ର ଧାଡ଼ିରେ ଛିଡ଼ାହେଉଛି। ମାତ୍ର ସାର ନପାଇବା କାରଣରୁ ବାଧହୋଇ ଚଢ଼ାଦରରେ ସାର କିଣୁଛି। ଜଣେ ଶାସକ ଦଳ ବିଧାୟକ ମଧ୍ୟ ବିଭାଗୀୟ ମନ୍ତ୍ରୀଙ୍କୁ ସାର ମିଳୁନଥିବା ନେଇ ଚିଠି ଲେଖିଛନ୍ତି। ଯୋଗାଣ ମନ୍ତ୍ରୀ ମଧ୍ୟ ସାରର କଳାବଜାରୀ ହେଉଥିବା ସ୍ୱୀକାର କରୁଛନ୍ତି। ତାହେଲେ ଚାଷୀ, ଶାସକ ବିଧାୟକ, ମନ୍ତ୍ରୀ କଣ ଅସତ୍ୟ କହୁଛନ୍ତି? ଏ ରାଜ୍ୟରେ ଶାସନ ବ୍ୟବସ୍ଥା ଅଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଚାଷୀଙ୍କୁ ଲ୍ୟାମ୍ପସ, ପାକ୍ସରେ ସାର ମିଳୁନାହିଁ। ଚଢ଼ାଦରରେ କଳାବଜାରରେ ଚାଷୀ ବାଧ ହୋଇ ସାର କିଣୁଛନ୍ତି। ସରକାରଙ୍କ ଜାଣତରେ ଏସବୁ ହେଉଛି। ସରକାରଙ୍କ ଉଦାସୀନତାର ଏହା ଫଳ। ଆମେ ପ୍ରଶ୍ନକାଳ ବାତିଲ କରି ଦିନତମାମ୍ ଏ ବାବଦରେ ଆଲୋଚନା କରିବାକୁ ଚାହିଁଥିଲୁ। ମାତ୍ର ସରକାର ଏଥିରୁ ଖସିଯିବାକୁ ଚାହୁଁଛନ୍ତି ବୋଲି ଅଭିଯୋଗ କରିଛନ୍ତି ଶ୍ରୀ ଆଚାର୍ଯ୍ୟ। ସେହିପରି କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ ଗରିବ ଲୋକଙ୍କ ଟିକସ ବିଧାନସଭା ଚାଲୁଛି। ମାତ୍ର ଆଲୋଚନା ବଦଳରେ ବିଧାନସଭା ବନ୍ଦ କରିବା ନିନ୍ଦନୀୟ। ଆଜି ରାଜ୍ୟରେ ହାହାକାର ସ୍ଥିତି ସୃଷ୍ଟି ହୋଇଛି। ଚାଷୀ ସାର ନପାଇ ହଇରାଣ ହେଉଛନ୍ତି। ବିଧାନସଭାରେ ଆଲୋଚନା ହୋଇଥିଲେ, ସରକାର ସଚେତନ ହୋଇଥାନ୍ତେ। ଆମେ ଏଥିପାଇଁ ନିଜ ଆସନରେ ଠିଆ ହୋଇ ଆଲୋଚନା ପାଇଁ ଦାବି କରୁଥିଲୁ ବୋଲି ଶ୍ରୀ ବାହିନୀପତି କହିଛନ୍ତି।

### ଦୁଇ ପୁଅଙ୍କୁ...

ଅନ୍ତର୍ଗତ ନୂଆକ୍ଷେତା ଜଙ୍ଗଲକୁ ଯାଇଥିଲେ। ସେଠାରେ ଦୁଇ ପୁଅଙ୍କୁ ବିଷ ପିଆଇ ଦେଇଥିଲେ। କିଛି ସମୟ ପରେ ଦୁଇ ନାବାଳକ ବାନ୍ତି କରିବାରୁ ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ବନ୍ତଳା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଗ୍ରାମବାସୀ ତୁରନ୍ତ ଉଭୟଙ୍କୁ ଏକ କାର୍ ଯୋଗେ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

### ୨୫ରେ ଲଘୁଚାପ...

ପୂର୍ବକେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପୂର୍ବ ବଙ୍ଗୋପସାଗର ମଧ୍ୟ ସମୁଦ୍ର ନିକଟସ୍ଥ ମ୍ୟାଁମାର-ବାଂଲାଦେଶ ଉପକୂଳ ନିକଟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ପରବର୍ତ୍ତୀ ସମୟରେ ଏହା ବଙ୍ଗୋପସାଗରମୁହାଁ ହୋଇ ରାଜ୍ୟର ବିଭିନ୍ନ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକ ଉପରେ ପ୍ରଭାବ ପକାଇପାରେ। ବର୍ତ୍ତମାନ ଓଡ଼ିଶା ଉପରେ କୌଣସି ପ୍ରକାର ପାଣିପାଗ ନିୟାମକ ସକ୍ରିୟ ନାହିଁ। ହେଲେ ବର୍ତ୍ତମାନ ରାଜ୍ୟରେ ହେଉଥିବା ଖରା ଓ ଗୁଳୁଗୁଳି ଯୋଗୁଁ ଅପରାହ୍ନରେ କିଛି କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ଆଶଙ୍କା ଥିବା ପାଣିପାଗ କେନ୍ଦ୍ର କହିଛି। ଏଭଳି ସ୍ଥିତିରେ ଉତ୍ତର ଓ ଉପକୂଳ ଓଡ଼ିଶାରେ ବର୍ଷାର ପରିମାଣ ଅଧିକ ରହିବା ନେଇ ଆଶଙ୍କା କରାଯାଇଛି।


**AFFIDAVIT**

By virtue of an Affidavit No.571, dtd 19/09/2025 Sworn before The Executive Magistrate Bisoi, I, Sunita Goipai, aged about 38 years W/O Swarup Chandra Naik of village Badbalichua,PO - Kaduani, PS- Bisoi in the district of Mayurbhanj declared that my son, Sri Subham Naik in school admission register O.A.V, Jamirdiha my name has been written as SUNITA NAIK instead of SUNITA GOIPAI. That both name as SUNITA GOIPAI and SUNITA NAIK are same and one person.That the purpose of this Affidavit is to be produce before the concerned authority to correction of my name as Sunita Goipai for future Reference. Sd/- Sunita Goipai

**AFFIDAVIT**

I, RINA GANGULI, W/O SURYANARAYAN DASH, RESIDENT OF AT- RAJA BAGICHA, KUSANPUR, PO- TELENGA BAZAR, DIST- CUTTACK, PIN-753009, ODISHA, DECLARE BY THIS AFFDAVIT NO-2119, DT-12.02.2025,THAT NOW ONWORDS I SHALL BE KNOWN AS **REENA DASH** FOR ALL FUTURE PURPOSES.

**ହଜିଛି**

ଆମ୍ଭେ ରାଜା ଆଦିତ୍ୟ ପ୍ରସାଦ ମହାନ୍ତି, ଓକିଲ ଏତଦ୍ୱାରା ଘୋଷଣା କରୁଅଛୁ ଯେ ଆମ୍ଭର ମହକିଲ ରଞ୍ଜନ ରଣା ପିତା- ୰ ଧୁଶାସନ ରଣା ସା/ପୋ/ଥା-ତିଗିରିଆ, ଜିଲ୍ଲା-କଟକ ଙ୍କ ଅସଲ ବିକ୍ରୟ କବଲା ଯାହାର ନମ୍ବର-୬୮୭/୧୯୮୯/୧ତା.୨୯-୦୮-୧୯୮୯ ଟି ତିଗିରିଆ ରୁ ନୂଆପାଟଣା ଯିବା ବାଟରେ ଗତ ତା. ୧୫-୦୯-୨୦୨୫ ରିଖରେ ହଜିଯାଇଛି । ଯଦି କୌଣସି ସହୃଦୟବ୍ୟକ୍ତି ଏହି କାଗଜାତ ପାଇଛନ୍ତି ତେବେ ନିମ୍ନ ବର୍ଣ୍ଣିତ ମୋବାଇଲ ନମ୍ବର କିମ୍ବା ଠିକଣାରେ ଯୋଗାଯୋଗ କରନ୍ତୁ ।
ରାଜା ଆଦିତ୍ୟ ପ୍ରସାଦ ମହାନ୍ତି, (ଓକିଲ)
ସା/ପୋ/ଥା-ତିଗିରିଆ, ଜିଲ୍ଲା-କଟକ,
ପିନ୍-୭୫୪୦୩୦
ମୋବାଇଲ ନଂ-୯୩୪୮୨୬୭୦୩୮

**AFFIDAVIT**

By virtue of an affidavit sworn before Notary Public, Bhubaneswar, on dated 19.09.2025, I Toofan Malik resident of At- Kentalo, Po - Kulasukarpada, Ps- Nischintakoili, Dist- Cuttack, Odisha, PIN - 754209 declare that I have changed the name of my Son from Omm Prakash Mallik to Sairam Mallik. Henceforth he shall be known as **SAIRAM MALLIK** for all future purposes.

**AFFIDAVIT**

I Bijaya Kumar Sahoo S/o Prahallad Chandra Sahoo, Resident of. Village- Kundibag, PO-Bhadrak By-Pass, PS-Sabarang, Dist - Bhadrak, Odisha, PIN- 756181, declare by this affidavit No 8374 dtd 09.09.2025 that now onwards I shall be known as **BIJAY KUMAR SAHOO** for all future purposes.

**AFFIDAVIT**

I, Kamini Dalai, W/o- Prasanna Kumar Dalai, resident of Radhakrishna Enclave, Flat No-206, 2nd Floor, Lane-7, Unit-6, Bhubaneswar, Dist- Khurda, Pin-751003, Odisha declared by this affidavit no. CF-57, dtd- 15/09/2025 that now onwards I shall be known as **SAKHI DALAI** for all future purposes.

**AFFIDAVIT**

I, RANJITA TRIPATHY, W/o- Durga Prasad Tripathy residing At- Plot No - B-38, Sidhi Vihar, Jagamara, Po/PS- Khandagiri, Bhubaneswar, Dist- Khordha, State- Odisha, Pin- 751030, declare by this affidavit No Vol-II, SL No - 683, dtd. 04.08.2025 that now onwards I shall be known as **RANJITA PANDA** for all future purposes. Sd- RANJITA PANDA

**AFFIDAVIT**

By virtue of an affidavit sworn before the Notary Public, Sunabeda dated 19/09/2025 I Sri Gandhi Pangi, S/o.- Deba Pangi, Village- Parajabhimdol, PO. - Balda, PS.- Padwa, Dist.- Koraput declare that I have changed my son's name from **Magara Pangi** to **Makara Pangi**. Henceforth, my son shall be known as **Makara Pangi** for all purposes. Sd/- **Gandhi Pangi**

**AFFIDAVIT**

I, Prasanta Mohanty, S/o- Radhashyam Mohanty, resident of Plot No- 2F/591, Sector-10, CDA, Cuttack, Dist- Cuttack, Pin- 753014, Odisha declared by this affidavit No. 12, dtd- 15/09/2025 that now onwards I shall be known as **PRASANTA KUMAR MOHANTY** for all future purposes.

**LOST**

**I, Sekh Jakir,** C/o: Sekh Sabir, resident of At: Musalim Sahi, Balugaon Chilika, Dist.: Khordha, Odisha. I was going Kuhuri to Balugaon way from lost my 3 land paper in somewhere, details given below: **1) ROR Khata No.: 321/566 and 2) Sell Deed No.: 2711, Doc No.: 11101102712, 3) Deed No.: 1243.**
If anyone finds it kindly contact to my number: **9853277994** or Balugaon Police Station. If anyone will misutilize it, we will not be resposible for it. **Sd/- Sekh Jakir**

**AFFIDAVIT**

I, Sri Gopal Harijan, S/o- Late Madhu Harijan resdient of Bhatra, Po.- Ambaguda, Ps.- Jeypore sadar, Dist.- Koraput, Odisha, Pin- 764055 declare by this affidavit no.731 dtd.- 17/09/2025 that, my daughter's actual and correct name is **Sruti Harijan** but in her Aadhaar card no. 6537 8604 4981 her name wrongly mentioned as **Krutirani Harijan**. Hence **Sruti Harijan** and **Krutirani Harijan** is one and same person. Sd/- **Gopal Harijan**

**AFFIDAVIT**

I, Baikunatha Nath Karan, S/o- Madan Mohan Karan, resident of Jemadeipur Patna, Mandhatapur, Dist- Nayagarh, Pin- 752079, Odisha declared by this affidavit No.753, dtd- 18/09/2025 that now onwards I shall be known as **BAIKUNTHA NATH KARAN** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated: 19/09/2025, I, Jyoti Nayak, resident of Plot No.511, Unit-3, Kharavela Nagar, PS- Kharavela Nagar, Bhubaneswar, Pin- 751001, Dist- Khordha, Odisha declare that I have changed my son name from Jyotirdeep Ghadei to JYOTIRDEEP NAYAK. Henceforth, he shall be known as **JYOTIRDEEP NAYAK** for all purposes.

**NOTICE (FOR MINOR)**

By virtue of an affidavit shown before Executive Magistrate, Bhubaneswar Date. 17.8.24 I Prangya Paramita Garabadu, Address: A/T- Ratha Road, P/O- Old town, P/S- Sree Lingaraj, Dist- Khordha, Odisha, Pin-751002, declare that I have changed the name of my SON from AHWAN ARYANSHU PATRO to AHWAN ARYANSHU. Henceforth, he shall be known as **AHWAN ARYANSHU** for all purpose.

**AFFIDAVIT**

I, Brajesh Kr Thakur, S/o- Rajendra Thakur, resident of Ward No-5, Ektali, Po- Ektali, Ps- Sadar, Dist- Jharsuguda, Pin-768202, Odisha declared by this affidavit No. CF-889 , dtd- 24/07/2025 that now onwards I shall be known as **BRAJESH KUMAR SINGH** for all future purposes.

**NOTICE**

I, Raja Aditya Prasad Mohanty Advocate do hereby declare that the original register sale deed bearing document No- 687/1989/1 Dt. 29.08.1989 of my client Ranjan Rana S/o Late. Dhusasan Rana of Vill/Po/Ps-Tigiria, Dist-Cuttack has been lost on the way from Tigiria to Nuapatna on Dt. 15.09.2025. If any person found the said document please contact on the following contact number or address.
**Raja Aditya Prasad Mohanty** (Advocate)
At/Po-Tigiria, Dist-Cuttack, PIN-754030
**Mob No-9348267038**
Mail id-rajaaditya.mohanty@gmail.com


**AFFIDAVIT**

By virtue of an affidavit sworn before the Executive Magistrate, Tirtol, Vide No.6531 dated 16.09.2025, I Anisur Rahaman, S/o- Shaikh Jahiruddin Resident of , At- Krushnanandapur, Po - Krishnanandapur PS - Krushnanandapur, Dist - Jagatsinghpur, Odisha, PIN - 754135 declare that I have changed my name from Sk Anisur Rahman to Anisur Rahaman. Henceforth, I shall be known as **ANISUR RAHAMAN** for all future purposes.

# ରାସନକାର୍ଡ ପାଇଁ ଉତ୍କୋଚ ଆଦାୟ ଅଭିଯୋଗ; ଗାଁରେ ବୁଲୁଛନ୍ତି ଦଲାଲ

**ଭଣ୍ଡାରିପୋଖରୀ, ୧୯।୯ (ସମିସ)**

ଭଣ୍ଡାରିପୋଖରୀ ବ୍ଲକରେ ନୂତନ ରାସନକାର୍ଡ ପାଇଁ ଉତ୍କୋଚ ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ବାଲିପୋଖରୀ ପଞ୍ଚାୟତ କୁମ୍ଭାରିଆ ଗ୍ରାମବାସୀ ବିଜୟ ଓଝା ଅର୍ଥ ଆଦାୟ ହେଉଥିବା ନେଇ ଅଭିଯୋଗ ଜିଲ୍ଲାପାଳଙ୍କ ନିକଟରେ କରିଛନ୍ତି। ଶ୍ରୀ ଓଝା ସମ୍ପର୍କୀୟ ଭାଇ ପରିବାର ପାଇଁ ନୂତନ ରାସନ କାର୍ଡ ଆବେଦନ ଗତ ଜୁଲାଇ ୧୫ ତାରିଖରେ କରିଥିଲେ। ନିକଟସ୍ଥ ଡିଲର ପଏଣ୍ଟରେ କେୱାଇସି କରି ସମସ୍ତ କାଗଜପତ୍ର ବ୍ଲକ ଯୋଗାଣ ବିଭାଗରେ ଦାଖଲ କରିଥିଲେ। ବାଲିପୋଖରୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଆବେଦନକାରୀଙ୍କ ଯୋଗ୍ୟତା ଅନୁଧ୍ୟାନ କରି ଅନୁମୋଦନ କରିଥିଲେ। ରାସନ କାର୍ଡ ସଂଯୋଗ ପାଇଁ ବାରମ୍ବାର ଦୌଡ଼ିବା ପରେ ବ୍ଲକ ଯୋଗାଣ ଇନିସପେକ୍ଟର ହିମାଂଶୁ ଦାସ ଅଢେଇ ହଜାର ଟଙ୍କା କୁଆଡେ ଦାବି କରିଥିଲେ ବୋଲି ଶ୍ରୀ ଓଝା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଆବେଦନକାରୀ ଏଥିରେ ଅକ୍ଷମତା ପ୍ରକାଶ କରିବାରୁ ରାସନକାର୍ଡ ହୋଇନାହିଁ। ସମାନ ସମୟରେ ଆବେଦନ କରି ରାସନ କାର୍ଡ ହାତେଇଥିଲା ବେଳେ ସମ୍ପୃକ୍ତ ଆବେଦନକାରୀଙ୍କୁ ଏହି କାରଣରୁ ନିରାଶ ହେବାକୁ ପଡ଼ିଛି। ମାତ୍ର ବ୍ଲକ ମାର୍କେଟିଂ ଇନିସପେକ୍ଟର ଶ୍ରୀ ଦାସ ଏହି ଅଭିଯୋଗକୁ ମିଛ ବୋଲି କହିଛନ୍ତି। ଭଣ୍ଡାରିପୋଖରୀ ବ୍ଲକର ୫ ହଜାର ୧୧୯ ଜଣ ଭୂତ ବ୍ୟକ୍ତି ଅଦ୍ୟାବଧି କେୱାଇସି କରିନାହାନ୍ତି। ସେମାନେ ଏବେ ବି ଚାଉଳ ଉଠାଉଥିବା ଜଣାଯାଇଛି। ନୂତନ ରାସନକାର୍ଡ ସଂଯୋଗରେ ଅଢେଇରୁ ୩ ହଜାର ପର୍ଯ୍ୟନ୍ତ ଅର୍ଥ ଦଲାଲମାନେ ଆଦାୟ କରୁଥିବା ନେଇ ସାମାଜିକ ଗଣମାଧ୍ୟମରେ ଅଭିଯୋଗ ହେବାରେ ଲାଗିଛି। ଆଦାୟ ଅର୍ଥ କାହା ପାଖକୁ ଯାଉଛି ତାହାର ତଦାରଖ ହେଉନାହିଁ। ବ୍ଲକରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅଧିନରେ ଏଯାବତ ପଡ଼ିଥିବା ୮୯ଟି ଦରଖାସ୍ତ ମଧ୍ୟରୁ ୭୨ଟି ନୂତନ କାର୍ଡ ଯୋଗାଇ ଦିଆଯାଇଛି। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ମୋଟ ୩ ହଜାର ୬୩୯ଟି ଦରଖାସ୍ତ ଆସିଛି। ସେଥିମଧ୍ୟରୁ ଅଦ୍ୟାବଧି ୧, ୭୪୮ଟି ନୂତନ ରାସନକାର୍ଡ ଯୋଗାଇ ଦିଆଯାଇଛି ବୋଲି ବ୍ଲକ ଯୋଗାଣ ବିଭାଗ ସୂତ୍ରରୁ ପ୍ରକାଶ। ପୂର୍ବରୁ ସାଇଟ ଖୋଲୁନଥିବା ବାହାନା ଦେଖାଇ ବ୍ଲକ ଯୋଗାଣ ବିଭାଗରେ ନାନା ହେରାଫେରି କାର୍ଯ୍ୟ ହେଉଥିଲା ବେଳେ ଏବେ ସାହାଣ ମେଲାର ସୁଯୋଗକୁ ଅସାଧୁ କର୍ମଚାରୀମାନେ ହାତଛଡା କରୁନାହାନ୍ତି। ଏପରିକି ଦଲାଲମାନେ ଗାଁଗଣ୍ଡାରେ ବୁଲି ଅର୍ଥ ଆଦାୟ କରୁଥିବା ମଧ୍ୟ ଅଭିଯୋଗ ହେଉଛି।



ବାବାମଣିଙ୍କ ମନ୍ଦିରରେ ଜୟଦୁର୍ଗାଙ୍କ ଷୋଡଶ ଦିବସୀୟ ପୂଜାରେ ମା'ଙ୍କ ଗାୟତ୍ରୀ ବେଶ

## ୪୫୦ ବେଆଇନ ରାସନ କାର୍ଡ ଫେରାଇଲେଣି ହିତାଧିକାରୀ




**ଦୋଲସାହି, ୧୯।୯ (ସମିସ):** ତିହିଡି ବ୍ଲକରେ ହଜାର ହଜାର ବେଆଇନ ରାସନ କାର୍ଡଧାରୀ ରାସନ ସାମଗ୍ରୀ ଦୀର୍ଘକାଳ ଧରି ରାସନ ସାମଗ୍ରୀ ଉଠାଉଥିବା ବେଳେ ବାସ୍ତବ ହିତାଧିକାରୀ ରାସନ କାର୍ଡ ପାଇପାରୁନଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥିନେଇ ଗତ କିଛି ଦିନ ତଳେ ବିଭିନ୍ନ ଖବର ମଧ୍ୟ ପ୍ରକାଶିତ ହୋଇଥିଲା। ଖବର ପ୍ରକାଶ ପରେ ୪୫୦ ଜଣ ବେଆଇନ ରାସନକାର୍ଡ ଧାରୀ ସେମାନଙ୍କ କାର୍ଡ ଫେରାଇଥିବା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ହଡପ କରିଥିବା ରାସନ ସାମଗ୍ରୀର ମୂଲ୍ୟ ଫେରସ୍ତ କରିନାହାନ୍ତି।

## ଦକ୍ଷିଣବାଡ଼ ପଞ୍ଚାୟତରେ ସ୍ୱଚ୍ଛତା କାର୍ଯ୍ୟକ୍ରମ



**ବାରିକପୁର, ୧୯।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ସଦର ଦକ୍ଷିବାଡ ପଞ୍ଚାୟତ ପକ୍ଷରୁ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ସରପଞ୍ଚ ବର୍ଷାରାଣୀ ଜେନାଙ୍କ ତତ୍ତ୍ୱାବଧାନରେ ସ୍କୁଲ, ପଶୁ ଡାକ୍ତରଖାନା, ବସଷ୍ଟାଣ୍ଡ, ବଜାର, ଥାନା ଛକ, ମେଡିକାଲ ଛକ ପ୍ରମୁଖ ସ୍ଥାନ ଗୁଡିକୁ ସଫେଇ କରାଯାଇଥିଲା। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରବିନାରାୟଣ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ ବିଷ୍ଣୁଚରଣ ସାହୁ, ମନୋରଞ୍ଜନ ବାରିକ, ପ୍ରତାପ ପଣ୍ଡା, ଶଶିକାନ୍ତ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ପବିତ୍ର ବାରିକ, ଗଜେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ସଫେଇ କରିଥିଲେ।

## ଶ୍ରୀ ଜଗନ୍ନାଥ ସେବା ସମବାୟ ସମିତିରେ ଦୁର୍ନୀତି ତଦନ୍ତକୁ ନେଇ ସନ୍ଦେହ



**ଧାମନଗର, ୧୯।୯ (ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ଅଧୀନ ଶ୍ରୀଜଗନ୍ନାଥ ସେବା ସମବାୟ ସମିତିର ବିଭିନ୍ନ ପ୍ରକାର ଦୁର୍ନୀତିକୁ ନେଇ ସମବାୟ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ, ଆରସିଏସ ଭୁବନେଶ୍ୱର, ଜିଲ୍ଲାପାଳ ଭଦ୍ରକ, ଡିଆରସିଏସ/ଏଆରସିଏସ ଭଦ୍ରକ ଏବଂ ସେକ୍ରେଟାରୀ ବିବିସିସିବି ବାଲେଶ୍ୱର ପ୍ରମୁଖଙ୍କ ଗତ ୫.୧୨.୨୦୨୪ରେ କେତେକ ଚାଷୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଭିତ୍ତିକରି ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ନିର୍ଦ୍ଦେଶ କ୍ରମେ ସମବାୟ ସମିତି ନିବନ୍ଧକ ଭୁବନେଶ୍ୱର ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ କରିବା ପାଇଁ ଆଦେଶ ଦେଇଥିଲେ। ଉକ୍ତ ଆଦେଶ ମୁତାବକ ପ୍ରଥମେ ୨୪.୮.୨୫ରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯାଇଥିଲା। ପୁଣି ତଦନ୍ତ କରିବାକୁ ପରବର୍ତ୍ତୀ ସମୟ ୩.୯.୨୫ ଓ ୧୧.୯.୨୫ରେ ଧାର୍ଯ୍ୟ ହୋଇଥିଲା ବେଳେ କୌଣସି କାରଣବଶତଃ ହୋଇପାରିନଥିଲା। ପରେ ତଦନ୍ତ କାରୀ ଅଧିକାରୀ ଶୁକ୍ରବାର ତଦନ୍ତ ହେବାକୁ ସ୍ଥିର ହୋଇଥିଲା। ଜିଲ୍ଲା ସହକାରୀ ସମବାୟ ନିବନ୍ଧକ ପ୍ରାଚିତା ଜେନା, ଉପ ସହକାରୀ ସମବାୟ ନିବନ୍ଧକ ବାବାଜୀ ମଲ୍ଲିକ ଓ ବସନ୍ତ କୁମାର ରଣା, ଜୋନାଲ ଅଫିସର ବିବିସିସିବି ଭଦ୍ରକ ସଞ୍ଜୟ କୁମାର ମହାନ୍ତି ପ୍ରମୁଖ ଶୁକ୍ରବାର ପୂର୍ବାହ୍ନରେ ଶ୍ରୀଜଗନ୍ନାଥ ସମିତି ପରିସରରେ ପହଞ୍ଚି ତଦନ୍ତ କରିଥିଲେ। ଦୀର୍ଘ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ତଦନ୍ତ କରିଥିଲେ। ତେବେ ସମସ୍ତ ଅଭିଯୋଗକୁ ସଠିକ ଭାବେ ତଦନ୍ତ ନ କରି ନିଜ ମନଇଚ୍ଛା ଭାବେ ତଦନ୍ତ କରି ଅଫିସର ଫେରିଗଲେ। ଯାହାକି ଉକ୍ତ ତଦନ୍ତରେ ଅସନ୍ତୁଷ୍ଟ ନାହୁଁ ବୋଲି ଅଭିଯୋଗକାରୀ ତ୍ରିଲୋଚନ ନାୟକ, କପିଳେନ୍ଦ୍ର ବଳ, ଶଙ୍କର୍ଷଣ ଜେନା, ଗଦାଧର ଖୁଣ୍ଟିଆ ପ୍ରମୁଖ କହିଥିଲେ। ଅପରପକ୍ଷେ ଭାରପ୍ରାପ୍ତ ସମ୍ପାଦକ ପ୍ରକାଶ ରାଉତ କହିଛନ୍ତି ସମସ୍ତ ଅଭିଯୋଗ ସଠିକ୍ ଭାବେ ତଦନ୍ତ କରାଯାଇଛି। ଅନ୍ୟପକ୍ଷେ ଉପ-ସହକାରୀ ସମବାୟ ନିବନ୍ଧକ ଶ୍ରୀ ରଣା କହିଛନ୍ତି ଯେ, ସମସ୍ତ ଅଭିଯୋଗ ସଠିକ୍ ତଦନ୍ତ ହୋଇଛି। ଅଭିଯୋଗରେ ଏକପାଖିଆ ତଦନ୍ତକୁ ଖଣ୍ଡନ କରିବା ସହ ଆଗାମୀ ଦିନରେ ତଦନ୍ତ ଫଳାଫଳକୁ ନେଇ ସହକାରୀ ଉପ ନିବନ୍ଧକ ଶ୍ରୀମତୀ ଜେନା ସମସ୍ତ ସୂଚନା ପ୍ରଦାନ କରିବେ ବୋଲି କହିଥିଲେ।

## ୧୫୦୦ତମ ଜସନେ ଇଦ୍ ମିଲାଦୁନ ନବୀ ଜଲସା ପାଳିତ

**ଧାମନଗର, ୧୯।୯ (ସମିସ):** ମଦ୍ରାସା ଦାରୁଲ ଓଲୁମ ମୁଜାହିଦେ-ଏ-ମିଲ୍ଲତ ଆନୁକୂଲ୍ୟରେ ୧୫୦୦ତମ ଜସନେ ଇଦ୍ ମିଲାଦୁନ ନବୀ ଜଲସା ମହା ସମାରୋହରେ ପାଳିତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ଧାମନଗର ଖାନକା ସରିଫ ପରିସରରେ ମଦ୍ରାସା ଦାରୁଲ ଓଲୁମ ମୁଜାହିଦେ-ଏ-ମିଲ୍ଲତ ସମ୍ପାଦକ ସୟଦ ହାସନେନ୍ ରଜା ହବିବିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ମୌଲାନା ହଲିମ ହାଜିକ ସଞ୍ଚାଳନା କରିଥିଲେ। ଏହି ଜଲସା କାର୍ଯ୍ୟକ୍ରମରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ବିଭିନ୍ନ ପ୍ରାନ୍ତରୁ ଧର୍ମୀୟବକ୍ତା, କବି ଏବଂ ସାୟର ଅଂଶ ଗ୍ରହଣ ପୂର୍ବକ ନାତ ସରିଫ୍ ସହିତ ଧାର୍ମିକ ଭାଷଣ ପ୍ରଦାନ କରିଥିଲେ।



ଏଥିରେ ମଦ୍ରାସା ଦାରୁଲ ଓଲୁମ ମୁଜାହିଦେ-ଏ-ମିଲ୍ଲତ ଅନୁଷ୍ଠାନର ମୌଲାନା, ମୋଲବି ଏବଂ ସମସ୍ତ ଛାତ୍ର ଉପସ୍ଥିତ ରହି ଜଲସାକୁ ଉପଭୋଗ କରିଥିଲେ। ଖାନକା ଉର୍ସ କମିଟି ଉପସଭାପତି ସୟଦ ମୁସ୍ତଫା ରଜା ହବିବି, ସାଧାରଣ ସମ୍ପାଦକ ଆଲହାଜ୍ ଏମଡି ଇସ୍ରାଇଲ ହବିବି, ସହସମ୍ପାଦକ ସେକ ଅବଦୂର ରହେମାନ ହବିବିଙ୍କ ସମେତ ମୌଲାନା ଅବଦୁଲ ମାନ୍ନାନ, ସେକ ଜାଫର ଅଲ୍ଲୀ, ସେକ ସଲିମ ଖାନ, ସେକ ନେଜାମୁଦ୍ଦିନ, ସେକ ଅଫସର (ଆପ୍ପି) ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଧୂଷୁରୀରେ ଜମୁଛି ବିଶ୍ୱକର୍ମା ପୂଜା



**ଅସୁରାଳି, ୧୯।୯ (ସମିସ):** ଓଡ଼ିଶା ମୋଟର ଚାଳକ ସଂଘ, ଧୂଷୁରୀ ଶାଖା କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା ଓ ଚାଳକ ଦିବସ ଉତ୍ସାହପୂର୍ଣ୍ଣ ଭାବରେ ପାଳନ କରାଯାଇଛି। ଏହି ଅବସରରେ ଅନେକ ଗଣମାନ୍ୟ ବ୍ୟକ୍ତି ଓ ସଂଘ ସଦସ୍ୟମାନେ ଉପସ୍ଥିତ ଥିଲେ। ପୂଜା ପାଳନରେ ବରିଷ୍ଠ କମ୍ୟୁନିଷ୍ଟ ନେତା ଚନ୍ଦ୍ରଶେଖର ନାୟକ, ବିକ୍ରମ ନାୟକ, ଅଲେଖ ମୁଦୁଲି, ପ୍ରଗତି ନାୟକ, ନିହାର ରଞ୍ଜନ ମିଶ୍ର, ଅଭିରାମ ସ୍ୱାଇଁ, ମନୋଜ ପଣ୍ଡା, ଗୋପାଳ ପଣ୍ଡା, ଅନନ୍ତ ତରାଇ, ପଞ୍ଚାନନ ମହାଳିକ ଓ ଲକ୍ଷ୍ମୀଧର ସାହୁ ପ୍ରମୁଖ ଭାଗ ନେଇଥିଲେ। ସଂଘର ସଭାପତି ପ୍ରଗତି କୁମାର ନାୟକ ଓ ଉପସଭାପତି ଲକ୍ଷ୍ମୀଧର ସାହୁ ଦ୍ୱାରା ଅନୁଷ୍ଠାନର ନେତୃତ୍ୱ ନେଇଥିଲେ। ଏହି ଅବସରରେ ବିଶ୍ୱକର୍ମା ଦେବଙ୍କ ମାହାତ୍ମ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ବିଶ୍ୱକର୍ମା ଦେବତା ହେଉଛନ୍ତି ବିଶ୍ୱ ସୃଷ୍ଟିର ଦିବ୍ୟ ଶିଳ୍ପୀ, ଯିଏ ଦେବତାମାନଙ୍କ ଅସ୍ତ୍ର-ଶସ୍ତ୍ର, ଦେବଲୋକ ଓ ବିଭିନ୍ନ ଶିଳ୍ପକଳାର ନିର୍ମାଣ କରିଥିଲେ। ତାଙ୍କୁ ଶ୍ରମ, ଦକ୍ଷତା ଓ ନିର୍ମାଣ କଳାର ଦେବତା ଭାବେ ପୂଜା କରାଯାଏ। ଚାଳକ ଦିବସ ଅବସରରେ ମୋଟର ଚାଳକମାନଙ୍କ ଦୃଢ଼ ପରିଶ୍ରମ ଓ ସମାଜରେ ତାଙ୍କ ଅବଦାନକୁ ସମ୍ମାନ ଦିଆଯାଇଥିଲା। ଅନୁଷ୍ଠାନର ଶେଷରେ ଭୋଜନ ବ୍ୟବସ୍ଥା ଓ ସାମୂହିକ ଆଲୋଚନା ମାଧ୍ୟମରେ ଏକତାକୁ ଉଦ୍‌ଭାସିତ କରାଯାଇଥିଲା।

## ଗ୍ରାମୀଣ ମେଧାବୃତ୍ତି ପରୀକ୍ଷା

**ବାରିକପୁର, ୧୯।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକର ଦୁଇଟି କେନ୍ଦ୍ରରେ ଆଜି ଜାତୀୟ ଗ୍ରାମୀଣ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବାରିକପୁର ଉଚ୍ଚ ବିଦ୍ୟାଳୟରେ ୧୦୧ ଛାତ୍ର ଛାତ୍ରୀ ଏହି ପରୀକ୍ଷା ଦେଇଥିବା ଜଣାପଡ଼ିଛି। ସେହିଭଳି ଭଣ୍ଡାରିପୋଖରୀ ହାଇସ୍କୁଲ ଠାରେ ମଧ୍ୟ ୧୬୦ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଛନ୍ତି।

## ସଂସ୍କୃତି ସଂଗଠକ ନିରଞ୍ଜନ ପଣ୍ଡାଙ୍କ ଶ୍ରଦ୍ଧାଞ୍ଜଳି ସଭା



**ଭଦ୍ରକ, ୧୯।୯ (ସମିସ):** ସମାଜରେ ବହୁତ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କର ପେଶା ଏକ ପ୍ରକାର ଓ ନିଶା ଏକ ପ୍ରକାର ହୋଇଥାଏ। ସେମାନେ ଜୀବନ ଜିବୀକାକୁ ଅଧିକ ଗୁରୁତ୍ୱ ନଦେଇ ଅନ୍ତର୍ନିହିତ ନିଶାକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ସେହିଭଳି ନିଜର ପେଶା ଓ ନିଶାକୁ ଏକାକାର କରି ଦେଇଥିଲେ ନିରଞ୍ଜନ ପଣ୍ଡା। ବାଲେଶ୍ୱର ଜିଲ୍ଲା କୃଷି ବିଭାଗରୁ ଅବ୍ୟାହତି ନେଲାପରେ ନିଜ ସହଯୋଗରେ ଗଠନ କରିଥିବା ଭଦ୍ରକ ଜିଲ୍ଲାର ଏକ ଅଗ୍ରଣୀ ସଙ୍ଗୀତ ମହାବିଦ୍ୟାଳୟ। ଭଦ୍ରକ ନୃତ୍ୟ ସଙ୍ଗୀତ ପରିଷଦର ସମ୍ପାଦକ ଥିଲେ ଏବଂ ଜଣେ ସୁପ୍ରତିଷ୍ଠିତ କଣ୍ଠଶିଳ୍ପୀ ଭାବରେ ସମଗ୍ର ଜିଲ୍ଲାରେ ବେଶ ସୁନାମ ଅର୍ଜନ କରିଥିଲେ। ତାଙ୍କ ଅପର୍ତ୍ତିବିନ୍ଧା ବାସଭବନ ନିକଟରେ ଭଦ୍ରକ ନୃତ୍ୟ ସଙ୍ଗୀତ ପରିଷଦର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମଲ୍ଲିକ୍‌ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। କଳାକାର କାଳନ୍ଦୀ ମଲିକ ମଞ୍ଚ ପରିଚାଳନା କରିଥିବା ବେଳେ ବେଦପାଠ କରିଥିଲେ ପଣ୍ଡିତ ଘନଶ୍ୟାମ ଲେଙ୍କା। କାର୍ଯ୍ୟକ୍ରମଟିକୁ ସଙ୍ଗୀତ ମହାବିଦ୍ୟାଳୟର ସଭାପତି ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଉଦ୍‌ଘାଟନ କରିଥିବା ବେଳେ ନାଟ୍ୟ ନିର୍ଦ୍ଦେଶକ ବାଦଲ ସିକ୍‌ଦାର, ଗୌରାଙ୍ଗ ବାରିକ୍, ବ୍ଲକ କଳା ସଂସ୍କୃତି ସଂଗଠନ ଉପସଭାପତି ପ୍ରଶାନ୍ତ ବେହେରା, ପଞ୍ଚାନନ ବେହେରା, ରବୀନ୍ଦ୍ର ଜେନା, ନୃତ୍ୟ ନିର୍ଦ୍ଦେଶିକା ସ୍ୱାଗତିକା ରାଉତ, ବ୍ୟଙ୍ଗ କବି ବିଜୟ ବହଳି, ଶିଳ୍ପୀ ବିଜୟ ମହାନ୍ତି, ମନମୋହନ ସଙ୍ଗୀତ ପରିଷଦର ଅଧ୍ୟକ୍ଷ ଡ଼. କେଶବ ଯେନା, ସମ୍ପାଦକ ରାମନାରାୟଣ ମହାନ୍ତି, ଶିଳ୍ପୀ ନିମାନନ୍ଦ ସାହୁ, ଆଇନ୍‌ଜୀବୀ ସନ୍ତୋଷ ଦାସ, ସେବାନିବୃତ୍ତ ପୁଲିସ ଅଧିକାରୀ ରମେଶ ଦାସ, ବ୍ୟାଙ୍କ ଅଧିକାରୀ ଗଦାଧର ପଣ୍ଡା, ତାପସ ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରକାଶଥାଉକି ସ୍ୱର୍ଗତ ପଣ୍ଡା ଜଣେ ବରିଷ୍ଠ କଣ୍ଠଶିଳ୍ପୀ ସହିତ ଜଣେ କଳା ସଂଗଠକ ଭାବରେ ବେଶ୍ ସୁନମ ଅର୍ଜନ କରିଥିଲେ। ସ୍ୱର୍ଗତ ପଣ୍ଡାଙ୍କର ପ୍ରିୟଛାତ୍ରୀ କଣ୍ଠଶିଳ୍ପୀ ଟୁନାବାଳା ଦାସ, ସୋନାଲି ଦାସ, ଜିତନ ପଣ୍ଡା, ପୁଲିସ ଅଧିକାରୀ ଚିତ୍ତରଞ୍ଜନ ଜେନା, ପ୍ରିୟବ୍ରତ ପଣ୍ଡା, ଗାୟକ ରଘୁନାଥ ବାରିକ ପ୍ରମୁଖ ଭକ୍ତି ଓ ଶରୀମାର୍ଥ ଆଧାରିତ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ କୃତଜ୍ଞତା ଜ୍ଞାପନ କରିଥିଲେ ସ୍ୱର୍ଗତ ପଣ୍ଡାଙ୍କ ଜାମାତା ଦୀଲ୍ଲିପ୍ ପାଣିଗ୍ରାହୀ।



## ୬୮ ବର୍ଷରେ ମା' ବଙ୍କବାସୁଲୀ ପୀଠ ସାର୍ବଜନୀନ ଦୁର୍ଗାପୂଜା

# ମହାଷ୍ଟମୀରେ ମା'ଙ୍କୁ ଅର୍ପଣ ହୁଏ ଅଢ଼େଇ ହଜାର ଭୋଗଥାଳି

**ଭଦ୍ରକ, ୧୯।୯ (ସମିସ):** ଗତ ୧୯୫୮ରୁ ଭଦ୍ରକ ସହର ମା' ବଙ୍କବାସୁଲୀଙ୍କ ପୀଠ ପରିସରରେ ଅନୁଷ୍ଠିତ ହୋଇଆସୁଥିବା ସାର୍ବଜନନୀ ମା'ଦୁର୍ଗାପୂଜାକୁ ଚଳିତବର୍ଷ ୬୮ ବର୍ଷ ଛୁଇଁଛି। ପୂଜା ପାଇଁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ତିଆରି ଏକ ଜୋରଦାର ଚାଲିଛି। ସେହିଭଳି ମା'ଙ୍କ ପୀଠରେ ସାଜସଜ୍ଜା ସହ ମୁଖ୍ୟ ରାସ୍ତାରେ ଫାଟକ ନିର୍ମାଣ ଚାଲିଛି। ଭଦ୍ରକ ସହରରରେ ଏକମାତ୍ର ପୀଠରେ ଅନୁଷ୍ଠିତ ମା' ଦୁର୍ଗାଙ୍କ ସାର୍ବଜନୀନ ପୂଜାକୁ ମହା ଆଡମ୍ବରରେ ପାଳିତ ହୋଇ ଆସୁଥିବା ବେଳେ ଆସନ୍ତା ବର୍ଷ ମଧ୍ୟ ମାଆଙ୍କ ୪ଦିନିଆ ପୂଜାକୁ ଶାନ୍ତି ଶୃଙ୍ଖଳାରେ କରିବାକୁ ପୂଜାକମିଟି ପକ୍ଷରୁ ପ୍ରୟାସ ଜାରି ରହିଛି। ସୂଚନାନୁଯାୟୀ, ମା' ବଙ୍କବାସୁଲୀ ପୀଠରେ ଏହି ଦୁର୍ଗାପୂଜା ୧୯୫୮ ମସିହାରେ ବଙ୍କସାହି ନିବାସୀ ସ୍ୱର୍ଗତ ନନ୍ଦକିଶୋର ମହାନ୍ତି ଆରମ୍ଭ କରିଥିଲେ। ଆଜି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ପ୍ରଚେଷ୍ଟାରେ ନିରବଚ୍ଛିନ୍ନ ଭାବେ ଚାଲିଛି। ମା'ଦୁର୍ଗାଙ୍କୁ ପୂଜା ୪ଦିନ କାଳରେ ମା'ଙ୍କୁ ବିଭିନ୍ନ ସୁନା, ରୂପାର ଅଳଙ୍କାରରେ ସଜ୍ଜିତ କରାଯାଇଥାଏ। ଏଥର ମା'ଙ୍କ ମୂର୍ତ୍ତିକୁ ଅପର୍ତ୍ତିବିନ୍ଧାର କୁମ୍ଭାରସାହିର କାରିଗର ଅଜୟ କୁମାର ରଣା(ଯଦୁ) ତିଆରି କରୁଛନ୍ତି। ତେବେ ଏହି ପୀଠର ବିଶେଷ ଆକର୍ଷଣ ହେଲା ମାଆଙ୍କ ମହଷ୍ଟମୀ ପୂଜା ଦିନ ଅଢେଇ ହଜାରରୁ ଅଧିକ ଭୋଗଥାଳି ମା'ଙ୍କୁ ଅର୍ପଣ କରାଯାଇ ଭୋଗ କରାଯାଏ। ଏଥିପାଇଁ ମହିଳା ଭକ୍ତଙ୍କ ପ୍ରବଳ ଭିଡ ହୋଇଥାଏ। ତଥାପି ପୂଜା କମିଟି ଓ ପୁଲିସର ମିଳିତ ସହଯୋଗରେ ଶାନ୍ତିଶୃଙ୍ଖଳାର ସହ ଏହି ପୂଜା ସମାପନ ହୋଇଥାଏ। ଆଉ ଏକ ବିଶେଷ ଆକର୍ଷଣ ହେଉଛି ମା'ଦୁର୍ଗାଙ୍କ ୬ଷ୍ଠୀ ପୂଜାଠାରୁ ଦଶମୀ ପୂଜା ୪ଦିନ ଯାଏଁ ମଧ୍ୟାହ୍ନରେ ସବୁ ଶ୍ରଦ୍ଧାଳୁଙ୍କ ପ୍ରସାଦ ସେବନରେ ଆପ୍ୟାୟିତ କରାଯାଏ।



### ସେମାନେ ଯାହା କୁହନ୍ତି...



୬୮ ବର୍ଷର ଏହି ଐତିହାସିକ ତଥା ପୀଠ ସାର୍ବଜନୀନ ଦୁର୍ଗାପୂଜାକୁ ଅଧିକରୁ ଅଧିକ ଆକର୍ଷଣୀୟ କରିବାକୁ କମିଟି ନିରନ୍ତର ପ୍ରୟାସ ଜାରି ରଖିଛି। ଏଥର ଅଷ୍ଟମୀ ପୂଜାରେ ମହିଳା ଭକ୍ତମାନେ କିଭଳି ତୁରନ୍ତ ଶୃଙ୍ଖଳର ସହ ଭୋଗରାଗ ସାରି ଭିଡରୁ କିପରି ବର୍ତ୍ତିବେ ସେ ନେଇ ବ୍ୟବସ୍ଥା କରାଯାଇଛି।

**-ବ୍ରଜକିଶୋର ଦାସ, ସମ୍ପାଦକ**



୪ଦିନ ଧରି ପୂଜାରେ ସବୁ ମଧ୍ୟାହ୍ନରେ ଆଗନ୍ତୁକ ଭକ୍ତଙ୍କୁ ମାଗଣା ପ୍ରସାଦ ସେବନରେ ଆପ୍ୟାୟିତ କରାଯିବ। ଭିଡକୁ ନିୟନ୍ତ୍ରଣ କରିବାର ବନ୍ଦୋବସ୍ତ ଉପରେ ଗୁରୁତ୍ୱ ଦିଆଯିବ।

**- ପ୍ରଦୀପ କୁମାର ଦାସ, ସଭାପତି**

# ଗୁଆମାଳ ପଞ୍ଚାୟତରେ ଭତ୍ତା ଅନିୟମିତତା



**ଦୋଲସାହି,୧୯।୯(ସମିସ):** ତିହିଡି ବ୍ଲକ୍‌ର ୩୧ ପଞ୍ଚାୟତରେ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ପ୍ରକାରର ଭତ୍ତା ହିତାଧିକାରୀଙ୍କୁ ପ୍ରଦାନ କ୍ଷେତ୍ରରେ ରାଜନୈତିକ ଉଦ୍ଦେଶ୍ୟ ରହୁଥିବା ଅଭିଯୋଗ ହେଉଛି। ଏନେଇ ଦୈନିକ ''ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ଅଧିକାଂଶ ଭତ୍ତା ହିତାଧିକାରୀଙ୍କ ସମସ୍ୟା ସମାଧାନ କରାଯାଇଥିଲା ବେଳେ ଆଉ କିଛି ହିତାଧିକାରୀଙ୍କୁ ଭତ୍ତା ମିଳିବା ନେଇ ସୂଚନା ମିଳିଛି। ଗୁଆମାଳ ପଞ୍ଚାୟତରେ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ଭତ୍ତା ହିତାଧିକାରୀଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ବହୁ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉ ନଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପଞ୍ଚାୟତର ଶତ ପ୍ରତିଶତ ଭିନ୍ନକ୍ଷମ ମଧୁସୂଦନ ସାହୁ, ୮୦ ପ୍ରତିଶତ ଭିନ୍ନକ୍ଷମ ନରେନ୍ଦ୍ର ପାଣିଗ୍ରାହୀଙ୍କୁ ବଢା ଭତ୍ତା ପ୍ରଦାନ କରାଯାଉ ନଥିବା ଜଣାଯାଇଛି। ସେହିପରି ଏହି ପଞ୍ଚାୟତର ବିଧବା ସୁମତୀ ମାଝୀଙ୍କୁ ଭିନ୍ନକ୍ଷମ ସଜାଇ ଭତ୍ତା ପ୍ରଦାନ କରାଯାଉ ନଥିବା ନେଇ 'ସକାଳ'ରେ ପ୍ରକାଶିତ ପରେ ତାଙ୍କୁ ପ୍ରଶାସକ ତରଫରୁ ବିଧବା ଭତ୍ତା ପ୍ରଦାନ କରିବା ନେଇ ସାଧାରଣରେ ଅଲୋଚନା ହେଉଛି।

## ● ଆମରଣ ଅନଶନକାରୀ ଗୁରୁତର

# ଡାକ୍ତରଖାନାରେ ଭର୍ତ୍ତି

**ଭଦ୍ରକ,୧୯।୯(ସମିସ):** ଭଦ୍ରକ ବ୍ଲକ ସାବରଙ୍ଗ ଥାନା ପୁଲିସର ମନୋମୁଖୀ କାର୍ଯ୍ୟ ଓ ଜିଲ୍ଲା ପ୍ରଶାସନ ଦ୍ୱାରା ବାରମ୍ବାର ପ୍ରତାରିତ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ବସିଥିବା ରବୀନ୍ଦ୍ର ତ୍ରିପାଠୀ ଗୁରୁତର ହୋଇ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପ୍ରକାଶ ଥାଉକି, ସାବରଙ୍ଗ ଥାନା ଅନ୍ତର୍ଗତ ଗୋରାମାଟି ପଞ୍ଚାୟତ ତୋରଣପଦା ଶାସନ ଗାଁର ରବୀନ୍ଦ୍ର ତ୍ରିପାଠୀଙ୍କ ପରିବାର ସଦସ୍ୟଙ୍କୁ ମାର୍ଚ୍ଚ ୨୬ରେ ଜାଗାବାଡ଼ି ସମସ୍ୟାକୁ କେନ୍ଦ୍ର କରି କେତେକ ଲୋକ ମାଡ଼ ମାରି ଗୁରୁତର କରିଥିଲେ। ଏଥିନେଇ ରବୀନ୍ଦ୍ର ସବରଙ୍ଗ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପଛଘୁଞ୍ଚା ଦେଉଛି। ଏଥିନେଇ ଏସ୍‌ପିଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କୁ



ବାରମ୍ବାର ଅଭିଯୋଗ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ ନକରିବାରୁ ଗତକାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଥିଲେ ରବୀନ୍ଦ୍ର। ତେବେ ଆଜି ସକାଳୁ ସେ ଗୁରୁତର ହେବାରୁ ପୁଲିସ ରବୀନ୍ଦ୍ରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ସହିତ ଚିକିତ୍ସା ଚାଲିଛି। ତେବେ ଏହାପରେ ଯଦି ପ୍ରଶାସନ ନ୍ୟାୟ ଦେବାରେ ବିଫଳ ହୁଏ ତେବେ ସପରିବାର ଆତ୍ମାହୁତି ଦେବେ ବୋଲି ପରିବାର ପକ୍ଷରୁ ଚେତାବନୀ ଦିଆଯାଇଛି।

# ଏସିଡ୍ ଅକ୍ରମଣ ପୀଡ଼ିତା ଆଇନ୍ ସଚେତନତା



**ଯାଜପୁର,୧୯।୯(ସମିସ):** ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଂଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ନାଲ୍‌ସା ପ୍ରଦତ୍ତ ଏସିଡ୍ ଅକ୍ରମଣ ପୀଡ଼ିତା ଏବଂ ପୋକ୍ସୋ ଆଇନ୍ ସମ୍ବନ୍ଧୀୟ ଏକ ଆଇନ୍, ସଚେତନତା ସଭା ନାଥସାହି ପଞ୍ଚାୟତ କାର୍ଯାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଏସିଡ୍ ଅକ୍ରମଣ ପୀଡ଼ିତାମାନଙ୍କର ଅଇନଗତ ଅଧିକାର ଏବଂ ପୋକ୍ସୋ ଆଇନ୍‌ର ବିଭିନ୍ନ ଦିଗ ବିଷୟରେ ସମ୍ୟକ ଧାରଣା ଦିଆଯାଇଥିଲା। କନ୍ୟା ଶିଶୁମାନଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଥିବା ପୋକ୍ସୋ ଆଇନ ସମ୍ପର୍କରେ ସୂଚନା ଦେବା ସହିତ ଏ କ୍ଷେତ୍ରରେ ଶିଶୁମଙ୍ଗଳ କମିଟି ଓ ପୁଲିସ୍‌ର ଦାୟିତ୍ ବିଷୟରେ ମଧ୍ୟ ଆଲୋକପାତ କରାଯାଇଥିଲା। ପୀଡ଼ିତାଙ୍କ ପାଇଁ ଉଦ୍ଦିଷ୍ଟ ଥିବା କ୍ଷତିପୂରଣ ଯୋଜନା ସମ୍ପର୍କରେ ମଧ୍ୟ ସୁଚନା ଦିଆଯାଇଥିଲା। ଅନ୍ୟ ମାନଙ୍କର ମଧ୍ୟରେ ଡ. ରୁଦ୍ରନାରାୟଣ ପୃଷ୍ଟି, ସାମାଜିକ କର୍ମୀ, ଡ. ରମେଶ ଚନ୍ଦ୍ର ମଲିକ, ମାନସିକ ବିଶେଷଜ୍ଞ, ସାଗରିକା ମହାପାତ୍ର, ସହକାରୀ ଉନ୍ନୟନ ଅଧିକାରୀ ଏହି ଆଇନର ବିଭିନ୍ନ ଦିଗ ବିଷୟରେ ମଧ୍ୟ ଆଲୋକପାତ କରିଥିଲେ।

## ତହସିଲରେ ଅଟକିଛି ବିଟିପୁର ଉପଡାକଘର ନିର୍ମାଣ

# ସ୍ଥାୟୀ ଗୃହ ନଥିବାରୁ ଚାଲିଛି ଭଡ଼ା ଘରେ

ବନ୍ତ/ଆଗରପଡ଼ା, ୧୯।୯(ସମିସ)

ଆଗରପଡ଼ାସ୍ଥିତ ବିଟିପୁର ଉପଡ଼ାକଘରର ସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ବନ୍ତ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଭଦ୍ରକ ପୋଷ୍ଟାଲ ଅଧୀକ୍ଷକଙ୍କୁ ଆବଶ୍ୟକ କାଗଜପତ୍ର ପ୍ରେରଣ ପାଇଁ ପତ୍ର ଲେଖାଯାଇଥିଲା। ପୋଷ୍ଟାଲ ଅଧୀକ୍ଷକଙ୍କ ତରଫରୁ ବନ୍ତ ତହସିଲ କାର୍ଯ୍ୟାଳୟକୁ ଆବଶ୍ୟକୀୟ କାଗଜପତ୍ର ପ୍ରେରଣକୁ ଇତିମଧ୍ୟରେ ମାସାଧିକ କାଳ ବିତିଯାଇଥିଲେ ସୁଦ୍ଧା ତହସିଲ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ସ୍ଥାୟୀ ଗୃହ ନିର୍ମାଣ ପ୍ରସଙ୍ଗରେ ବିଳମ୍ବ ଘଟୁଥିବା ଜଣାପଡ଼ିଛି।

ଏଠାରେ ପ୍ରକାଶ ଥାଉକି, ୨୦୧୮ରେ ବନ୍ତ ତହସିଲ କାର୍ଯ୍ୟାଳୟ ତରଫରୁ ବିଟିପୁର ମୌଜାର ଖତିଆନ ନଂ ୨୬୮/୧ ଯାହାକି ଆବାଦ ଯୋଗ୍ୟ ଅନାବାଦି ଜାଗାର ପ୍ଲଟ ନଂ ୭୦୨/୯୪୨ ଓ ୭୦୪/୯୪୩କୁ ଘରବାରି କରି ବିଟିପୁର ଉପଡ଼ାକଘର ପାଇଁ ସଂରକ୍ଷିତ ବୋଲି ଦର୍ଶାଯାଇ ତହସିଲଦାରଙ୍କ ଅନୁମୋଦନ ସହ ଡ଼ାକବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଉକ୍ତ ସ୍ଥାନ ଉପରେ ସ୍ଥାୟୀ ଗୃହ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀ ତହସିଲ ସହ ଯୋଗାଯୋଗ କରିବାରୁ ଉକ୍ତ ସ୍ଥାନ ଉପଡ଼ାକଘର ପାଇଁ ଉଦ୍ଦିଷ୍ଟ ନଥିବା ସେମାନେ ଜାଣିବାକୁ ପାଇଥିଲେ। ଯାହାକି ଏକ ବିଭ୍ରାନ୍ତକର



ପରିସ୍ଥିତି ସୃଷ୍ଟି କରିଥିଲା। ପରବର୍ତ୍ତୀ ସମୟରେ ଦୀର୍ଘ ୭ବର୍ଷ ପରେ ତହସିଲ କାର୍ଯ୍ୟାଳୟ ତରଫରୁ ପୂର୍ବରୁ ପ୍ରଦାନ କରାଯାଇଥିବା ସ୍ଥାନ ଡ଼ାକବିଭାଗର ବୋଲି ଦର୍ଶାଯାଇ ଏହା ଉପରେ ସ୍ଥାୟୀ ଗୃହ ନିର୍ମାଣ ପାଇର୍ ଆବଶ୍ୟକ କାଗଜପତ୍ର ପ୍ରେରଣ ପାଇଁ ଭଦ୍ରକ ପୋଷ୍ଟାଲ ଅଧୀକ୍ଷକଙ୍କୁ ବନ୍ତ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଚିଠି କରାଯାଇଥିଲା। ସୂଚନା ଅନୁଯାୟୀ, ପୋଷ୍ଟାଲ ଅଧୀକ୍ଷକ ଆବଶ୍ୟକୀୟ କାଗଜପତ୍ର ତହସିଲକୁ ପ୍ରଦାନ କରିସାରିଥିବା ଜଣାପଡ଼ିଛି; କିନ୍ତୁ ଇତିମଧ୍ୟରେ ମାସାଧିକ କାଳ ବିତି ଯାଇଥିଲେ ସୁଦ୍ଧା ତହସିଲ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ସ୍ଥାୟୀ ଗୃହ ନିର୍ମାଣ ପ୍ରକ୍ରୀୟାରେ ବିଳମ୍ବ ଘଟୁଥିବା ଜଣାପଡ଼ିଛି।

ଅପରପକ୍ଷରେ ଏହି ପୁରାତନ ଡ଼ାକଘରଟି ଆଜି ଯାଏ ଭଡ଼ା ଗୃହରେ ଚାଲିଛି। ନିଜସ୍ୱ ଗୃହ ନଥିବାରୁ ଉକ୍ତ ଡ଼ାକଘର ବାରମ୍ବାର ବିଭିନ୍ନ ଭଡ଼ାଗୃହକୁ ସ୍ଥାନାନ୍ତର ହେଉଛି। ଦୋକାନ ଗୃହ ଉଦ୍ଦେଶ୍ୟରେ ନିର୍ମିତ ଭଡ଼ାଗୃହରେ ବର୍ତ୍ତମାନ ଡ଼ାକଘର ଚାଲିଛି। ଉକ୍ତ ଡ଼ାକଘର ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଏହି ୩ଜିଲ୍ଲାର ମଧ୍ୟଭାଗରେ ଥିବାରୁ ପ୍ରତିମାସ ଏହି ଡ଼ାକଘରେ ପ୍ରାୟ ଏକ କୋଟି ଟଙ୍କାର ଦେଣନେଣ କାର୍ଯ୍ୟ ଚାଲିଛି। ଏହି ଉପଡ଼ାକଘର ଉପରେ ପ୍ରାୟ ୭ହଜାର ଗ୍ରାହକ ନିର୍ଭର କରିଆସୁଛନ୍ତି; କିନ୍ତୁ ଭଡ଼ା ଗୃହରେ ଏହା ଚାଲିଥିବାରୁ ଗ୍ରାହକମାନେ ଠିକ୍‌ଭାବେ ସେବା ପାଇପାରୁ ନଥିବାରୁ ଦେଶର ସର୍ବବୃହତ ଯୋଗାଯୋଗ ବ୍ୟବସ୍ଥା ଭାବେ ପରିଗଣିତ ଡ଼ାକବିଭାଗ ଉପରୁ ଲୋକମାନଙ୍କର କ୍ରମଶଃ ଆସ୍ଥା ହ୍ରାସ ପାଇବାରେ ଲାଗିଛି। ସମଗ୍ର ବନ୍ତ ବ୍ଲକରେ ବନ୍ତ, ବସନ୍ତିଆ ଓ ଆଗରପଡ଼ାରେ ଉପଡ଼ାକଘର ରହିଛି। କେବଳ ବନ୍ତକୁ ଛାଡ଼ି ଦେଲେ ଅନ୍ୟ ଦୁଇଟି ଉପଡ଼ାକଘର ଭଡ଼ାଘରେ ଚାଲିଛି। ବର୍ତ୍ତମାନ ଆଗରପଡ଼ା ଉପଡ଼ାକଘରେ କୋରବ୍ୟାଙ୍କିଂ ସୁବିଧା ଉପଲବ୍ଧ ହୋଇଥିବାବେଳେ ଏହା ଅଧୀନରେ ୮ଟି ଶାଖା ଡ଼ାକଘର ରହିଥିବା ସ୍ଥଳେ ଗୃହ ସମସ୍ୟା ଯୋଗୁଁ ଦିନକୁ ଦିନ ଗ୍ରାହକମାନଙ୍କ ଅସନ୍ତୋଷ ଭାବ ବଢିବାରେ ଲାଗିଛି। ଉକ୍ତ ଉପଡ଼ାକଘରର ସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ବନ୍ତ ତହସିଲ କାର୍ଯ୍ୟାଳୟ ପକ୍ଷରୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

## ନାବାଳିକା ନିଖୋଜ ମାମଲାରେ ଏସଆଇଟି ଗଠନ ପାଇଁ ପୁଲିସ୍‌ର ନିଷ୍କ୍ରିୟତା

# ହାଇକୋର୍ଟରେ ହାଜର ହେବେ ଯାଜପୁର ଏସ୍‌ପି, ମଙ୍ଗଳପୁର ଥାନା ଆଇଆଇସି ଓ ତଦନ୍ତକାରୀ ଅଧିକାରୀ

**କଟକ, ୧୯।୯(ସମିସ):** ଜନୈକା ନାବାଳିକା ନିଖୋଜ ସଂକ୍ରାନ୍ତରେ ନାବାଳିକାର ପିତାଙ୍କ ପକ୍ଷରୁ ରୁଜୁ ଏତଲା ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନରେ ନିଷ୍କ୍ରିୟତା ଅଭିଯୋଗ କରି ଦାୟର ଆବେଦନକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ମାମଲାରେ ଏସଆଇଟି(ସ୍ୱତନ୍ତ୍ର ତଦନ୍ତକାରୀ ଦଳ) ଗଠନ କରି ତଦନ୍ତ କରିବାକୁ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ପାଳନରେ ଅବହେଳାକୁ ନେଇ ଅଦାଲତ ଅସନ୍ତୋଷ ପ୍ରକାଶ କରିଛନ୍ତି । ବ୍ୟକ୍ତିଗତ ଭାବେ ଯାଜପୁର ଏସପି, ମଙ୍ଗଳପୁର ଥାନା ଆଇଆଇସି ଓ ମାମଲାର ତଦନ୍ତକାରୀ ଅଧିକାରୀଙ୍କୁ ପରବର୍ତ୍ତୀ ଶୁଣାଣି ସମୟରେ ହାଜର ହେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର୨୪କୁ ଧାର୍ଯ୍ୟ କରାଯାଇଛି । ଏହି ମାମଲାରେ ଗତ ଅଗଷ୍ଟ୨୬ତାରିଖରେ ଏସଆଇଟି ଗଠନ ପାଇଁ ଯାଜପୁର ଏସପିଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗକାରୀଙ୍କ ଏତଲାରେ ନାବାଳିକାକୁ ଅଟକ ରଖିଥିବା ବ୍ୟକ୍ତିଙ୍କ ନାମ ଉଲ୍ଲେଖ କରାଯାଇଥିବାରୁ ଏସଆଇଟି ଦ୍ୱାରା ନାବାଳିକାକୁ ଠାବ କରିବା ପାଇଁ ପଦକ୍ଷେପ ନିଆଯିବ ଓ ଏ ସମ୍ପର୍କିତ ରିପୋର୍ଟ ଏସପି ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ପୁଲିସ ବିଭାଗ ଏହି ଆଦେଶ ପାଳନରେ ନିଷ୍ଠା ପ୍ରତିପାଦିତ କରିନଥିବା ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଗତ ୨୦୨୫ଜାନୁଆରି ୨୩ରୁ ସମ୍ପୃକ୍ତ ନାବାଳିକା ଜଣକ ନିଖୋଜ ହୋଇଥିଲେ। ଏ ସଂକ୍ରାନ୍ତରେ ନାବାଳିକାଙ୍କ ପିତା ଯାଜପୁର ମଙ୍ଗଳପୁର ଥାନାରେ ଏତଲା ଦେଇଥିଲେ। ନାବାଳିକାକୁ ଠାବ କରିବା ପାଇଁ ପୁଲିସ କିଛି ପଦକ୍ଷେପ ନନେବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ୩ ବର୍ଷ ପରେ ବି ସରୁନି ରାସ୍ତା ନିର୍ମାଣ



**ବାରିକପୁର,୨୦।୯(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଛତାବରଠାରୁ ବଳିଘାଇ ବୈତରଣୀ ସେତୁକୁ ସଂଯୋଗ କରୁଥିବା ରାସ୍ତାଟି ୩ ବର୍ଷ ହେବ ନିର୍ମାଣ ଚାଲିଛି। ନିର୍ମାଣ ସମ୍ପୂର୍ଣ୍ଣ ହେବାର ଧାର୍ଯ୍ୟ ସମୟ ଶେଷ ହୋଇଥିବା ବେଳେ ପରିବର୍ଦ୍ଧିତ ସମୟ ଆଧାରରେ କାମ ହେଉଥିବା ଜଣାପଡ଼ିଛି। ରାସ୍ତାର ଏବେ ଶତକଡା ୫୦ ଭାଗ କମ ମଧ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ରାସ୍ତାରେ ଥିବା କେତୋଟି କ୍ଷୁଦ୍ର ପୋଲ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଅଳ୍ପ କେତେ ମିଟର କଂକ୍ରିଟ ନିର୍ମାଣ କାମ ହୋଇଛି। ଏବେ ଦୁଇ ପାର୍ଶ୍ୱ ପ୍ରଶସ୍ତିକରଣ ହେଉଥିବା ବେଳେ ମାଟି ଉପରେ ଡଷ୍ଟ ଓ ମେଟାଲ ବିଛା କାମ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କେତେ ଡଷ୍ଟରେ କେତେ ମେଟାଲ ମିଶି ରାସ୍ତା ଉପରେ ପଡ଼ିବ ଏନେଇ କୌଣସି ନୀତି ନିର୍ଦ୍ଧାରଣ ହୋଇନାହିଁ। ରାସ୍ତା ନିର୍ମାଣ ପାଇଁ ବ୍ୟବହୃତ ଡବ୍ଲୁ ଏମରେ କେଉଁଠି ଅଧିକ ଡଷ୍ଟ ରହୁଛି ତ ପୁଣି କେଉଁଠି ଅଧିକ କ୍ଷୁଦ୍ର ମେଟାଲ ରହୁଛି। ସମାନୁପାତିକ ଭାବେ କୌଣସି ଦ୍ରବ୍ୟ ବ୍ୟବହାର ହେଉନଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି।

## ଦିବ୍ୟାଙ୍ଗ ହିତାଧିକାରୀ ଭତ୍ତାରୁ ବଞ୍ଚିତ

# ଆନନ୍ଦ ସେଠୀଙ୍କ ଦୁଃଖ ସରିବ କେବେ



**ଅସୁରାଳି, ୧୯।୯(ସମିସ):** ଗୋବିନ୍ଦପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଅବହେଳା ଯୋଗୁଁ ଜଣେ ୭୫ ବର୍ଷ ବୟସର କୋରୁଆ ଅଧିବାସୀ ବୃଦ୍ଧ ଦିବ୍ୟାଙ୍ଗ ହିତାଧିକାରୀ ଆନନ୍ଦ ସେଠୀ ଭତ୍ତା ପାଇବାରୁ ବଞ୍ଚିତ ରହି ଯାଇଛନ୍ତି। ସକାଳ ୮ରୁ ସନ୍ଧ୍ୟା ୫ ଯାଏଁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ବସି ବସି ଅପେକ୍ଷା କରିଥିବା ଆନନ୍ଦଙ୍କୁ ପିଇଓ ରାକେଶ ସେନାପତି ପ୍ରମାଣପତ୍ର ମାଗିଥିଲେ। ତାଙ୍କ କହିବା ଅନୁଯାୟୀ, ବିଡିଙ୍କ ନିର୍ଦ୍ଦେଶ ଅନୁସାରେ ବିନା ପ୍ରମାଣପତ୍ର ଭତ୍ତା ଦେବା ଅସମ୍ଭବ। ଯାହା ନିମନ୍ତେ ଆନନ୍ଦଙ୍କୁ ନିରାଶ ହୋଇ କାନ୍ଦି କାନ୍ଦି ଘରକୁ ଫେରିବାକୁ ବାଧ୍ୟ ହେବା ପଡ଼ିଲା। ଆଶୁତୋଷ ସାହୁ ଯିଏ କି ଜଣେ ୧୦୦ ପ୍ରତିଶତ ଦିବ୍ୟାଙ୍ଗ ଜନ୍ମରୁ ଅଚଳ, ତାଙ୍କୁ ମଧ୍ୟ ଭତ୍ତା ପାଇବାରୁ ବଞ୍ଚିତ କରାଯାଇଛି। ଅନେକ ଦିବ୍ୟାଙ୍ଗ ହିତାଧିକାରୀ ଏପରି ଅବସ୍ଥାରେ ଅଛନ୍ତି। ଆନନ୍ଦଙ୍କ ଆଖିକୁ ଦିଶୁନଥିବା ଅବସ୍ଥା, ଘରେ କେହି ନଥିବା ଦୁଃଖ ଓ ଭତ୍ତା ଉପରେ ନିର୍ଭର କରୁଥିବା ଜୀବନ ଏକ ମାନବିକ ଆହ୍ୱାନ ଉପସ୍ଥାପନ କରେ। ଏପରି ଅନ୍ୟାୟ ଦ୍ୱାରା ତାଙ୍କ ମାନସିକ ଓ ଆର୍ଥିକ ଦୁଃଖ ଅପରିମେୟ।

ପ୍ରଶ୍ନ ଉଠୁଛି, ଏପରି ଦିବ୍ୟାଙ୍ଗ ହିତାଧିକାରୀଙ୍କ ପ୍ରତି ଏତାଦୃଶ ବ୍ୟବହାର କେତେ ଦୂର ଯଥାର୍ଥ? ଗ୍ରାମବାସୀ ଘଟଣାକୁ ତୀବ୍ର ନିନ୍ଦା କରି, ଉଚ୍ଚ ସ୍ତରରେ ଏହାର ଯଥାର୍ଥ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି। ଆନନ୍ଦ ସେଠୀଙ୍କ ଦୁଃଖ ଏକ ଅନ୍ୟାୟର ଅନୁଭୂତି ନୁହେଁ, ଏହା ଏକ ଆହ୍ୱାନ ଭାବେ ସମାଜ ପାଇଁ ଛିଡ଼ା ହୋଇଛି।

# ମନ୍ତେଇ ମହୋତ୍ସବ କମିଟି ପକ୍ଷରୁ ବୃକ୍ଷ ରୋପଣ




**ଭଦ୍ରକ,୧୯।୯(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ବାଁଶଡା ଛେଡାକ୍ ଠାରେ ମନ୍ତେଇ ମହୋତ୍ସବ କମିଟି ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କମିଟିର ଉପଦେଷ୍ଟା ସୁକାନ୍ତ କୁମାର ସେଠୀଙ୍କ ସଂଯୋଜନାରେ ଆୟୋଜିତ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସଭାପତି ଅଞ୍ଜନ କୁମାର ମଲ୍ଲିକ, ବରିଷ୍ଠ ସଦସ୍ୟ ନାରାୟଣ ରାଉତ, ସଞ୍ଜୟ ଜେନା, ତ୍ରିଲୋଚନ ବେହେରା ଯୋଗ ଦେଇଥିଲେ। ଦୀପକ ସେଠୀ, କାଳନ୍ଦୀ ବେହେରା, ଖଗେଶ୍ୱର ରାଉତ, ବାଇଧର ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚେତନତା ସଭା

**ଯାଜପୁର, ୧୯ ।୯(ସମିସ):** ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ କୋରାଇ ବ୍ଲକ୍ କରଦା ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାଣୀଗଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଇନ୍ ସଚେତନତା ସଭା ପ୍ରାଧିକରଣ ସଚିବ ଲିପା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଆଲୋଚକ ଭାବେ ସହକାରୀ ଜିଲ୍ଲା ଶ୍ରମ ଅଧିକାରୀ ସ୍ମୃତିରଞ୍ଜନ ପଣ୍ଡା ପ୍ରାକ୍ତନ ପ୍ରାଧିକରଣ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ଦେଶାନ୍ତରି ଓ ଦାଦନ ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା ତାର ସମାଧାନ, ସଂଗଠିତ ଏବଂ ଅଣ ସଂଗଠିତ ଶ୍ରମିକ ମାନଙ୍କ କଲ୍ୟାଣ ପାଇଁ ସରକାରୀ ଯୋଜନା ସମ୍ପର୍କିତ ଆଲୋଚନା ସହିତ ସମାଜିକ ଗଣମାଧ୍ୟମ ମଞ୍ଚ ବ୍ୟବହାର ଜନିତ ଉପକାର ଅପକାର ଓ ପ୍ରତିକାର ଏବଂ ସାଇବର ଆଇନ୍ ତାର ପ୍ରୟୋଗ ଆଦି ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଜିଲ୍ଲା ଶ୍ରମ ବିଭାଗ ତରଫରୁ ୧୫ ଜଣ ଶ୍ରମିକଙ୍କୁ ପଞ୍ଜିକୃତ ନୂତନ ପରିଚୟ ପତ୍ର ସଚୀବ ଶ୍ରୀମତୀ ମହାନ୍ତି ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋରାଇ ବ୍ଲକ୍ ସହକାରୀ ଯନ୍ତ୍ରୀ ନଳୀନକାନ୍ତ ଚକ୍ର ଓ ସ୍ଥାନୀୟ ଆରକ୍ଷୀ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣର କର୍ମଚାରୀ ବିଦ୍ୟାଳୟ ଶିକ୍ଷକ ପାଖ ଗାଁର ଯୁବ ଗୋଷ୍ଠୀ ସହଯୋଗ କରିଥିଲେ।

# ଇଣ୍ଡିଆ ବୁକ ଅଫ୍ ରେକର୍ଡସରେ ଶିଶୁପୁତ୍ର ପ୍ରନୀତ୍



**ଭଦ୍ରକ, ୧୯।୯(ସମିସ):** ବୟସ ୩ ଛୁଇଁବାକୁ ଆହୁରି ୩ ମାସ ବାକି। ଭଲରେ କଥା କହିବା ଶିଖିନି। ପାଟି ଲାଗୁଛି। ତଥାପି କମାଲ କରି ଦେଖାଇଛି ଏହି ଶିଶୁପତ୍ର। ତୁଳସୀ ୨ ପତ୍ରରୁ ବାସିବା ପରି ଏହି ଶିଶୁପୁତ୍ର ଏବେ ଚର୍ଚ୍ଚାର ପରିଧିକୁ ଆସିଛି। ସେ 'ଇଣ୍ଡିଆ ବୁକ ଅଫ ରେକଡର୍‌ସ' ପ୍ରାୟୋଜିତ ଶିଶୁ ବର୍ଗରେ ଅନଲାଇନ ଜରିଆରେ ଅନୁଷ୍ଠିତ ପ୍ରତିଯୋଗିତାରେ 'ଆଇବିଆର ଆଚିଭର୍ସ' ସ୍ୱୀକୃତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ସେ ହେଉଛି ଭଦ୍ରକ ପୌରାଞ୍ଚଳ ୭ ନମ୍ବର ୱାଡର୍ ଗବସାହି ଭିଆଇପି କଲୋନୀର ଇଂ. ପ୍ରୀତିଶ ପଟ୍ଟନାୟକ ଓ ଶିକ୍ଷୟିତ୍ରୀ ମାନସୀ ଦାସଙ୍କ ପୁତ୍ର ପ୍ରନୀତ। ବାପା ଓ ମା'ଙ୍କ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ପ୍ରନୀତ ଜେଜେ ପ୍ରାକ୍ତନ କୃଷି ବିଭାଗର ଅଧିକାରୀ ଅମଳ ଚରଣ ଦାସ ଓ ଜେଜେ ମା' କଲ୍ୟାଣୀ ଦାସଙ୍କ ପାଖରେ ସମୟ ବିତାଇଥାଏ। ଜେଜେ ଓ ଜେଜେ ମା'ଙ୍କ ପ୍ରେରଣାରେ ଶିଶୁପୁତ୍ର ପ୍ରନୀତ ଏପରି ସମ୍ଭବ କରି ଦେଖାଇଥିବା କହିଛନ୍ତି ମା' ମାନସୀ।

## ଆଉ ଘୂରୁ ନାହିଁ କୁମ୍ଭାର ଚକ

# ଦୁର୍ଦ୍ଦିନରେ କୁମ୍ଭକାରଙ୍କ କୁଳବେଉସା

ବନ୍ତ/ଆଗରପଡ଼ା,୧୯।୯(ସମିସ)

ବିଭିନ୍ନ ପର୍ବପର୍ବାଣୀ ଆସିଲେ ମାଟିର କାରିଗର ତଥା କୁମ୍ଭକାରମାନଙ୍କର ଦିନ ହଜିଯାଇଥାଏ। ସେମାନେ ମାଟିରେ ତିଆରି ବିଭିନ୍ନ ସାମଗ୍ରୀ ନିର୍ମାଣରେ ନିଜକୁ ନିୟୋଜିତ କରିଥାନ୍ତି। କିନ୍ତୁ ଆଧୁନିକ ଯୁଗରେ ମାଟିରେ ତିଆରି ସାମଗ୍ରୀର ଚାହିଦା କମି ଯାଉଥିବାରୁ ରାଜ୍ୟରେ ମାଟି କାରିଗରୀ ଆସ୍ତେ ଆସ୍ତେ ଲୋପ ପାଇବାକୁ ବସିଛି। ଫଳରେ କାରିଗରମାନଙ୍କର ସାମାଜିକ ଓ ଆର୍ôଥକ ଦୁରବସ୍ଥା ବଢିବାରେ ଲାଗିଛି। ତେବେ ବିଭାଗୀୟ ଉଦାସୀନତା ଯୋଗୁଁ ଏହି କାରିଗରୀ ଲୋପ ପାଉଥିବାର ଜଣାପଡ଼ିଛି। ମାଟି କାରିଗରୀ ଲାଗି ସରକାରଙ୍କ କେତେକ ଯୋଜନା ଥିଲେ ମଧ୍ୟ ତାହା କାରିଗରଙ୍କ ପାଖରେ ଅପହଞ୍ଚ। କିଛି ସ୍ୱେଚ୍ଛାସେବୀ ସଙ୍ଗଠନ ସେହି ଜାତିର କାରିଗରଙ୍କୁ ପ୍ରୋତ୍ସାହନ ଯୋଗାଇବା ଓ ସଚେତନ କରାଇବାର ଗୁରୁଦାୟିତ୍ୱ ନେଇଥିଲେ ସୁଦ୍ଧା ସେମାନଙ୍କ ମାନସିକତା ଅଭାବ ଓ ସରକାରୀ କର୍ମଚାରୀଙ୍କ ଅଣଦେଖା ଯୋଗୁଁ ଏହା ହୋଇପାରୁନାହିଁ। ଏମିତି କିଛି ନିତ୍ୟାବଶ୍ୟକ ସାମଗ୍ରୀ ଅଛି ଯେଉଁ ସାମଗ୍ରୀ ବିନା ବିଭାଘର, ବ୍ରତଘର ଓ ପୂଜା ଆଦି ଅସମ୍ଭବ। ଏସବୁ କାର୍ଯ୍ୟରେ ମାଟିରେ ତିଆରି ଜିନିଷର ନିତ୍ୟାନ୍ତ ଆବଶ୍ୟକ ରହିଥାଏ; କିନ୍ତୁ ସେହି ସବୁ କାର୍ଯ୍ୟକୁ ସଂପାଦନ କରୁଥିବା ସଂପ୍ରଦାୟ ଆଜି ଅବହେଳିତ। ବିଜ୍ଞାନର ଉନ୍ନତି ସଙ୍ଗେ ସଙ୍ଗେ ଲୋକମାନଙ୍କର ପସନ୍ଦ, ରୁଚି ଆଦିରେ ପରିବର୍ତ୍ତନ ଘଟୁଛି। ଯେମିତି ମାଟିରେ ପ୍ରସ୍ତୁତ ସାମଗ୍ରୀକୁ ଲୋକମାନେ ପସନ୍ଦ ନକରି ଷ୍ଟିଲ, ଆଲୁମିନିୟମ୍, ସିଲ୍‌ଭର ଆଦି ଧାତୁ ନିର୍ମିତ ସାମଗ୍ରୀକୁ ପସନ୍ଦ କରୁଛନ୍ତି। ଏହାଦ୍ୱାରା ମାଟିରେ ପ୍ରସ୍ତୁତ କରୁଥିବା ଦ୍ରବ୍ୟକାରୀମାନେ ହାତବାନ୍ଧି ବସିବା ଫଳରେ ନିଜର କୌଳିକ ବୃତ୍ତିଠାରୁ ଦୂରେଇ ଯାଉଥିବାର ଲକ୍ଷ୍ୟ କରାଯାଉଛି।

ବନ୍ତ ବ୍ଲକ ମହାନ୍ତିପଡ଼ା ପଞ୍ଚାୟତସ୍ଥିତ ତ୍ରିସାଲିଆ ଏପରି ଏକ ଗ୍ରାମ ଯେଉଁ ଗ୍ରାମରେ ୭୦ପରିବାରର ପାଖାପାଖି ୫୦୦ ଜଣ କମ୍ଭକାର ସଂପ୍ରଦାୟର। ଏହି କୁମ୍ଭକାରମାନେ ଦୀର୍ଘବର୍ଷ ଧରି ଏଠାରେ ବସବାସ କରିବା



## ସମୟଚକ୍ରରେ ହଜିଗଲାଣି 'ଉହା'

ସହିତ ଅଧିକାଂଶ ମାଟି ପ୍ରସ୍ତୁତ ସାମଗ୍ରୀ ବିକ୍ରି କରି ଗୁଜୁରାଣ ମେଣ୍ଟାଉଥିଲେ। ଏହା ସେମାନଙ୍କର କୌଳିକ ବୃତ୍ତି ହୋଇଥିବାରୁ ପିଢ଼ି ପରେ ପିଢ଼ି ଏହି କାର୍ଯ୍ୟକୁ ଆଦରି ନେଉଥିଲେ। ଏହି ବୃତ୍ତିକରି ବେଶ୍ ଦୁଇପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରିପାରୁଥିଲେ। କୁମ୍ଭକାରମାନଙ୍କ କଳାଚାତୁରୀ କୌଶଳ ଯୋଗୁଁ ସେମାନେ ସବୁଆଡ଼େ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ସେମାନଙ୍କଦ୍ୱାରା ମାଟିରୁ ପ୍ରସ୍ତୁତ ସାମଗ୍ରୀ ଆଖପାଖ ଭଦ୍ରକ, ବାଲେଶ୍ୱର ଓ କେଉଁଝର ଜିଲ୍ଲାର ଅଧିକାଂଶ ବ୍ଲକ ଅଞ୍ଚଳରେ ଥିବା ଲୋକମାନଙ୍କର ପ୍ରଥମ ପସନ୍ଦ ଥିଲା। ଏହାକୁ ଆଧାର କରି କୁମ୍ଭକାରମାନେ ଅଧିକ ଉତ୍ସାହିତ ହୋଇପଡ଼ି ଏହି କାର୍ଯ୍ୟକୁ ନିବିଡ଼ରୁ ନିବିଡ଼ତର କରିପାରିଥିଲେ। କୁମ୍ଭକାରମାନଙ୍କ ଦ୍ୱାରା ନିର୍ମିତ କଳସୀ, ସୁରେଇର ସ୍ୱତନ୍ତ୍ରତା ରହିଥିଲା। ତୃଷ୍ଣା ମେଣ୍ଟାଇବା ପାଇଁ କଳସୀ ଓ ସୁରେଇରେ ଥିବା ଜଳ ଖୋଜୁଥିଲା। ସେତେବେଳେ ପ୍ରତି ଘରେ କଳସୀ ବା ସୁରେଇରେ ଜଳ ଭର୍ତ୍ତି ହୋଇ ରହୁଥିଲା। ଫ୍ରିଜ ଜଳଠାରୁ ଏହି ଜଳ ଅଧିକ ତୃଷ୍ଣା ନିବାରକ ଥିଲା। ଥଣ୍ଡାଜଳ ପାଇଁ କଳସୀ ଓ ସୁରେଇ ବଦଳରେ ବର୍ତ୍ତମାନ ଫ୍ରିଜ ବ୍ୟବହାର କରାଯାଉଛି। ଦେବାଦେବୀଙ୍କ ପୂଜା ହେଉ ବା ମେଳା କିମ୍ବା ବାହା ବେଦୀରେ କଳସ ବସାଇବା ପାଇଁ ମାଟି କଳସୀର ଆବଶ୍ୟକତା ଥିଲା। ବର୍ତ୍ତମାନ ଷ୍ଟିଲ କିମ୍ବା ଆଲୁମିନିୟମରୁ ପ୍ରସ୍ତୁତ ଲୋଟାରେ କାର୍ଯ୍ୟ ଚଳାଇ ଦିଆଯାଉଛି। ଅବଶ୍ୟ ବିବାହ କାର୍ଯ୍ୟରେ ଏହାକୁ ବ୍ୟବହାର କରାଯାଉଥିବାର ଦେଖିବାକୁ ମିଳୁଛି। କେବଳ କଳସ ପାଇଁ ନୁହେଁ ବାହାବେଦୀରେ ମାଟିପଲମ, ଦୀପ ଆଦି ବ୍ୟବହୃତ ହେଉଛି। ପୂର୍ବରୁ ଗୋପାଳମାନେ ମାଟି ଠେକିରେ ଦହି ଭର୍ତ୍ତି କରି ବିକ୍ରି କରୁଥିଲେ। ବର୍ତ୍ତମାନ ତାହା ସ୍ଥାନରେ ପଲିଥିନ ପ୍ୟାକେଟ୍ ବ୍ୟବହାର କରାଯାଉଛି। ମାଟିହାଣ୍ଡିରେ ପ୍ରସ୍ତୁତ ପଖାଳର ବାସ୍ନା ଓ ସ୍ୱାଦ ସ୍ୱତନ୍ତ୍ର; କିନ୍ତୁ ତାକୁ ଭୁଲି ବର୍ତ୍ତମାନ ଧାତବ ହାଣ୍ଡି ବ୍ୟବହାର କରାଯାଉଛି। ଧାନଉଷୁନା ମାଟିହାଣ୍ଡି ସ୍ଥାନ ଲୁହାକଡ଼ା ନେଲାଣି। ଅନ୍ୟ କିଛି ବିକଳ୍ପ ନଥିବାରୁ ମାନସିକଧାରୀମାନେ ଦେବୀ ପୀଠରେ ମାଟି ଘୋଡ଼ା ଅର୍ପଣ କରୁଛନ୍ତି। ଏଠାକାର କୁମ୍ଭକାରମାନଙ୍କ ମାଟି ସାମଗ୍ରୀ ପ୍ରସ୍ତୁତ କାର୍ଯ୍ୟ ଅନ୍ୟମାନଙ୍କଠାରୁ ନିଆରା ବୋଲି ବାରି ହୋଇପଡ଼େ। ବର୍ତ୍ତମାନ ପ୍ରୋତ୍ସାହନର ଅଭାବ ଯୋଗୁଁ ପାଖାପାଖି ୨୦ ପରିବାରର ସଦସ୍ୟ ଦାଦନ ଖଟୁଛନ୍ତି। ଏହି ସଂପ୍ରଦାୟର କିଛି କାରିଗର ଯଥା ଜଳଧର ସାହୁ, ପୁରୁଷୋତ୍ତମ ମୁଦୁଲି, ରଘୁନାଥ ରଣା, ନୃସିଂହ ମୁଦୁଲି ଓ ନାରାୟଣ ବେହେରା ଆଦିଙ୍କୁ ଯୋଗାଯୋଗ କରିବାରୁ ପୂର୍ବପରି ଆଉ ମାଟି ମିଳୁ ନଥିବାରୁ ଓ ମାଟିକୁ ଚଢା ଦରରେ କିଣାଯାଉଥିବାରୁ ଏଥିରୁ ପ୍ରସ୍ତୁତି ସାମଗ୍ରୀକୁ ବିକି ଗୁଜୁରାଣ ମେଣ୍ଟାଇବା ବହୁ କଷ୍ଟ ବୋଲି ସେମାନେ ପ୍ରକାଶ କରନ୍ତି। କିଛି ପରିବାର ସରକାରୀ ସହାୟ୍ୟ ସୁବିଧା ଯଥା ଭତ୍ତା ଆଦି ପାଇପାରି ନଥିବାର ମଧ୍ୟ କହନ୍ତି। ସେହିପରି ରାମଚନ୍ଦ୍ରପୁର ପଞ୍ଚାୟତସ୍ଥିତ ପାନପଦୀ ଏହିପରି ଏକ ଗ୍ରାମ ଯେଉଁ ଗ୍ରାମରେ ୧୩ ପରିବାରର ପାଖାପାଖି ୬୦ ଜଣ କୁମ୍ଭକାର ସଂପ୍ରଦାୟର। ମାତ୍ର ଲୋକଙ୍କ ଚାହିଦା ନଥିବାରୁ ଏହି ବେଉସା କ୍ରମଶଃ ହଜି ହଜି ଯାଉଥିବାର ଲକ୍ଷ୍ୟ କରାଯାଉଛି।

ହାତଗଣତି କେତେଜଣଙ୍କର ଘରେ ଉହା (ମାଟି ସାମଗ୍ରୀକୁ ଯେଉଁଠାରେ ପୋଡ଼ାଯାଏ) ଦେଖିବାକୁ ମିଳୁଛି। ଯେପରିକି ଏହି ଗ୍ରାମର ୧୩ ପରିବାର ମଧ୍ୟରୁ ଜଣେ କେବଳ ଏହି ବୃତ୍ତିକୁ ପାଥେୟ କରି ଜୀବିକା ନିର୍ବାହ କରିବା ସହ ନିଜ ପରିବାର ପ୍ରତିପୋଷଣ କରୁଥିବା ସ୍ଥଳେ ଅନ୍ୟ କୁମ୍ଭକାରମାନେ ଏହି ବୃତ୍ତିରୁ ମୁହଁ ଫେରାଇ ନେଲେଣି। ଯଦି ସେମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ମିଳିପାରନ୍ତା, ତେବେ ହୁଏତ କୁମ୍ଭକାରମାନଙ୍କ ବେଉସା ଉଜ୍ଜୀବିତ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀମାନେ ଆଶା ପୋଷଣ କରିଛନ୍ତି।

# ଦୋକାନ ଉପରକୁ ମାଡ଼ିଗଲା ହାଇୱା, ବର୍ତ୍ତିଗଲେ ଛାତ୍ରଛାତ୍ରୀ



ବେଲବାହାଲି,୧୯।୯(ସମିସ): ଘସିପୁରା ଥାନା ଅନ୍ତର୍ଗତ ଟୋଲଙ୍କପଡା ଗ୍ରାମର ନିକଟସ୍ଥ ବିଦ୍ୟାଳୟ ପାଖ ବିପଦସଂକୁଳ ରାସ୍ତା ଉପରେ ଠିଆ ହୋଇଥିବା ଗୋଟିଏ ହାଇୱା ହଠାତ ପାଖରେ ଥିବା ପାର୍ବତୀ ସାହୁଙ୍କ ଦୋକାନ ଘର ଉପରେ ମାଡିଯାଇଥିବା ବେଳେ ସେତେବେଳେ ଦୋକାନ ଘର ଭିତରେ ଥିବା ପାର୍ବତୀ ସାହୁ ଓ ନିକଟସ୍ଥ ବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀମାନେ ବଡଧରଣର ଦୁର୍ଘଟଣାରୁ ରକ୍ଷା ପାଇଯାଇଥିବା ଜଣାପଡିଛି। ବିଦ୍ୟାଳୟର ପାଖରେ ବିପଦସଂକୁଳ ଅବସ୍ଥାରେ ହାଇୱାଟିକୁ ନରଖିବା ପାଇଁ ସ୍ଥାନୀୟ ଲୋକ ଚାଳକକୁ ବାରମ୍ବାର ତାଗିଦ କରିଥିଲେ ମଧ୍ୟ ହାଇୱା ଚାଳକ ଏଥିପ୍ରତି ଖାତିର ନକରି ହାଇୱାଟିକୁ ଦୈନିକ ସେଠାରେ ରଖି ଆସୁଥିଲା। ଆଜି କିନ୍ତୁ ଛାତ୍ରଛାତ୍ରୀମାନେ ସେହି ରାସ୍ତା ଦେଇ ବିଦ୍ୟାଳୟକୁ ଯାଉଥିବା ବେଳେ ରାସ୍ତାକଡରେ ଠିଆ ହୋଇଥିବା ହାଇୱାଟି ହଠାତ ଗଡିଯାଇ ପାର୍ବତୀ ସାହୁଙ୍କ ଦୋକାନ ଘରେ ପଶିଯାଇଥିଲା। ଏହି ସମୟରେ ଦୋକାନ ଘରେ ଥିବା ପାର୍ବତୀ ସାହୁ କୌଶଳରେ ଦୋକାନ ଘରୁ ବାହାରି ଆସି ବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀଙ୍କୁ ଅଟକାଇ ସୁରକ୍ଷା ଦେଇଥିଲା। ଫଳରେ ଛାତ୍ରଛାତ୍ରୀମାନେ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ। ହାଇୱା ମାଡିଯିବା ଫଳରେ ଦୋକାନ ଘରର ଆଜବେଷ୍ଟସ ଓ କାନ୍ଥ ଭାଙ୍ଗିଥିବା ଜଣାପଡିଛି।

# ଶିକ୍ଷକ ଅଭାବ ନେଇ ବିଇଓଙ୍କୁ ଦାବିପତ୍ର

ହାଟଡ଼ିହୀ,୧୯।୯(ସମିସ): ହାଟଡ଼ିହୀ ବ୍ଲକ ଶିକ୍ଷାମଣ୍ଡଳ ଅଧୀନସ୍ଥ ଦନେଇପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ନେଇ ବାରମ୍ବାର ଅଭିଯୋଗ ହୋଇଛି। ଏନେଇ ଗ୍ରାମବାସୀ ଗୁରୁବାର ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ସୂଚନା ଅନୁସାରେ, ଉକ୍ତ ବିଦ୍ୟାଳୟରେ ଶିଶୁବାଟିକାଠାରୁ ଅଷ୍ଟମ ଶ୍ରେଣୀ ଯାଏଁ ୯ ଟି ଶ୍ରେଣୀକୁ ମାତ୍ର ୩ ଜଣ ଶିକ୍ଷୟିତ୍ରୀ ଅଛନ୍ତି। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟଙ୍କ ଅଭିଯୋଗ ଅନୁସାରେ ତିନୋଟି ଶ୍ରେଣୀରେ ୩ ଜଣ ଶିକ୍ଷୟିତ୍ରୀ ପାଠ ପଢ଼ାଇବା ସମୟରେ ଅନ୍ୟ ଶ୍ରେଣୀଗୁଡ଼ିକ ଫାଙ୍କା ପଡୁଛି। ତା'ସହ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଦାୟିତ୍ୱ ସାଙ୍ଗକୁ ବିଭିନ୍ନ ସମୟରେ ମିଟିଂ କିମ୍ବା ପରିଦର୍ଶନ ସମୟରେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ବ୍ୟସ୍ତ ରହିବାକୁ ପଡ଼ିଥାଏ। ଏଥିଯୋଗୁଁ ବିଦ୍ୟାଳୟରେ ପିଲାଙ୍କ ପାଠପଢ଼ାରେ ବିଶୃଙ୍ଖଳା ଘଟୁଛି। ତୁରନ୍ତ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି ନେଇ ଆଜି ପୂର୍ବାହ୍ନରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ କିଛି ଗ୍ରାମବାସୀ ମଧ୍ୟରେ ସସ୍ମିତା ଦେହୁରୀ, ଅଞ୍ଜଳି ପାତ୍ର, ଫୁଲ ଦେହୁରୀ, ସନ୍ଧ୍ୟାରାଣୀ ଭୂୟାଁ, ପ୍ରତିମା ବିଶ୍ୱାଳ, ଦୁଃଖୀରାମ ସୋରେନ, ଅଞ୍ଜନ ନାୟକ, ଭାମା ଦେହୁରୀ, ଗୀତା ବିଶ୍ୱାଳ, ପ୍ରଭାତ ପୃଷ୍ଟି, ଅଭିମନ୍ୟୁ ଭୂୟାଁ, ସୁଲୋଚନା ପଲେଇ, ଅଖଜି ପାତ୍ର, ପୁଷ୍ପାଞ୍ଜଳି ଭୂୟାଁ, ପ୍ରତିମା ପାଣିଗ୍ରାହୀ, ସାବିତ୍ରୀ ପାଣିଗ୍ରାହୀ, ରମେଶ ପଲେଇ ପ୍ରମୁଖ ବିଇଓଙ୍କ ଅନୁପସ୍ଥିତ ଯୋଗୁଁ କାର୍ଯ୍ୟାଳୟର ମୁଖ୍ୟ ସହାୟକଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଛନ୍ତି।

# ଯୋଡ଼ାରେ ନୂଆ ଇଓ ପବନ ରଣା



ଯୋଡ଼ା, ୧୯।୯(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକାରେ ଗୁରୁବାର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଆଇଏସ ପବନ ସିଂ ରଣା ଦାୟିତ୍ୱ ଭାର ନେଇଛନ୍ତି। ଯୋଡ଼ା ପୌରପାଳିକା ତରଫରୁ ଯୋଡ଼ା ପୌରାଧ୍ୟକ୍ଷ ଜଗଦୀଶ ସାହୁ, ଯୋଡ଼ା ବିଡଓ ଡାନିଷ ବେହେରା, ଉପନଗରପାଳ ସମେତ ୧୪ଟି ୱାର୍ଡର ସମସ୍ତ କାଉନସିଲର ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଏକ ସ୍ୱଚ୍ଛତା ରଥର ଶୁଭାରମ୍ଭ କରିଥିଲେ। ମାତ୍ର ୨୧ ଦିନ ପାଇଁ ନିଯୁକ୍ତ ହୋଇଥିବା ଆଇଏସ ପବନ ରଣା କହିଛନ୍ତି ଯେ କମ ଦିନ ପାଇଁ ଦାୟିତ୍ୱ ମିଳିଥିଲେ ସୁଦ୍ଧା ଯୋଡ଼ାର ବିକାଶ ଏବଂ ଲୋକଙ୍କ ବିକାଶ ପାଇଁ ଦୃଢ଼ ସଂକଳ୍ପ ସହ କାମ କରିବେ ବୋଲି କହିଛନ୍ତି।

**ପାନୀୟଜଳ ଦୂଷିତ**

# ପାଇପ୍‌ରେ ଆସୁଛି ଲୁହାମିଶ୍ରିତ ଗୋଳିଆ ପାଣି

ଆନନ୍ଦପୁର, ୧୯।୯ (ସମିସ)

ଆନନ୍ଦପୁର ସହରରେ ୱାଟକୋ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ଦୂଷିତ ହେଉଥିବାରୁ ଏହା ସହରବାସୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ପାଇପ୍ ଯୋଗେ ଆସୁଥିବା ପାଣି ଅନେକ ସମୟରେ ଗୋଳିଆ ରହୁଥିବା ବେଳେ ବେଳେ ପାଣିରେ ବାଲିଗୁଣ୍ଡ ଆସୁଥିବା ଅଭିଯୋଗ ହୋଇଛି। ସହରାଞ୍ଚଳରେ ବର୍ତ୍ତମାନ ୱାଟକୋ ନାମରେ ଏହି ସଂସ୍ଥାର ଦାୟିତ୍ୱହୀନତାକୁ ନେଇ ଅନେକ ଲୋକ ଅଭିଯୋଗ କରୁଥିବା ବେଳେ ଜଳଯୋଗାଣରେ ଗୁଣବତ୍ତା ହ୍ରାସ ଅନେକାଂଶରେ ପରିଲକ୍ଷିତ ହୋଇଛି। ସାଧାରଣ ଲୋକ ଓ କେତେକ ଗ୍ରାହକ ଅଭିଯୋଗ କଲେ ବି ବିଭାଗୀୟ କର୍ମଚାରୀ ଅଭିଯୋଗ ଶୁଣୁ ନଥିବା ଅଭିଯୋଗ ହୋଇଛି। ଏପରି ସମସ୍ୟା ଆଜକୁ କିଛି ହେଲା ଲାଗି ରହିଥିଲେ ମଧ୍ୟ



ବିଭାଗୀୟ କର୍ତ୍ତୃପକ୍ଷ ସମାଧାନ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରୁନଥିବା ନେଇ ଲୋକେ ଚିନ୍ତା ପ୍ରକଟ କରିଛନ୍ତି।



ଆନନ୍ଦପୁର ପୌରପାଳିକାର ୧୩ନଂ ୱାର୍ଡ ଖପରାଖାଇ, ଜନାର୍ଦ୍ଦନପୁର ଶାସନ, ମହାନ୍ତିସାହି ଓ ସାଉଁଟିସାହିରେ ଆଜକୁ କିଛି ଦିନ ହେବ ପାଇପରୁ ଏପରି ଗୋଳିଆ ପାଣି ବାହାରୁଥିବା ବେଳେ ଲକ୍ଷ୍ମୀନାରାୟଣପୁର ଶାସନରେ କେତେକ ଉପଭୋକ୍ତା ଏହି ଅଭିଯୋଗ କରିଛନ୍ତି। ସେହିପରି ଶ୍ରୀଦଧିବାମନଜୀଉ ମନ୍ଦିରରେ ଥିବା ପାଇପରେ ଗୋଳିଆ ପାଣି ଆସୁଥିବାରୁ ରୋଷଘର ନୀତିରେ ବାଧା ସୃଷ୍ଟି ହୋଇଛି। ଏନେଇ କେତେକ ସଚେତନ ନାଗରିକ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି। ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନଥିବାରୁ ପାଣି ବ୍ୟବହାର କରୁଥିବା ଲୋକେ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ପ୍ରକାଶ ପାଇଛି। ଏଣୁ ୱାଟକୋ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ବିଜେପି ନେତା ସନ୍ତୋଷ କୁମାର ଜେନା ଦାବି ଜଣାଇଛନ୍ତି।

# ନୂତନ ବାର୍ ଆସୋସିଏସନ ଗୃହର ଭିତ୍ତିପ୍ରସ୍ତର




ଆନନ୍ଦପୁର, ୧୯।୯(ସମିସ): ଆନନ୍ଦପୁର ବିଚାରବିଭାଗ କୋର୍ଟ ପରିସରରେ ନୂତନ ବାର ଆସୋସିଏସନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଓଡ଼ିଶା ହାଇକୋର୍ଟ ମୁଖ୍ୟବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମାନସ ରଞ୍ଜନ ପାଠକଙ୍କ ତତ୍ତ୍ୱାବଧାନରେ ହାଇକୋର୍ଟ ବିଚାରପତି ସାବିତ୍ରୀ ରଥ ଆନନ୍ଦପୁରଠାରେ ଆନୁଷ୍ଠାନିକ ଭାବେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଉତ୍ସବରେ ଜିଲ୍ଲା ଦୌରାଜଜ ଗୋପାଳଚନ୍ଦ୍ର ବେହେରା ରେଜିଷ୍ଟ୍ରାର ସୁଚେତା କୃପାଳିନୀ ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜାଜ ଦେବଦତ୍ତ ଦାଶମହାପାତ୍ର ଏସଡିଜେଏମ ଗୌରୀଶଙ୍କର ପଣ୍ଡା ଜେଏମଏଫସି ଯଶସ୍ୱିନୀ ମହାପାତ୍ର କଟକ ବାର ଆସୋସିଏସନ ପୂର୍ବତନ ସଭାପତି ବିଜୟ କୁମାର ଦାଶ ଆନନ୍ଦପୁର ବାର ଆସୋସିଏସନ ସଭାପତି ଦୟାନିଧି ଦାଶ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆନନ୍ଦପୁର ଓକିଲ ସଙ୍ଘର ସମସ୍ତ ସଦସ୍ୟ ଓ ବିଚାରବିଭାଗର କର୍ମଚାରୀ ସହଯୋଗ କରିଥିଲେ। ପ୍ରାୟ ଏକ କୋଟି ତିରିଶ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ଗୃହ କାର୍ଯ୍ୟ ୭ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ସୂଚନା ମିଳିଛି।

# କଣ୍ଟିପାଳରେ ୩ଟି ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଆନନ୍ଦପୁର, ୧୯।୯ (ସମିସ): ଆନନ୍ଦପୁର ଥାନା ଅନ୍ତର୍ଗତ କଣ୍ଟିପାଳ ଗାଁରେ ସିରିଜ୍ ଚୋରି ସଂଘଟିତ ହୋଇଛି। ଗୋଟିଏ ରାତିରେ ତିନୋଟି ଘରୁ ଗ୍ରିଲ ଭାଙ୍ଗି ନଗଦ ଲକ୍ଷାଧିକ ଟଙ୍କା ସହ ୧୦ ଭରିରୁ ଅଧିକ ସୁନା ଏବଂ ପାଖାପାଖି ୨୦ ଭରି ରୁପା ଅଳଙ୍କାର ଚୋରି କରିନେଇଛନ୍ତି ଦୁର୍ବୃତ୍ତ। ଗତ ଗୁରୁବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବାବେଳେ ଚୋରଙ୍କୁ ଗୋଡ଼ାଇଥିଲେ ଗାଁ ଲୋକେ ଓ ପୁଲିସ୍ ଦଳ। ସ୍ଥାନୀୟ ଶାଳଚୁଆ ଘାଟି ନିକଟରେ ବାଇକରେ ଯାଉଥିବା ଜଣେ ଦୁର୍ବୃତ୍ତକୁ କାବୁ କରିବା ସହ ବାଇକ୍ ଓ ଏକ ବ୍ୟାଗ୍ ଜବତ କରିଛି ପୁଲିସ। ଗତ ରାତିରେ ଗାଁରେ ସମସ୍ତେ ଶୋଇଥିବା ସମୟରେ ଗାଁର ନରେନ୍ଦ୍ର କୁମାର ବାରିକଙ୍କ ଘରେ ପ୍ରଥମେ ପଶି ଘରୁ ୬ ଭରିରୁ ଅଧିକ ସୁନା ସହ ୫୦ ହଜାର ଟଙ୍କା ଚୋରି କରି ନେଇଥିଲେ। ପରେପରେ ଗୟାଧର ବାରିକଙ୍କ ଘରୁ ୨ ଭରି ସୁନା ସହ ୨୦ ଭରି ରୁପା ଓ ନଗଦ ୨୦ ହଜାର ଟଙ୍କା ଚୋରି ହୋଇଥିଲା।



**ଜଣେ ଅଟକ, ବାଇକ୍ ଜବତ**

ସେହିଭଳି ଗାଁର ବାପୁନ ପାତ୍ରଙ୍କ ଘରୁ ଏକ କାନଫୁଲ ସହ ୪୦ ହଜାର ଟଙ୍କା ଚୋରି ହୋଇଥିବା ବେଳେ ପୁଲିସ ବିଭିନ୍ନ ସ୍ଥାନରେ ଛାନଭିନ କରୁଛି। ଏନେଇ ତିନି ପରିବାର ପକ୍ଷରୁ ଥାନାର ଲିଖିତ ଅଭିଯୋଗ ହେଇଛି। ଅଟକ ଯୁବକଠାରୁ ସୂଚନା ଆଧାରରେ ପୁଲିସ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଜୋରଦାର ତନାଘନା ଜାରି ରଖିଥିବା ଜଣାପଡ଼ିଛି।

# ବାତ୍ୟାରେ ଉଦ୍ଧାରଶୈଳୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ହାଟଡ଼ିହୀ,୧୯।୯(ସମିସ): ହାଟଡ଼ିହୀ ବ୍ଲକ ଆମ୍ରୋ ପଞ୍ଚାୟତ କରଗୋଳାଠାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ବାତ୍ୟା ସମୟରେ ଲିଙ୍ଗଗତ ଭେଦଭାବ ନରଖି ମହିଳା, ଦିବ୍ୟାଙ୍ଗ ମହିଳା ଏବଂ ବୃଦ୍ଧାଙ୍କୁ କିଭଳି ଉଦ୍ଧାର କରାଯାଇ ସେମାନଙ୍କ ଅମୂଲ୍ୟ ଜୀବନ ରକ୍ଷା କରାଯାଇ ପାରିବ ଏବଂ ଉଦ୍ଧାର କାର୍ଯ୍ୟରେ ମହିଳାମାନେ କିଭଳି ନିଜେ ସଶକ୍ତ ହେବେ ସେନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମଟି ଆମ୍ରୋ ସରପଞ୍ଚ ଅନୁରାଧା ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ସେଖ୍ ଇଜାଜ୍ ଇକବାଲ୍, ଏବିଡିଓ ରଶ୍ମିରେଖା ନାଏକ, ପିଇଓ ତୁଳାରାମ ମୁର୍ମୁ, ଜିପିଡିଓ ଦେବଜ୍ୟୋତି ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଶାସନିକ ଅଧିକାରୀମାନେ ଉଦ୍ଧାର କୌଶଳ ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଥିଲା ବେଳେ ମାଷ୍ଟର ଟ୍ରେନର ସନ୍ତୋଷ କୁମାର ପଣ୍ଡା ଏହାର ସବିଶେଷ ତଥ୍ୟ ଉପସ୍ଥାପନା କରିଥିଲେ। ପୂର୍ବତନ ସରପଞ୍ଚ ସୁବ୍ରତ ମହାପାତ୍ରଙ୍କ ସହ ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ ଜଗବନ୍ଧୁ ଜେନା, ସମସ୍ତ ୱାର୍ଡମେମ୍ବର, ସମସ୍ତ ଅଙ୍ଗନବାଡ଼ି ଓ ଆଶାକର୍ମୀ, ଏସଏଚଜି ସଂଘର ମାଆମାନେ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ ମଧ୍ୟରେ ଲକ୍ଷ୍ମୀଧର ବେହେରା, ପ୍ରିୟବ୍ରତ ଦାସ, ଅନ୍ତର୍ଯ୍ୟାମୀ ସାହୁ, ବନମାଳି ଜେନା, ବେଣୁଧର ଜେନା, ଅର୍ଜୁନ ମଣ୍ଡଳ, ପଦ୍ମଲୋଚନ ଶଙ୍ଖୁଆ, ଗୋବର୍ଦ୍ଧନ ଜେନା, ଗୌରକାନ୍ତ ମହାପାତ୍ର ଯୋଗ ଦେଇଥିଲେ।

# ଦଧିବାମନ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ 'ସୁରଭି'

ତୁରୁମୁଙ୍ଗା,୧୯।୯(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅଶ୍ୱତ୍ଥମା ଗିରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଇଂରାଜୀ ବିଭାଗର ଅଧ୍ୟାପିକା ଅନ୍ନପୂର୍ଣ୍ଣା ମିଶ୍ରଙ୍କ ସଂଯୋଜନାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଧାରଣ ଜ୍ଞାନ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ବିତର୍କ, ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅନେକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ପଦାର୍ଥ ବିଜ୍ଞାନର ପ୍ରାଧ୍ୟାପକ ଯତୀନ୍ଦ୍ର କୁମାର ମିଶ୍ର, ସ୍ନାତକୋତ୍ତର ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରଭଞ୍ଜନ ନାଏକ, ଦିବ୍ୟାରାଣୀ ପ୍ରସାଦ, ସୁଜାତା ସାମନ୍ତରାୟ, କୁମୁଦିନୀ ମହାନ୍ତ, ମନି ରାଉତ, ରବିଶଙ୍କର ପ୍ରଧାନ, ଅତିଥି ଅଧ୍ୟାପକ ସତ୍ୟପ୍ରକାଶ ମହାନ୍ତ ତଥା ଅନୁଷ୍ଠାନର ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ରାମସିଆ ପେଣ୍ଟ୍ସର ରାଜ୍ୟସ୍ତରୀୟ ପାର୍ଟ୍‌ନର୍ସ ମିଟ୍



ଚମ୍ପୁଆ, ୧୯।୯(ସମିସ): ଓଡ଼ିଶାରେ ନିର୍ମିତ ରାମସିଆ ପେଣ୍ଟସ ତଥା କେନ୍ଦୁଝର ଜିଲ୍ଲାର ଉଦ୍ୟୋଗପତିଙ୍କ ପ୍ରାୟୋଜନରେ ଏକ ରାଜ୍ୟସ୍ତରୀୟ ପାଟନର୍ସ ସମ୍ମିଳନୀ ଶୁକ୍ରବାର ପୁରୀର ପିପୁଲ ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀକୁ ପ୍ରଥମେ ଜଗତର ନାଥ ଜଗନ୍ନାଥଙ୍କ ଫଟୋଚିତ୍ରରେ ଧୂପଦୀପ ପ୍ରଜ୍ୱଳନ ସହ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ କମ୍ପାନୀର ନିର୍ଦ୍ଦେଶକ କେନ୍ଦୁଝରର ଯୁବ ଉଦ୍ୟେଶଗପତି ବିକାଶ ମିଶ୍ର ଓ କିଛି ବରିଷ୍ଠ ବ୍ୟବସାୟୀ। ଆଜି ବଜାରରେ ଉପଲବ୍ଧ ଅନ୍ୟ ପେଣ୍ଟସ ତୁଳନାରେ ରାମସିଆ କମ୍ପାନୀର ଉତ୍ପାଦଗୁଡିକ ଦୁଇ ବର୍ଷ ହେଲେ ମଧ୍ୟ ଆଜି ଦିନରେ ଡିଲର ଓ ଉପଭୋକ୍ତାଙ୍କ ମଧ୍ୟରେ ସୁସମ୍ପର୍କ ଓ ବିଶ୍ୱାସ ତାଙ୍କୁ ଆଜି ସଶକ୍ତ କରାଇ ପାରିଛି। ଓଡ଼ିଶାର ବହୁ ଡିଲର ରାମସିୟା କୋଲରର ଗୁଣବାର୍ତ୍ତା ବିଷୟରେ ଉଚ୍ଚ ମାନର ଓ ଆଗକୁ ଆମେ ଅନ୍ୟ କମ୍ପାନୀଠାରୁ ବହୁ ଆଗକୁ ଯାଇପାରିବୁ ବୋଲି ମତ ରଖିଥିଲେ। ଅନ୍ୟାନ୍ୟ ନାମୀଦାମୀ ପେଣ୍ଟସ ତୁଳନାରେ ରାମସିଆ ପେଣ୍ଟସର ଉଚ୍ଚ ମାନର ସମସ୍ତ ଉତ୍ପାଦଗୁଡିକର ମାନ ଉତ୍କୃଷ୍ଟ ଥିବା ସହ ଦାମ ଅପେକ୍ଷାକୃତ କମ ରହିଥିବା ମିଟ ସମ୍ମିଳନୀରେ ଆଲୋଚନା ହୋଇଥିଲା। କମ୍ପାନୀର ଉତ୍ପାଦଗୁଡିକ ମଧ୍ୟରେ ଏନାମେଲ ପେଣ୍ଟସ, ପ୍ରାଇମର, ଏମୁଲେସନ, ଡ୍ୟାମଗାର୍ଡ, ଡିଷ୍ଟେମ୍ବର ଉଚ୍ଚମାନର ବୋଲି କମ୍ପାନୀର ନିର୍ଦ୍ଦେଶକ ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି। ଏହି କମ୍ପାନୀର ଉତ୍ପାଦଗୁଡିକର ଉତ୍ପାଦନ ପଦ୍ଧତି, ବିତରଣ ଏବଂ ଏହାର ଗୁଣବତ୍ତା ଉପରେ ଡିଲର ବନ୍ଧୁମାନଙ୍କୁ ବୁଝାଇଥିଲେ। ଏହି ସମ୍ମିଳନୀରେ ଓଡ଼ିଶାର ସମସ୍ତ ଜିଲ୍ଲାର ହୋଲସେଲର, ଡିଲର ବନ୍ଧୁମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ରାମ ମହାନ୍ତ ପରିଚାଳନା କରୁଥିଲେ।

# ଓଏଭି ପ୍ରତିଷ୍ଠା ଦିବସରେ ଉତ୍ସବ 'ସ୍ୱାର୍କ'





ତେଲକୋଇ, ୧୯।୯(ସମିସ)

କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ତେଲକୋଇ ବ୍ଲକସ୍ଥିତ ଓରିୟାଠାରେ ଥିବା ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ରଘୁନାଥ ପରିଡାଙ୍କ ସଭାପତିତ୍ୱରେ ଓଏଭି ଫାଉଣ୍ଡେସନ ଡେ 'ସ୍ୱାର୍କ' ବହୁ ଆଡ଼ମ୍ବର ସହ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଓଡିଶାର ସମସ୍ତ ଆଦର୍ଶ ବିଦ୍ୟାଳୟର ସଦସ୍ୟଙ୍କୁ ଶୁଭେଚ୍ଛା ଜଣେଇବା ସହ ଓଡିଶା ଆଦର୍ଶ ବିଦ୍ୟାଳୟର ଦ୍ୱାରା ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ କିପରି ଛାତ୍ରଛାତ୍ରୀ ଉପକୃତ ହେବା ସହିତ ନିଜ ବିଦ୍ୟାଳୟ ତଥା ଅଞ୍ଚଳର ସୁନାମ ଅର୍ଜନ କରିବେ ତାହା ପିଲାମାନଙ୍କୁ ବ୍ୟକ୍ତବ୍ୟରେ ଆହ୍ୱାନ କରିଥିଲେ। ଏହାସହ 'ସ୍ୱାର୍କ' କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ଉଭୟ ଜୁନିୟର ଓ ସିନିୟର ଭାବରେ କୁଇଜ, କବିତା ଆବୃତ୍ତି, ଗୀତ, ଡିବେଟ, ଚିତ୍ରାଙ୍କନ, ଏଲକେଶୋନ ସହ ବିଭିନ୍ନ ନୃତ୍ୟର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ପରସ୍ପର ସହଯୋଗରେ ଏହି କାର୍ଯ୍ୟକ୍ରମକୁ ସଫଳତାର ସହିତ ପରିସମାପ୍ତି କରିଥିଲେ।

# ପୁରୁଣାବାନ୍ଧଗୋଡ଼ା ପଞ୍ଚାୟତରେ ପୋଷଣ ମାସ ପାଳନ

ରାମଚନ୍ଦ୍ରପୁର,୧୯।୯(ସମିସ): କେନ୍ଦ୍ର ସରକାରଙ୍କ ତରଫରୁ ସେପ୍ଟେମ୍ବର ମାସକୁ ପୋଷଣ ମାସ ଭାବେ ପାଳନ କରାଯାଉଛି। ଆଜି ପୋଷଣ ମାସ ପାଳନ ହୋଇଯାଇଛି। ମୁଖ୍ୟତଃ କେଉଁ ଖାଦ୍ୟ ଶିଶୁଙ୍କୁ ବା ଗର୍ଭବତୀ ମହିଳାଙ୍କୁ ଦିଆଯିବା ଉଚିତ୍ ବେହେରା, ଦମୟନ୍ତୀ ଜେନା, ଜେମାମଣି ମୁଣ୍ଡା, ଜୟନ୍ତୀ ଜେନା, ଆସ୍ୱାୟାର ସଦସ୍ୟ ତପନ ନାୟକ, ପଦ୍ମଲୋଚନ



ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମାଆ, କିଶୋରୀ ଏବଂ ଶିଶୁମାନଙ୍କ ଉତ୍ତମ ପୋଷଣ ଏହାର ମୁଖ୍ୟ ଲକ୍ଷ୍ୟ। ସେହିକ୍ରମରେ ପୁରୁଣାବାନ୍ଧଗୋଡା ଅଙ୍ଗନବାଡ଼ି କେନ୍ଦ୍ରରେ ସେ ବିଷୟରେ ଆଲୋଚନା ହୋଇଥିଲା। ଗ୍ରାମର ଅନେକ ବ୍ୟକ୍ତିବିଶେଷ, ମା' ମହିଳା ସାମିଲ ହୋଇଥିଲେ। ଅଙ୍ଗନବାଡି କର୍ମୀ ସ୍ନେହଲତା ପଟ୍ଟନାୟକ, ପଙ୍କଜିନୀ ଜେନା, ବାଦଲ ପଟ୍ଟନାୟକ, ପ୍ରଦିପ ନାୟକ, ଦେବବ୍ରତ ପଟ୍ଟନାୟକ, ଅର୍ଜୁନ ମଲ୍ଲିକ ସମେତ ୬ଟି ଗାଁର ଅଙ୍ଗନବାଡି ସହାୟକ ସହଯୋଗ କରିଥିଲେ।

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ । ମନ ଖୁସି ରହିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ । ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ । ବ୍ୟବସାୟରୁ ଲାଭ ମିଳିବ । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ । ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ । ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ । ପ୍ରିୟଜନଙ୍କଠାରୁ ଉପହାର ପାଇବେ ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ । ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ । ଜମି ବିବାଦ ମାମଲା ସମାଧାନ ହେବ । ସାମାଜିକ କାର୍ଯ୍ୟରେ ସାମିଲ ହେବେ ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ । ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ । କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । କିଛି କ୍ଷେତ୍ରରେ ଅସଫଳ ରହିବେ । କାଳୀ ମା'ଙ୍କ ପୂଜା କରନ୍ତୁ । ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ । ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ବିରୋଧୀଙ୍କଠାରୁ ଦୂରେଇ ରହିବେ । ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ । ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ । ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ । ଧାର୍ମିକ ଯାତ୍ରା କରିପାରନ୍ତି ।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ । କୋର୍ଟକଚେରୀ ମାମଲା ବିଜୟ ଲାଭ କରିବେ । ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ । ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ । ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ । ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ । ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ । ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ । ନିବେଶ ପାଇଁ ଅନୁକୂଳ ସମୟ ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଛାତ୍ରଛାତ୍ର ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ । ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ । ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ । ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ । ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ । ବିବାହ ପ୍ରସ୍ତାବ ଆସିବ ।

## ଆଜିର ଇତିହାସ

- ୧୮୭୮ - ସାପ୍ତାହିକ ଖବରକାଗଜ ଭାବେ 'ଦ ହିନ୍ଦୁ'ର ପ୍ରଥମ ପ୍ରକାଶନ ।
- ୧୯୪୬- ପ୍ରଥମ କାନ୍‌ସ ଚଳଚ୍ଚିତ୍ର ମହୋତ୍ସବ ଆରମ୍ଭ ।
- ୧୯୮୩- ଆପଲ୍ ଉପଗ୍ରହ କାର୍ଯ୍ୟକରିବା ବନ୍ଦ କରିଦେଲା ।
- ୨୦୦୦- କ୍ଲିଣ୍ଟନ୍ ଦମ୍ପତିଙ୍କୁ 'ହ୍ୱାଇଟ୍ ୱାଟର୍ କାଣ୍ଡ'ରୁ ମୁକ୍ତ କରାଗଲା ।
- ୨୦୧୧- ପାକିସ୍ତାନର ଲାହୋର ଉଚ୍ଚ ଅଦାଲତ ଫେସ୍‌ବୁକ୍ ଉପରେ ରୋକ୍ ଲଗାଇଲେ ।



## ଭିନ୍ନ ଜଣେ ବ୍ୟକ୍ତି

# ଛଅ ଥର ମରି ବି ଜୀବିତ

ଜୀବନ ଓ ମୃତ୍ୟୁ ଚିରନ୍ତନ ସତ୍ୟ । ପୃଥିବୀରେ ଯିଏ ଜନ୍ମ ନିଏ ତା'ର ମୃତ୍ୟୁ ନିଶ୍ଚିତ । ଅବଶ୍ୟ ମୃତ୍ୟୁ ପରେ କ'ଣ ହୁଏ ତାହା କେହି ଜାଣନ୍ତି ନାହିଁ । ଏପରି ଅନେକ ଘଟଣା ସାମ୍ନାକୁ ଆସିଛି ଯେଉଁଥିରେ କିଛି ଜଣ ମୃତ୍ୟୁର ଅଳ୍ପ ସମୟ ମଧ୍ୟରେ ଜୀବନ୍ତ ଫେରି ଆସି ସେମାନେ ମୃତ୍ୟୁ ପରର ଦୁନିଆକୁ ଦେଖିଥିବା କୁହନ୍ତି । ଏହି କ୍ରମରେ ତାଞ୍ଜାନିଆର ୪୦ ବର୍ଷୀୟ ଇସ୍ମାଇଲ ଅଜିଜିଙ୍କ ଘଟଣା ପୂରାପୂରି ଅଲଗା । ଛଅ ଛଅ ଥର ତାଙ୍କୁ ମୃତ ଘୋଷଣା କରାଯିବା ପରେ ସେ ବେଶ୍ ଆଶ୍ଚର୍ଯ୍ୟଜନକ ଭାବେ ଜୀବିତ ହୋଇଯାଇଛନ୍ତି । ପ୍ରଥମ ଥର ସେ ତାଙ୍କ ଅଫିସ୍‌ରେ କାମ କରୁଥିବା ସମୟରେ ଏକ ଭୟଙ୍କର ଦୁର୍ଘଟଣାର ଶିକାର ହୋଇଥିଲେ । ତାଙ୍କୁ ହସ୍‌ପିଟାଲ ନିଆଯିବା ପରେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏହାପରେ ଇସ୍ମାଇଲଙ୍କ ମୃତ ଶରୀର ନେଇ ତାଙ୍କ ପରିବାର ଲୋକେ ଅନ୍ତିମ ସଂସ୍କାର ପାଇଁ ପହଞ୍ଚିଥିଲେ । ଏହି ସମୟରେ ସେ କଫିନ୍‌ରୁ ଉଠି ପଡ଼ିଥିଲେ । ଇସ୍ମାଇଲ୍‌ଙ୍କ ସହ ଜୀବନ ମୃତ୍ୟୁର ଖେଳ ପାଖାପାଖି ଛଅ ଥର ଘଟିଛି । ଏକଦା ସେ ଦୁର୍ଘଟଣାରେ କୋମାକୁ ଚାଲି ଯାଇଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୁଣି ଥରେ ସେ ଜୀବିତ ହୋଇ ଯାଇଥିଲେ । ସବୁଠୁ ଆଶ୍ଚର୍ଯ୍ୟକର ଘଟଣା ଥିଲା , ଇସ୍ମାଇଲଙ୍କୁ ଏକ ବିଷାକ୍ତ ସାପ କାମୁଡ଼ିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେ ବାରମ୍ବାର ଜୀବିତ ହୋଇ ଯାଉଥିବାରୁ ତାଙ୍କ ପରିବାର ଲୋକେ ତାଙ୍କୁ କଫିନ୍‌ରେ ତିନିଦିନ ରଖିଥିଲେ । ସମସ୍ତଙ୍କୁ ଚକିତ କରି ପୁଣି ଥରେ ସେ ଜୀବିତ ହୋଇ ଯାଇଥିଲେ । ତେବେ ମୃତ୍ୟୁ ପରେ ବାରମ୍ବାର ସେ ଜୀବିତ ହୋଇ ଯାଉଥିବାରୁ ଇସ୍ମାଇଲଙ୍କ ପଡ଼ୋଶୀ ତାଙ୍କୁ ଭୂତପ୍ରେତ ମନେକଲେ । ଏପରିକି ରାଗିଯାଇ ଦିନେ ଇସ୍ମାଇଲଙ୍କ ଘର ଜାଳିଦେଲେ । ଆଶ୍ଚର୍ଯ୍ୟର କଥା ଏଥର ବି ଇସ୍ମାଇଲ ଜୀବିତ ରହିଗଲେ । ଏସବୁ ଘଟଣା ପରେ ଇସ୍ମାଇଲ ଏବେ ଏକୁଟିଆ ହୋଇ ଯାଇଛନ୍ତି । କାରଣ ସେ ଗୁଣି ଗାରେଡ଼ି କରୁଛନ୍ତି ନଚେତ୍ ତାଙ୍କ ଶରୀରରେ ଭୂତପ୍ରେତ ଥିବା ତାଙ୍କ ପରିବାର ଲୋକେ ଓ ପଡ଼ୋଶୀମାନେ ଭାବୁଛନ୍ତି । ତେଣୁ ଏବେ ଇସ୍ମାଇଲ ଘର ଛାଡ଼ି ଏକ ଶୂନଶାନ୍ ସ୍ଥାନରେ ଜୀବନ ବିତାଉଛନ୍ତି ।



# 'ଦାଦା ସାହେବ ଫାଲ୍‌କେ' କାହାଣୀରେ ପରିବର୍ତ୍ତନ ଚାହୁଁଛନ୍ତି ଅମିର୍

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅମିର୍ ଖାନ୍ 'ଦାଦା ସାହେବ ଫାଲ୍‌କେ' ଫିଲ୍ମ ପାଇଁ ଜୋରସୋରରେ ପ୍ରସ୍ତୁତି ଆରମ୍ଭ କରି ଦେଇଥିବା ନିକଟରେ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା । ଏବେ ଏହାର କାହାଣୀ ତାଙ୍କୁ ପସନ୍ଦ ଆସି ନ ଥିବା ଚର୍ଚ୍ଚା ହେଉଛି । ନିକଟରେ ଅମିର୍ ରାଜକୁମାର ହିରାନୀ ଓ ଅଭିଜିତ୍ ଯୋଶୀଙ୍କ ଠାରୁ ଏହାର କାହାଣୀ ଶୁଣିଥିଲେ । ତେବେ ଥିଏଟର୍‌କୁ ଦର୍ଶକଙ୍କୁ ଟାଣିବା ଭଳି ଏହାର କାହାଣୀ ନୁହେଁ ବୋଲି ସେ ଅନୁଭବ କରିଥିଲେ । ରାଜକୁମାରଙ୍କ ଅନ୍ୟ ଫିଲ୍ମ ଭଳି ଏଥିରେ କମେଡି ଓ ଇମୋସନ୍‌ର ମିଶ୍ରଣ ଦେଖିବାକୁ ମିଳିବ ବୋଲି ଅମିର୍ ପୂର୍ବରୁ ଭାବୁଥିଲେ । ହେଲେ ଏଥିରେ ସେମିତି କିଛି ନ ଦେଖି ସେ ରାଜକୁମାରଙ୍କୁ ପୁଣିଥରେ ଏହାର କାହାଣୀ ଲେଖିବା ପାଇଁ କହିଛନ୍ତି । ଏହାର ସୁଟିଂ ଅକ୍ଟୋବରରୁ ଆରମ୍ଭ ହେବାର ଥିଲା । ଯଦି ଏହାର କାହାଣୀର ପରିବର୍ତ୍ତନ କରାଯାଏ ଏହାର ସୁଟିଂ ଆହୁରି ଘୁଞ୍ଚିଯିବ । ଅମିରଙ୍କ ଏହି ନିଷ୍ପତ୍ତିରେ ଏବେ ରାଜ୍‌କୁମାର ଓ ଅଭିଜିତ୍ ଦ୍ୱନ୍ଦ୍ୱରେ ପଡ଼ି ଯାଇଛନ୍ତି । ଏଠାରେ ପ୍ରକାଶ ଥାଉ କି, ଅମିର୍ ଏହାପୂର୍ବରୁ ରାଜକୁମାରଙ୍କ ସହ 'ଥ୍ରି ଇଡିଅଟସ୍' ଓ 'ପିକେ' ଫିଲ୍ମରେ କାମ କରିଥିଲେ ।



# ଘୋଡ଼ାରେ ଯାଆନ୍ତି ସ୍କୁଲ

ସ୍କୁଲ ବସ୍, ରିକ୍ସା, ସାଇକଲ ଆଦିରେ ପିଲାମାନେ ସ୍କୁଲ ଯିବା କଥା ସମସ୍ତେ ଜାଣନ୍ତି । ହେଲେ ଆସାମର ଜଣେ ତୃତୀୟ ଶ୍ରେଣୀର ଛାତ୍ର ନିତିଦିନ ଘୋଡ଼ା ଚଢ଼ି ସ୍କୁଲ ଯାଆନ୍ତି । ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ବାରବାକରା ଗାଁର ଯୁବରାଜ ରାଭା ସାଉଥ୍ ପନଟନ୍ ଟ୍ରାଇବାଲ ମିଡିଲ ଇଂଲିଶ ସ୍କୁଲରେ ପାଠ ପଢ଼ନ୍ତି । ସ୍କୁଲଟି ଆସାମ-ମେଘାଳୟ ସୀମାରେ ଅବସ୍ଥିତ । ଏଥିପାଇଁ ଯୁବରାଜଙ୍କୁ ପାହାଡ଼ିଆ ଅଞ୍ଚଳ ଦେଇ ପାଖାପାଖି ଚାରି କିଲୋମିଟର ଯିବାକୁ ହୋଇଥାଏ । ସ୍କୁଲ ଯିବା ପାଇଁ ଯାନବାହନ ବ୍ୟବସ୍ଥା ନ ଥିବାରୁ ସେ ସ୍କୁଲକୁ ନିତିଦିନ ଘୋଡ଼ା ଚଢ଼ି ଯାଇଥାନ୍ତି । ତାଙ୍କ ଘୋଡ଼ାର ନାମ 'ପକ୍ଷୀରାଜ' । ଯୁବରାଜ ଘୋଡ଼ାରେ ନିତିଦିନ ପାହାଡ଼ ପର୍ବତ ଦେଇ ସ୍କୁଲ ଯାଉଥିଲେ ବି କୌଣସି ଦିନ ସେ ପାଠପଢ଼ାରୁ ବିରତ ହୁଅନ୍ତନି । ଗତବର୍ଷ ଯୁବରାଜ ସ୍କୁଲ ଯିବା ପାଇଁ ତାଙ୍କ ବାପା ଏହି ଘୋଡ଼ାଟିକୁ ଆଣିଥିଲେ । ସେ ସ୍କୁଲରୁ ଫେରିବା ପରେ ନିଜେ ଘୋଡ଼ାଟିକୁ ଚାରା ଦିଅନ୍ତି । ପ୍ରଥମେ ପ୍ରଥମେ ଯୁବରାଜ ଘୋଡ଼ାରେ ଆସୁଥିବାରୁ କୁନି ପିଲାଟିର ସୁରକ୍ଷାକୁ ନେଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଚିନ୍ତିତ ଥିଲେ । ପରବର୍ତ୍ତୀ ଅବସ୍ଥାରେ ସେ ଏଭଳି କରି ଗ୍ରାମାଞ୍ଚଳ ପିଲାମାନଙ୍କ ସଂଘର୍ଷ ଏବଂ ଉନ୍ନତ ଭିତ୍ତିଭୂମିର ଆବଶ୍ୟକତାକୁ ଲୋକଲୋଚନକୁ ଆଣିପାରିଛନ୍ତି ବୋଲି ଶିକ୍ଷକଶିକ୍ଷୟିତ୍ରୀମାନେ କହିଛନ୍ତି । ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି ।

# ସୁମନ

## ମୁନା ପରି ସବୁ ହୁଅ



ନିରାକାର ଚଇନି

ସକାଳୁ ସକାଳୁ ମୁହଁ ହାତ ଧୋଇ
ସାରି ପାଇଖାନା କାମ
ପାଣି ମୁନ୍ଦେ ପିଇ ଖୋଲା ପଡ଼ିଆକୁ
ଧାଇଁଯାଏ ମୁନା ଆମ ।
ନାନା ପରକାର ବ୍ୟାୟାମ କରେ ସେ
ଶୋଇ ବସି ହୋଇ ଠିଆ
ଦଉଡ଼ା ଦଉଡ଼ି କରେ ବେଳେବେଳେ
ବେଳେବେଳେ ମାରେ ଡିଆଁ ।
ଘରକୁ ଫେରିଲେ ଦାନ୍ତ ଘଷିସାରି
ଜଳଖିଆ ଦି'ଟା ଖାଇ
ବହି ଖାତା ଧରି ପାଠ ବଢ଼ି ବସେ
ପଢ଼ା ଘରକୁ ତା' ଯାଇ ।
ଖାଲି ପଢ଼ା ନୁହେଁ ଖେଳା ଖେଳିରେ ବି
ଅଟେ ବୋଲି ଧୂରନ୍ଧର
ଗୁରୁଜୀ ଗୁରୁମା' ସାଥି ପିଲାମାନେ
କରନ୍ତି ଭାରି ଆଦର ।
ଆଇଁଷ ଠୁ ବେଶୀ ସବୁଜ ପରିବା
ଖାଇବାକୁ ପାଏ ଭଲ
ଦିନଟିଏ କେବେ ରୋଗ ମୁଖେ ପଡ଼ି
ହୋଇନାହିଁ କଲବଲ ।
ସଭିଏଁ କହନ୍ତି ପିଲାମାନେ ତୁମେ
ମୁନା ପରି ସବୁ ହୁଅ
ଦେଖିବ, ତୁମରି ବାପା ମା' ଓଠରୁ
ଛୁଟିବ ହସର ସୁଅ ।■

ସୁବୁଦ୍ଧିସାହି, ତେଲକୋଇ, କେନ୍ଦୁଝର
ମୋ-୮୨୪୯୩୮୭୯୭୩

## ପ୍ରହେଳିକା



- ଅନ୍ନଦାତା ସିଏ ଆମରି ପାଇଁ
ତାଙ୍କ ପାଇଁ ଖୁସିରେ ପାରୁଛେ ଜିଇଁ
ଡରନ୍ତିନି ସିଏ ବରଷା ଖରା
ବିଲରେ ନିଇତି ପକାନ୍ତି ଡେରା
କାଦୁଅ ପାଣିରେ ହୋଇ ସେ ଘାଣ୍ଟି
ଖରାରେ ଖଟନ୍ତି ସୁଖେଇ ତଣ୍ଟି
ସଭିଙ୍କ ପେଟକୁ ଦାନା ଦିଅନ୍ତି ସିଏ
କହିଲ ଦେଖି ସେ ମହାନ ବ୍ୟକ୍ତିଟି କିଏ ।
ଉ-କୃଷକ

- ନଈ ପଠାରେ ଖେଳୁଛି ଦୋଳି
ଧବଳ ରଙ୍ଗକୁ ଦେହରେ ବୋଳି
ଶରତ ଆସିଲେ ତା'ର ସମ୍ଭାର
ଦିଶୁଥାଏ ସିଏ କି ମନୋହର
ଅତି ସୁନ୍ଦର ଏକ ଫୁଲଟି ସିଏ
ନାମଟି ତାହାର କହିବ କିଏ ।
ଉ-କାଶତଣ୍ଡି

- କାଠର ଚକକୁ କାଠ ଶରୀର
ବଳଦ ଦୁଇଟି ଚାଳକ ତା'ର
କେତେ ଦରବ ନିଅଇ ବୋହି
କିଏ ସେ ପାରିବ ନାମ ତା କହି ।
ଉ-ଶଗଡ଼

- ଏମିତି ଗଛଟେ ଦେଖିଛି କିଏ
ଲାଗିଗଲେ ଦେହେ କୁଣ୍ଡେଇ ହୁଏ ।
ଉ-ବିଛୁଆତି

- ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର

## ପାର୍ବଣର ଋତୁ



ଡ. ଶୁଭେନ୍ଦୁ ମହାପାତ୍ର

ଆସିଗଲା ଏବେ ପାର୍ବଣର ଋତୁ
ସଜେଇ ହେଲାଣି ଧରା
ବୃକ୍ଷଲତା ଏବେ ହସି ଉଠିଲାଣି
ଫୁଲ ଫଳେ ହୋଇ ଭରା ।।
ଶରତ ସକାଳ କେଡ଼େ ମନୋହର
ମନ ମୋହି ନେଉଥାଏ
ନିର୍ମଳ ଆକାଶେ ମେଘ ଖଣ୍ଡମାନ
ଧାଡ଼ିବାନ୍ଧି ଭାସୁଥାଏ ।।
ନଈପଠା ଧାରେ ଧବଳ କୁସୁମ
କାଶତଣ୍ଡି ଝୁଲୁଥାଏ
ଯୁଇ ଜାଇ ହେନା ଗୋଲାପ କୁମୁଦ
ହୃଦୟକୁ ଛୁଇଁଯାଏ ।।
ନିର୍ମଳ ସଞ୍ଜରେ ବାଡ଼ି ବଗିଚାରେ
ଜହ୍ନିଫୁଲ ହସୁଥାଏ
ଗଙ୍ଗଶିଉଳିର ମଧୁର ବାସନା
ପବିତ୍ରତା ଭରିଦିଏ ।।
ପ୍ରତ୍ୟୁଷ ପ୍ରଦୋଷେ ଶିଶିର ପ୍ରକାଶେ
ସାରୁପତ୍ରେ ଢଳ ଢଳ
ଶୋଭାରେ ମଣ୍ଡିତ ଶାଗୁଆ କ୍ଷେତରେ
ଚାଷୀ ହୁଅଇ ଚଞ୍ଚଳ ।।
ଶରତେ ଶାରଦା ଧରାକୁ ଆସିବେ
ବିଶ୍ୱର କଲ୍ୟାଣ ପାଇଁ
ଆନନ୍ଦେ ବିଭୋର ହୋଇ ଯଜମାନ
ନୈବେଦ୍ୟ ଅର୍ପିବେ ନେଇ ।।■

ସତ୍ୟବିହାର, ପଳାଶୁଣି
ଭୁବନେଶ୍ୱର
ମୋ-୯୪୩୮୦୬୪୯୦୮

## ଭୁଲ୍‌କୁ ଲୁଚାଅ ନାହିଁ



ଦେବେନ୍ଦ୍ର କର



ଅନିତ୍ ପାଠରେ ଯେମିତି ସାଠରେ ବି ସେମିତି । ପାଖ ସ୍କୁଲରେ ସେ ପଞ୍ଚମ ଶ୍ରେଣୀରେ ପଢ଼େ । ସ୍କୁଲରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ମଧ୍ୟ ହୁଏ । ସବୁ ଭଲ ଗୁଣ ଭିତରେ ତା'ର ଗୋଟିଏ ଖରାପ ଗୁଣ ଥିଲା, ଭୁଲ୍ କଲେ ଘରେ କାହାରିକି କିଛି କୁହେନି । ବାପା ତାକୁ ସବୁବେଳେ ବୁଝାନ୍ତି ଆରେ ମଣିଷ ମାତ୍ରେକେ ଭୁଲ୍ । ଭୁଲ୍‌କୁ ସଂଶୋଧନ କରି ଆଗକୁ ବଢ଼ିବା ହିଁ ଜୀବନ । ଭୁଲ୍‌କୁ ଲୁଚାଇଲେ ଆଉ ଗୋଟେ ଭୁଲ ନିଶ୍ଚିତ ହେବ । ସେଦିନ ସଂଧାରେ ଅନିତ୍ ଟେବୁଲ୍ ଉପରୁ ପାଣି ବୋତଲ ନେଲାବେଳେ ହଠାତ୍ ତା' ହାତ ବାଜି ପାଣି ଢାଳି ହୋଇଗଲା । ଗୋଟେ କଡ଼କୁ ବାପାଙ୍କ ମୋବାଇଲ୍ ଥୁଆ ହେଇଥିଲା । ସେ ଚଟାପଟ୍ ଟେବୁଲ ଉପର ଆଉ ମୋବାଇଲକୁ ପୋଛାପୋଛି କରି ରଖିଦେଲା । ଆଉ କାହାକୁ କିଛି ନ କହି ତା' ପଢ଼ା ଟେବୁଲ୍ ପାଖରେ ଆସି ଚୁପକି ବସି ପଡ଼ିଲା । ଟିକେ ସମୟ ପରେ ବାପା ତାଙ୍କ ମୋବାଇଲ ଦେଖିଲେ । ପାଣି କିଏ ଢାଳିଥିଲ କି? ମୋ ମୋବାଇଲ ପଛପଟ କେମିତି ଓଦା ହେଲା? ଘରେ ସମସ୍ତଙ୍କୁ ପଚାରିଲେ ହେଲେ ସମସ୍ତେ ମନା କଲେ । ଶେଷରେ ଅନିତ୍ ମାନିଲା ଯେ, ତା' ହାତ ବାଜି ପାଣି ଢାଳି ହୋଇଛି । ବାପା ମୋବାଇଲ କଭର କାଢ଼ି ଦେଖିଲେ ସବୁ ଠିକ୍ ଥାଏ । ବାପା କହିଲେ, ଆରେ ଅନିତ୍ ପାଣି ଲାଗିଲେ ମୋବାଇଲ୍ ଖରାପ ହେଇଯିବ । ତୁ ମତେ ସଙ୍ଗେସଙ୍ଗେ କହିଥାନ୍ତୁ ନା । ଅନିତ୍ କହିଲା, ଅଜାଣତରେ ମୋ' ହାତ ବାଜି ପାଣି ଢାଳି ହୋଇଗଲା । ମୁଁ ଶୁଖିଲା କପଡ଼ାରେ ପୋଛି ଦେଇଥିଲି । ବାପା କହିଲେ ହେଲା ଯେ, ତୁ ଭୁଲ୍‌କୁ ନ ଲୁଚେଇ କହିଦବୁ । ନ ହେଲେ ବଡ଼ ଅସୁବିଧା ହେଇଯିବ । ଅନିତ୍ ଆଜ୍ଞା ବାପା କହି କଥା ଦେଲା ହେଲେ ଭୁଲକୁ ଲୁଚେଇବା ତା'ର ପୁରୁଣା ଅଭ୍ୟାସ । ପୂର୍ବପରି ଯେବେ କିଛି ଭୁଲ୍ କରି ବସେ କାହାକୁ କିଛି ଜଣାଏ ନାହିଁ । ଅନିତ୍ ସ୍କୁଲ ଜୋତା ପୁରୁଣା ହେଇ ଛିଣ୍ଡିଗଲା । ବାପାଙ୍କ ସହିତ ବଜାର ଯାଇ ସେଦିନ ସନ୍ଧ୍ୟାରେ ନୂଆ ଜୋତା କିଣିଆଣିଲା । ତହିଁଆର ଦିନ ସେ ଖୁସି ମନରେ ନୂଆ ଜୋତା ପିନ୍ଧି ସ୍କୁଲ୍ ଗଲା । ହେଲେ ସେ ଜୋତାଟା ଟିକେ ଟାଇଟ୍ ହେଉଥିଲା । ସେ ଲାଗି ତା' ପାଦରେ ଫୋଟକା ହେଇଗଲା । ଘରେ କାଳେ ରାଗିବେ ସେ ଡରିକି ଆଉ କାହାରିକି କିଛି କହିଲା ନାହିଁ । ସେଇ ଫୋଟକାରେ ଟାଇଟ୍ ଜୋତାକୁ ତାପର ଦିନ ବି ପିନ୍ଧି ସ୍କୁଲ ବାହାରି ପଡ଼ିଲା । ଦ୍ୱିତୀୟ ଦିନ ଗୋଡ଼ ଅବସ୍ଥା ସାଙ୍ଘାତିକ ହେଇଗଲା । ଘରେ ଆସି ଛୋଟେଇ ଛୋଟେଇ ଚାଲିବାରୁ ସମସ୍ତେ ଜାଣିଗଲେ । ବାପା କହିଲେ, ନୂଆ ଜୋତା ଜଦି ଟାଇଟ୍ ହେଉଚି ନୂଆ ବେଳେ ହିଁ ଦୋକାନୀ ଫେରାଇବ ପୁରୁଣା ହେଇଗଲେ ଆଉ କ'ଣ ସେ ନେବ । ଆଉ ଗୋଡ଼ରେ ଯୋଉ କଷ୍ଟ ପାଉଛୁ ତୋ ଭୁଲ୍ ଲାଗି । ସବୁ କଥା ଲୁଚାଉଛୁ କାହିଁକି । ଆଜି ଭଲ ଅଛି ମନ୍ଦ ଅଛି । ବାପା ସଙ୍ଗେ ସଙ୍ଗେ ଔଷଧ ଆଣି ପାଦରେ ମାରିଦେଲେ ଆଉ ଟାଇଟ୍ ଜୋତାକୁ ବଦଳାଇ ତା ପାଇଁ ନୂଆ ଜୋତା ନେଇଆସିଲେ । ଅନିତ୍ ନିଜ ଭୁଲ୍ ବୁଝିଲା ଆଉ କେବେ କିଛି ଲୁଚେଇବ ନାହିଁ ବୋଲି ଜବାବ ଦେଲା । ■


ମଙ୍ଗଳାବାଗ, କଟକ
ମୋ-୯୯୩୭୯୭୩୯୧୦





ଦେବହୁତି ବରଦାଲକ୍ଷ୍ମୀ ରାଉତ
ଦ୍ୱିତୀୟ ଶ୍ରେଣୀ
ଦୀପ୍ତି କନଭେଣ୍ଟ ସ୍କୁଲ
ରାୟଗଡ଼ା






ଅମ୍ରିତ ସାହୁ
ପଞ୍ଚମ ଶ୍ରେଣୀ
ଚନ୍ଦନ ମଣ୍ଡପ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ
ଇନ୍ଦିପୁର, ଢେଙ୍କାନାଳ





ପ୍ରଜ୍ଞା ରାଣୀ ଦଳାଇ
ଚତୁର୍ଥ ଶ୍ରେଣୀ
ସେଣ୍ଟ ଜାଭିୟର୍ସ ହାଇସ୍କୁଲ
ଜୋବ୍ରା, କଟକ





ସାଦ୍ୟାନ୍ତ ଶତପଥୀ
ସପ୍ତମ ଶ୍ରେଣୀ
ମଦର୍ସ ପବ୍ଲିକ ସ୍କୁଲ
ପୁରୀ

# କ୍ରୀଡ଼ା

ସକାଳ THE SAKALA
www.sakalaepaper.com

### ରେସଲିଂ ୱାର୍ଲ୍ଡ ଚାମ୍ପିଅନସିପ୍

## ଦ୍ୱିତୀୟ ପଦକ ଜିତି ଅନ୍ତିମଙ୍କ ଇତିହାସ

ନୂଆଦିଲ୍ଲୀ,୧୯।୯ (ଏଜେନ୍ସି): ଭାରତୀୟ କୁସ୍ତିଯୋଦ୍ଧା ଅନ୍ତିମ ପାଙ୍ଘଲ ରେସଲିଂ ୱାର୍ଲ୍ଡ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଆଜି ଅନୁଷ୍ଠିତ



କାଂସ୍ୟପଦକ ମୁକାବିଲାରେ ସ୍ୱିଡେନର ମାଲମଗ୍ରେନଙ୍କୁ ୯-୧ ସ୍କୋରରେ ହରାଇ ଅନ୍ତିମ ବିଶ୍ୱର ଏହି ଶ୍ରେଷ୍ଠ ରେସଲିଂ ପ୍ରତିଯୋଗିତାରେ ଦ୍ୱିତୀୟ ପଦକ ଜିତି ଇତିହାସ ରଚିଛନ୍ତି। ତାଙ୍କ ବ୍ୟତୀତ କେବଳ ଆଉ ଜଣେ ଭାରତୀୟ ବିନେଶ ଫୋଗତ ରେସଲିଂ ୱାର୍ଲ୍ଡ ଚାମ୍ପିଅନସିପ୍‌ରେ ୨ଟି ପଦକ ଜିତିବାର ରେକର୍ଡ କରିଥିଲେ। କ୍ରୋଏସିଆର ଜାଗ୍ରେବ୍‌ଠାରେ ଚାଲିଥିବା ଏହି ପ୍ରତିଯୋଗିତାର ଗୁରୁବାର ୫୩ କିଲୋଗ୍ରାମ୍ ଶ୍ରେଣର କାଂସ୍ୟ ପଦକ ଲାଗି ମୁକାବିଲା ହୋଇଥିଲେ। ଏଥିରେ ଅନ୍ତିମ ୯-୧ ସ୍କୋରରେ ସ୍ୱିଡେନର ଜୋନ୍ନା ଏମ୍ମା ମାଲମଗ୍ରେନ୍‌ଙ୍କୁ ହରାଇଥିଲେ। ପୂର୍ବରୁ ସେ ୨୦୨୩ରେ ମଧ୍ୟ ମାଲମଗ୍ରେନ୍‌ଙ୍କୁ ହରାଇ ଏହି ପ୍ରତିଯୋଗିତାରେ ପ୍ରଥମ ପଦକ ବିଜୟୀ ହୋଇଥିଲେ। ବିନେଶ ଦ୍ୱିତୀୟ ପଦକ ଜିତିବା ବେଳକୁ ୨୮ ବର୍ଷର ହୋଇଥିଲେ। କିନ୍ତୁ ୨୧ ବର୍ଷରେ ଅନ୍ତିମ ଏହି ସଫଳତା ହାସଲ କରିଛନ୍ତି। ରେକର୍ଡ ସମ୍ପର୍କରେ ମୁଁ ଅବଗତ ନାହିଁ। ତଥାପି ଏକାଧିକ ପଦକ ଜିତିବାରେ କେବଳ ବିନେଶ ସହ ଯଦି ସମକକ୍ଷ ହୋଇଥାଏ ତାହା ଗର୍ବର ବିଷୟ ବୋଲି କହନ୍ତି ଅନ୍ତିମ। ଏହି ସଫଳତା ଯୋଗୁଁ ଅନ୍ତିମ ପ୍ୟାରିସ୍ ଅଲିମ୍ପିକ୍ ବିଫଳତାକୁ ଭୁଲିବାରେ ସମର୍ଥ ହୋଇଛନ୍ତି।

### ଏସିଆ ମାଷ୍ଟର୍ସ ବ୍ୟାଡମିଣ୍ଟନ

## କ୍ୱାର୍ଟରରେ ହାରିଲେ ସିନ୍ଧୁ

ନୂଆଦିଲ୍ଲୀ,୧୯।୯ (ଏଜେନ୍ସି): ପ୍ୟାରିସରେ ସ୍ୱର୍ଣ୍ଣ ପଦକ ବିଜେତା କୋରିଆର ଆନ୍ ସେ ୟଙ୍ଗଙ୍କଠାରୁ ଭାରତର ଡବଲ ଅଲିମ୍ପିକ୍ ପଦକ ବିଜେତା ପିଭି ସିନ୍ଧୁ ଏଠାରେ ଚାଲିଥିବା ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଛନ୍ତି। ଏହି ମ୍ୟାଚ୍‌ଟି ମାତ୍ର ୩୮ ମିନିଟ୍‌ରେ ଶେଷ ହୋଇଥିଲା ଓ ଏଥିରେ ୟଙ୍ଗ ୨୧-୧୪, ୨୧-୧୩ରେ ଜିତିନେଇଥିଲେ। ଏହାକୁ ମିଶାଇ ସିନ୍ଧୁ କ୍ରମାଗତ ୮ମ ଥର ଲାଗି ୟଙ୍ଗଙ୍କ ନିକଟରୁ ହାରିଯାଇଛନ୍ତି। ୟଙ୍ଗଙ୍କ ସୁପର ପାୱାର ଆଗରେ ସିନ୍ଧୁଙ୍କ ରିଟର୍ଣ୍ଣ ଖୁବ୍ ଦୁର୍ବଳ ରହିଥିଲା। ଦୁଇଟିଯାକ ସେଟ୍‌ରେ ୟଙ୍ଗ ପୂରା ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ଏହି ତାରକା ଖେଳାଳିଙ୍କ ବିପକ୍ଷରେ ସିନ୍ଧୁ ଏଯାଏ ଗୋଟିଏ ହେଲେ ମ୍ୟାଚ୍ ଜିତିବାରେ ସମର୍ଥ ହୋଇପାରି ନାହାନ୍ତି।

### ମଡର୍ଣ୍ଣ ପେଣ୍ଟାଥଲନ ଲେଜର ରନ୍

## ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା




ଭୁବନେଶ୍ୱର,୧୯।୯ (ସମିସ): ବିହାରରେ ଆୟୋଜିତ ହୋଇଥିବା ନବମ ମଡର୍ଣ୍ଣ ପେଣ୍ଟାଥଲନ ଲେଜର ରନ୍ ଜାତୀୟ ଚାମ୍ପିଅନସିପ୍‌ରେ ଓଡ଼ିଶା କାଂସ୍ୟ ପଦକ ବିଜୟୀ ହୋଇଥିଲା। ଏହି ପଦକ ବିଜେତା ହେଲେ ପ୍ରଣବ ଦାସ, ମହମ୍ମଦ ଅମନ ଓ ଆକାଶ ମିର୍ଦ୍ଧା। ଏହି ୩ଜଣ ଖେଳାଳି ଓ ତାଙ୍କ କୋଚ୍ ମହମ୍ମଦ୍ ଆଜମଙ୍କୁ କ୍ରୀଡ଼ା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ସମ୍ମାନିତ କରିଥିଲେ। ଏମାନଙ୍କ ବ୍ୟତୀତ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶା ଅଲିମ୍ପିକ ସଂଘ ଓ ପେଣ୍ଟାଥଲନ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା।




### ଭାରତ ବନାମ ଓମାନ ଏସିଆ କପ୍ ମୁକାବିଲା

# ସାମସନଙ୍କ ଦମ୍‌ଦାର୍ ବ୍ୟାଟିଂ

ଦୁବାଇ, ୧୯।୯ (ଏଜେନ୍ସି):

ଏଠାରେ ଓମାନ ବିପକ୍ଷ ଶେଷ ଲିଗ୍ ମୁକାବିଲାରେ ଭାରତୀୟ ବ୍ୟାଟର ଅଭିଷେକ ଶର୍ମା ଓ ସଞ୍ଜୁ ସାମସନ ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି। ୧୦ ଓଭର ଖେଳ ଶେଷସୁଦ୍ଧା ଭାରତ ୩ ୱିକେଟ ବିନିମୟରେ ୧୦୦ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ସଞ୍ଜୁ ସାମସନ ୩୭ ଓ ଅକ୍ଷର ପଟେଲ ୧୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଭାରତ ପକ୍ଷରୁ ଅଭିଷେକ ଶର୍ମା ମାତ୍ର ୧୫ ବଲ୍ ଖେଳି ୫ ଚୌକା ଓ ୨ ଛକା ସହ ୩୮ ରନ୍ କରିଥିଲେ। କିନ୍ତୁ ଅନ୍ୟତମ ଓପନର ଶୁବମନ ଗିଲ୍ ମାତ୍ର ୫ ରନ୍ କରି ପ୍ରଥମ ଖେଳାଳି ଭାବେ ଆଉଟ ହୋଇଛନ୍ତି। ପୂର୍ବାନୁମାନ ଅନୁଯାୟୀ ପୂର୍ବ ଦୁଇଟି ମ୍ୟାଚ୍‌ରେ ବ୍ୟାଟିଂ କରିବାକୁ ପର୍ଯ୍ୟାପ୍ତ ସୁଯୋଗ ପାଇ ନ ଥିବା ବ୍ୟାଟରଙ୍କୁ ଭାରତ ଏଠାରେ ଆଗୁଆ ପଠାଇ ସୁଯୋଗ ଦେଇଛି। ନଂ-୩ରେ ସାମସନ, ନଂ-୪ରେ ହାର୍ଦ୍ଦିକ ପାଣ୍ଡ୍ୟା ଓ ନଂ- ୫ରେ ଅକ୍ଷର ପଟେଲ ବ୍ୟାଟିଂ କରିବାକୁ ଆସିଥିଲେ। ୟୁଏଇ ଓ ପାକିସ୍ତାନକୁ ହରାଇଥିବା ଭାରତୀୟ ଦଳରେ ଦୁଇଜଣ ଖେଳାଳିଙ୍କୁ ପରିବର୍ତ୍ତନ କରାଯାଇଛି। ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ସ୍ଥାନରେ ଦୁଇ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଓ ହର୍ଷିତ ରାଣାଙ୍କୁ ଖେଳିବାର ସୁଯୋଗ ଦେଇଛି ଭାରତ। ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ଦଳ ୭୩ ରନ୍‌ରେ ପ୍ରଥମ ୩ଟି ୱିକେଟ ହରାଇବା କଷ୍ଟକର ହୋଇଥିଲା। ବିଶେଷ କରି ଗିଲ ୫ ରନ୍‌ରେ ଓ ପାଣ୍ଡ୍ୟା ୧ ରନ୍ କରି ରନ୍‌ଆଉଟ ହେବା ଭାରତୀୟ ଯୋଜନାକୁ ସଫଳ କରାଇବାରେ ଅସମର୍ଥ ହୋଇଛି।

ଏହା ମଧ୍ୟରେ ବିବାଦରେ ଫସିଥିବା ପାକିସ୍ତାନ ସହ ସୁପର-୪ ମ୍ୟାଚ୍ ଖେଳିବାକୁ ଭାରତ ଜୋରଦାର ପ୍ରସ୍ତୁତି ଭାବେ ଓମାନ ବିପକ୍ଷ ମ୍ୟାଚ୍‌କୁ ନେଇଛି। ରବିବାର ସେପ୍ଟେମ୍ବର ୨୧ରେ ସୁପର-୪ରେ ପାକିସ୍ତାନ ସହ ଭାରତ ପ୍ରଥମ ମ୍ୟାଚ୍ ଖେଳିବ। ଏହି ମୁକାବିଲାକୁ ନେଇ ଏବେଠାରୁ ଉତ୍ତେଜନା ପ୍ରକାଶ ପାଇଲାଣି।

### ଅଫଗାନିସ୍ତାନ ବିଦା

ମହମ୍ମଦ୍ ନବିଙ୍କ ବିସ୍ଫୋରକ ଅର୍ଦ୍ଧଶତକୀୟ ଇନିଂସ ସତ୍ତ୍ୱେ ଗୁରୁବାର ଏଠାରେ ଅନୁଷ୍ଠିତ ଏସିଆ କପ୍ ଗ୍ରୁପ୍-ବି'ର ଏକ ମ୍ୟାଚରେ ଆଫଗାନିସ୍ତାନ ୬ ୱିକେଟରେ ଶ୍ରୀଲଙ୍କା ନିକଟରୁ ହାରିଯାଇଛି। ଏଥିସହ ୩ୟ ମ୍ୟାଚରୁ ୨ୟ ପରାଜୟ ସହିତ ଆଫଗାନିସ୍ତାନ ସୁପର୍-୪ ଦୌଡ଼ରୁ ବାଦ୍ ପଡ଼ିଛି। ଅପରପକ୍ଷରେ ହ୍ୟାଟ୍ରିକ ବିଜୟ ସହ ଶ୍ରୀଲଙ୍କା ଗ୍ରୁପ୍ ଟପ୍ପର ହୋଇ ସୁପର୍-୪ରେ ପହଞ୍ଚିଥିଲା। ଶ୍ରୀଲଙ୍କାର ବିଜୟ ମଧ୍ୟ ବାଂଲାଦେଶକୁ ସୁପର୍-୪ରେ ପହଞ୍ଚାଇବାରେ ସହାୟତା କରିଥିଲା।

ଏହି ମ୍ୟାଚରେ ଆଫଗାନିସ୍ତାନ ପ୍ରଦତ୍ତ ୧୭୦ ରନର ଲକ୍ଷ୍ୟକୁ ଶ୍ରୀଲଙ୍କା ୧୮.୪ ଓଭରରେ ୪ ୱିକେଟ୍ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ ଓପନର୍ କୁଶାଲ ମେଣ୍ଡିସ ସର୍ବାଧିକ ୭୪ ରନ କରି ଅପରାଜିତଥିଲେ। ୫୨ ବଲର ଏହି ପାଳିରେ ସେ ୧୦ ଚୌକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଶାଲ ପରେରା ୨୮, ଅଧିନାୟକ ଚାରିଥ ଆସାଲଙ୍କା ୧୭ ଓ କାମିନ୍ଦୁ ମେଣ୍ଡିସ ଅପରାଜିତ ୨୬ ରନ କରିଥିଲେ। ପୂର୍ବରୁ ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଆଫଗାନିସ୍ତାନ ୨୦ ଓଭରରେ ୮ ୱିକେଟ୍ ହରାଇ ୧୬୯ ରନ କରିଥିଲା। ବ୍ୟାଟିଂକ୍ରମର ୭ମ ସ୍ଥାନରେ ଆସିଥିବା ୪୦ ବର୍ଷୀୟ ନବି ୨୨ ବଲରେ ୬୦ ରନର ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳି ଇନିଂସର ଶେଷ ବଲରେ ରନଆଉଟ୍ ହୋଇଥିଲେ। ଅନ୍ତିମ ଓଭର ବୋଲିଂ କରିଥିବା ବାମହାତୀ ସ୍ପିନର ଦୁନିଥ ୱେଲେଲାଗେଙ୍କୁ ନବି ୫ଟି ବିଶାଳ ଛକା ସହ ୩୨ ରନ୍ ସଂଗ୍ରହ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ନୁୱାନ ତୁଷାରା ସର୍ବାଧିକ ୪ଟି ୱିକେଟ୍ ସଫଳତା ପାଇଥିଲେ।

**ସୁପର-୪ ଖେଳସୂଚୀ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ |
|---|---|---|
| ୨୦।୯ | ଶ୍ରୀଲଙ୍କା-ବାଂଲାଦେଶ | ଦୁବାଇ |
| ୨୧।୯ | ଭାରତ-ପାକିସ୍ତାନ | ଦୁବାଇ |
| ୨୩।୯ | ଶ୍ରୀଲଙ୍କା-ପାକିସ୍ତାନ | ଆବୁଧାବି |
| ୨୪।୯ | ଭାରତ-ବାଂଲାଦେଶ | ଦୁବାଇ |
| ୨୫।୯ | ପାକିସ୍ତନ-ବାଂଲାଦେଶ | ଦୁବାଇ |
| ୨୬।୯ | ଭାରତ-ଶ୍ରୀଲଙ୍କା | ଦୁବାଇ |
| ୨୮।୯ | ଫାଇନାଲ | ଦୁବାଇ |

ଖେଳ ଆରମ୍ଭ - ରାତି ୯ଟା
ପ୍ରସାରଣ -ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

### ରାଞ୍ଚି ରୟାଲ ଟସ୍କର ନୂଆ ଟିମ୍

## ୨୪ରେ ହକି ଇଣ୍ଡିଆ ଲିଗ୍ ନିଲାମ

ନୂଆଦିଲ୍ଲୀ,୧୯।୯ (ଏଜେନ୍ସି): ହକି ଇଣ୍ଡିଆ ଲିଗ୍‌ର ମିନି ନିଲାମି ନୂଆଦିଲ୍ଲୀରେ ଥିବା ହକି ଇଣ୍ଡିଆ କାର୍ଯ୍ୟାଳୟରେ ଆସନ୍ତା ୨୪ରେ ଅନୁଷ୍ଠିତ ହେବବ। ଏଥର ପୁରୁଷ ଦଳ ଲାଗି ୪ କୋଟି ଓ ମହିଳା ଦଳ ଲାଗି ୨ କୋଟି ଟଙ୍କାର ପର୍ସ ରଖାଯାଇଛି। ସେହିପରି ଟିମ୍‌ରେ ସ୍ଥାନ ପାଉଥିବା ଖେଳାଳିଙ୍କ ସଂଖ୍ୟା ୨୪ରୁ କମାଇ ଦିଆଯାଇ ୨୦ରେ ରଖାଯାଇଛି। ଏହା ମଧ୍ୟରେ ଜଣେ ବିଦେଶୀ ଖେଳାଳି କମିଯାଇଛନ୍ତି। ଏହା ଫଳରେ ଭଲ ଖେଳାଳି କିଣିବାକୁ ଦଳଗୁଡ଼ିକ ନିକଟରେ ଅଧିକ ଅର୍ଥ ଉପଲବ୍ଧ ହେବ ବୋଲି ଜଣାଯାଇଛି। ଯେଉଁ



ଦଳରେ ଶୂନ୍ୟସ୍ଥାନ ରହିଛି ତାହା ଏହି ମିନି ନିଲାମିରୁ ପୂରଣ କରାଯିବ। ପ୍ରଥମ ସିଜନରେ ଖେଳିଥିଲା ପୁରୁଷ ବିଭାଗରେ ଟିମ୍ ଗୋନାସିକା ଓ ମହିଳା ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ୱାରିୟର୍ସ ଦ୍ୱିତୀୟ ସିଜନରୁ ଓହରିଯାଇଛନ୍ତି। ଏହା ଫଳରେ ଗୋଟିଏ ଦଳ କମିଯାଇଥିଲା। ଏହା ବଦଳରେ ରାଞ୍ଚି ରୟାଲ ଟସ୍କର ଉଭୟ ପୁରୁଷ ଓ ମହିଳା ବିଭାଗରେ ନୂଆ ଦଳ ଭାବେ ଚଳିତ ସିଜନରେ ଅଂଶଗ୍ରହଣ କରିବେ ବୋଲି ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂ ପ୍ରକାଶ କରିଛନ୍ତି।

ଚେନ୍ନଇରେ ଦ୍ୱିତୀୟ ସଂସ୍କରଣ ୨୦୨୬ ଜାନୁଆରୀରେ ଆରମ୍ଭ ହେବ। ଚେନ୍ନଇରେ ଉଦ୍‌ଘାଟନୀ ଉତ୍ସବ ସହ ପ୍ରଥମ ପର୍ଯ୍ୟାୟ ମୁକାବିଲା ଅନୁଷ୍ଠିତ ହେବ। ଏହା ପରେ ଭୁବନେଶ୍ୱର ଓ ରାଞ୍ଚିରେ ପରବର୍ତ୍ତୀ ଦୁଇଟି ପର୍ଯ୍ୟାୟ ମ୍ୟାଚ୍ ଅନୁଷ୍ଠିତ ହେବ। ବିହାରର ରାଜଗିରିକୁ ଚତୁର୍ଥ ସହର ଭାବେ ବିବେଚନା କରାଯାଉଛି। ପୁରୁଷ ବିଭାଗରେ ରାର ବେଙ୍ଗଲ ଟାଇଗର୍ସ ଓ ମହିଳା ବିଭାଗରେ ଓଡ଼ିଶା ୱାରିୟର୍ସ ପ୍ରଥମ ସଂସ୍କରଣରେ ଟାଇଟଲ ବିଜୟୀ ହୋଇଥିଲେ।

### ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

## ୪ ସପ୍ତାହରେ ଏଆଇଆଇଏଫ୍‌ର ନୂଆ ସମ୍ବିଧାନ ଚୂଡ଼ାନ୍ତ କର

ନୂଆଦିଲ୍ଲୀ,୧୯।୯ (ଏଜେନ୍ସି): ଏଆଇଆଇଏଫ୍ (ସର୍ବଭାରତୀୟ ଫୁଟବଲ ମହାସଂଘ)ର ନୂଆ ସମ୍ବିଧାନ ଚିଠା ପ୍ରସ୍ତାବ ଆଜି ସୁପ୍ରିମ୍‌କୋର୍ଟରେ ସାମାନ୍ୟ କିଛି ସଂଶୋଧନ ସହ ଗୃହୀତ ହୋଇଯାଇଛି। ଏହି ନୂଆ ସମ୍ବିଧାନକୁ ଆସନ୍ତା ୪ ସପ୍ତାହ ମଧ୍ୟରେ ଜେନେରାଲ ବଡି ବୈଠକ କରି ଚୂଡ଼ାନ୍ତ କରିବାକୁ ସୁପ୍ରିମକୋର୍ଟ ଆଜି ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟ ମଧ୍ୟରେ ନୂଆ ସମ୍ବିଧାନକୁ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶରେ ସ୍ପଷ୍ଟଭାବେ ଉଲ୍ଲେଖ ରହିଛି। ଏହା ବ୍ୟତୀତ ବର୍ତ୍ତମାନ ଏଆଇଆଇଏଫ୍‌ର ନିର୍ବାଚିତ କର୍ମକର୍ତ୍ତାଙ୍କୁ ମଧ୍ୟ ସୁପ୍ରିମକୋର୍ଟ ସ୍ୱୀକୃତି ଦେଇଛନ୍ତି। ଏହି ନିର୍ବାଚିତ କର୍ମକର୍ତ୍ତା ସେମାନଙ୍କ ପୂରା କାର୍ଯ୍ୟକାଳ ପୂରଣ କରିବେ। ୨୦୨୬ରେ ଏଆଇଆଇଏଫ୍‌ର ପରବର୍ତ୍ତୀ ନିର୍ବାଚନ ଅନୁଷ୍ଠିତ ହେବ। ଏଆଇଆଇଏଫ୍‌ର ତାହାର ସମ୍ବିଧାନରେ ଅକ୍ଟୋବର ୩୦ ଅଲିମ୍ପିକ୍ ଚାର୍ଟର ଅନୁଯାୟୀ ସଂଶୋଧନ ନ କଲେ ଭାରତୀୟ ଫୁଟବଲର




ଏହି ସର୍ବୋଚ୍ଚ ସଂଗଠନକୁ ବାସନ୍ଦ କରିବାକୁ ଫିଫା ଓ ଏସୀୟ ଫୁଟବଲ କନଫେଡେରେସନ ଧମକ ଦେଇଥିଲେ। ୨୦୧୭ରୁ ଏହି ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ୨୦୨୨ରେ ଏହାର ଚିଠା ପ୍ରସ୍ତାବ ସୁପ୍ରିମ୍‌କୋର୍ଟରେ ଉପସ୍ଥାପନ କରାଯାଇଥିଲା। ଆଜି ଏହି ମାମଲାର ଚୂଡ଼ାନ୍ତ ରିପୋର୍ଟ ସହ ଏଆଇଆଇଏଫ୍ ଓ ଏହାର ସଭାପତି କଲ୍ୟାଣ ଚୌବେଙ୍କ ଏକ ବଡ଼ ମୁଣ୍ଡବ୍ୟଥା ଟଳିଯାଇଛି।

### ଜୁରେଲଙ୍କ ପରେ ପଡ଼ିକାଲଙ୍କ ଶତକ

## ଭାରତ ଏ'- ଅଷ୍ଟ୍ରେଲିଆ ଏ' ଟେଷ୍ଟ ଡ୍ର

ଲକ୍ଷ୍ନୌ,୧୯।୯ (ଏଜେନ୍ସି): ଆୟୋଜକ ଭାରତ-ଏ ଏବଂ ଅଷ୍ଟ୍ରେଲିଆ-ଏ ମଧ୍ୟରେ ଏଠାରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଡ୍ର ରହିଛି। ଏହା ଫଳରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ଟେଷ୍ଟ ସିରିଜ୍ ବରାବର ସ୍ଥିତିରେ ରହିଛି। ସିରିଜ୍‌ର ଦ୍ୱିତୀୟ ତଥା ନିର୍ଣ୍ଣାୟକ ଅନ୍‌ଅଫିସିଆଲ ଟେଷ୍ଟ ଏହିଠାରେ ସେପ୍ଟେମ୍ବର ୨୩ରୁ ୨୬ଯାଏ ଖେଳାଯିବ। ଏହି ମ୍ୟାଚ୍‌ରେ ଭାରତର ଦୁଇ ଯୁବ ଖେଳାଳି ୱିକେଟରକ୍ଷକ ଧ୍ରୁବ ଜୁରେଲ (୧୪୦) ଓ ଦେବଦତ୍ତ ପଡ଼ିକାଲ (୧୫୦) ଶତକ ହାସଲ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଛନ୍ତି।

ଏଠାରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୬ ୱିକେଟରେ ୫୩୨ ରନ୍ କରି ପ୍ରଥମ ଇନିଂସ ସମାପ୍ତି ଘୋଷଣା କରିଥିଲା। ଦଳ ପକ୍ଷରୁ ୱିକେଟରକ୍ଷକ ଜୋଶ ଫିଲିପ୍ ଅପରାଜିତ ୧୨୩ ଓ ସାମ କୋନଷ୍ଟାସ୍ ୧୦୯ ରନ୍ କରିଥିଲେ। ଜବାବରେ ଭାରତ ୭ ୱିକେଟରେ ୫୩୧ ରନ୍ କରିବା ପରେ ପ୍ରଥମ ଇନିଂସ ଘୋଷଣା କରିଥିଲା। ଦଳ ପକ୍ଷରୁ ନଂ-୪ରେ ବ୍ୟାଟିଂ କରିଥିବା ପଡ଼ିକାଲ ସର୍ବାଧିକ ୧୫୦ ରନ୍ କରିଥିଲେ। ସେ ୨୮୧ ବଲ୍ ଖେଳି ୧୪ ଚୌକା ଓ ୧ଛକା ସହ ଏହି ରନ୍ କରିଥିଲେ। ତାଙ୍କ ପୂର୍ବରୁ ୱିକେଟ ରକ୍ଷକ ଧ୍ରୁବ ଜୁରେଲ ୧୪୦ ରନ୍ କରିଥିଲେ। ସେ




୧୯୭ ବଲ୍‌ର ସମ୍ମୁଖୀନ ହୋଇ ୧୩ ଚୌକା ଓ ୪ ଛକା ସହ ଏହି ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଥମ ୩ଜଣ ବ୍ୟାଟର ଅଭିମନ୍ୟୁ ଈଶ୍ୱରନ ୪୪, ଏନ୍ ଜଗଦୀଶନ ୬୪ ଓ ସାଇ ସୁଦର୍ଶନ ୭୩ ରନ୍ କରିଥିଲେ। ଅଷ୍ଟ୍ରେଲୀୟ ଅଫ୍‌ସ୍ପିନର କୋରୀଙ୍କୁ ସର୍ବାଧିକ ୩ଟି ୱିକେଟ ମିଳିଥିଲା। ମାତ୍ର ଗୋଟିଏ ରନ୍‌ରେ ପ୍ରଥମ ଇନିଂସ ଆଗୁଆ ରହିଥିବା ଅଷ୍ଟ୍ରେଲିଆ-ଏ' ଦ୍ୱିତୀୟ ଇନିଂସ ଆରମ୍ଭ କରି ୧୬ ଓଭରରେ କୌଣସି ୱିକେଟ ନ ହରାଇ ୫୬ ରନ୍ କରିବା ପରେ ଖେଳକୁ ବନ୍ଦ ରଖାଯାଇଥିଲା। ଭ୍ରମଣକାରୀ ଦଳର ସାମ କୋନ୍‌ଷ୍ଟାସ ୨୭ କ୍ୟାମ୍ପବେଲ କେଲାୱେ ୨୪ ରନ୍‌ରେ ଅପରାଜିତ ରହିଥିଲେ।

### ବାରବାଟୀରେ ଫରଭେଜ୍ ମାହାରୁଫ୍

# ଓପିଟିଏଲ ଓଡ଼ିଆ ଖେଳାଳିଙ୍କ ଲାଗି ବଡ଼ ସୁଯୋଗ

କଟକ,୧୯।୯ (କୁମାରଶ୍ରୀ ସାହୁ):

ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ଉପରେ ଅନେକ ଚୟନକର୍ତ୍ତାଙ୍କ ନଜର ରହିଛି। ରାଜ୍ୟ ଘରୋଇ କ୍ରିକେଟର ଏହା ଏକ ବଡ ମଞ୍ଚ। ଆୟୋଜନ ଆକର୍ଷଣୀୟ ଲାଗୁଛି। ଏଥିରେ ଖେଳାଳିମାନଙ୍କ ଦମ୍‌ଦାର ପ୍ରଦର୍ଶନ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ) ପାଇଁ ପଥ ଉନ୍ମୁକ୍ତ କରିପାରେ ବୋଲି ଶ୍ରୀଲଙ୍କାର ପୂର୍ବତନ ଅଲରାଉଣ୍ଡର ଫରଭେଜ୍ ମହାରୁଫ୍ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ କହିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଏବଂ କାରିଭା ସ୍ପୋର୍ଟସର ମିଳିତ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଓପିଟିଏଲ୍‌ର ପ୍ରଥମ ସଂସ୍କରଣ ଜାରି ରହିଛି। ଏଥିରେ ସିଂହଳୀ ତାରକା ମହାରୁଫ୍‌ଙ୍କୁ ଭାଷ୍ୟକାର ଭାବେ ଦେଖିବାକୁ ମିଳିଛି।

**ପ୍ର:** **ଓଡ଼ିଶାରେ ପ୍ରଥମଥର ଆୟୋଜନ ହୋଇଥିବା ଓପିଟିଏଲ ବାବଦରେ ଆପଣଙ୍କ ମତ କଣ?**

ଉ: ପ୍ରଥମ ତିନି ଦିନର ଅଭିଜ୍ଞତା ବେଶ୍ ଭଲ ରହିଛି। ପ୍ରଥମଶ୍ରେଣୀ କ୍ରିକେଟ ଜଗତର ଖେଳାଳି ମାନଙ୍କୁ ଏଭଳି ପ୍ଲାଟଫର୍ମ ଯୋଗାଇ ଦେବା କ୍ଷେତ୍ରରେ ଓସିଏର ଭୂମିକା ପ୍ରଶଂସନୀୟ। ଓପିଟିଏଲରେ ଖେଳାଳିମାନେ ନିଜ ପ୍ରଦର୍ଶନକୁ ଗୁରୁତ୍ୱ ଦେବା ଆବଶ୍ୟକ। ଅନେକ ଚୟନକର୍ତ୍ତାଙ୍କ ନଜର ସେମାନଙ୍କ ଉପରେ ରହିଛି, ଏହା ସେମାନେ ଭୁଲନ୍ତୁ ନାହିଁ।

**ପ୍ର:** **ଜଣେ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳିଭାବେ ଆପଣ କେଉଁ ଖେଳାଳିଙ୍କ ପ୍ରଦର୍ଶନ ଉପରେ ସନ୍ତୁଷ୍ଟ ଅଛନ୍ତି?**

ଉ: ସେମିତି ଅନେକ ଖେଳାଳି ଅଛନ୍ତି। ତଥାପି କଟକ ପାନ୍ଥର୍ସର ପେସ୍‌ବୋଲର ଭଗୀଶ ଶର୍ମାଙ୍କ ପ୍ରଦର୍ଶନ ପ୍ରଭାବଶାଳୀ ଲାଗିଛି। ନୂଆ ଖେଳାଳିଙ୍କୁ ନେଇ ଚାଲିଥିବା ଏହି ଲିଗ୍ ଓଡ଼ିଶା କ୍ରିକେଟ୍‌କୁ ସଫଳ ରୂପ ଦେବା ନିଶ୍ଚିତ।



**ପ୍ର:** **ଓଡ଼ିଶାର ସ୍ୱତନ୍ତ୍ର ସ୍ଥାନ ଓ ସ୍ୱତନ୍ତ୍ର ଖାଦ୍ୟର ଅନୁଭୂତି ପାଇଲେଣି?**

ଉ: ବ୍ୟସ୍ତତା ଭିତରେ ଓଡ଼ିଶାର ବିଭିନ୍ନ ସ୍ଥାନକୁ ଯାଇ ପାରିନାହିଁ। ହେଲେ ଓଡ଼ିଶାର ଆମିଷ ଥାଳି ବହୁତ ପସନ୍ଦ ଆସିଛି। ପୂର୍ବରୁ ଅନେକଥର ଓଡ଼ିଶା ଆସିବାର ସୁଯୋଗ ପାଇଛି। ୨୦୧୦ରେ ଦିଲ୍ଲୀ ଡେୟାର ଡେଭିଲ୍ସ ଦଳରୁ ଆଇପିଏଲ ଖେଳିବା ପାଇଁ କଟକ ଆସିଥିଲି। ଏଲଏଲସି ମ୍ୟାଚ୍ ସମୟରେ ମଧ୍ୟ କଟକରେ ସମୟ ବିତିଥିଲା।

**ପ୍ର:** **ଟି-୨୦ ଫର୍ମାଟ ଏକଦିବସୀୟ କ୍ରିକେଟ ଉପରେ ପ୍ରଭାବ ପକାଉଛି କି?**

ଉ: ହଁ ପ୍ରଭାବ ପକାଉଛି, ହେଲେ ଏହା ସକରାତ୍ମକ। କ୍ରିକେଟ ଖେଳର ତରିକା ବଦଳୁଛି। ଭବିଷ୍ୟତରେ ଏକଦିବସୀୟ କ୍ରିକେଟ ପ୍ରତି ଉତ୍କଣ୍ଠା କମିବ ବୋଲି କୁହାଯାଇପାରେ। ତେବେ ଏ ବାବଦରେ ଆଇସିସିର କାର୍ଯ୍ୟଧାରାକୁ ଅନୁଶୀଳନ କରିବାକୁ ପଡ଼ିବ।

**ପ୍ର:** **ସନତ ଜୟସୂରିଆଙ୍କ ତତ୍ତ୍ୱାବଧାନରେ ଖେଳୁଥିବା ଶ୍ରୀଲଙ୍କା ଦଳର ଭବିଷ୍ୟତକୁ କିପରି ଦେଖୁଛନ୍ତି?**

ଉ: ତାଙ୍କ ଦାୟିତ୍ୱକୁ ପ୍ରଶଂସା କରାଯାଇପାରେ। ଖେଳାଳିମାନଙ୍କ ପ୍ରଦର୍ଶନ ମଧ୍ୟ ନୈରାଶ୍ୟଜନକ ରହିନାହିଁ। ସାମ୍ପ୍ରତିକ ସ୍ଥିତିରେ ଆଗାମୀ ଟି-୨୦ ଓ ଏକଦିବସୀୟ ବିଶ୍ୱକପ୍ ଟାଇଟଲ୍ ଜିତିବା କେବଳ ଦଳର ଲକ୍ଷ୍ୟ ରହିଛି।

### ଓଡ଼ିଶା ପ୍ରୋ ଟି-୨୦ ଲିଗ୍

# ପାନ୍ଥର୍ସଙ୍କୁ ହରାଇଲା ଟାଇଟନ୍ସ

କଟକ,୧୯।୯ (ସମିସ): ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ୪ର୍ଥ ଲିଗ୍ ମ୍ୟାଚ୍‌ରେ ପୁରୀ ଟାଇଟନ୍ସ ୯ ୱିକେଟରେ କଟକ ପାନ୍ଥର୍ସଙ୍କୁ ପରାସ୍ତ କରିଛି। ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିଥିବା ଟାଇଟନ୍ସର ଏହା ପ୍ରଥମ ବିଜୟ। ବାରବାଟୀ ଷ୍ଟାଡିୟମରେ ଆଜି ଅପରାହ୍ନରେ ଅନୁଷ୍ଠିତ ମ୍ୟାଚ୍‌ରେ ପାନ୍ଥର୍ସ ଅଧିନାୟକ ସ୍ୱସ୍ତିକ ସାମଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଟାଇଟନ୍ସର ଶାଣିତ ବୋଲିଂରେ ଫସି ପାନ୍ଥର୍ସ ୭ ୱିକେଟ ହରାଇ ୧୪୧ରନ ସଂଗ୍ରହ କରିଥିଲା। ବିପ୍ଳବ ସାମନ୍ତରାୟ ସର୍ବାଧିକ ୩୩ ରନ୍ କରିଥିବା ବେଳେ ଅଭିଷେକ ରାଉତ ୨୫ରନ, ସ୍ୱସ୍ତିକ ସାମଲ ୨୨ରନ କରିଥିଲେ। ଟାଇଟନ୍ସ ପକ୍ଷରୁ ଏମଏ ଡାନିସ୍ ୩ଟି ୱିକେଟ ଦଖଲ କରିଥିବା ବେଳେ ରାଜେଶ ମହାନ୍ତି, ଆଶୁତୋଷ ଛୁରିଆ, ସୁଶୀଲ ବାରିକ ଓ ଉଦୟ ଜଟଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା। ୧୭.୪ ଓଭରରେ ଗୋଟିଏ ୱିକେଟ ହରାଇ ପୁରୀ ବିଜୟୀ ହୋଇଥିଲା। ଓପନର ଶାନ୍ତନୁ ମିଶ୍ର ଅପରାଜିତ ୭୯ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଅନ୍ୟତମ ଓପନର ଅନୁରାଗ ଷଡ଼ଙ୍ଗୀ ୩୧ରନରେ ଆଉଟ ହୋଇଥିବା ବେଳେ ଅଧିନାୟକ ସନ୍ଦୀପ ପଟ୍ଟନାୟକ ୧୭ବଲରୁ ୩୧ରନ କରିଥିଲେ। କଟକର ଅଭିଷେକ ରାଉତଙ୍କୁ ଏକମାତ୍ର ୱିକେଟ ମିଳିଥିଲା। ଶାନ୍ତନୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।




### ୧ ରନ୍‌ରେ ଜିତିଲା ସମ୍ବଲପୁର ୱାରିୟର୍ସ

ଗୁରୁବାର ସନ୍ଧ୍ୟାରେ ଖେଳାଯାଇଥିବା ଦ୍ୱିତୀୟ ମୁକାବିଲାରେ ସମ୍ବଲପୁର ୱାରିୟର୍ସ ମାତ୍ର ୧ରନରେ ରାଉରକେଲା ଷ୍ଟିଲର୍ସଙ୍କୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ଦୁଇ ଓପନର ଆଦିତ୍ୟ ରାଉତ(୬୮ରନ) ଏବଂ ଶ୍ରେୟାଂଶ ଭରଦ୍ୱାଜ(୫୨ରନ)ଙ୍କ ଅର୍ଦ୍ଧଶତକୀୟ ପାଳି ବଦଳରେ ସମ୍ବଲପୁର ୱାରିୟର୍ସ ୩ ୱିକେଟ ହରାଇ ୧୯୪ରନ ସଂଗ୍ରହ କରିଥିଲା। ୧୯୫ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଷ୍ଟିଲର୍ସ ୯ ୱିକେଟ ହରାଇ ୧୯୩ରନରେ ଅଟକିଥିଲା। ଅନ୍ତିମ ଓଭରରେ ୧୭ରନ ଆବଶ୍ୟକ ଥିବା ବେଳେ ଦୁଇଟି ଛକା ସତ୍ତ୍ୱେ ଷ୍ଟିଲର୍ସ ୧୫ରନ କରିପାରିଥିଲା। ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଆଦିତ୍ୟ ପ୍ଲେୟାର ଅଫ ଦି ମ୍ୟାଚ୍ ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS